# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୨୩/୨୦୨୨ (୧୬ ପୃଷ୍ଠା) | Sambalpur, Friday, September 23/2022 | Page 16 | ₹ 7.00 | ★★

୧୮ଶ ଭାଗ ୨୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 277 | ମୂଲ୍ୟ₹୭/-




**‘ସବରକର’ର ନିର୍ଦ୍ଦେଶନା ଦେବେ ରଣଦୀପ**

ସ୍ୱାଧୀନତା ସଂଗ୍ରାମୀ ସବରକରଙ୍କ ଉପରେ ନିର୍ମାଣ ହେବାକୁ ଥିବା ଫିଲ୍ମ ‘ସ୍ୱତନ୍ତ୍ର ବୀର ସବରକର’ର ନିର୍ଦ୍ଦେଶନା ଦେବେ ରଣଦୀପ ହୁଡ୍ଡା।

୧୨

୧୪

**ବାବା ଇନ୍ଦ୍ରଜିତ୍ ଶତକ**

ପଶ୍ଚିମାଞ୍ଚଳ ବିପକ୍ଷ ଦୁଲିପ ଟ୍ରଫି ମ୍ୟାଚରେ ଦକ୍ଷିଣାଞ୍ଚଳ ଦଳର ବାବା ଇନ୍ଦ୍ରଜିତ୍ ଶତକ ହାସଲ କରିଛନ୍ତି।








# ୭୦ ହଜାର ହେକ୍ଟର ଜମିକୁ ଜଳସେଚନ

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ଚାଷ ଜମିକୁ ଜଳସେଚନ ଯୋଗାଇ ଦେବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜଳାଶୟରୁ ୪୦ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ୧୧ ଜିଲାର ପ୍ରାୟ ୭୦ ହଜାର ହେକ୍ଟର ଜମିକୁ ଜଳସେଚନ କରାଯିବ। ଏଥିପାଇଁ ପ୍ରାୟ ୨୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏ ସଂକ୍ରାନ୍ତରେ ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ୬ଟି ଜଳସେଚନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୋଟ ୩୩ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଡିପ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପାର୍ବତୀଗିରି ମେଗା ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ନଦୀ, ଜଳଭଣ୍ଡାର ଏବଂ କେନାଲରୁ ଜଳ ଉତ୍ତୋଳନ କରାଯାଇ ୧୦,୭୫୯ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ୨ ଲକ୍ଷ ୬୩ ହଜାର ୮୦୧ ହେକ୍ଟର ଡିପ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏହି ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଜରିଆରେ କଳାହାଣ୍ଡି, ବରଗଡ଼, ବଲାଙ୍ଗୀର ଏବଂ ଗଜପତି ଜିଲାରେ ମହାନଦୀ, ତେଲ, ଇନ୍ଦ୍ରାବତୀ, ଅଙ୍ଗ, ସୁକତେଲ ନଦୀ ଏବଂ ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଜଳ ଉତ୍ତୋଳନ କରି ୧୩,୫୪୭ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ସେହିପରି ଧର୍ମଦଣ୍ଡିନାଳ ଓ ଗୁରଣ୍ଡି ନାଳଠାରେ ଉଠା

## କ୍ୟାବିନେଟ ନିଷ୍ପତ୍ତି

- ୪୦ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ହେବ
- ଖର୍ଚ୍ଚ ହେବ ୨୫୦୦ କୋଟି
- କୋଟିଲା, ବ୍ରାହ୍ମଣୀ ନଦୀରେ ହେବ ଆନିକଟ
- ୩୩ଟି ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

ଜଳସେଚନ ଦ୍ୱାରା ବରଗଡ଼ କେନାଲ ସିଷ୍ଟମର ପୁନଃ ସଂଗ୍ରହ ଜଳକୁ ବ୍ୟବହାର କରି ସୋନପୁର ଜିଲାର ୧୮୧୨ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ୧୫ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ବ୍ୟବସ୍ଥା ରହିଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୪୩୦ କୋଟି ଏବଂ ୧୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ୩୪ କୋଟି ୪୦ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମୋହର ମାରିଛି। ଆସନ୍ତା ୩ ବର୍ଷ ମଧ୍ୟରେ ଏହି ପ୍ରକଳ୍ପକୁ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ଦ୍ୱାରା କଳାହାଣ୍ଡି, ବରଗଡ଼, ବଲାଙ୍ଗୀର, ଗଜପତି ଏବଂ ସୋନପୁର ଜିଲାର କୃଷକମାନେ ଉପକୃତ ହେବା ସହ ଅର୍ଥକରୀ ଫସଲ ଉତ୍ପାଦନ କରିବାରେ ସକ୍ଷମ ହୋଇପାରିବେ। ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର କୃଷକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ସହାୟକ ହେବ। ☞ପୃଷ୍ଠା-୪









**ଆଜିର ସମ୍ପାଦକୀୟ**

ଜଳ ସୁରକ୍ଷା ଅପରିହାର୍ଯ୍ୟ






# ୨ହଜାର ଟଙ୍କାରେ ଦୁଇ ପିଲାଙ୍କୁ ବିକିଥିଲେ

- ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଉଦ୍ଧାର
- ଚାଇଲ୍ଡଲାଇନ୍‌କୁ ହସ୍ତାନ୍ତର କଲା ପୋଲିସ

ନୀଳଗିରି,୨୨।୯(ସ୍ୱ.ପ୍ର)

ଦାରିଦ୍ର୍ୟର କଷାଘାତରେ ଏକ ଦମ୍ପତି ସେମାନଙ୍କ ଦୁଇ ଶିଶୁଙ୍କୁ ମାତ୍ର ୨ ହଜାର ଟଙ୍କାରେ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେବା ଘଟଣା ପଦାକୁ ଆସିଛି। ଏହା ଜଣାପଡ଼ିବା ପରେ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି। ଗୁରୁବାର ପୋଲିସ ପହଞ୍ଚି ଶିଶୁ ଦ୍ୱୟଙ୍କୁ ଉଦ୍ଧାର କରିବା ସହ ଚାଇଲ୍ଡଲାଇନ୍ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛି। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଅନ୍ତିଆ ପାଟଣା ଗାଁର ଶ୍ୟାମ ହାଁସଦାଙ୍କ ଦୁଇ ସ୍ତ୍ରୀ ଥିଲେ। ଦୁଇ ସ୍ତ୍ରୀଙ୍କ ଦୁଇ ପୁତ୍ର ସନ୍ତାନ ଥିଲେ। ତେବେ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ବର୍ଷକ ତଳେ ଶ୍ୟାମ ତାଙ୍କର ଗୋଟିଏ ପୁଅକୁ ନୀଳଗିରି ଏନ୍‌ଏସି ଅଧୀନ ୧ନଂ. ୱାର୍ଡର ଷ୍ଟେଟ୍ ବ୍ୟାଙ୍କ ନିକଟରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ୧ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ। ପରେ ଶ୍ୟାମ ରୋଗଗ୍ରସ୍ତ ହୋଇ ପଡ଼ିଥିଲେ। ତାଙ୍କ ଚିକିତ୍ସା ପାଇଁ ଅର୍ଥ ଅଭାବରୁ ଦ୍ୱିତୀୟ ସ୍ତ୍ରୀ ପାନ ହାଁସଦା ଅନ୍ୟ ଏକ ୮ବର୍ଷର ପୁଅକୁ ମଧ୍ୟ ସେହି ବ୍ୟକ୍ତିଙ୍କୁ ହଜାରେ ଟଙ୍କାରେ ବିକ୍ରି କରିଦେଇଥିଲେ। ଗତ କିଛି ମାସ ତଳେ ଶ୍ୟାମଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା। ତେବେ ଗୁରୁବାର ☞ପୃଷ୍ଠା-୪

# ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଲୁଟିନେଲେ ଛେଳି

**ଚାଳକ ସମେତ ୪ ଆହତ, ୫ ଛେଳି ମୃତ**



ଭଣ୍ଡାରିପୋଖରୀ ଛତାବର ନିକଟରେ ଛେଳି ବୋଝେଇ ଟ୍ରକ୍ ଓଲଟି ପଡ଼ିଛି।

ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ (ସ୍ୱ.ପ୍ର.), ୨୨।୯

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଛତାବର ନିକଟରେ ଗୁରୁବାର ମଧ୍ୟାହ୍ନରେ ଏକ ଛେଳି ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଯାମିନିବିନ୍ଧାସ୍ଥିତ ଆସାମ ଅଏଲ୍ ପେଟ୍ରୋଲ ପମ୍ପଠାରେ ଟ୍ରକ୍‌ଟି ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଚାଳକଙ୍କ ସମେତ ୪ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଗୁରୁତରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଗାଡ଼ି ଚାଳକ ଖଡ଼ଗପୁର ସିଭଲି ଅଞ୍ଚଳର ଶେଖ୍ ରାଜୁ(୧୮) ଓ ଶେଖ୍ ଶବଦମ୍(୧୮)। ଦୁର୍ଘଟଣାରେ ୫ ଛେଳି ମରିଯାଇଥିବା ଜଣାଯାଇଛି। ତେବେ ସମସ୍ତ ଗାଡ଼ି କର୍ମଚାରୀ ଆହତ ହୋଇ ମେଡିକାଲ ଯାଇଥିବା ବେଳେ ତାହାର ସୁଯୋଗ ନେଇ କେତେକେ ୨୦ରୁ ଊର୍ଦ୍ଧ୍ୱ ଛେଳି ଲୁଟି ନେଇଛନ୍ତି।

ସୂଚନା ଅନୁଯାୟୀ, ବାଲେଶ୍ୱରର ବିଭିନ୍ନ ସ୍ଥାନରୁ ୨ଶହରୁ ଊର୍ଦ୍ଧ୍ୱ ଛେଳି ସଂଗ୍ରହ କରାଯାଇ ଟ୍ରକ୍ (ନଂ. ଡବ୍ଲ୍ୟୁ ବି ୫୩ ସି ୧୬୨୭)ରେ ଭୁବନେଶ୍ୱରକୁ ନିଆଯାଉଥିଲା। ଉକ୍ତ ପେଟ୍ରୋଲ ପମ୍ପ ନିକଟରେ ଚକ ପଙ୍କଚର ଯୋଗୁ ଭାରସାମ୍ୟ ହରାଇ ଗାଡ଼ିଟି ରାସ୍ତାରେ ଓଲଟି ପଡ଼ିଥିଲା। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରାଯାଇ ☞ପୃଷ୍ଠା-୪




ଧରିତ୍ରୀ
DHARITRI
ଶୁକ୍ରବାର, ୨୩ ସେପ୍ଟେମ୍ବର, ୨୦୨୨



ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଭାରତ ସ୍ଥାୟୀ ସଦସ୍ୟ ନ ହେବା ଏହି ବୈଶ୍ୱିକ ସଙ୍ଗଠନ ପାଇଁ ଶୁଭଙ୍କର ନୁହେଁ। ଏହି ସଙ୍ଗଠନର ଢାଞ୍ଚାରେ ପରିବର୍ତ୍ତନ ଆସିବା ଜରୁରୀ। ଭାରତ ସ୍ଥାୟୀ ସଦସ୍ୟ ହେବା ନେଇ ପଦକ୍ଷେପ ନିଆଯାଉଛି। କିଛି ବର୍ଷ ମଧ୍ୟରେ ଭାରତ ତୃତୀୟ ବୃହତ୍ତମ ଅର୍ଥନୀତିର ଦେଶ ହୋଇ ଉଭାହେବ। ଏହାସହ ବିଶ୍ୱର ସବୁଠାରୁ ଅଧିକ ଜନସଂଖ୍ୟାର ଦେଶ ହେବାକୁ ଯାଉଛି।
-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



## ସଂକ୍ଷେପରେ

### ଯୁଦ୍ଧଜାହାଜରେ ବ୍ରହ୍ମୋସ୍ ମୁତୟନ ଲାଗି ୧,୭୦୦ କୋଟିର ଡିଲ୍

**ନୂଆଦିଲ୍ଲୀ,୨୨।୯:** ନୌସେନାର ଫ୍ରଣ୍ଟଲାଇନ୍ ଯୁଦ୍ଧଜାହାଜରେ ଅତିରିକ୍ତ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ମୁତୟନ ଲାଗି ପ୍ରତିରକ୍ଷା ମନ୍ତ୍ରଣାଳୟ ଗୁରୁବାର ୧,୭୦୦ କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷର କରିଛି। ୨୯୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ଥିବା ବ୍ରହ୍ମୋସ୍ ଉଭୟ ସ୍ଥଳଭାଗ ଓ ଶତ୍ରୁପକ୍ଷ ଜାହାଜକୁ ଟାର୍ଗେଟ କରିପାରିବ। ଏଥିପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ବ୍ରହ୍ମୋସ୍ ଏରୋସ୍ପେସ୍ ପ୍ରାଇଭେଟ୍ ଲିମିଟେଡ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହା ନୌସେନାର ଆକ୍ରମଣ ସାମର୍ଥ୍ୟ ବୃଦ୍ଧି କରିବ ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଧ୍ୱନିର ୩ ଗୁଣ ବେଗରେ ଗତି କରିପାରୁଥିବା ବ୍ରହ୍ମୋସ୍ ପୂର୍ବରୁ ଭାରତୀୟ ସ୍ଥଳସେନା ଓ ବାୟୁସେନାରେ ନିୟୋଜିତ ହୋଇଛି।

### ହିନ୍ଦୁ ଝିଅଙ୍କ ସହ ସମ୍ପର୍କ ଲାଗି ମୁସଲମାନ ପରିବାରକୁ ଆକ୍ରମଣ

**ଭୋପାଳ,୨୨।୯:** ମଧ୍ୟପ୍ରଦେଶର ଛିନ୍ଦୱାରା ଜିଲାରେ ଜଣେ ମୁସଲମାନ ଯୁବକ ହିନ୍ଦୁ ଝିଅ ସହ ସମ୍ପର୍କ ରଖି ତାଙ୍କୁ ନେଇ ପଳାଇବା ଘଟଣାରେ ଉତ୍ତେଜନା ଦେଖାଦେଇଛି। ପ୍ରତିଶୋଧ ନେବା ଲାଗି ଉତ୍ତ୍ୟକ୍ତ ଲୋକେ ଉକ୍ତ ମୁସଲମାନ ଯୁବକ ଓ ତାଙ୍କ ପରିବାର ସଦସ୍ୟଙ୍କୁ ନିର୍ଘାତ ପିଟିଛନ୍ତି। ୱାଜିଦ୍ ଅଲି ନାମକ ଯୁବକ ମାସେ ତଳେ ଜଣେ ୨୩ ବର୍ଷୀୟା ହିନ୍ଦୁ ଯୁବତୀଙ୍କୁ ନେଇଯାଇଥିଲେ। ଗତ ୧୫ ତାରିଖରେ ଯୁବତୀଙ୍କ ପରିବାର ଓ ଅନ୍ୟମାନେ ୱାଜିଦ୍ ଓ ତାଙ୍କ ମାଆବାପାଙ୍କୁ ଆକ୍ରମଣ କରି ମାଡ଼ ମାରିଥିଲେ। ଆକ୍ରମଣ ସମୟର ଭିଡିଓ ଗତ ମଙ୍ଗଳବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ଛିନ୍ଦୱାରା ପୋଲିସ ହିନ୍ଦୁ ପରିବାର ବିରୋଧରେ ମାମଲା ରୁଜୁ କରିବା ସହ ୪ ଜଣଙ୍କୁ ଗିରଫ କରିଛି।

### ରାଜୁ ଶ୍ରୀବାସ୍ତବଙ୍କ ଶେଷକୃତ୍ୟ ସମ୍ପନ୍ନ

**ନୂଆଦିଲ୍ଲୀ,୨୨।୯:** ଖ୍ୟାତନାମା ହାସ୍ୟାଭିନେତା ରାଜୁ ଶ୍ରୀବାସ୍ତବଙ୍କ ଶେଷକୃତ୍ୟ ଗୁରୁବାର ନୂଆଦିଲ୍ଲୀରେ ସମ୍ପନ୍ନ ହୋଇଛି। ଏମ୍ସରେ ଦୀର୍ଘ ୪୧ ଦିନର ଚିକିତ୍ସା ପରେ ବୁଧବାର ରାଜୁ ଆଖିବୁଜିଥିଲେ। ପରିବାରକୁ ମୃତଦେହ ହସ୍ତାନ୍ତର ପରେ ଗୁରୁବାର ସକାଳେ ତାଙ୍କ ଦ୍ୱାରକା ବାସଭବନକୁ ନିଆଯାଇଥିଲା। ସେଠାରୁ ଏକ ଆମ୍ବୁଲାନ୍ସରେ କଶ୍ମୀରୀ ଗେଟ୍‌ସ୍ଥିତ ନିଗମବୋଧ ଘାଟ ଶ୍ମଶାନ ସ୍ଥଳକୁ ନିଆଯାଇଥିଲା। ଶେଷକୃତ୍ୟ ସମୟରେ ରାଜୁଙ୍କ ସହକର୍ମୀ ସୁନୀଲ ପାଲ୍, ଅହସାନ୍ କୁରେଶୀ, ଚଳଚ୍ଚିତ୍ର ନିର୍ଦ୍ଦେଶକ ମଧୁର ଭଣ୍ଡାରକର, ଗାୟକ ରାମଶଙ୍କର ପ୍ରମୁଖ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ। ଶତାଧିକ ପ୍ରଶଂସକ ତାଙ୍କୁ ଅଶ୍ରୁଳ ବିଦାୟ ଦେଇଥିଲେ। ପୁଅ ଆୟୁଷ୍ମାନ ହିନ୍ଦୁ ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

### ଆର୍‌ଏସ୍‌ଏସ୍ ମୁଖ୍ୟଙ୍କୁ 'ରାଷ୍ଟ୍ର ପିତା' କହିଲେ ମୌଲବୀ



**ନୂଆଦିଲ୍ଲୀ,୨୨।୯:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ମୁସଲମାନ ସମ୍ପ୍ରଦାୟର ନିକଟତର ହେବାକୁ ଉଦ୍ୟମ ଚଳାଇଛନ୍ତି। ଗୁରୁବାର ଭାଗବତ ନୂଆଦିଲ୍ଲୀର ଏକ ମସ୍‌ଜିଦକୁ ଯାଇ ଅଖିଳ ଭାରତ ଇମାମ୍ ସଂଗଠନର ମୁଖ୍ୟ ଉମର ଅହମଦ ଇଲ୍ୟାସିଙ୍କୁ ଭେଟିଛନ୍ତି। ଉଭୟଙ୍କ ମଧ୍ୟରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଆଲୋଚନା ହୋଇଥିଲା। ଏହି ଅବସରରେ ଇଲ୍ୟାସି ଆର୍‌ଏସ୍‌ଏସ୍ ମୁଖ୍ୟଙ୍କୁ 'ରାଷ୍ଟ୍ର ପିତା' ବୋଲି ଅଭିହିତ କରିଛନ୍ତି। ଆମ ସମସ୍ତଙ୍କର ଡିଏନ୍‌ଏ ସମାନ, କେବଳ ଈଶ୍ୱରଙ୍କୁ ପୂଜା କରିବାର ପଦ୍ଧତି ଅଲଗା ବୋଲି ମୌଲବୀ କହିଛନ୍ତି। ଏହା ଦେଶକୁ ଅତି ଭଲ ବାର୍ତ୍ତା ଦେଇଛି। ଆମ ଭିତରେ ପରିବାର ଭଳି ଆଲୋଚନା ହୋଇଥିଲା ବୋଲି ମୌଲବୀଙ୍କ ପୁଅ ସୁହେବ୍ ଇଲ୍ୟାସି କହିଛନ୍ତି। ପରେ ଭାଗବତ ମଦ୍ରାସା ଯାଇ ସେଠାରେ ଛାତ୍ରମାନଙ୍କ ସହ କଥା ହୋଇଥିଲେ। ଆର୍‌ଏସ୍‌ଏସ୍ ମୁଖ୍ୟ ସାମ୍ପ୍ରଦାୟିକ ସଦ୍‌ଭାବ ବଢ଼ାଇବା ଲାଗି ଉଦ୍ୟମ ସ୍ୱରୂପ ମୁସ୍‌ଲିମ୍ ବୁଦ୍ଧିଜୀବୀମାନଙ୍କୁ ଭେଟୁଥିବା ସଂଗଠନ ପକ୍ଷରୁ କୁହାଯାଇଛି। କର୍ଣ୍ଣାଟକରେ ହିଜାବ ବିବାଦ ଏବଂ ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ନୂପୁର ଶର୍ମାଙ୍କ ଅପମାନଜନକ ମନ୍ତବ୍ୟ ପରେ ହିଂସାକାଣ୍ଡ ଦେଖାଦେଇଥିଲା। ଏବେ ସାମ୍ପ୍ରଦାୟିକ ସଦ୍‌ଭାବନା ବଢ଼ାଇବା ଲାଗି ଭାଗବତଙ୍କ ଉଦ୍ୟମ ଉଲ୍ଲେଖନୀୟ ବୋଲି କୁହାଯାଉଛି।

# ୧୧ ରାଜ୍ୟରେ ଏନ୍‌ଆଇଏ ଚଢ଼ାଉ

## ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲା

**ନୂଆଦିଲ୍ଲୀ,୨୨।୯(ପି.ଟି.)**

ଆତଙ୍କବାଦୀଙ୍କୁ ପାଣ୍ଠି ଓ ଅନ୍ୟାନ୍ୟ ସହାୟତା ଯୋଗାଇବା ଅଭିଯୋଗରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗୁରୁବାର ୧୧ ରାଜ୍ୟରେ ଚଢ଼ାଉ କରିଛି। ଏହି ଚଢ଼ାଉ ବେଳେ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ)ର ୧୦୬ ଜଣ କର୍ମୀଙ୍କୁ ଗିରଫ କରାଯାଇଛି। ଦେଶବ୍ୟାପୀ ହୋଇଥିବା ଏହି ଚଢ଼ାଉରେ ଏନ୍‌ଆଇଏ ସହ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସମ୍ପୃକ୍ତ ରାଜ୍ୟ ପୋଲିସ ସାମିଲ ହୋଇଥିଲେ। ଏହା ଦେଶରେ ଅଦ୍ୟାବଧି ହୋଇଥିବା ସବୁଠୁ ବଡ଼ ଚଢ଼ାଉ ବୋଲି କୁହାଯାଉଛି। ଚଢ଼ାଉ ବେଳେ କେରଳରୁ ସର୍ବାଧିକ ୨୨ ଜଣଙ୍କୁ ଗିରଫ କରାଯାଇଥିବାବେଳେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରୁ ୨୦ ଜଣ ଲେଖାଏ, ତାମିଲନାଡୁରୁ ୧୦, ଆସାମରୁ ୯, ଉତ୍ତରପ୍ରଦେଶରୁ ୮, ଆନ୍ଧ୍ରପ୍ରଦେଶରୁ ୫, ମଧ୍ୟପ୍ରଦେଶରୁ ୪, ପୁଡୁଚେରୀ ଏବଂ ଦିଲ୍ଲୀରୁ ୩ ଜଣ ଲେଖାଏ ଏବଂ ରାଜସ୍ଥାନରୁ ୨ ଜଣ ପିଏଫ୍‌ଆଇ ସଦସ୍ୟ ଗିରଫ ହୋଇଛନ୍ତି। ମୁଖ୍ୟତଃ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବା, ତାଲିମ ଶିବିର ଆୟୋଜନ କରିବା ଏବଂ ନିର୍ଦ୍ଦିଷ୍ଟ ସଂଗଠନରେ ଯୋଗଦେବା ଲାଗି ଲୋକଙ୍କୁ କଟ୍ଟରପନ୍ଥୀ କରାଇବା କାର୍ଯ୍ୟରେ ସମ୍ପୃକ୍ତ ଲୋକଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା।

ଭାରତର ଅବହେଳିତ ବର୍ଗଙ୍କୁ ସଶକ୍ତୀକରଣ କରାଇବା ଲକ୍ଷ୍ୟରେ ନୂଆ ସାମାଜିକ ଆନ୍ଦୋଳନ ପାଇଁ ୨୦୦୬ରେ ପିଏଫ୍‌ଆଇ ଗଠିତ ହୋଇଥିଲା ବୋଲି ଏହି ସଂଗଠନ ପକ୍ଷରୁ ଦାବି କରାଯାଉଛି। ତେବେ ଏହି ସଂଗଠନ କଟ୍ଟରପନ୍ଥୀ ଇସ୍‌ଲାମକୁ ପ୍ରୋତ୍ସାହିତ କରୁଥିବା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଅଭିଯୋଗ କରିଆସୁଛନ୍ତି। ପିଏଫ୍‌ଆଇର ଜାତୀୟ, ଅନ୍ତର୍ଜାତୀୟ ତଥା ସ୍ଥାନୀୟ ନେତାଙ୍କ ଘରେ ଚଢ଼ାଉ କରାଯାଇଥିବା ସଂଗଠନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

୨୦୨୦ ଦିଲ୍ଲୀ ଦଙ୍ଗା, ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ, ୟୁପିର ହାଥ୍ରାସ୍‌ରେ ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ହତ୍ୟା ପଛର ଷଡ଼ଯନ୍ତ୍ର ଆଦି ସହ ପିଏଫଆଇର ଆର୍ଥିକ ସମ୍ପୃକ୍ତି ଦିଗ ଉପରେ ଇଡି ତଦନ୍ତ କରୁଛି। ଏହି ସଂଗଠନ ବିରୋଧରେ ଲକ୍ଷ୍ନୌର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟରେ ୨ଟି ଚାର୍ଜଶିଟ୍ ଦାଏର ହୋଇଛି। ଗତବର୍ଷ ଫେବୃୟାରୀରେ ପିଏଫ୍‌ଆଇ ଏବଂ ଏହାର ଛାତ୍ର ସଂଗଠନ କ୍ୟାମ୍ପସ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ସିଏଫ୍‌ଆଇ) ବିରୋଧରେ ମନିଲଣ୍ଡରିଂ ମାମଲାରେ ଇଡି ପ୍ରଥମ ଚାର୍ଜଶିଟ୍ ଦାଖଲ କରିଥିଲା। ସେହିପରି ୟୁଏଇର ଏକ ହୋଟେଲ ପିଏଫଆଇ ପାଇଁ ମନିଲଣ୍ଡରିଂ କାର୍ଯ୍ୟ କରୁଥିବା ଅଭିଯୋଗରେ ଦ୍ୱିତୀୟ ଚାର୍ଜଶିଟ୍ ଚଳିତ ବର୍ଷ ଦାଏର ହୋଇଥିଲା।

## ପିଏଫ୍‌ଆଇର ୧୦୬ ସଦସ୍ୟ ଗିରଫ



ଏନ୍‌ଆଇଏ ଚଢ଼ାଉ ପ୍ରତିବାଦରେ କର୍ଣ୍ଣାଟକର ହୁବଳିରେ ପିଏଫ୍‌ଆଇ ଏବଂ ଏସ୍‌ଡିପିଆଇ କର୍ମୀଙ୍କ ବିକ୍ଷୋଭ ବେଳେ ପୋଲିସ ସହ ଧସ୍ତାଧସ୍ତି।

### ଆଜି କେରଳରେ ହରତାଳ
### ପିଏଫ୍‌ଆଇର ଡାକରା

**ଥିରୁଭାନନ୍ତପୁରମ୍,୨୨।୯(ପି.ଟି.)**

ଏନ୍‌ଆଇଏ ଏବଂ ଇଡି ଚଢ଼ାଉ ପ୍ରତିବାଦରେ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ପକ୍ଷରୁ ଗୁରୁବାର ସାରା କେରଳରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର କାର୍ଯ୍ୟକୁ ବିରୋଧ କରି ଉକ୍ତ ସଂଗଠନ ପକ୍ଷରୁ କେରଳରେ ଶୁକ୍ରବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ହରତାଳ ଡାକରା ଦିଆଯାଇଛି। ପିଏଫ୍ ଆଇର ନେତାମାନଙ୍କୁ ଗିରଫ କରାଯିବା ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦ ବୋଲି ପିଏଫ୍‌ଆଇ କହିଛି। ଭିନ୍ନ ସ୍ୱରକୁ ଚାପିଦେବା ଲାଗି କେନ୍ଦ୍ରୀୟ ସଂସ୍ଥାର ଅପବ୍ୟବହାର କରୁଥିବା ଆର୍‌ଏସ୍‌ଏସ୍ ନିୟନ୍ତ୍ରିତ ସରକାରଙ୍କ ବିରୋଧରେ ହରତାଳ ଡାକରା ଦିଆଯାଇଥିବା ପିଏଫ୍‌ଆଇ ରାଜ୍ୟ ସାଧାରଣ ସମ୍ପାଦକ ଏ. ଅବଦୁଲ ସଥାର କହିଛନ୍ତି।

### ୫ ରାଜ୍ୟ ନିର୍ବାଚନରେ ୩୪୦ କୋଟି ଖର୍ଚ୍ଚ କରିଛି ଭାଜପା

**ନୂଆଦିଲ୍ଲୀ,୨୨।୯**

ଚଳିତ ବର୍ଷ ଆରମ୍ଭରେ ହୋଇଥିବା ୫ ରାଜ୍ୟ ବିଧାନସଭା ନିର୍ବାଚନରେ ଭାଜପା ୩୪୦ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ କରିଛି। ଅନ୍ୟପକ୍ଷରେ କଂଗ୍ରେସ ଏହି ରାଜ୍ୟଗୁଡ଼ିକରେ ନିର୍ବାଚନ ପ୍ରଚାରରେ ୧୯୪ କୋଟି ଟଙ୍କା ବ୍ୟୟ କରିଥିବା ସେମାନଙ୍କ ନିର୍ବାଚନ ଖର୍ଚ୍ଚ ରିପୋର୍ଟରୁ ଜଣାପଡ଼ିଛି। ବର୍ଷ ଆରମ୍ଭରେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର, ଗୋଆ ଏବଂ ପଞ୍ଜାବ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ କମିଶନଙ୍କ ନିକଟରେ ଭାଜପା ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ଏହି ଦଳ ଉତ୍ତରପ୍ରଦେଶରେ ସର୍ବାଧିକ ୨୨୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବାବେଳେ ମଣିପୁରରେ ୨୩ କୋଟି, ଉତ୍ତରାଖଣ୍ଡରେ ୪୩,୬୭ କୋଟି, ପଞ୍ଜାବରେ ୩୬ କୋଟି ଏବଂ ଗୋଆରେ ୧୯ କୋଟିରୁ ଅଧିକ ଅର୍ଥ ବ୍ୟୟ କରିଛି। ସେହିପରି କଂଗ୍ରେସ ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ୫ ରାଜ୍ୟରେ ନିର୍ବାଚନ ପ୍ରଚାର ଓ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ ଏହି ଦଳ ୧୯୪ କୋଟିରୁ ଅଧିକ ବ୍ୟୟ କରିଛି। ସୂଚନାଯୋଗ୍ୟ, ଲୋକ ସଭା ଏବଂ ରାଜ୍ୟ ବିଧାନସଭା ଲଢୁଥିବା ସ୍ୱୀକୃତିପ୍ରାପ୍ତ ଜାତୀୟ ଦଳଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିର୍ବାଚନ ଖର୍ଚ୍ଚ ରିପୋର୍ଟ ଦାଖଲ କରିବା ବାଧ୍ୟତାମୂଳକ।

### ୨୭ରୁ ସାମ୍ବିଧାନିକ ପୀଠ ଶୁଣାଣିର ସିଧା ପ୍ରସାରଣ

**ନୂଆଦିଲ୍ଲୀ,୨୨।୯(ପି.ଟି.)**

ସୁପ୍ରିମକୋର୍ଟ କାର୍ଯ୍ୟରେ ସ୍ୱଚ୍ଛତା ବଢ଼ାଇବା ସହ ସମସ୍ତଙ୍କ ପାଖରେ ପହଞ୍ଚାଇବା ଲାଗି ଆସନ୍ତା ୨୭ ତାରିଖରୁ ସମସ୍ତ ସାମ୍ବିଧାନିକ ପୀଠର ଶୁଣାଣି ସିଧା ପ୍ରସାରଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଠିକ୍ ୪ ବର୍ଷ ପୂର୍ବେ ୨୦୧୮ରେ ସୁପ୍ରିମକୋର୍ଟ ସ୍ୱପ୍ନିଲ ତ୍ରିପାଠୀ ମାମଲାରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ମଙ୍ଗଳବାର ସିଜେଆଇ ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ସର୍ବୋଚ୍ଚ ଅଦାଲତର ସମସ୍ତ ୩୦ ବିଚାରପତିଙ୍କ ବୈଠକ ବସି ୨୦୧୮ର ଉକ୍ତ ରାୟକୁ କାର୍ଯ୍ୟକାରୀ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୬ରେ ପ୍ରଥମ ଥର ପାଇଁ ତତ୍କାଳୀନ ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠର ଶୁଣାଣିକୁ ୱେବକାଷ୍ଟ ପୋର୍ଟାଲରେ ଲିଭ୍ ଷ୍ଟ୍ରିମିଂ କରାଯାଇଥିଲା। ସେହିଦିନ ଜଷ୍ଟିସ ରମନା ଅବସର ନେଉଥିବାରୁ ଏହା ବିଦାୟ ଉତ୍ସବର ପ୍ରୋସିଡିଂ ଥିଲା।

ସୂଚନାଯୋଗ୍ୟ,ସାମ୍ବିଧାନିକ ଏବଂ ଜାତୀୟ ଗୁରୁତ୍ୱ ଥିବା ମାମଲାଗୁଡ଼ିକର ଶୁଣାଣିକୁ ସିଧା ପ୍ରସାରଣ କରି ନ୍ୟାୟପାଳିକାର କାର୍ଯ୍ୟକୁ ସ୍ୱଚ୍ଛ କରିବା ଲାଗି ୨୦୧୮ ସେପ୍ଟେମ୍ବର ୨୬ରେ ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ତେବେ ବୈବାହିକ ବିବାଦ କିମ୍ବା ଯୌନ ଅପରାଧ ଭଳି ସମ୍ବେଦନଶୀଳ ମାମଲାଗୁଡ଼ିକର ଶୁଣାଣିକୁ ସିଧା ପ୍ରସାରଣ କରାଯିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଆସନ୍ତା ସପ୍ତାହରେ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ପୀଠରେ କେତେକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରାଯିବ। ସେଗୁଡ଼ିକ ମଧ୍ୟରେ ରହିଛି, ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କୁ ୧୦ ପ୍ରତିଶତ କୋଟା ପ୍ରଦାନ ଲାଗି ସମ୍ବିଧାନର ୧୦୩ତମ ସଂଶୋଧନର ବୈଧତା ଏବଂ ନାଗରିକତ୍ୱ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ।

# ଆଇଏସ୍‌ଆଇ ଏଜେଣ୍ଟଙ୍କୁ ହତ୍ୟା

**କାଠମାଣ୍ଡୁ, ୨୨।୯**

ଭାରତକୁ ବିପୁଳ ସଂଖ୍ୟାରେ ନକଲି ନୋଟ ପଠାଉଥିବା ପାକିସ୍ତାନ ଇଣ୍ଟର-ସର୍ଭିସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଏଜେଣ୍ଟ ଲାଲ୍ ମହମ୍ମଦ ଓରଫ୍ ମହମ୍ମଦ ଦରଜି(୫୫) ଗତ ୧୯ ତାରିଖରେ ନେପାଳରେ ନିହତ ହୋଇଛନ୍ତି। କେତେଜଣ ଅଚିହ୍ନା ଦୁର୍ବୃତ୍ତ ତାଙ୍କୁ ଗୁଳି କରୁଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ମହମ୍ମଦ ଏକ କାର୍‌ରୁ ଓହ୍ଲାଉଥିବାବେଳେ ବନ୍ଧୁକଧାରୀ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ସେ ଏଥିରୁ ବର୍ତ୍ତିବା ପାଇଁ କାର୍‌ରେ ଲୁଚିବାକୁ ଚେଷ୍ଟା କରୁଥିଲେ ହେଁ ଆତତାୟୀମାନେ ଗୁଳି ଫୁଟାଇ ଚାଲିଥିଲେ। ମହମ୍ମଦଙ୍କ ଝିଅ ତାଙ୍କୁ ରକ୍ଷା କରିବା ପାଇଁ ପ୍ରଥମ ମହଲା ଛାତରୁ ତଳକୁ ଡେଇଁଥିଲେ ହେଁ ବାପାଙ୍କୁ ବଞ୍ଚାଇ ପାରି ନ ଥିଲେ। ସେଠାରୁ ସେ ଦୌଡ଼ି ପଳାଇଯିବାରେ ସକ୍ଷମ ହୋଇଥିଲେ। ବାଂଲାଦେଶ ଓ ପାକିସ୍ତାନରୁ ଜାଲ୍ ନୋଟ୍ ନେପାଳକୁ ଯାଉଥିଲା। ଲାଲ୍ ମହମ୍ମଦ ତାହାକୁ ସେଠାରୁ ଭାରତ ପଠାଉଥିଲେ। ସେ ଅଣ୍ଡରୱାର୍ଲ୍ଡ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମ୍‌ଙ୍କ ସହ ଲିଙ୍କ୍ ରଖିଥିଲେ। ଅନ୍ୟ ଆଇଏସ୍‌ଆଇ ଏଜେଣ୍ଟଙ୍କୁ ଲାଲ୍ ମହମ୍ମଦ ତାଙ୍କ ପାଖରେ ଆଶ୍ରୟ ଦେଉଥିଲେ।



# ମୁକୁଳିଲେ ୩୦୦ ଯୁଦ୍ଧବନ୍ଦୀ

**କିଭ୍/ମସ୍କୋ, ୨୨।୯:** ୟୁକ୍ରେନ୍‌ରେ ବଡ଼ ଧରଣର ଆକ୍ରମଣ ପାଇଁ ରୁଷିଆ ରଣନୀତି ପ୍ରସ୍ତୁତ କରୁଥିବାବେଳେ ଉଭୟ ଦେଶ ଅପ୍ରତ୍ୟାଶିତ ଭାବେ ଦୁଇପଟୁ ୩୦୦ ଯୁଦ୍ଧ ବନ୍ଦୀଙ୍କୁ ମୁକୁଳାଇଛନ୍ତି। ଫେବୃୟାରୀ ୨୪ରେ ମସ୍କୋର କିଭ୍ ଆକ୍ରମଣ ପରଠାରୁ ଏହା ବଡ଼ଧରଣର ଅଦଳବଦଳ। ସେମାନଙ୍କ ମଧ୍ୟରେ ବ୍ରିଟେନ, ଆମେରିକା, ମରକ୍କୋର ବନ୍ଦୀ ମଧ୍ୟ ରହିଛନ୍ତି, ଯେଉଁମାନଙ୍କୁ ୟୁକ୍ରେନରୁ ଗିରଫ କରିବା ପରେ ରୁଷିଆରେ ମୃତ୍ୟୁ ଦଣ୍ଡାଦେଶ ମିଳିଥିଲା। ରୁଷିଆରୁ ମୁକୁଳିଥିବା ବନ୍ଦୀଙ୍କ ମଧ୍ୟରୁ ୨୧୫ ୟୁକ୍ରେନୀୟ ରହିଛନ୍ତି। ସେହିପରି ୟୁକ୍ରେନ୍ ୫୫ ଜଣଙ୍କୁ ରୁଷିଆକୁ ପଠାଇଛି। ତୁର୍କୀ ଏବଂ ସାଉଦି ଆରବ ସହଯୋଗରେ ଏହି ଅଦଳବଦଳ କରାଯାଇଛି।

# ହିଜାବ ରାୟ ସଂରକ୍ଷିତ



**ନୂଆଦିଲ୍ଲୀ,୨୨।୯**

### ୧୦ ଦିନର ମାରାଥନ ଶୁଣାଣି ଶେଷ
### କର୍ଣ୍ଣାଟକ ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ କରାଯାଇଥିଲା

ହିଜାବ ବ୍ୟାନ୍ ମାମଲା ଉପରେ ୧୦ ଦିନର ଶୁଣାଣି ପରେ ଗୁରୁବାର ସୁପ୍ରିମକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି। କର୍ଣ୍ଣାଟକର ଶିକ୍ଷାନୁଷ୍ଠାନଗୁଡ଼ିକରେ ହିଜାବ ନିଷେଧ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଆମକୁ ହୋମ୍‌ୱାର୍କ କରିବାକୁ ସମୟ ଦିଆଯାଉ ବୋଲି ଜଷ୍ଟିସ୍ ହେମନ୍ତ ଗୁପ୍ତା ଏବଂ ସୁଧାଂଶୁ ଧୂଲିଆଙ୍କ ଖଣ୍ଡପୀଠ ରାୟ ସଂରକ୍ଷଣ ରଖିବା ଅବସରରେ କହିଥିଲେ। ୧୦ ଦିନର ଶୁଣାଣି ମଧ୍ୟରେ ବିଭିନ୍ନ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜୀବ ଦାୱନ, କପିଲ ଶିବଲ, ସଲମାନ ଖୁର୍ସିଦ, ଦେବଦତ୍ତ କାମାତ ଏବଂ ସଞ୍ଜୟ ହେଗ୍‌ଡେଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଓକିଲ ଅଦାଲତରେ ଯୁକ୍ତି ଉପସ୍ଥାପନ କରିଥିଲେ। ସେହିପରି ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ କେ.ଏମ୍. ନଟରାଜ ଏବଂ କର୍ଣ୍ଣାଟକର ମହାଧିବକ୍ତା ପ୍ରଭୁଲିଙ୍ଗ ନଭଦଗି ପ୍ରତିନିଧିତ୍ୱ କରିଥିଲେ। ହିଜାବ ଆନ୍ଦୋଳନ ଷଡ଼ଯନ୍ତ୍ର ପଛରେ ପିଏଫ୍‌ଆଇ ସମ୍ପୃକ୍ତ ଥିବା ସଲିସିଟର ଜେନେରାଲ କହିବା ପରେ ମୁସଲମାନ ପକ୍ଷର ଓକିଲ ଦୁଷ୍ୟନ୍ତ ଡାଭେ ଏଭଳି ଅପ୍ରାସଙ୍ଗିକ ଅଭିଯୋଗକୁ ସମାଲୋଚନା କରିଥିଲେ।

# ଇରାନରେ ଥମୁନି ହିଜାବ ନିଆଁ



୩୧ ବିକ୍ଷୋଭକାରୀ ନିହତ

**ତେହରାନ, ୨୨।୯:** ହିଜାବ ନ ପିନ୍ଧିବାରୁ ପୋଲିସ ବର୍ବରତାରେ ଇରାନର ୨୨ ବର୍ଷୀୟା ମାହସା ଆମିନିଙ୍କ ମୃତ୍ୟୁ ପରଠାରୁ ଦେଶବ୍ୟାପୀ ଆନ୍ଦୋଳନ ତୀବ୍ର ହୋଇଛି। ବିକ୍ଷୋଭକାରୀଙ୍କ ଅଟକାଇବାକୁ ଯାଇ ପୋଲିସ ସେମାନଙ୍କ ଉପରେ ଗୁଳି ଚଳାଇଛି। ଏଥିରେ ଅଦ୍ୟାବଧି ୩୧ ଜଣଙ୍କ ମୃତ୍ୟୁ ଘଟିଲାଣି। ଗତ ୧୬ ତାରିଖରେ ମାହସାଙ୍କ ମୃତ୍ୟୁ ପରେ ତାଙ୍କୁ ନ୍ୟାୟ ଦାବିରେ ରାଜଧାନୀ ତେହରାନ ସମେତ ପ୍ରାୟ ୩୦ ସହରରେ ୬ ଦିନ ହେଲା ଆନ୍ଦୋଳନ ଚାଲିଛି। ଇରାନ ମହିଳାମାନେ ସର୍ବସମ୍ମୁଖରେ ହିଜାବ ଜାଳି, ଚୁଟି କାଟି ଧର୍ମୀୟ ବ୍ୟାପାର ପୋଲିସ ଏବଂ ସରକାରଙ୍କ ବିରୋଧରେ ନାରାବାଜି କରୁଛନ୍ତି। ବିକ୍ଷୋଭକାରୀଙ୍କୁ ଗୁଳି କରି ପୋଲିସ ଦମନଲୀଳା ଚଳାଉଥିବା ଇରାନ୍ ହ୍ୟୁମାନ୍ ରାଇଟ୍ସ ନିର୍ଦ୍ଦେଶକ ମହମ୍ମଦ ଆମିରି-ମୋଗଦ୍ଦମ କହିଛନ୍ତି।

# ଟଙ୍କା ଟଳମଳ, ଡଲାର ସବଳ

**ୱାଶିଂଟନ/ମୁମ୍ବାଇ,୨୨।୯**

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଟଙ୍କା ଦିନକୁ ଦିନ ତଳକୁ ଖସିବାରେ ଲାଗିଥିବାରୁ ଭାରତର ଅର୍ଥନୀତିକୁ ଶକ୍ତ ଝଟ୍‌କା ଲାଗିଛି। ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ଦେଶର ଅର୍ଥନୀତିକୁ ୫ ଟ୍ରିଲିୟନ୍ ଡଲାରରେ ପହଞ୍ଚାଇବା ନେଇ ସ୍ୱପ୍ନ ଦେଖୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଜନା ଉପରେ ଏହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ସାମ୍ପ୍ରତିକ ସ୍ଥିତିରେ ମୁଦ୍ରାସ୍ଫୀତି ଉପରେ ଲଗାମ ଲଗାଇବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ ବୋଲି ପ୍ରମାଣିତ ହୋଇଛି। କେବଳ ଭାରତ ନୁହେଁ, ସାରା ବିଶ୍ୱ ଦରଦାମ ବୃଦ୍ଧିଜନିତ ମୁଦ୍ରାସ୍ଫୀତି ସଙ୍କଟକୁ ସାମ୍ନା କରୁଥିବାବେଳେ ଏଥିରେ ଅଙ୍କୁଶ ଲଗାଇବାକୁ ଯାଇ ଆମେରିକାର ରିଜର୍ଭ ବ୍ୟାଙ୍କ ବୁଧବାର କ୍ରମାଗତ ତୃତୀୟ ଥର ଲାଗି ସୁଧହାର ୦.୭୫% ବଢ଼ାଇଛି। ଏହି ସୁଧହାର ବୃଦ୍ଧି ସହ ଡଲାର ଇଣ୍ଡେକ୍ସ ୨୦ ବର୍ଷର ରେକର୍ଡ ଭାଙ୍ଗିଛି। ଆମେରିକାର ଟ୍ରେଜେରି ୟିଲ୍ଡସ୍ ମଧ୍ୟ ୧୧ ବର୍ଷର ଇତିହାସରେ ସବୁଠୁ ଉପରକୁ ଉଠିଛି। ଗୁରୁବାର ରାତି ୯ଟାରେ ଡଲାର ସୂଚକାଙ୍କ ୦.୮୩୧ ପଏଣ୍ଟ ବଢ଼ି ୧୧୧.୧୧୭ରେ ପହଞ୍ଚିଛି। ଏଥିସହ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ଟ ୮୧.୧୧୫କୁ ଛୁଇଁଛି। ଗତ ଫେବୃୟାରୀ ୨୪ ପରେ ଏହା ହେଉଛି ଟଙ୍କାର ସବୁଠୁ ବଡ଼ ଅଧଃପତନ।

୪ ଦଶନ୍ଧିର ସର୍ବାଧିକ ମୁଦ୍ରାସ୍ଫୀତିକୁ ସାମ୍ନା କରୁଥିବା ବିତ୍ତଶାଳୀ ଆମେରିକା ଏହାର ମୁକାବିଲା ପାଇଁ ଆଗକୁ ଆହୁରି କଠୋର ପଦକ୍ଷେପ ନେବ ବୋଲି ଫେଡେରାଲ ରିଜର୍ଭ ଚେୟାର ଜେରୋମି ପୋୱେଲ ବୁଧବାର ସ୍ପଷ୍ଟ କରିବା ପରେ ଏସୀୟ ପୁଞ୍ଜି ବଜାରଗୁଡ଼ିକର ଫ୍ୟୁଚର୍ସ ରାତାରାତି ଧରାଶାୟୀ ହୋଇଥିଲା। ଏହି କ୍ରମରେ ଗୁରୁବାର କ୍ଲୋଜିଂ ଡେ'ରେ ଭାରତୀୟ ଶେୟାର ମାର୍କେଟ ମଧ୍ୟ ବହୁଳ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ନିଫ୍ଟି ୮୮.୫୫ ପଏଣ୍ଟ ହ୍ରାସ ପାଇ ୧୭,୬୨୯.୮୦କୁ ଖସିଥିବାବେଳେ ସେନ୍‌ସେକ୍ସ ୩୩୭.୦୬ ପଏଣ୍ଟ ତଳକୁ ଖସି ୫୯,୧୧୯.୭୨ରେ ପହଞ୍ଚିଛି। ସେହିପରି ବ୍ୟାଙ୍କ ନିଫ୍ଟି ୫୭୨.୮୫ ହ୍ରାସ ପାଇ ୪୦,୬୩୦.୬୦ରେ କାରବାର ବନ୍ଦ ହୋଇଥିଲା। ଫେଡେରାଲ ରିଜର୍ଭ ଚଳିତବର୍ଷ ଶେଷ ସୁଦ୍ଧା ସୁଧହାରର ମୋଟ ପରିମାଣକୁ ୪.୪% ପର୍ଯ୍ୟନ୍ତ ବଢ଼ାଇବା ନେଇ ଲକ୍ଷ୍ୟ ରଖିଥିବାରୁ ପରବର୍ତ୍ତୀ ଦୁଇଟି ବୈଠକ(ନଭେମ୍ବର ଓ ଡିସେମ୍ବର)ରେ ଆହୁରି ୧୨୫ ବେସିସ୍ ପଏଣ୍ଟ ବୃଦ୍ଧି ଘଟିବା ଅନୁମାନ କରାଯାଉଛି। ଏପରି ହେଲେ ଡଲାର ଆହୁରି ସବଳ ହେବ ଓ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଇବ ବୋଲି ଭାରତୀୟ ପଲିସିମେକର୍ସ ଆକଳନ କରିଛନ୍ତି।

ଡଲାର ମୂଲ୍ୟ ବୃଦ୍ଧି ପାଇଁ କେବଳ ସୁଧହାରକୁ ଦାୟୀ କରାଯାଉ ନାହିଁ। ଏହା ପୂର୍ବରୁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯୋଗୁ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଥିବାରୁ ଆମଦାନୀ ରପ୍ତାନି କ୍ଷେତ୍ରରେ ଅବଶିଷ୍ଟ ବିଶ୍ୱରେ ବ୍ୟବହୃତ ଆମେରିକୀୟ ମୁଦ୍ରା ମଜଭୁତ ହୋଇଛି। ରୁଷିଆ ଓ ୟୁକ୍ରେନ୍ ସାମଗ୍ରୀ (କମୋଡିଟିଜ୍) ଯୋଗାଣକାରୀ ଦୁଇ ବଡ଼ ରାଷ୍ଟ୍ର ହୋଇଥିବାରୁ ଯୁଦ୍ଧ ପରଠୁ ବିଭିନ୍ନ ଦେଶରେ ଅନେକ ସାମଗ୍ରୀର ସଙ୍କଟ ଦେଖାଦେଲାଣି। ଏଥିଯୋଗୁ ଅନ୍ୟ ଦେଶଗୁଡ଼ିକ ତୈଳ ଓ ଗ୍ୟାସ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଚାହିଦା ମେଣ୍ଟାଇବା ପାଇଁ ପରସ୍ପର ଉପରେ ନିର୍ଭର କରୁଛନ୍ତି। ଏଥିଲାଗି ସେମାନେ ଡଲାର ଆକାରରେ ଦେଣନେଣ କରୁଛନ୍ତି। ଇତିମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଆଣବିକ ଅସ୍ତ୍ର ପ୍ରୟୋଗ ଏବଂ ୟୁକ୍ରେନ୍‌କୁ ଅତିରିକ୍ତ ୩ ଲକ୍ଷ ସୈନ୍ୟ ପ୍ରେରଣର ଧମକ ଦେଇଥିବାରୁ ଆଗକୁ ଯୋଗାଣ ଆହୁରି ବ୍ୟାହତ ହେବା ଆଶଙ୍କା ଉପୁଜିଛି।

### ଆହୁରି ଖସିବ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ



"ଫେଡେରାଲ ରିଜର୍ଭ ସୁଧହାରରେ ୭୫ ବେସିସ୍ ପଏଣ୍ଟ ବଢ଼ାଇବା ସହ ଆଗକୁ ଆହୁରି ବୃଦ୍ଧିର ସଙ୍କେତ ଦେଇଛି। ଏଥିଯୋଗୁ ଡଲାର ଇଣ୍ଡେକ୍ସ ଆହୁରି ଉପରକୁ ଉଠିବ। ଫଳରେ ଭାରତୀୟ ଟଙ୍କା ସମେତ ଅଧିକାଂଶ ବଡ଼ ମାର୍କେଟ କରେନ୍ସି ଉପରେ ଚାପ ସୃଷ୍ଟି ହେବ। ଟଙ୍କାର ଅଧଃପତନକୁ ଦେଖିଲେ ଭାରତୀୟ ବଜାର ନିଜ ଆକର୍ଷଣ ହରାଉଥିବା ସ୍ପଷ୍ଟ ଜଣାପଡୁଛି।
-ନବୀନ କୁଲକର୍ଣ୍ଣୀ, ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଅଫିସର, ଆକ୍ସିସ୍ ସିକ୍ୟୁରିଟିଜ୍

"ଘରୋଇ ଆର୍ଥିକ ଅଭିବୃଦ୍ଧି ସତ୍ତ୍ୱେ ଭାରତୀୟ ଟଙ୍କା ଚାପରେ ରହିବ। ପୂର୍ବ ଶେସନ୍‌ରେ ଡଲାର ପିଛା ଟଙ୍କାର ବିନିମୟ ମୂଲ୍ୟ ୭୯.୯୭୫୦ ରହିଥିଲା। କିନ୍ତୁ ଫେଡ୍ ସୁଧହାର ବୃଦ୍ଧି ଘୋଷଣା କରିବା ପରେ ଏହା ୮୦.୫୮ରେ ପହଞ୍ଚି ଆଗକୁ ଆହୁରି ଅସ୍ଥିର ହେବା ନେଇ ସଙ୍କେତ ଦେଇଥିଲା। ଟଙ୍କା ଭବିଷ୍ୟତରେ ଆହୁରି ଦୁର୍ବଳ ହେବ। ନିମ୍ନଗାମୀ ଟଙ୍କାକୁ ଅଣ୍ଟା ସଳଖି ଛିଡ଼ା କରାଇବା ପାଇଁ ଆର୍‌ବିଆଇ ପ୍ରଭାବୀ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।
-ସନ୍ତୋଷ ମୀନା, ଗବେଷଣା ମୁଖ୍ୟ, ସ୍ୱସ୍ତିକ ଇନ୍‌ଭେଷ୍ଟମେଣ୍ଟ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୮୮,୧୧,୫୨୯ | ୬୫,୩୫,୨୧୮ | ୫୯,୮୭,୧୫,୬୭୪ |
| ଭାରତ | ୪,୪୫,୫୩,୦୪୨ | ୫,୨୮,୪୨୯ | ୪,୩୯,୬୮,୨୭୧ |
| ଓଡ଼ିଶା | ୧୩,୩୨,୫୩୩ | ୯୧୮୬(+୫୩) | ୧୩,୨୨,୦୯୫ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ସୁପ୍ରିମକୋର୍ଟରେ ବଂଶଧାରା ମାମଲା ଶୁଣାଣି ଘୁଞ୍ଚିଲା

**ନୂଆଦିଲ୍ଲୀ,୨୨।୯**



ବଂଶଧାରା ଜଳବିବାଦ ଟ୍ରିବ୍ୟୁନାଲ ରାୟକୁ ଚ୍ୟାଲେଞ୍ଜ କରି ଓଡ଼ିଶା ସରକାରଙ୍କ ପକ୍ଷରୁ ଦାଏର ଏକାଧିକ ପିଟିଶନର ଶୁଣାଣିକୁ ଗୁରୁବାର ସର୍ବୋଚ୍ଚ ଅଦାଲତ ଘୁଞ୍ଚାଇ ଦେଇଛନ୍ତି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହିମା କୋହଲିଙ୍କ ଖଣ୍ଡପୀଠ ଶୁଣାଣିକୁ ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ବଂଶଧାରା ନଦୀରେ ନେରାଡ଼ି ବ୍ୟାରେଜ୍ ନିର୍ମାଣ ଲାଗି ଟ୍ରିବ୍ୟୁନାଲ ୨୦୨୧ ଜୁନ୍‌ରେ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ଅନୁମତି ଦେଇଥିଲେ। ବ୍ୟାରେଜ ଡାହାଣ ପାର୍ଶ୍ୱରେ ୮,୦୦୦ କ୍ୟୁସେକ୍ କ୍ଷମତା ବିଶିଷ୍ଟ ସ୍ଲୁଇସ୍ ରହିବ ଯାହା ଆନ୍ଧ୍ରକୁ ଆବଶ୍ୟକ ବେଳେ ପାଣି ଯୋଗାଇବ। ସେହିପରି ବାମପାର୍ଶ୍ୱରେ ଥିବା ହେଡ୍ ସ୍ଲୁଇସ୍ (ଏଲ୍‌ଏଚ୍‌ଏସ୍) ଓଡ଼ିଶାର ଜଳ ଆବଶ୍ୟକତା ପୂରଣ କରିବ। ଉକ୍ତ ସ୍ଲୁଇସ୍ ନିର୍ମାଣ ବାବଦ ଖର୍ଚ୍ଚ ଓଡ଼ିଶା ସରକାର ବହନ କରିବେ ବୋଲି ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ଯେଉଁବର୍ଷ ଜଳ ପରିମାଣ କମ୍ ରହିବ, ସେହି ଅନୁପାତରେ ଜଳବଣ୍ଟନ କମ୍ କରାଯିବ ବୋଲି ଟ୍ରିବ୍ୟୁନାଲ କହିଥିଲେ। ଓଡ଼ିଶା ପକ୍ଷରୁ ଏହାକୁ ଚ୍ୟାଲେଞ୍ଜ କରାଯାଇଥିଲା। ଗତବର୍ଷ ସେପ୍ଟେମ୍ବରରେ ସର୍ବୋଚ୍ଚ ଅଦାଲତ ଉଭୟ ରାଜ୍ୟକୁ ସମସ୍ତ ଆନୁଷଙ୍ଗିକ ଡକୁମେଣ୍ଟାରୀ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶରେ ନେରାଡ଼ି ବ୍ୟାରେଜର ମିଳିତ ସର୍ଭେକୁ ବିରୋଧ କରି ୨୦୧୮ ଏବଂ ୨୦୧୯ରେ ଓଡ଼ିଶା ପକ୍ଷରୁ ସୁପ୍ରିମକୋର୍ଟରେ ଦୁଇଟି ପିଟିଶନ ଦାଏର ହୋଇଥିଲା।

# ଉଲଗ୍ନ ଅବସ୍ଥାରେ ଘରକୁ ଚାଲିଚାଲି ଗଲେ ଗଣବଳାତ୍କାର ପୀଡ଼ିତା

**ମୋରଦାବାଦ, ୨୨।୯**

ଉତ୍ତରପ୍ରଦେଶର ମୋରଦାବାଦରୁ ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଜଣେ ୧୫ ବର୍ଷୀୟା ବାଳିକା ଉଲଗ୍ନ ଅବସ୍ଥାରେ ରାସ୍ତାରେ ଚାଲିଚାଲି ଯାଉଥିବାର ସିସିଟିଭି ଫୁଟେଜ୍ ଓ ଭିଡିଓ ଭାଇରାଲ ହେବାରେ ଲାଗିଛି। ତାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ ପ୍ରାୟ ୨ କି.ମି. ଚାଲି ଘରକୁ ଯାଉଥିବା ଫୁଟେଜରେ ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ଘଟଣା ସେପ୍ଟେମ୍ବର ୧ ତାରିଖର। ହେଲେ ଭିଡିଓ ବହୁଳ ପ୍ରସାରିତ ହେବା ପରେ ଏବେ ଏହା ଚର୍ଚ୍ଚାକୁ ଆସିଛି। ମୋରଦାବାଦ ପୋଲିସ କହିବା ଅନୁଯାୟୀ, ନାବାଳିକା ଜଣକ ପଡ଼ୋଶୀ ଗ୍ରାମକୁ ମେଳା ଦେଖିବାକୁ ଯାଇଥିଲେ। ସେଠାରେ ତାଙ୍କୁ ୫ ଜଣ ଅପହରଣ କରିଥିଲେ। ପାଟିଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ନାବାଳିକାଙ୍କ ପୋଷାକ ଓ ଅନ୍ୟ ସାମଗ୍ରୀ ନେଇ ଫେରାର ହୋଇଯାଇଥିଲେ। ତାଙ୍କୁ ବଳାତ୍କାର କରାଯାଇଥିବା ନେଇ ପୀଡ଼ିତାଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ନାଁରେ ଗଣବଳାତ୍କାର ମାମଲା ରୁଜୁ ହୋଇଛି। ଗତ ୧୫ ତାରିଖରେ ଅଭିଯୁକ୍ତ ନୌଶେଦ୍ ଅଲିଙ୍କୁ ଗିରଫ କରାଯାଇଛି। ତେବେ ମେଡିକାଲ ଟେଷ୍ଟ ରିପୋର୍ଟରେ ନାବାଳିକାଙ୍କୁ ବଳାତ୍କାର କରାଯାଇ ନ ଥିବା ଉଲ୍ଲେଖ ରହିଛି। ଘଟଣାର ତଦନ୍ତ ଚାଲିଥିବା ମୋରଦାବାଦ ରେଞ୍ଜ ଡିଆଇଜି ଶାଲାଭ ମାଥୁର କହିଛନ୍ତି। ତେବେ ନାବାଳିକାଙ୍କ ମାତାପିତା ଗଣବଳାତ୍କାର ହୋଇ ନ ଥିବା ବୟାନ ଦେଇଛନ୍ତି ବୋଲି ଏସ୍‌ପି ସନ୍ଦୀପ କୁମାର ମୀନା କହିଛନ୍ତି। ପୀଡ଼ିତା ଜଣେ ମାନସିକ ରୋଗୀ ବୋଲି ମଧ୍ୟ ପୋଲିସ କହିଛି।




# ସ୍ତ୍ରୀ ଖୁସି ପାଇଁ ଅନ୍ୟର ପିଲାକୁ ହସ୍ପିଟାଲରୁ ନେଇଥିଲେ ସ୍ୱାମୀ

**ରାୟଗଡ଼ା ଅଫିସ,୨୨।୯**

ରାୟଗଡ଼ା ଜିଲା ଚିକିତ୍ସାଳୟ



ପ୍ରସବ ବେଳେ ନିଜ ସନ୍ତାନ ନଷ୍ଟ ହୋଇଯିବାରୁ ସ୍ତ୍ରୀ ଭାଙ୍ଗିପଡ଼ିଥିଲେ। ଫଳରେ ଅନ୍ୟର ଶିଶୁପୁତ୍ରକୁ ଡାକ୍ତରଖାନାରେ ଏକା ଦେଖି ସ୍ୱାମୀ ଘରକୁ ନେଇଗଲେ। ହେଲେ ୮ମାସର ଶିଶୁପୁତ୍ର ନିଜ ମା'କୁ ଛାଡ଼ି ତାଙ୍କ ପାଖରେ ରହିପାରି ନ ଥିଲେ। କାନ୍ଦ ବନ୍ଦ ନ ହେବାରୁ ସ୍ତ୍ରୀ ଶିଶୁପୁତ୍ରକୁ ଆଣି ତାଙ୍କର ଅସଲି ମା' କୋଳରେ ଦେବାକୁ ବାଧ୍ୟ ହୋଇଛନ୍ତି। ସଦର ବ୍ଲକ ଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ବଡ଼ବାଲେଶ୍ୱର ଗ୍ରାମର ଦେଶୁ ହିକକା ଏବଂ ତାଙ୍କ ସ୍ତ୍ରୀ ଜ୍ୱରରେ ପୀଡ଼ିତ ବଡ଼ ଏବଂ ମଝିଆ ପୁଅକୁ ଚିକିତ୍ସା ପାଇଁ ନେଇ ଆସିଥିବାବେଳେ ଗୁରୁବାର ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଘଟଣା ଘଟିଛି। ମେଡିକାଲ କର୍ତ୍ତୃପକ୍ଷ ପିଲାଚୋରି ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ କଲ୍ୟାଣସିଂହପୁର ବ୍ଲକ ଶିରିଗୁମା ଗ୍ରାମର ରାଜକୁମାର କନ୍ଧପାଣିଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାଯୋଗ୍ୟ, ଦେଶୁଙ୍କ ଦୁଇପୁଅ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ୮ ମାସର ସାନପୁଅ ମା' ବାପାଙ୍କ ନିକଟରେ ଥିଲେ। କୌଣସି ଜରୁରୀ କାମ ପଡ଼ିବାରୁ ଦେଶୁ ଏବଂ ସ୍ତ୍ରୀ ଶିଶୁପୁତ୍ରକୁ ଛାଡ଼ି ଅନ୍ୟତ୍ର ଯାଇଥିଲେ। ଏହି ସମୟରେ ସ୍ତ୍ରୀଙ୍କୁ ଅଲଟ୍ରାସାଉଣ୍ଡ ପାଇଁ ନେଇ ଆସିଥିବା ରାଜକୁମାର ଶିଶୁଟି କାନ୍ଦୁଥିବା ଦେଖିଥିଲେ। ମାସେତଳେ ସନ୍ତାନ ହରାଇଥିବା ତାଙ୍କ ସ୍ତ୍ରୀ ମାନସିକ ଦୁଶ୍ଚିନ୍ତାରେ ରହୁଥିବାରୁ ସେ ଶିଶୁଟିକୁ ଏକା ଦେଖି ଘରକୁ ନେଇ ଚାଲିଯାଇଥିଲେ। ଏହି ଘଟଣାରେ ଟାଉନ ଥାନାରେ ୨୨୭/୨୨ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ ପ୍ରକାଶ କରିଛି। ତେବେ କିଛିଦିନ ତଳେ ବିଷମକଟକ ସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରୁ ଜଣେ ମହିଳା ଶିଶୁ ଚୋରି କରିଥିବାବେଳେ ଏବେ ପୁଣି ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ବ୍ୟକ୍ତି ବିନା ବାଧାରେ ପିଲାଟିକୁ ନେବାରେ ସଫଳ ହେଲେ। ତେଣୁ ଜିଲାର ସରକାରୀ ଏବଂ ବେସରକାରୀ ହସ୍ପିଟାଲରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ୍ୟ ସେ ପ୍ରଜାପତି
ବରକୁ କନିଆ ଭେଟାଭେଟି।**

ଦାମ୍ପତ୍ୟ ଯୋଡି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧନ, ଯଉବନ, ଜୁଆର ପାଣି
ସବୁ ଦିନେଟି ନ ଥାଏ ଉଜାଣି।**

ଯେମିତି ଜୁଆର ପରେ ଭଟ୍ଟା ଆସିଥାଏ ସେମିତି ଧନ ମଧ୍ୟ ସମୟକ୍ରମେ ସରି ଯାଇଥାଏ। ସେହିପରି ଯୌବନ ମଧ୍ୟ ଚିରସ୍ଥାୟୀ ହୋଇ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଛତ୍ରପୁର ପୂର୍ବତନ ବିଧାୟକଙ୍କ ପରଲୋକ

**ଗଞ୍ଜାମ/ରମ୍ଭା,୨୨।୯(ଡି.ଏନ.ଏ.)** ଗଞ୍ଜାମ ଜିଲା ଛତ୍ରପୁର ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ତଥା ଶିକ୍ଷକ ନେତା ଆଦିକନ୍ଦ ସେଠୀଙ୍କ ଗୁରୁବାର ଭୋରରେ ପରଲୋକ ଘଟିଛି। ବୁଧବାର ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ପରିବାର ଲୋକେ ତାଙ୍କୁ ଖଲ୍ଲିକୋଟ ମେଡିକାଲ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

ସେଠୀ ୨୦୦୯ ରୁ ୨୦୧୪ ପର୍ଯ୍ୟନ୍ତ ଛତ୍ରପୁର ନିର୍ବାଚନ ମଣ୍ଡଳୀରୁ କମ୍ୟୁନିଷ୍ଟ ଦଳ ତରଫରୁ ବିଧାୟକ ହୋଇଥିଲେ। ସେ ବିଧାୟକ ସମୟରେ ଗଞ୍ଜାମ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ରହିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ଜିଲାପରିଷଦ ସଭ୍ୟ ସନାତନ ବେହେରା, ବ୍ଲକ ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ପୂର୍ବତନ ବିଜେଡି ସଭାପତି ବନବାସୀ ଖୁଣ୍ଟିଆ, ବରିଷ୍ଠ ବିଜେଡି ନେତା ବାନାମ୍ବର ପଲାଇ, ଭାଜପା ନେତା ଭୀମସେନ ବେହେରା, ଶିକ୍ଷାବିତ ବିଜୟ ବିଶ୍ୱାଳ, ଶିକ୍ଷକ ନେତା କୃଷ୍ଣଚନ୍ଦ୍ର ବେହେରା ପ୍ରମୁଖଙ୍କ ସହ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବିଜେଡି ଏନ୍ଏସି ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ ଏନ୍ଏସି ଉପାଧ୍ୟକ୍ଷ ନୀଳାଞ୍ଚଳ ବାରିକ, ପୂର୍ବତନ ବିଧାୟକ ପ୍ରତିନିଧି ପଙ୍କଜ କୁମାର ବାରିକ ପ୍ରମୁଖ ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।


ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀ

# ମାର୍ଚ୍ଚ ସୁଦ୍ଧା ସବୁ ବଡ଼ ଗାଡ଼ିରେ ପାନିକ ବଟନ

**ଭୁବନେଶ୍ୱର, ୨୨।୯(ବ୍ୟୁରୋ)** ରାଜ୍ୟର ସର୍ବସାଧାରଣ ସେବାରେ ବ୍ୟବହୃତ ହେଉଥିବା ସମସ୍ତ ବଡ଼ ଯାନରେ ଲାଗିବ ଟ୍ରେକିଂ ଲୋକେସନ ଟ୍ରାକିଂ ଡିଭାଇସ୍ ଓ ପାନିକ୍ ବଟନ। ସଡ଼କରେ ସୁରକ୍ଷିତ ଯାତ୍ରା ଲାଗି କେନ୍ଦ୍ର ସରକାର ୨୦୧୮ରେ ଆଣିଥିବା ଏହି ନିର୍ଦ୍ଦେଶକୁ ଏବେ ରାଜ୍ୟ ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏ ନେଇ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୁରୁଣା ଗାଡ଼ି ମାଲିକମାନଙ୍କ ପାଇଁ ମାର୍ଚ୍ଚକୁ ଡେଡ୍‌ଲାଇନ୍ ରଖାଯାଇଛି।

ଜାରି କରାଯାଇଥିବାବିଜ୍ଞପ୍ତି ଅନୁଯାୟୀ, ୨୦୨୨ ଡିସେମ୍ବର ୩୧ ପୂର୍ବରୁ କିଣାଯାଇଥିବା ଗାଡ଼ିଗୁଡ଼ିକ ପାଇଁ ଡେଡ୍‌ଲାଇନ ଧାର୍ଯ୍ୟ କରାଯାଇଛି। ୨୦୨୩ ମାର୍ଚ୍ଚ ୩୧ ସୁଦ୍ଧା ଗାଡ଼ିରେ ଏହି ଡିଭାଇସ୍ ଲଗାଇବାକୁ ଚାଳକ ବାଧ୍ୟ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ୨୦୨୩ ଜାନୁୟାରୀରେ କିଣାଯିବାକୁ ଥିବା ଗାଡ଼ିର ରେଜିଷ୍ଟ୍ରେଶନ୍ ପୂର୍ବରୁ ଏହି ଡିଭାଇସ୍ ଲାଗିଥିବା ଜରୁରୀ। ହେଲେ ଦୁଇ ଚକିଆ ଏବଂ ୩ ଚକିଆ ଗାଡିକୁ ଏଥିରୁ ବାଦ୍ ଦିଆଯାଇଛି। ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ଦୁର୍ଘଟଣା ଘଟିଲେ ଗୋଟିଏ ବଟନ୍ ଦବାଇବା ମାତ୍ରେ କଣ୍ଟ୍ରୋଲ ରୁମ୍‌କୁ ମେସେଜ୍ ଚାଲିଯିବ। ଏହି ସିଷ୍ଟମରେ କୌଣସି ଗାଡିରେ ପର୍ମିଟ ନ ଥିଲେ ମଧ୍ୟ ଜଣାପଡ଼ିଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏସ୍‌ଟିଏ ଯୁଗ୍ମ କମିଶନର ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି, ଯାତ୍ରୀବାହୀ ଗାଡ଼ିର ଯାତ୍ରୀ ଯେତେବେଳେ ପାନିକ୍ ବଟନ୍‌କୁ ଦବାଇବେ ସଙ୍ଗେ ସଙ୍ଗେ ପାର୍ଶ୍ୱବର୍ତ୍ତୀ ଏନ୍‌ଫୋର୍ସମେଣ୍ଟ ଗାଡି ସଚେତନ ହୋଇଯିବ। ଉକ୍ତ ଗାଡିକୁ ଟ୍ରାକ୍ କରାଯିବ। ଗାଡିର ଅବସ୍ଥିତି ନେଇ ଏହି ଟ୍ରାକିଂ ଡିଭାଇସ୍ ସୂଚନା ଦେବ। କେବଳ ସେତିକି ନୁହେଁ, ପାନିକ୍ ବଟନ ଚାଳକଙ୍କୁ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ପ୍ରଦାନ କରିବ। ଭୁବନେଶ୍ୱରରେ ଏହାର କମାଣ୍ଡ କଣ୍ଟ୍ରୋଲ୍ ରୁମ୍ ରହିବ। କୌଣସି ଦୁର୍ଘଟଣା ଘଟିଲେ କିମ୍ବା ଯାତ୍ରୀଙ୍କ କୌଣସି ଅସୁବିଧା ହେଲେ ପାନିକ୍ ବଟନ୍ ଦବାଇବା ଦ୍ୱାରା ଏହା କଣ୍ଟ୍ରୋଲ ରୁମ୍‌କୁ ଜଣାପଡ଼ିଯିବ। ଏହି ବ୍ୟବସ୍ଥା ଦ୍ୱାରା ଗାଡ଼ିର ଅବସ୍ଥିତି ନେଇ ମାଲିକ ଏବଂ ଅନ୍ୟ ପଞ୍ଜୀକୃତ ଅଧିକାରୀଙ୍କୁ ୨୪ ଘଣ୍ଟିଆ ସୂଚନା ଦିଆଯାଇପାରିବ। ଗାଡିରେ ଟ୍ରେକିଂ ଲୋକେସନ ଡିଭାଇସ୍ ଲାଗିବା ଦ୍ୱାରା ଗାଡ଼ି ମାଲିକ, ପୋଲିସ, ଫାୟାର, କଣ୍ଟ୍ରୋଲ ରୁମ୍ ଏବଂ ଅନ୍ୟ ଅଧିକୃତ ସଂସ୍ଥାକୁ ସୂଚନା ମିଳିବ। ଚୋରି, ଦୁର୍ଘଟଣା କିମ୍ବା ଅନ୍ୟ ଅଘଟଣ ଘଟିଲେ ଗାଡ଼ିର ଅବସ୍ଥିତି ସହଜରେ ଜଣାପଡ଼ିଯିବ ବୋଲି ସେ ସୂଚନା ଦେଇଛନ୍ତି।

# ପୁନର୍ଗଠିତ ହେବ ଓଡ଼ିଶା ସମବାୟ ସେବାବର୍ଗ

**ଭୁବନେଶ୍ୱର,୨୨।୯(ବ୍ୟୁରୋ):** ଓଡିଶା ସମବାୟ ସେବାବର୍ଗ ହେଉଛି ଓଡିଶା ପ୍ରଶାସନିକ ସେବାବର୍ଗର ଗୋଟିଏ ଅଂଶ। ବର୍ତ୍ତମାନ ନିବନ୍ଧକ ସମବାୟ ସମିତି ସମୂହ, ଓଡିଶାଙ୍କ କାର୍ଯ୍ୟଭାର, ଦାୟିତ୍ୱ ଓ ଉତ୍ତରଦାୟିତ୍ୱ ବହୁ ମାତ୍ରାରେ ବୃଦ୍ଧି ପାଇଛି। ଏହାର ପ୍ରତିଷ୍ଠା ହେବା ଠାରୁ ମାତ୍ର ଛୋଟିଆ ପୁନର୍ଗଠନ ୨୦୧୧ ମସିହାରେ ହୋଇଥିଲା। ପ୍ରମୋଶନରେ ବାଧକତା ହେତୁ ଏହି ବର୍ଗରେ ସେବାରତ ଅଧିକାରୀମାନେ ଚାକିରୀ କାଳ ମଧ୍ୟରେ ପ୍ରମୋଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣୁ ଓଡିଶା ସମବାୟ ସେବାବର୍ଗର ଆବଶ୍ୟକତା ଅନୁସାରେ ପୁନର୍ଗଠନର ଆବଶ୍ୟକତା ଦେଖି ରାଜ୍ୟ ସରକାର ଗୁରୁବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ କରିଛନ୍ତି। ଏହି ପୁନର୍ଗଠନ ସେବାବର୍ଗକୁ ପଦୋନ୍ନତିରେ ଗତିଶୀଳ କରି ଏହାର କାର୍ଯ୍ୟଦକ୍ଷତା ବୃଦ୍ଧିରେ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ଓଡିଶା ସମବାୟ ସେବାବର୍ଗର ପଦବୀ ସଂଖ୍ୟା ୧୨୨ରୁ ୨୦୩କୁ ବୃଦ୍ଧି କରିବା ଦିଗରେ ନିଷ୍ପତ୍ତି ନେଇ ପ୍ରସ୍ତାବ ପାରିତ କରିଛନ୍ତି।


# classifieds Everyday 0674-2580101, 2549302




**SALE**

Renault Kwid-2020, INNOVA-2015, WagonR-2009, Creta Automatic, Nissan Sunny 2012 for sale. 9861194627, 7381091234. D-74120




**SALE**

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

**ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277.** 1539

**Clean ପ୍ଲଟ୍ immediate registration price double ଦୁଇ ବର୍ଷ ଭିତରେ, high potential roads, ଗଙ୍ଗପଡ଼ା, ପଟିଆ ପରି ବଢ଼ିଚାଲିଛି। sqft. 1050/-. Contact- 9040045759.** D-74121

**Readymade 2/3 BHK flat sale at Acharyavihar. Contact: 7978209277.** D-1537

ଘରବାରି ପ୍ଲଟ୍ ବାଉଣ୍ଡାରୀ ସହିତ ଭୁବନେଶ୍ୱର ବିର୍ଲା ସ୍କୁଲକୁ ଲାଗିକି ମାତ୍ର **Rs 850/-sqft. Mob: 7008368091, 9437714391.** D-1576

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-73967

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ । **Mob.- 9827119799** D-1580

**Bhubaneswar Khorda near 100ft. road available ଘରବାଡ଼ି ଜମି immediate registration, possession book @ 3lacs. 9078263828.** D-1520

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112




Ashirvaad Saloon and SPA getgood massage for your health tha best therapy. 7077181074. D-73973

**One hour any therapy by expert therapist @999 only. 9078484455.** D-73645

Only professional massage and steam bath, Trupti Spa - 9337337007, 9861550765. D-1577

**Relax, Refresh your body, Mind at Saikrupa Spa with best therapies. 8984068077.** D-1543

Newly opened full body massage center by expert therapist. 7381172169. D-73648

Full body massage in homely atmosphere. All Therapy, Mob.- 8114881641. D-73714

Newly open Spa positively health benefit with expert. Contact: 7749976301. D-73873




Join through Pre-Recruitment Training, Defence, Police, Railways, Banking, Tutorial coaching for 9th, 10th, 11th, 12th students for success. 9938238840, 8984604233. D-73646

Medical Exam. Registration- BAMS/ BHMS/ BUMS/ BDS/ BPT/ ANM/ GNM/ D.Pharma/ Dental Hygiene/ DHMS/ DAMS/ DUMS. W.A- 9064681304. D-1600

**LOST**

It is notified for information that my Original Pass Certificate and Marksheet issued by ICSE from Saint Lawrence School of passing year 2020 has been lost or misplaced. Name- Nathaniel Thomas Babu, Index No.- 1206819/090, Address- S.B. Pharmaceutical, Similipada, Angul- 759122. Tel- 8984285232. D-1598




**Save on Electricity bills. Forget power interruptions. Install Nexus brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090, 9777065888.** D-73647

**AFFIDAVIT**

Affidavit before Executive Magistrate, Dhenkanal, I Dillip Nayak, At-Balaram Vihar, PO-Jubuleetown, Dhenkanal changed my Son's name from Gourav Nayak to Gaurav S.S Nayak, DOB-02.06.2010 for LIC Policy- 598609619 and all purposes. D-74015

By virtue of an affidavit sworn before the Notary Public, Jharsuguda I, Susanta Kumar Darjee, R/o. At/PO. Ektali, Dist. Jharsuguda declared that I am serving as soldier in India Army. My wife's actual name is Shweta Darjee, but in my service record her name has been wrongly mentioned as Sweta Darjee. That Shweta Darjee and Sweta Darjee are the names of one and same person. D-1602

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କ୍ରୀଡ଼ା ଛାତ୍ରାବାସ ଶିକ୍ଷାର୍ଥୀଙ୍କ ଲାଗି ୧୫% ସଂରକ୍ଷଣ

**ଭୁବନେଶ୍ୱର,୨୨।୯(ବ୍ୟୁରୋ):** ଭୁବନେଶ୍ୱର ଏବଂ ସମ୍ବଲପୁର କୁଲୁଣ୍ଡି ଠାରେ ଥିବା ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ନାମଲେଖା ନିମନ୍ତେ କ୍ରୀଡ଼ା ଛାତ୍ରାବାସରୁ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ୧୫% ଆସନ ସଂରକ୍ଷିତ ରହିବ। କ୍ରୀଡ଼ା ଓ ଯୁବସେବା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ଲାଭ କରିଛି। ନୂତନ ସଂରକ୍ଷଣ ବ୍ୟବସ୍ଥାରେ ବିଭିନ୍ନ ବର୍ଗଙ୍କ ନିମନ୍ତେ ପୂର୍ବରୁ ନିର୍ଦ୍ଧାରିତ ଥିବା ସଂରକ୍ଷଣ ମାତ୍ରା ୫୦% ଭିତରେ ସୀମିତ ରହିବ। ଏହାଛଡ଼ା ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ମନୋନୟନ ପ୍ରକ୍ରିୟାରେ କ୍ରୀଡ଼ା ଛାତ୍ରାବାସ ଶିକ୍ଷାର୍ଥୀଙ୍କ ନିମନ୍ତେ ୫% ନମ୍ବର କୋହଳ କରାଯିବ।

## ୭୦ ହଜାର ହେକ୍ଟର...

ପ୍ରଥମ ପୃଷ୍ଠାରୁ...

ଉକ୍ତ ଯୋଜନାରେ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ଖରସୁଆଁ, କାଣୀ ଓ ବୈତରଣୀ ନଦୀରୁ ଜଳ ଉତ୍ତୋଳନ କରାଯାଇ ୧୨, ୯୧୪ ହେକ୍ଟର ଚାଷ ଜମିକୁ ଜଳସେଚନ ଯୋଗାଇ ଦିଆଯିବ। ଜଳସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସକାଶେ ୩୨୬ କୋଟି ୬୭ ଲକ୍ଷ ଟଙ୍କା ଏବଂ ୧୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ୨୯ କୋଟି ୫୦ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁର କରିଛି। ପ୍ରକଳ୍ପ କାର୍ଯ୍ୟ ଆସନ୍ତା ୩ ବର୍ଷ ମଧ୍ୟରେ ଶେଷ କରାଯିବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଯାଜପୁର ଓ କେନ୍ଦ୍ରାପଡା ଜିଲାର କୃଷକମାନେ ଉପକୃତ ହେବା ସହ ପାରମ୍ପରିକ ଧାନ ଫସଲ ବଦଳରେ ଅର୍ଥକରୀ ଫସଲ କରିବାକୁ ଉତ୍ସାହିତ ହେବେ। ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର କୃଷକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ସହାୟକ ହେବ।

ସେହିପରି ପାର୍ବତୀଗିରି ମେଗା ଉଠା ଜଳସେଚନ ଯୋଜନା ଅଧୀନରେ କଟକ ଓ ଅନୁଗୋଳ ଜିଲାରେ ମହାନଦୀ ଏବଂ ବ୍ରାହ୍ମଣୀ ନଦୀରୁ ଜଳ ଉତ୍ତୋଳନ କରି ୧୪,୩୩୨ ହେକ୍ଟର ଚାଷ ଜମିକୁ ଜଳସେଚନ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ପ୍ରକଳ୍ପର ନିର୍ମାଣ ପାଇଁ ଡକାଯାଇଥିବା ୪୩୧ କୋଟି ୪୭ ଲକ୍ଷ ଏବଂ ୧୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ୩୪ କୋଟି ୫୨ ଲକ୍ଷ ଟଙ୍କାର ଟେଣ୍ଡରେ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ ୩୬ ମାସ ମଧ୍ୟରେ ଶେଷ କରାଯିବ। ଉକ୍ତ ଜିଲାର କୃଷକମାନେ ଉପକୃତ ହେବା ସହ ପାରମ୍ପରିକ ଧାନ ଫସଲ ବଦଳରେ ଅର୍ଥକରୀ ଫସଲ କରିବାକୁ ଉତ୍ସାହିତ ହେବେ। ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର କୃଷକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ସହାୟକ ହେବ।

ସେହିପରି ପାର୍ବତୀଗିରି ମେଗା ଉଠା ଜଳସେଚନ ଯୋଜନା ଅଧୀନରେ କେନ୍ଦୁଝର ଜିଲାର ଆନନ୍ଦପୁର ବାମମୁଖ୍ୟ କେନାଲ ବିଦ୍ୟାଧରପୁର ଆନିକଟ, ହଦଗଡ଼ ଜଳଭଣ୍ଡାର, ଆନନ୍ଦପୁର ଆନିକଟ ଏବଂ ବ୍ରାହ୍ମଣୀ ନଦୀରୁ ଜଳ ଉତ୍ତୋଳନ କରି ୧୭,୦୦୦ ହେକ୍ଟର ଚାଷ ଜମିକୁ ଜଳସେଚନ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ପ୍ରକଳ୍ପର ନିର୍ମାଣ ପାଇଁ ଡକାଯାଇଥିବା ୫୧୧ କୋଟି ୩୦ଲକ୍ଷ ଏବଂ ୧୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ୪୧ କୋଟି ୬୫ ଲକ୍ଷ ଟଙ୍କାର ଟେଣ୍ଡର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ ୩୬ ମାସ ମଧ୍ୟରେ ଶେଷ କରାଯିବ। ଉକ୍ତ ଜିଲାର କୃଷକମାନେ ଉପକୃତ ହେବା ସହ ପାରମ୍ପରିକ ଧାନ ଫସଲ ବଦଳରେ ଅର୍ଥକରୀ ଫସଲ କରିବାକୁ ଉତ୍ସାହିତ ହେବେ। ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର କୃଷକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ସହାୟକ ହେବ।

ବଲାଙ୍ଗୀର ଜିଲାର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ଜଳସେଚନ କ୍ଷମତା ବୃଦ୍ଧି, ଜଳର ସୁଷମ ବଣ୍ଟନ ଓ ଜଳ ଅପଚୟ ରୋକିବା ଏବଂ କମ୍ ଜମି ଅଧିଗ୍ରହଣ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଖୋଲା କେନାଲ ଜଳସେଚନ ବଦଳରେ ଭୂତଳ ପାଇପ ଦ୍ୱାରା ଜଳସେଚନ ବ୍ୟବସ୍ଥା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବଲାଙ୍ଗୀର ଜିଲାର ୧୩ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏ ନେଇ ଜଳସମ୍ପଦ ବିଭାଗ ଦ୍ୱାରା ଚୂଡ଼ାନ୍ତ କରାଯାଇଥିବା ୬୩୪ କୋଟି ୧୪ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପଟି ୩୦ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଟେଣ୍ଡର ନେଇଥିବା ସଂସ୍ଥା ୫ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣା ବେକ୍ଷଣ କରିବ।

ନଦୀ ଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ୨୦୧୯-୨୦ରୁ ୧୧୭୦୦ କୋଟି ଟଙ୍କା ବ୍ୟୟରେ ନଦୀଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପ ଯୋଜନା କରିଛନ୍ତି। ଏହି ପ୍ରକଳ୍ପ ଜରିଆରେ ଭଦ୍ରକ ଜିଲାର ଧାମନଗର ବ୍ଲକ ଅଧୀନ କୁତୁରିଆ ଗ୍ରାମ ନିକଟରେ କୋଚିଲା ନଦୀରେ ଓ ଯାଜପୁର ଜିଲାର ଦଶରଥ ପୁର ବ୍ଲକ ଅଧୀନ ଧୋବାବିଲ ଗ୍ରାମ ନିକଟ ବୈତରଣୀ ନଦୀରେ ଏକ ମିଳିତ ଆନିକଟ ନିର୍ମାଣ ହେବ। ଏହି ପ୍ରକଳ୍ପ ପାଇଁ ୨୦୦,୦୦,୦୦,୦୦୦ ଟଙ୍କା ଏବଂ ୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ୧,୦୦,୦୦,୦୦୦ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପ କାର୍ଯ୍ୟ ୩୦ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଉକ୍ତ ପ୍ରକଳ୍ପ କୋଚିଲା ନଦୀରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣ କରିବା ସହିତ ବୈତରଣୀ ନଦୀକୁ ପୁନରୁଜ୍ଜୀବିତ କରିବାରେ ସହାୟକ ହେବ। ଏହା ଭଦ୍ରକ ଜିଲା ଧାମନଗର ବ୍ଲକ ଓ ଯାଜପୁର ଜିଲା ଦଶରଥପୁର ବ୍ଲକର ଲୋକମାନଙ୍କର ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ କରାଇବ। ଏହାଛଡା ଏହି ପ୍ରକଳ୍ପ ସ୍ଥାନୀୟ ଲୋକଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇଯିବ। ସଭାସମିତିରେ ଉନ୍ନତ ମାନର ଆଲୋଚନା, ପାରିବାରିକ ସଦ୍‌ଭାବ ପାଇବେ। ମଧ୍ୟାହ୍ନରେ ବନ୍ଧୁମାନଙ୍କ ସହଯୋଗରେ ଅଟକି ରହିଯାଇଥିବା ଅଫିସ କାର୍ଯ୍ୟ ତ୍ୱରାନ୍ୱିତ ହେବ। କୃତ୍ତିକା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଶା ପୂରଣ ସମ୍ଭାବନା ରହିଛି।

**ବୃଷ** ମୃଗଶିରା ନକ୍ଷତ୍ର ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇ ସମାଲୋଚିତ ହେବେ। ଜମିଜମା କାରବାର, ନୂତନ ଘର ତିଆରି, ଯାନବାହନ ମରାମତି, ଦୋକାନର ଉନ୍ନତୀକରଣ ଓ ସଭାସମିତିରୁ ଉପକୃତ ହେବେ। ଆନୁଷ୍ଠାନିକ କାମରେ ଟେନସନ୍ ଲାଗିରହିବ। ବିଗତ ଦିନରେ ଘଟିଯାଇଥିବା ଘଟଣାର ମୋଡ଼ ବଦଳି ଯାଇପାରେ।

**ମିଥୁନ** ଆଜି ପୁନର୍ବସୁ ନକ୍ଷତ୍ରର କୌଣସି ଆନୁଷ୍ଠାନିକ କାମରେ ନିୟୋଜିତ ରହିବେ। ଦିନ ମଧ୍ୟରେ ଘର କିମ୍ବା ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବାକୁ ମନ ବଳାଇବେ। ଗୃହସୀମାକୁ କେନ୍ଦ୍ରକରି ଭାଇ କିମ୍ବା ପଡ଼ୋଶୀଙ୍କ ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କର୍କଟ** ପୁଷ୍ୟା ନକ୍ଷତ୍ର ଦୃଢ଼ ମନୋବଳ ନେଇ ଆଗକୁ ମାଡି ଚାଲିବେ। ଆପଣଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟହୋଇ ସମ୍ପର୍କୀୟ ପଛରେ ସମାଲୋଚନା କରିପାରନ୍ତି। କଚେରି ମାମଲା ମନ୍ଥର ହେବା କାରଣରୁ ଉଦ୍‌ବେଗ ବୃଦ୍ଧି ପାଇବ। ଆତ୍ମୀୟଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, ମାତ୍ର ନିଜର ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇବ।

**ସିଂହ** କର୍ମକ୍ଷେତ୍ରରେ ଅବହେଳା ଯୋଗୁ କାମଟି ବିଗିଡ଼ି ଯାଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ, ଯାହାକି ଦୁଶ୍ଚିନ୍ତା ସୃଷ୍ଟି କରିପାରେ। ପାରିବାରିକ କ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବାରୁ ଖୁସି ରହିବେ। ମଘା ନକ୍ଷତ୍ରର ବ୍ୟବସାୟ, ବାଣିଜ୍ୟରୁ ଭଲ ଲାଭ ପାଇବେ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିବ।

**କନ୍ୟା** ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ କାମ ଠିକ୍ ଭାବେ ସମ୍ପନ୍ନ ହେବା କଷ୍ଟକର ହେବ। ମୁହଁରେ ମିଠା କଥା କହି ପରୋକ୍ଷରେ ଶତ୍ରୁତା କରୁଥିବା ଲୋକମାନେ ହଠାତ୍ ପରିସ୍ଥିତିବଶତଃ ମିତ୍ରତା ସାଜିବା ପାଇଁ ଚେଷ୍ଟିତହେବେ। ହସ୍ତା ନକ୍ଷତ୍ରର ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ।

**ତୁଳା** ଆଜିର କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ କାମ ହାସଲ କରିବାରେ ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କାମରେ ଗଠନମୂଳକ ପରାମର୍ଶ ଦେଇ ବନ୍ଧୁମାନଙ୍କ ପ୍ରିୟପାତ୍ର ହେବେ। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣ ତଥା ବ୍ୟବସାୟଭିତ୍ତିକ କାମଗୁଡ଼ିକ ସୁରୁଖୁରୁରେ ହୋଇଯିବ।

**ବିଛା** ପରିବାର ମଧ୍ୟରେ ବିଭିନ୍ନ ସମସ୍ୟା ଲାଗିରହିଥିଲେ ମଧ୍ୟ ଆଜି ସୁନ୍ଦର କଥାରେ ବନ୍ଧୁଙ୍କୁ ଆପଣାର କରିବେ। ଅନୁରାଧା ନକ୍ଷତ୍ର ଅଫିସ କାମରେ ପ୍ରତ୍ୟେକ ଦିଗକୁ ବିଚାର କରି କାମ କରନ୍ତୁ। ସାଧାରଣ କଥାକୁ ନ ବୁଝି ଘଟଣାକୁ ଅତିରଞ୍ଜିତ କରି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ଧନୁ** ନିଜ ଲୋକଙ୍କ ପରୋକ୍ଷ ଶତ୍ରୁତା ହେତୁ ଭାବପ୍ରବଣତା ବୃଦ୍ଧି ପାଇବ। ମୂଳା ନକ୍ଷତ୍ର ସରକାରୀ ସ୍ତରରୁ ଆଶା କରୁଥିବା ଶୁଭ ଖବର ପାଇ ଉଲ୍ଲସିତ ହେବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ପରିବାର ମଧ୍ୟରେ ନିଜର ମନୋଭାବକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**ମକର** ଆଜି ନିଜର ପାରିବାରିକ ସମସ୍ୟାକୁ ନେଇ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ଜମିଜମା କ୍ରୟ ବିକ୍ରୟ କିମ୍ବା ନୂତନ ବାଣିଜ୍ୟାରମ୍ଭ ପାଇଁ ମନ ବଳାଇବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ । କିଛିଟା ଲୋଭନୀୟ ପ୍ରତିଶ୍ରୁତି ପ୍ରଦାନ କରି ବନ୍ଧୁଙ୍କ ସହ ନୂତନ ସମ୍ପର୍କରୁ ଖୁସି ରହିବେ।

**କୁମ୍ଭ** ଆଜି ଦିନ ମଧ୍ୟରେ ଯେଉଁଠି ଯାହା କହିବେ କିମ୍ବା କରିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ଶତଭିଷା ନକ୍ଷତ୍ରର କେତେକ ଆକସ୍ମିକ ସମସ୍ୟାକୁ ନେଇ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ନୂଆ ଯୋଜନା କରିବା ସକାଶେ ବନ୍ଧୁଙ୍କ ପରାମର୍ଶ ଆବଶ୍ୟକ ମନେକରିବେ।

**ମୀନ** ମାନସିକ ଅସ୍ଥିରତା କାରଣରୁ କାମ ଉତ୍ସାହପ୍ରଦ ହେବ ନାହିଁ। ରେବତୀ ନକ୍ଷତ୍ରର ଖର୍ଚ୍ଚଭାର ବଢ଼ି ବଢ଼ି ଯିବା କାରଣରୁ ମନରେ ସରସତା ରହିବ ନାହିଁ । କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ କ୍ଷେତ୍ରରେ ସମସ୍ୟା ସମାଧାନ କରିପାରିବେ। ସଭାସମିତିରେ ସଫଳତା ହାସଲ କରି ଆନନ୍ଦ ଅନୁଭବ କରିବେ ।

## ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ...

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ୨୦୫ ଛେଳିକୁ ଉଦ୍ଧାର କରାଯାଇ ଅନ୍ୟ ଏକ ଗାଡ଼ିରେ ଭୁବନେଶ୍ୱର ପଠାଇ ଦିଆଯାଇଥିବା ବେଳେ ନିଖୋଜ ଥିବା ୨୦ରୁ ଉର୍ଦ୍ଧ୍ୱ ଛେଳି ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ତେବେ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ଭଣ୍ଡାରିପୋଖରୀ ଥାନାଧିକାରୀ ଅମିତାଭ ଦାସ କହିଛନ୍ତି।

## ୨ହଜାର ଟଙ୍କାରେ...

ପାନ ହାଁସଦା ଏହି ପିଲା ବିକ୍ରି କଥା ଗାଁ ଲୋକଙ୍କୁ ଜଣାଇବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ଲୋକ ଏକତ୍ରିତ ହୋଇ ପିଲା କିଣିଥିବା ବ୍ୟକ୍ତିଙ୍କ ଘରକୁ ଯାଇ ଗୋଟିଏ ପୁଅକୁ ଉଦ୍ଧାର କରିଥିଲେ। ପରେ ନୀଳଗିରି ପୋଲିସ ପହଞ୍ଚି ଅନ୍ୟ ଜଣଙ୍କୁ ଉଦ୍ଧାର କରିଥିଲା।

# କାର୍‌ ସିକ୍ରେଟ ଚାମ୍ବରରେ ରୁପା ଇଟା

**ଅବକାରୀ ଚଢ଼ାଉ ବେଳେ ଧରାପଡ଼ିଲା**

- ୧ କୁଇଣ୍ଟାଲ ରୁପା ଇଟା ସହ ୧୧.୯ ଲକ୍ଷ ଟଙ୍କା ଜବତ
- ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର, ୨ ଅଟକ
- ଆସିକାରୁ ଖଡ଼ଗପୁର ଯାଉଥିଲା

କଟକ ଅଫିସ,୨୨।୯

ଗଞ୍ଜେଇ ଧରିବାକୁ ଯାଇ ଧରିଲେ ୧ କୁଇଣ୍ଟାଲ ରୁପା ଇଟା। ତା ସାଙ୍ଗକୁ ୧୧.୯୦ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି। ଏକ କାର୍‌ର ସିକ୍ରେଟ୍ ଚାମ୍ବରରୁ ବିପୁଳ ପରିମାଣର ରୁପା ଇଟା ଧରିବା ପରେ ଅବକାରୀ ବିଭାଗ ମାମଲାକୁ ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରିଛି। ଗୁରୁବାର ସକାଳ ପ୍ରାୟ ୯ଟାରେ କଟକ-ଟାଙ୍ଗୀ ଟୋଲ୍ ଗେଟ୍ ନିକଟରୁ ଏତେ ପରିମାଣର ରୁପା ଇଟା ଜବତ ହୋଇଥିବାରୁ ଟିକସ ଫାଙ୍କି ସନ୍ଦେହ କରାଯାଇ ତଦନ୍ତ ଚାଲୁରହିଥିବା ଜଣାଯାଇଛି।

ପ୍ରକାଶ ଯେ, କେନ୍ଦ୍ରାଞ୍ଚଳ ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ଖବର ପାଇ କଟକ ଜିଲା ଟାଙ୍ଗୀ ଟୋଲ୍ ଗେଟ୍ ନିକଟରେ ଚଢ଼ାଉ କରିଥିଲେ। ଡିଏସ୍‌ପି ପ୍ରତାପ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ କାର (ଡବ୍ଲ୍ୟୁବି୫୦-ଆର-୫୮୭୬)କୁ ତନଖି କରିବା ପରେ ସେଥିରେ ବହୁ ରୁପା ଇଟା, ଅଳଙ୍କାର ଓ ଟଙ୍କା ଥିବା ଦେଖିବାକୁ ମିଳିଥିଲା। ବିଶେଷକରି ଏତେ ପରିମାଣର ରୁପା, ଅଳଙ୍କାର ଏବଂ ଟଙ୍କା ବିଷୟରେ ଯେମିତି କେହି ଜାଣି ନ ପାରିବେ, ସେଥିପାଇଁ ସେଗୁଡ଼ିକୁ ପଛ ସିଟ୍ ତଳେ ସିକ୍ରେଟ ଚାମ୍ବର କରାଯାଇ ନିଆଯାଉଥିଲା। ଅବକାରୀ ବିଭାଗ ଉକ୍ତ କାର୍ ସହ ସମସ୍ତ ସାମଗ୍ରୀ ଓ ଟଙ୍କାକୁ କଟକସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ଆଣିଥିଲା। ଅବକାରୀ ବିଭାଗ ସମ୍ପର୍କିତ କୌଣସି ଚୋରା ସାମଗ୍ରୀ କାର୍‌ରୁ ମିଳି ନ ଥିବାରୁ ଏନେଇ ଜିଏସ୍‌ଟି ବିଭାଗକୁ ଜଣାଇବାକୁ ନିଷ୍ପତ୍ତି ହୋଇଥିଲା। ଜିଏସ୍‌ଟି ବିଭାଗର ଅଧିକାରୀମାନେ ସେଠାରେ ପହଞ୍ଚିବା ପରେ ତାଙ୍କୁ ଜବତ ସାମଗ୍ରୀ ହସ୍ତାନ୍ତର କରାଯାଇଥିଲା। ଜିଏସ୍‌ଟି ବିଭାଗ ପକ୍ଷରୁ ଇଟାଗୁଡ଼ିକୁ ଓଜନ କରାଯିବା ସହ ମୋଟ ୪୭ ଖଣ୍ଡ ଛୋଟ, ବଡ଼ ଇଟା ଓ ୧୯ଟି ରୁପା ଅଳଙ୍କାର ପ୍ୟାକେଟ ରହିଥିବା ଜଣାପଡ଼ିଥିଲା।

କାର୍ ଚାଳକଙ୍କ ସୂଚନା ଅନୁସାରେ ରୁପା ଇଟାଗୁଡ଼ିକ ଆସ୍କାରୁ ଖଡ଼ଗପୁର ଅଭିମୁଖେ ନିଆଯାଉଥିଲା। ଏଗୁଡ଼ିକର ମାଲିକ ହେଉଛନ୍ତି ଖଡ଼ଗପୁର ଦାମୋଦରପୁର ଅମିତ ମାଝି। ସେ ଆସ୍କାର ବାବୁ ଭାଇଙ୍କଠାରୁ ଏଗୁଡ଼ିକୁ କିଣି ବିକ୍ରି ଉଦ୍ଦେଶ୍ୟରେ ନେଉଥିଲେ। କେବଳ ଚାଳକ ହିସାବରେ ଦିନକୁ ୧ହଜାର ଟଙ୍କା ପାରିଶ୍ରମିକ ମିଳେ ବୋଲି ଚାଳକ ଜଣକ ପଚରାଉଚୁରାବେଳେ ଉତ୍ତର ରଖିଥିବା ଜଣାଯାଇଛି। ତେବେ ଯାଞ୍ଚ ବେଳେ ଚାଳକ ଜଣକ କୌଣସି କାଗଜପତ୍ର ଦେଖାଇ ପାରିନଥିବା ବେଳେ ଜିଏସ୍‌ଟି ଠକେଇ ହୋଇଥିବା ନେଇ ସନ୍ଦେହ କରାଯାଉଛି। ଯଦି ସବୁକିଛି ଠିକ୍ ଓ ନିୟମରେ କରାଯାଉଛି ତାହେଲେ ମାଲ୍‌ଗୁଡ଼ିକ ପରିବହନ ବେଳେ ସାଙ୍ଗରେ କାହିଁକି କାଗଜପତ୍ର ନାହିଁ ଓ ସେଗୁଡ଼ିକୁ କାହିଁକି ସିକ୍ରେଟ ଚାମ୍ବରରେ ରଖି ନିଆଯାଉଥିଲା ବୋଲି ଜିଏସ୍‌ଟି ଅଧିକାରୀ ସନ୍ଦେହ ପ୍ରକାଶ କରିଛନ୍ତି। ଏନେଇ ଜିଏସ୍‌ଟି ଅଧିକାରୀମାନେ ଉକ୍ତ ଡ୍ରାଇଭରଙ୍କ ସମେତ ଗାଡ଼ିରେ ଯାଉଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ଅଧିକ ଖୋଳତାଡ଼ କରୁଥିବା ଜଣାଯାଇଛି।


ଜବତ ଇଟା ରୂପା, ଅଳଙ୍କାର ଏବଂ ଟଙ୍କା।

# ଆଇନ ବିଭାଗକୁ ଚିଠି ଲେଖୁନି ଶ୍ରୀମନ୍ଦିର ପ୍ରଶାସନ

**ରତ୍ନଭଣ୍ଡାର ପ୍ରସଙ୍ଗକୁ ଅଣଦେଖା**

- ୨୭ରେ ପରିଚାଳନା କମିଟି ବୈଠକ
- ଆଲୋଚନା ନ ହେବା ନେଇ ଆଶଙ୍କା



ପୁରୀ ଅଫିସ,୨୨।୯

ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲି ସ୍ଥିତି ଯାଞ୍ଚ ସହ ମରାମତି କରାଯିବା ପାଇଁ ରାଜ୍ୟ ସାରା ଜଗନ୍ନାଥପ୍ରେମୀମାନେ ଦାବି କରୁଛନ୍ତି। ମାତ୍ର ରାଜ୍ୟ ସରକାର କିମ୍ବା ଶ୍ରୀମନ୍ଦିର ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ୨୦୧୮ ଏପ୍ରିଲ ୪ ତାରିଖରେ ୧୭ଜଣିଆ ପ୍ରାଧିକୃତ କମିଟି ଓ ଗତ ଅଗଷ୍ଟରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ରତ୍ନଭଣ୍ଡାର ମରାମତି ପାଇଁ ସୁପାରିଶ କରିଥିଲେ ମଧ୍ୟ ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ୨୦୧୮ ମସିହାଠାରୁ ଏଯାବତ୍ ଶ୍ରୀମନ୍ଦିର ପ୍ରଶାସନ ଆଇନ ବିଭାଗକୁ ଏ ସଂକ୍ରାନ୍ତରେ ସୁପାରିଶ କରିବା ତ ଦୂରର କଥା ଚିଠିଟିଏ ମଧ୍ୟ ଲେଖିନାହିଁ। ଗୁରୁବାର ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ଏନେଇ ଶ୍ରୀମନ୍ଦିର ପ୍ରଶାସନକୁ ତଥ୍ୟ ମାଗିଥିଲେ। ଆବେଦନ ମାମଲା ନମ୍ବର ୨୮/୨୦୨୨ରେ ତଥ୍ୟ ପ୍ରଦାନ ସ୍ୱରୂପ ଶ୍ରୀମନ୍ଦିର ପ୍ରଶାସନ ସ୍ପଷ୍ଟ କରିଛି ଯେ, ୨୦୧୮ ଏପ୍ରିଲ ୫ ଠାରୁ ୨୦୨୨ ଜୁନ୍ ୩୦ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ରାଜ୍ୟ ଆଇନ ବିଭାଗକୁ ଏନେଇ କୌଣସି ଚିଠି ଲେଖିନାହିଁ। ଯାହାଫଳରେ ରତ୍ନଭଣ୍ଡାର ମରାମତି ସଂକ୍ରାନ୍ତ ନିଷ୍ପତ୍ତି ଉପରେ ଆଲୋଚନା ହୋଇପାରୁନାହିଁ। ଶ୍ରୀମନ୍ଦିର ପ୍ରଶାସନର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଶ୍ରୀମନ୍ଦିର ସମ୍ପର୍କିତ ଯେକୌଣସି ପ୍ରସଙ୍ଗ ପ୍ରଥମେ ପରିଚାଳନା କମିଟିରେ ଅନୁମୋଦିତ ହେବ। ଏହାପରେ ପ୍ରଶାସନ ମାଧ୍ୟମରେ ଉକ୍ତ ସୁପାରିଶକୁ ରାଜ୍ୟ ଆଇନ ବିଭାଗ ପାଖକୁ ପଠାଯିବ। ରାଜ୍ୟ ଆଇନ ବିଭାଗ ସଂପୃକ୍ତ ସୁପାରିଶ ଉପରେ ବିଚାର କରି ବିଭାଗୀୟ ଅଧିକାରୀ ଓ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ। ତେବେ ପରିଚାଳନା କମିଟିରେ ପ୍ରସଙ୍ଗ ନ ଉଠିବା କାରଣରୁ ରତ୍ନଭଣ୍ଡାର ମରାମତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁରୁତ୍ୱ ହରାଉଥିବା କୁହାଯାଉଛି।

ଅନ୍ୟପକ୍ଷରେ ଆସନ୍ତା ୨୭ ତାରିଖରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ଗୁରୁବାର ଛତିଶା ନିଯୋଗ ବୈଠକରେ ହୋଇଥିବା ନିଷ୍ପତ୍ତି ଉପରେ ପରିଚାଳନା କମିଟି ମୋହର ମାରିବ। ସେହିପରି ୨୭ ତାରିଖରେ ହେବାକୁ ଥିବା ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ଆଲୋଚନା ହୋଇପାରେ ବୋଲି ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ନଗେନ୍ଦ୍ର କୁମାର ମହାନ୍ତି ପୂର୍ବରୁ କହିଥିଲେ। ମାତ୍ର ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ବୈଠକରେ ରତ୍ନଭଣ୍ଡାର ପ୍ରସଙ୍ଗକୁ ଏଡ଼ାଇ ଦିଆଯିବ। କାରଣ, ବୈଠକରେ ଆଲୋଚନା ହେବାକୁ ଥିବା ପ୍ରସଙ୍ଗ ତାଲିକାରେ ରତ୍ନଭଣ୍ଡାର ପ୍ରସଙ୍ଗକୁ ସାମିଲ କରାଯାଇନାହିଁ। ସୂଚନା ଅଧିକାର କର୍ମୀ ବରାଳ କହିଛନ୍ତି, ଭିତର ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ତେଣୁ ଆସନ୍ତା ପରିଚାଳନା କମିଟି ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି।

## ଜାତୀୟ ମାନବାଧିକାର ଆୟୋଗରେ ମାମଲା

**ନକଲି ମେଡିସିନ୍**

କଟକ ଅଫିସ,୨୨।୯

ନକଲି ମେଡିସିନ୍ କାରବାର ମାମଲାକୁ ନେଇ ଜନସାଧାରଣ ଧୀରେଧୀରେ ପ୍ରତିକ୍ରିୟାଶୀଳ ହେବାକୁ ଲାଗିଲେଣି। ବୁଧବାର ଏହି ମାମଲାର ସିବିଆଇ ତଦନ୍ତ ଦାବି କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିବା ବେଳେ ଗୁରୁବାର ଜାତୀୟ ମାନବାଧିକାର ଆୟୋଗରେ ଏକ ମାମଲା ନଂ. ୧୫୯୧୭/ଆଇଏନ୍/୨୦୨୨ ରୁଜୁ ହୋଇଥିବା ଜଣାପଡ଼ିଛି। ନକଲି ମେଡିସିନ କାରବାରର ମାଷ୍ଟର ମାଇଣ୍ଡଙ୍କୁ ଠାବ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାତୀୟ ମାନବ ଅଧିକାର ଆୟୋଗଙ୍କ ଟିମ୍ ତଦନ୍ତ କରିବାକୁ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବାସିନ୍ଦା ତଥା ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଆବେଦନ କରିଛନ୍ତି। ସୂଚନାନୁଯାୟୀ, ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରେ ନକଲି ଉଚ୍ଚ ରକ୍ତଚାପ ମେଡିସିନ କାରବାର ଚାଲୁଥିବା ନେଇ ସ୍ପଷ୍ଟ ହୋଇଛି। କଟକ ସହରରୁ ୨ଥର ଏହି ନକଲି ମେଡିସିନ ଜବତ ହେଲାଣି। ଏହି ମାମଲାରେ ପୋଲିସ ଗିରଫ କରିଥିବା ୨ଜଣ ଏବେ ଜେଲରେ ଅଛନ୍ତି। ଉଚ୍ଚ ରକ୍ତଚାପର ଚିକିତ୍ସା ପାଇଁ ଏହି ନକଲି ମେଡିସିନକୁ ସେବନ କଲେ ରୋଗୀ ମୃତ୍ୟୁ ମୁଖକୁ ଚାଲି ଯିବାର ଆଶଙ୍କା ଥିବା ଚିକିତ୍ସା ବିଶେଷଜ୍ଞ ମତ ଦେଉଛନ୍ତି। ତେଣୁ ଏହି ନକଲି ଉଚ୍ଚ ରକ୍ତଚାପ ମେଡିସିନ କାରବାର ପଛରେ ଥିବା ମାଷ୍ଟର ମାଇଣ୍ଡଙ୍କୁ ଠାବ କରିବା ପାଇଁ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଥିବା ସୁବ୍ରତ ଆୟୋଗଙ୍କ ନିକଟରେ ନିବେଦନ କରିଛନ୍ତି।

କୋଷ୍ଠକାଠିନ୍ୟ ରୋଗର ଅନ୍ତୁଡ଼ିଶାଳ
ଯେଉଁଥିପାଇଁ ଅନେକ ବେମାରୀ ହୋଇଥାଏ
ଆୟୁର୍ବେଦିକ
କାୟମଚୂର୍ଣ୍ଣ
ପୁରାତନ ଆୟୁର୍ବେଦିକ ଜ୍ଞାନ ଆଧାରରେ ବୈଦ୍ୟ ଶ୍ରୀ ରସିକଭାଇ ଶେଠ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଏକ ଅଦ୍ୱିତୀୟ ସୂତ୍ର। କାୟମଚୂର୍ଣ୍ଣ ବିପଦଶୂନ୍ୟ ଆୟୁର୍ବେଦିକ ଗୁଳ୍ମ ଯୋଗେ ପ୍ରସ୍ତୁତ ହୋଇଥାଏ। ଏହା କୋଷ୍ଠକାଠିନ୍ୟ ଓ ଏହା ଦ୍ୱାରା ସୃଷ୍ଟ ଅନ୍ୟାନ୍ୟ ରୋଗକୁ ଦୂର କରିଥାଏ ଓ ଆପଣଙ୍କୁ ଦିନଭରି ଉତ୍‌ଫୁଲ୍ଲିତ ରଖେ।
✓ ଅଧିକ ପ୍ରଭାବଶାଳୀ
✓ ସୁରକ୍ଷିତ
✓ ଅଭ୍ୟାସରେ ପଡ଼େ ନାହିଁ
କୋଷ୍ଠକାଠିନ୍ୟ
ଏସିଡିଟି, ଗ୍ୟାସ, ବଦହଜମୀ, ମୁଣ୍ଡବିନ୍ଧା, ପାଟି ଘା', ପେଟ ଓ ଛାତି ପୋଡ଼ା, ଆମ୍ଳିଳା ହାକୁଡ଼ି, ଭୋକ ନ ହେବା, ଥକାପଣ, ତ୍ୱଚା ବିକାର
କାୟମ ଟାବ୍‌ଲେଟ ମଧ୍ୟ ଉପଲବ୍ଧ
• କାୟମଚୂର୍ଣ୍ଣ ୫୦ ଓ ୨୦୦ ଗ୍ରାମ ପ୍ୟାକ୍‌ରେ ମଧ୍ୟ ଉପଲବ୍ଧ।
• କାୟମ ଟାବ୍‌ଲେଟ ୧୦ ଟାବ୍‌ଲେଟର ବ୍ଲିଷ୍ଟର ପ୍ୟାକ୍‌ରେ ମଧ୍ୟ ଉପଲବ୍ଧ।
ଶୋଇବାବେଳେ ସେବନ କରନ୍ତୁ ଏବଂ ଗୋଟିଏ ସୁସ୍ଥ ଦିବସ ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ।
AYURVEDIC MEDICINE KAYAM CHURNA · KAYAM TABLET · SHETH BROS. · 100% AYURVEDIC
ଶେଠ୍ ବ୍ରଦର୍ସ, ଭାବନଗରଙ୍କ ଏକ ଉତ୍ପାଦ

# ବିହାର ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିଲେ ରାଜ୍ୟ ସରକାର

**ନକଲି ଔଷଧ କାରବାର**

ଭୁବନେଶ୍ୱର, ୨୨।୯(ବ୍ୟୁରୋ)

ରାଜ୍ୟରେ ନକଲି ଔଷଧ କାରବାର ନେଇ ସ୍ୱାସ୍ଥ୍ୟ ବିଭାଗ ତଦନ୍ତ ଆରମ୍ଭ କରିଛି। ବିହାରରୁ ନକଲି ଔଷଧ ଆସିଥିବାରୁ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ବିହାର ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରତ୍ୟୟ ଅମୃତଙ୍କୁ ଚିଠି ଲେଖିଛନ୍ତି। ଓଡ଼ିଶାରେ ଧରାପଡ଼ିଥିବା ନକଲି ଔଷଧ ଟେଲ୍‌ମା-୪୦, ଟେଲ୍‌ମା-ଏମ୍ ବିହାରର ଗୟାରୁ ଗ୍ଲେନ୍‌ମାର୍କ କମ୍ପାନୀର ଫ୍ୟାକ୍ଟ୍ରିରୁ ଆସୁଛି। ବିହାର ଡ୍ରଗ କଣ୍ଟ୍ରୋଲରଙ୍କୁ ଆମେ ଏ ସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ ଏ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ଉତ୍ତର ଆସିଲା ନାହିଁ। ଏବେ ଏହାର ତଦନ୍ତ କରିବା ପାଇଁ ରାଜ୍ୟ ସରକାର ଏକ ଟିମ୍ ଗଠନ କରିଛନ୍ତି। ଏଥିରେ ଆସିଷ୍ଟାଣ୍ଟ ଡ୍ରଗ କଣ୍ଟ୍ରୋଲରଙ୍କ ସମେତ ଦୁଇଜଣ ପୋଲିସ ଅଫିସର ଅଛନ୍ତି। ଏହି ଟିମ୍ ନକଲି ଔଷଧ କାରବାରର ତଦନ୍ତ କରିବା ପାଇଁ ବିହାର ଯାଇଛି। ତେଣୁ ଟିମ୍ ସଦସ୍ୟଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ବିହାରର ସ୍ୱାସ୍ଥ୍ୟ ସଚିବଙ୍କୁ ଓଡ଼ିଶା ସ୍ୱାସ୍ଥ୍ୟ ସଚିବ ଚିଠି ଲେଖିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଗତ କିଛିଦିନ ତଳେ ଭୁବନେଶ୍ୱର, କଟକ, ରାଉରକେଲା ଭଳି ବିଭିନ୍ନ ସ୍ଥାନରେ ନକଲି ଔଷଧ ବିକ୍ରି ନେଇ ଅଭିଯୋଗ ହୋଇଥିଲା। ଏହାପରେ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ାଉ କରିଥିଲା। ତଦନ୍ତ ସମୟରେ ଅନେକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଥିଲା। ଏପରିକି ନାମୀ କମ୍ପାନୀର ଔଷଧକୁ ନକଲି କରି ବିକ୍ରି କରାଯାଉଥିଲା। ଯାହାକୁ ଆଧାର କରି କଟକର ଦୁଇଜଣ ହୋଲସେଲରଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ଅଧିକ ପଚରାଉଚରା ମଧ୍ୟ କରାଯାଉଛି। ଏହି ଘଟଣାରେ ଆଉ କିଏ ସାମିଲ ଅଛନ୍ତି, ସେ ଦିଗରେ ମଧ୍ୟ ତଦନ୍ତ ଚାଲିଛି। ଅନ୍ୟପଟେ ଜବତ ହୋଇଥିବା ଔଷଧର ପରୀକ୍ଷା ପରେ ତାହା ନକଲି ବୋଲି ମଧ୍ୟ ପ୍ରମାଣିତ ହେବାପର ଏହାର ବ୍ୟବହାର ଏବଂ ବିକ୍ରିକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଷେଧ କରାଯାଇଛି।

boyanika
Corrigendum for
EOI No.2325 Dt.06.09.2022
No.2475 Dt.22.09.2022
Name of the Work – Corrigendum for EOI No.2325 Dt.06.09.2022 for Selection of Reputed Fashion Designers to Boyanika for Make in Odisha 2022. The last date and time of submission of E.O.I extended to dt.26.09.22 at 5 PM. Refer website for details www.boyanika.com.
Sd/- Managing Director
Boyanika
Handlooms, Textiles & Handicrafts Deptt., Govt. of Odisha

## ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ରାସ୍ତା କଡ଼ରେ ଶିଶୁକନ୍ୟା ଜନ୍ମ ଦେଲେ ମହିଳା

ଦଶମନ୍ତପୁର,୨୨।୯(ଡି.ଏନ.ଏ.)

ଆମ୍ବୁଲାନ୍ସ ନିକଟରେ ପହଞ୍ଚିବା ପୂର୍ବରୁ ଜଣେ ମହିଳା ରାସ୍ତା କଡରେ ଏକ ଶିଶୁକନ୍ୟା ଜନ୍ମ ଦେଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତର ଡୁନଖାଲ ଗ୍ରାମରେ। ଏହି ଗ୍ରାମର କାର୍ତ୍ତିକ ମୁଦୁଲିଙ୍କ ସ୍ତ୍ରୀ ସ୍ୱାତୀ ଗୁରୁବାର ଭୋର ୪ଟାରେ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ଏନେଇ କାର୍ତ୍ତିକ ଗ୍ରାମର ଆଶାକର୍ମୀ ଚଞ୍ଚଳା ଚେଟୀଙ୍କୁ ଜଣାଇଥିଲେ। ପରେ ୧୦୨ ଆମ୍ବୁଲାନ୍ସକୁ ଫୋନ କରି କରିଥିଲେ। ମାତ୍ର ଗାଁକୁ ଯିବା ଲାଗି ରାସ୍ତା ସୁବିଧା ନ ଥିବାରୁ ଆମ୍ବୁଲାନ୍ସ ଗ୍ରାମଠାରୁ ୨ କିମି ଦୂର ଧର୍ମଗଡା ଗ୍ରାମ ଛକ ନିକଟରେ ରହିଥିଲା। ପରିବାର ଲୋକେ ସ୍ୱାତୀଙ୍କୁ ଦୋଳାରେ ବୋହି ଆମ୍ବୁଲାନ୍ସ ନିକଟକୁ ଆଣୁଥିବା ବେଳେ ବାଟରେ ରାସ୍ତା କଡରେ ତାଙ୍କର କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ପରେ ନବଜାତକ ଶିଶୁକନ୍ୟାକୁ ଧରି ପରିବାର ଲୋକେ ଆମ୍ବୁଲାନ୍ସ ନିକଟରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ଯୋଗ ତାଙ୍କୁ ଦଶମନ୍ତପୁର ଡାକ୍ତରଖାନାକୁ ନିଆଯାଇଥିଲା। ବର୍ତ୍ତମାନ ମା' ଓ ଶିଶୁ ଡାକ୍ତରଖାନାରେ ସୁସ୍ଥ ଥିବା ଜଣାପଡିଛି।

# ବଦଳିଲେ କେନ୍ଦୁଝର ସିଡିଏମ୍‌ଓ

**ଶିଶୁ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ**

- ବିଚାର ବିଭାଗୀୟ ତଦନ୍ତ ଦାବିକଲେ ବିଧାୟକ

ଭୁବନେଶ୍ୱର,(ବ୍ୟୁରୋ)/ କେନ୍ଦୁଝର,୨୨।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଶିଶୁ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଡା. ସୁଜାତା ରାଣୀ ମିଶ୍ରଙ୍କୁ ନବରଙ୍ଗପୁର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡା. କିଶୋର କୁମାର ପୃଷ୍ଟିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ଏନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

ଶିଶୁ ମୃତ୍ୟୁ ଘଟଣାକୁ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ନେଇ ତଦନ୍ତ ପାଇଁ ଟିମ୍ ଗଠନ କରିଥିଲା। ଏଥିସହ ରିପୋର୍ଟ ଦେବାକୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲା। ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବଙ୍କ ପାଖରେ ତାଙ୍କର ପ୍ରାଥମିକ ରିପୋର୍ଟ ଦାଖଲ କରିଥିଲେ। ପତ୍ର ନଂ.୩୦୮୫ ମାଧ୍ୟମରେ ଦାଖଲ ହୋଇଥିବା ରିପୋର୍ଟରେ ସେ ଉଲ୍ଲେଖ କରିଥିଲେ ଯେ, ୧୮ ଦିନରେ ୧୩ ଶିଶୁଙ୍କ ମୃତ୍ୟୁ ଘଟଣାରେ ଡାକ୍ତରଖାନା କର୍ତ୍ତୃପକ୍ଷ କିମ୍ବା ଚିକିତ୍ସା କରୁଥିବା ଡାକ୍ତରଙ୍କର କୌଣସି ତ୍ରୁଟି ନାହିଁ। ପ୍ରାଣ ହରାଇଥିବା ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍ଗିନ ଥିଲା ବୋଲି ଡା. ମିଶ୍ର ରିପୋର୍ଟ କରିଥିଲେ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ମଧ୍ୟ ତଦନ୍ତ କରିଥିଲା। ସ୍ପେଶାଲ ନିୟୁବର୍ନ କେୟାର ୟୁନିଟ୍ (ଏସ୍‌ଏନ୍‌ସିୟୁ)ରେ ସଂକ୍ରମଣ ଅଧିକ ଥିବା ନେଇ ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଥିଲା। ସେହିପରି ଏସ୍‌ଏନ୍‌ସିୟୁରେ ଯେତେଜଣ ଗୁରୁତର ଶିଶୁ ଭର୍ତ୍ତି ହେଉଥିଲେ, ତା'ଠାରୁ ଶଯ୍ୟା ସଂଖ୍ୟା ଯଥେଷ୍ଟ କମ୍ ଥିଲା। ଏପରି କି ଆବଶ୍ୟକ ଡାକ୍ତର ନ ଥିବା ନେଇ ମଧ୍ୟ ସେତେବେଳେ ଡା. ମିଶ୍ର ସ୍ୱୀକାର କରିଥିଲେ। ତେଣୁ ତଦନ୍ତରୁ ଶିଶୁମାନେ ଠିକ୍ ଭାବେ ଚିକିତ୍ସା ସେବା ପାଇପାରି ନ ଥିବା ତଦନ୍ତକାରୀ ଟିମ୍ ଅନୁଭବ କରିଥିଲେ। ଏହି ଆଧାରରେ କାର୍ଯ୍ୟାନୁଷ୍ଠାନ ହୋଇଥିବା କୁହାଯାଉଛି।

ତେବେ ଏହି କାର୍ଯ୍ୟାନୁଷ୍ଠାନକୁ ନେଇ କେନ୍ଦୁଝର ସଦର ବିଧାୟକ ମୋହନ ମାଝି ପ୍ରଶ୍ନ ଉଠାଇବା ସହ ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି। ଏଭଳି ଏକ ସ୍ପର୍ଶକାତର ଘଟଣାରେ ସିଡିଏମ୍‌ଓଙ୍କ ବଦଳି ଆଦେଶ ସମସ୍ତଙ୍କୁ ଚକିତ କରିଛି। କେବଳ ସିଡିଏମ୍‌ଓଙ୍କ ବଦଳି କରିଦେଲେ ହେବ ନାହିଁ, ତଦନ୍ତ କରି ଚିକିତ୍ସାରେ ଅବହେଳା କରିଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ଭାଜପା ପଞ୍ଚାୟତ ସମିତି ସଭ୍ୟ କିରଣ ବାଲା ନାୟକ ଦାବି କରିଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଲଗାତର ଶିଶୁ ମୃତ୍ୟୁକୁ ନେଇ ଅଭିଯୋଗ ହୋଇ ଆସୁଥିଲା। ଏପରିକି ୧୮ ଦିନରେ ୧୩ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ତେବେ ୨୪ ଘଣ୍ଟାରେ ୪ ଶିଶୁଙ୍କ ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତଦନ୍ତ ପାଇଁ ଦୁଇଜଣିଆ ଟିମ୍ ଗଠନ କରାଯାଇଥିଲା। ଏଥିରେ ରାଜ୍ୟ ଶିଶୁ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡା. ରଶ୍ମିରଞ୍ଜନ ଶତପଥୀ ଓ ଶିଶୁ ପରାମର୍ଶଦାତା ଡା. ଆର୍. ଏନ୍. ପଣ୍ଡା ରହିଥିଲେ। ଉକ୍ତ ଟିମ୍ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟର ଏସ୍‌ଏନ୍‌ସିୟୁକୁ ଯାଇ ତଦନ୍ତ କରିଥିଲା।

ସମ୍ବଲପୁରୀ ବସ୍ତ୍ରାଳୟ
gg-15
ମହାଳୟା, ଦଶହରା ଓ କୁମାରପୂର୍ଣ୍ଣିମା ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୨୩।୦୯।୨୦୨୨ରୁ ତା୦୯।୧୦।୨୦୨୨ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31032/11/0021/2223

SUIIT
SAMBALPUR UNIVERSITY INSTITUTE OF INFORMATION TECHNOLOGY
Advt. No.: 1164/SUIIT Date: 21.09.2022

| DIRECT / SPOT ADMISSION | Date |
|---|---|
| DIRECT ADMISSION | 27th Sept. 2022 |
| • Master in Computer Application based on OJEE Rank (Only SC/ST Categories) | |
| SPOT ADMISSION | |
| • Master in Computer Application (All Categories) | |
| • M.Sc. Computer Sc. (All Categories) | |
| • M.Tech Computer Sc. and Engg. (All Categories) | |

INSTRUCTIONS
- **Direct Admission (OJEE Rank holder for MCA SC/ST Category only):** Interested candidates report directly to Administrative Officer, SUIIT during 10 A.M. to 01.00 P.M. on 27.09.2022.
- **Spot Admission (MCA/M.Sc./M.Tech for All Categories):** Interested candidates for Spot Admission should report to the Administrative Officer, SUIIT during 10 A.M. to 12 Noon on 27.09.2022. There will be an entrance examination of one hour duration at 12.15 P.M. for all the programme following COVID-19 guidelines. Admission will be done on the same day, as per SUIIT Admission guideline.

All B. Tech. Admissions will be done through OJEE Councelling - 2022
For Detail Information on Admission Visit: www.suiit.ac.in
Contact Numbers: 9938983624 / 9438074077 / 9337347538
Email: admin.office@suiit.ac.in Sd./- Director, SUIIT

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି– ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। –ଶ୍ରୀଅରବିନ୍ଦ

# ଜଳ ସୁରକ୍ଷା ଅପରିହାର୍ଯ୍ୟ




ମାରିଆନା ମାଜୁକାଟୋ
ଚେୟାରପର୍ସନ, କାଉନ୍ସିଲ ଅନ୍ ଦି ଇକୋନୋମିକ୍ସ ଅଫ୍ ହେଲ୍‌ଥ ଫର୍ ଅଲ୍ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ)

ନାଗୋଜି ଓକୋଞ୍ଜୋ ଇୱେଲା
ଡାଇରେକ୍ଟର ଜେନେରାଲ, ୱାର୍ଲ୍ଡ ଟ୍ରେଡ ଅର୍ଗାନାଇଜେଶନ

ବନ୍ୟା, ମରୁଡ଼ି, ଗ୍ରୀଷ୍ମପ୍ରବାହ ଏବଂ ବନାଗ୍ନିର ଭୟାନକ ସ୍ଥିତି ବିଶ୍ୱର ବହୁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରୁଛି ଓ ଏହା ଦୁଇଟି ମୌଳିକ ବିଷୟକୁ ସୂଚିତ କରୁଛି। ପ୍ରଥମରେ ମଧୁର ଜଳ ଯୋଗାଣକୁ ଏହା କ୍ଷତି କରୁଛି, ଯାହା ଫଳରେ ମାନବ ସମାଜ ବିଶେଷ କରି ଗରିବଙ୍କ ଉପରେ ଚାପ ବଢୁଛି। ଏହା ସହ ଆର୍ଥିକ, ସାମାଜିକ ଓ ରାଜନୈତିକ ସ୍ଥିରତାରେ ଦୀର୍ଘମିଆଦୀ ପ୍ରଭାବ ପକାଉଛି। ଦ୍ୱିତୀୟରେ ଏବକାର ଅଭୂତପୂର୍ବ ଚରମ ସ୍ଥିତିଗୁଡ଼ିକର ମିଳିତ ପ୍ରଭାବ ପ୍ରକାଶ ପାଉଛି ଏବଂ ଏହାକୁ ମୁକାବିଲା କରିବାରେ ନୀତିନିର୍ଦ୍ଧାରକମାନଙ୍କର ଦକ୍ଷତା ଅଧିକ ବଢୁଛି। ପୂର୍ବ ଆଫ୍ରିକାରେ,୪ ବର୍ଷ ହେଲା ଭୟାନକ ମରୁଡ଼ି ଅନେକ ଲକ୍ଷ ଲୋକଙ୍କ ଜୀବିକା ନଷ୍ଟ କରିଦେଇଛି। ୨କୋଟି ଲୋକ କ୍ଷୁଧା ସଙ୍କଟରେ ରହିଛନ୍ତି। ପାକିସ୍ତାନରେ ଏବକାର ବନ୍ୟା ଦେଶର ଏକ ତୃତୀୟାଂଶ ଅଞ୍ଚଳକୁ ବୁଡାଇଦେଇ ଚଳିତ ବର୍ଷର ୪୫% ଶସ୍ୟ ମାଟିରେ ମିଶାଇଦେଇଛି। ଚାଇନାରେ ଅଭୂତପୂର୍ବ ଗ୍ରୀଷ୍ମ ପ୍ରବାହ ଯୋଗୁ ଦେଶର ଧାନ ଉତ୍ପାଦନରେ ଏକ ତୃତୀୟାଂଶ ଯୋଗଦାନ ଥିବା ଅଞ୍ଚଳ ଘୋର ଜଳ ସଙ୍କଟର ସମ୍ମୁଖୀନ ହୋଇଛି। ଏହା ବ୍ୟତୀତ ଆମେରିକା ଓ ୟୁରୋପରେ ମରୁଡ଼ି, ବନାଗ୍ନି ଏବଂ ସାରା ଭାରତରେ ବନ୍ୟା ବିପ୍ଳାତ ଓ ମରୁଡ଼ି ଯୋଗୁ ବୈଶ୍ୱିକ ଶସ୍ୟ ଉତ୍ପାଦନ ସହ ଖାଦ୍ୟ ରପ୍ତାନି ହ୍ରାସ ପାଇଛି। ଆମ ଖାଦ୍ୟ ଉତ୍ପାଦନ କେତେ ଅଧିକ ପରିମାଣରେ ଏବଂ ନିରନ୍ତର ଭାବେ ଜଳ ଉପରେ ନିର୍ଭରଶୀଳ ତାହା ଏଥିରୁ ସ୍ପଷ୍ଟ ହେଉଛି। ଏହା ସହ ୟୁକ୍ରେନ ଯୁଦ୍ଧର ପ୍ରଭାବ ଶସ୍ୟ ଓ ସାର ଯୋଗାଣ ଉପରେ ପଡ଼ିଛି ଏବଂ ଏହାଦ୍ୱାରା ବିଶ୍ୱରେ ଖାଦ୍ୟ ସଙ୍କଟ ଲାଗି ରହିବା ଭଳି ଏକ ବଡ଼ ବିପଦ ଦେଖାଯାଇଛି।

ଆମ ଇତିହାସରେ ପ୍ରଥମ ଥର ଲାଗି ମାନବୀୟ କାର୍ଯ୍ୟକଳାପଗୁଡ଼ିକ ପ୍ରତ୍ୟେକଟି ଜଳଉତ୍ସ ପ୍ରତି ବିପଦ ସୃଷ୍ଟି କରୁଛି। ଜଳବାୟୁ ପରିବର୍ତ୍ତନ ଏବଂ ଜଙ୍ଗଲ ଧ୍ୱଂସ ଯୋଗୁ ବର୍ଷା ଧାରା ବଦଳୁଛି, ହିମାଳୟ ଉପତ୍ୟକାର ବରଫ ତରଳୁଛି ଏବଂ ୧୦୦ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ମଧୁର ଜଳ ଯୋଗାଣ ପ୍ରଭାବିତ ହେଉଛି। ବୈଶ୍ୱିକ ଅନିୟମିତ ଜଳଚକ୍ର ହିଁ ଜଳବାୟୁ ପରିବର୍ତ୍ତନକୁ ଗମ୍ଭୀର କରିଦେଉଛି।

ଜଳ ସଞ୍ଚାଳନ ଏବଂ ପରିଚାଳନା ବ୍ୟବସ୍ଥା ବିଶ୍ୱର ତୀବ୍ର ପରିବର୍ତ୍ତନଶୀଳ ପରିବେଶ ପାଇଁ ଉପଯୋଗୀ ନ ହେଲେ ଜଳ ବ୍ୟବହାରରେ କଟକଣା, ଶକ୍ତି ଯୋଗାଣ ବନ୍ଦ ଏବଂ ଅନ୍ୟ ଅସ୍ଥାୟୀ ପଦକ୍ଷେପଗୁଡ଼ିକ କେବେ ହେଲେ ସମସ୍ୟା ଦୂର କରିପାରିବ ନାହିଁ। ଆକଳନ ଆଧାରିତ ଆମର ଏବକାର ସମସ୍ତ ବ୍ୟବସ୍ଥା ସ୍ୱୀକାରଯୋଗ୍ୟ ନୁହେଁ। ମନେ ରଖିବାକୁ ହେବ, ଜଳ ସଙ୍କଟ ହେଉଛି ବୈଶ୍ୱିକ। କେବଳ ପରିବର୍ତ୍ତନୀୟ ବିଚାର ଏବଂ ନୂଆ ସଞ୍ଚାଳନ ବ୍ୟବସ୍ଥା ଦ୍ୱାରା ଏହା ସମାଧାନ ହୋଇପାରିବ। ଆମର ସମସ୍ତ ପରିବେଶୀୟ ଆହ୍ୱାନ ଜଳ ସହ ଜଡ଼ିତ। ଏବର ଦାୟିତ୍ୱ ହେଉଛି ଆମକୁ ଜଳ,



ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତା ହ୍ରାସ ମଧ୍ୟରେ କ'ଣ ସମ୍ପର୍କ ରହିଛି ତାହା ବିଚାର କରିବାକୁ ପଡ଼ିବ। ଏହାର ମୂଲ୍ୟ ଠିକ୍ ଭାବେ ଠାବ କରି ଅତ୍ୟାବଶ୍ୟକ ତତ୍ତ୍ୱ ଭାବେ ଜଳର ସଞ୍ଚାଳନ କରିବାକୁ ପଡ଼ିବ। ଜଳକୁ ଯଦି ଏଭଳି ବିଚାର କରିବା ତେବେ ଏହା ସାମଗ୍ରିକ ପଦକ୍ଷେପକୁ ଗତିଶୀଳ କରିବା ସହ ନୂଆ ନିୟମ ଗଢ଼ିବାକୁ ବାଟ ଦେଖାଇବ, ଆମ ପଦକ୍ଷେପଗୁଡ଼ିକରେ ସମାନତା ଏବଂ ନ୍ୟାୟ ପ୍ରତିଷ୍ଠା କରିପାରିବ। କିନ୍ତୁ ଦୀର୍ଘଦିନ ଧରି ଅଧିକାଂଶ ସରକାର ଏ କ୍ଷେତ୍ରରେ ପବ୍ଲିକ ଓ ପ୍ରାଇଭେଟ ସେକ୍ଟରଗୁଡ଼ିକୁ ଗତିଶୀଳ କରିପାରି ନାହାନ୍ତି। ମାର୍କେଟ ବିଫଳତାକୁ ଅଣଦେଖା କରିଛନ୍ତି। ତେବେ ଜଳ ଅର୍ଥ ବ୍ୟବସ୍ଥାରେ ଥିବା ନୂତନତ୍ୱ ଓ ନିବେଶ ଲାଗି ବାଟ ଫିଟାଉଥିବା, ସ୍ୱଚ୍ଛ ଜଳ ଓ ପରିମଳର ବୈଶ୍ୱିକ ଉପଲବ୍ଧତା ନିଶ୍ଚିତ କରୁଥିବା ; ଖାଦ୍ୟ, ଶକ୍ତି ଏବଂ ପ୍ରାକୃତିକ ବ୍ୟବସ୍ଥା ପାଇଁ ପର୍ଯ୍ୟାପ୍ତ ଜଳ ଯୋଗାଉଥିବା ସମସ୍ତ ଅଂଶୀଦାର ସହ କାର୍ଯ୍ୟରତ ପବ୍ଲିକ ସେକ୍ଟର ନିଜକୁ ଏକ ମାର୍କେଟ ନିର୍ମାତା ଭାବେ ଦେଖିବା ଉଚିତ।

ଅତୀତର ଆହ୍ୱାନଗୁଡ଼ିକରୁ ବଡ଼ ଶିକ୍ଷା ମିଳିଥିଲା। ବ୍ୟବସ୍ଥାତ୍ମକ ନୂତନତ୍ୱ ଓ ପଦକ୍ଷେପଗୁଡ଼ିକୁ ସଂଗଠିତ କରିବା ଲାଗି ଏକ ସ୍ପଷ୍ଟ ନିର୍ଦ୍ଧାରିତ ଲକ୍ଷ୍ୟ ଆବଶ୍ୟକ ବୋଲି ଏହା ଦାବି କରିଥିଲା। ଲକ୍ଷ୍ୟକୈନ୍ଦ୍ରିକ ନୀତିଗୁଡ଼ିକ ଆବିଷ୍କାରକୁ ତ୍ୱରାନ୍ୱିତ କରିବା ସହ ଜଟିଳ ଲକ୍ଷ୍ୟପୂରଣ ଦିଗରେ ଜ୍ଞାନକୌଶଳ ହାସଲ କରିବାରେ ସରକାରଙ୍କୁ ମାର୍ଗ ଦେଖାଏ। ସମସ୍ତଙ୍କ ହିତ ଲାଗି, ଏକ ସମାବେଶୀ ପଦକ୍ଷେପ ମାର୍ଗ ଦର୍ଶନ କଲେ ସରକାରଗୁଡ଼ିକ ଜଳବାୟୁ ପରିବର୍ତ୍ତନ, ଜୈବବିବିଧତା ହ୍ରାସ ଏବଂ ଜଳ ସଙ୍କଟ ଭଳି ଆହ୍ୱାନଗୁଡ଼ିକର ସମାଧାନ ଲାଗି ଅସାମାନ୍ୟ ଦକ୍ଷତା ହାସଲ କରିଥାନ୍ତି। ଏଥିପାଇଁ ସମନ୍ୱୟ ଓ ଆର୍ଥିକ ଯୋଗାଣର ଆବଶ୍ୟକତା ରହିଛି। ଲକ୍ଷ୍ୟ ଆଧାରିତ ରଣନୀତିଗୁଡ଼ିକ ସରକାରଙ୍କୁ ଜରୁରୀ ଭିତ୍ତିରେ ଆବିଷ୍କାର କରିବା ଲାଗି ସାହାଯ୍ୟ କରିବ। ଏହାକୁ ପ୍ରଭାବୀ କରିବା ପାଇଁ ନୀତିନିର୍ଦ୍ଧାରକମାନେ ସାଧାରଣ ନାଗରିକ, ଗୋଷ୍ଠୀ ଏବଂ ଆବିଷ୍କାରମାନଙ୍କ ଜ୍ଞାନ ଓ ଅଭିଜ୍ଞତା ଉପରେ ଧ୍ୟାନ ଦେବା ଉଚିତ। କାରଣ ଜଳ ସଙ୍କଟ କବଳିତ, ଉଚ୍ଚ ତାପମାତ୍ରା ଜର୍ଜରିତ ବିଶ୍ୱରେ କିଭଳି ଉନ୍ନତି ଆଣିବାକୁ ହେବ ; ଉପକୂଳ ଓ ନଦୀ ବ୍ୟବସ୍ଥାଗୁଡ଼ିକରେ କିପରି ପରିବର୍ତ୍ତନ କରିବାକୁ ହେବ ତାହା ଏମାନେ ଭଲ ଭାବେ ଜାଣନ୍ତି।

ଆମେ ଏବେ ବିଶ୍ୱରେ ସ୍ୱଚ୍ଛ ଓ ମଧୁରଜଳ ଉପରେ ସୃଷ୍ଟି ହୋଇଥିବା ବିପଦକୁ ଗ୍ରହଣ କରି ତା'ର ସୁରକ୍ଷା ଲାଗି ସାମଗ୍ରିକ ପଦକ୍ଷେପ ନେବା ଆବଶ୍ୟକ। କାରଣ ଜଳ ସଙ୍କଟ ସମସ୍ତ ଶତତ ବିକାଶ ଲକ୍ଷ୍ୟ ଉପରେ ବିପଦ ସୃଷ୍ଟି କରିବ। ବୈଶ୍ୱିକ ଆହ୍ୱାନସବୁକୁ ଆୟତ୍ତ କରିବାରେ ଆମେ ଯେଉଁ ନୂଆ ବ୍ୟବସ୍ଥା ଗଢିବା ସେଥିରେ ସମାନତା ଓ ନ୍ୟାୟର ନୀତିଗୁଡ଼ିକୁ ସମାହିତ କରିବା ଦରକାର। ଏକ ଭରସାଯୋଗ୍ୟ ସ୍ୱଚ୍ଛ ଜଳ ଯୋଗାଣ ବିନା କୌଣସି ସମାଜ ବିକାଶ କରିପାରିବ ନାହିଁ। ବୈଶ୍ୱିକ ହିତ ଲାଗି ଜଳ ସୁରକ୍ଷା ନିମନ୍ତେ ନୂଆ ନୀତି ଓ ବ୍ୟବସ୍ଥା ଅପରିହାର୍ଯ୍ୟ। ବିଶ୍ୱ ସ୍ତରରେ ସ୍ୱଚ୍ଛ ପାନୀୟ ଜଳ, ପରିମଳ ଏବଂ ସ୍ୱାସ୍ଥ୍ୟ ଲପଲବ୍ଧ ନିଶ୍ଚିତ କରିବା ସହ ଅଧିକ ପରିବେଶ ସହନୀୟ ଖାଦ୍ୟ ବ୍ୟବସ୍ଥା ଗଢ଼ିବାକୁ ଉଭୟ ଆଇନ ଓ ଅର୍ଥନୀତିକୁ ପୁନର୍ବିନ୍ୟାସ କରିବାକୁ ହେବ। ଯୋଜନାଗୁଡ଼ିକରେ ଏଭଳି ପରିବର୍ତ୍ତନ କରାଯିବା ଦରକାର ଯାହା ଉଭୟ ପ୍ରାଇଭେଟ ସେକ୍ଟର ଏବଂ ଗରିବ ଓ ଧନୀ ଦେଶଗୁଡ଼ିକ ସମାନ ଭାବେ ନୂତନତ୍ୱ ତଥା ଟେକ୍‌ନୋଲୋଜି ଯୋଗାଇବାରେ ଭୂମିକା ନେଇପାରିବ। କିଭଳି ପବ୍ଲିକ ଓ ପ୍ରାଇଭେଟ ସେକ୍ଟରଗୁଡ଼ିକ ଏକାଠି କାର୍ଯ୍ୟ କରିବେ ସେଥିପାଇଁ ଦୀର୍ଘମିଆଦୀ ଅର୍ଥ ଯୋଗାଣ ଏବଂ ଉତ୍ତମ ପ୍ରକ୍ରିୟା ଆବଶ୍ୟକ ହେବ।

ଜାତିସଂଘର ୨୦୨୩ ଜଳ ସମ୍ମିଳନୀ ପ୍ରାୟ ୫୦ ବର୍ଷରେ ପ୍ରଥମ ଥର ଲାଗି ଭବିଷ୍ୟତରେ ସମସ୍ତଙ୍କ ପାଇଁ ଉପଯୋଗୀ ଏକ ନକ୍ସା ପ୍ରସ୍ତୁତ କରିବାକୁ ଅନ୍ତର୍ଜାତୀୟ ସମୁଦାୟ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ହେବ। ଏହା ପ୍ରସ୍ତୁତ କରିବାକୁ ଆମେ ଜଳବାୟୁ ପରିବର୍ତ୍ତନ ଅର୍ଥନୀତିର ପୁନର୍ଲିଖନ କରିଥିବା ନିକୋଲାସ ଷ୍ଟେରୋନ ଏବଂ ଜୈବବିବିଧତା ଅର୍ଥନୀତି ପୁନର୍ଲିଖନ କରିଥିବା ପାର୍ଥ ଦାସଗୁପ୍ତାଙ୍କଠାରୁ ପ୍ରେରଣା ନେଇପାରିବା। ଗ୍ଲୋବାଲ କମିଶନ ଅନ ଦି ଇକୋନୋମିକ୍ସ ଅଫ୍ ୱାଟର ଦ୍ୱାରା ବିଶ୍ୱରେ ଜଳ ଅର୍ଥନୀତି ଓ ସଞ୍ଚାଳନ ବ୍ୟବସ୍ଥା ସମ୍ପର୍କରେ ରହିଥିବା ବିଚାରରେ ପରିବର୍ତ୍ତନ ଆଣି ସମାନତା, ନ୍ୟାୟ, ପ୍ରଭାବଶାଳୀ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ । ଜଳ ସହ ଆମର କି ସମ୍ବନ୍ଧ ରହିଛି ତାହା ଆମକୁ ପୁନଃ ନିର୍ଦ୍ଧାରଣ କରି ଜଳକୁ ବିଶ୍ୱର ଏକ ଅତି ଦରକାରୀ ତତ୍ତ୍ୱ ବା ଉତ୍ସ ଭାବେ ମୂଲ୍ୟାଙ୍କନ କରିବା ଲାଗି ଆମ ଅର୍ଥ ବ୍ୟବସ୍ଥାଗୁଡ଼ିକୁ ପୁନର୍ଗଠନ କରିପାରିବା। ଜଳବାୟୁ ମହାବିପତ୍ତି ଦୂର କରିବା ଏବଂ ଅପରିହାର୍ଯ୍ୟ ପରିବର୍ତ୍ତନ ପ୍ରତି ଅନୁକୂଳ ହେବାର ସୁଯୋଗ ରହିଥିବାରୁ ଆମେ ଗରିବ ଓ ଧନୀ ସମାଜଗୁଡ଼ିକ ପାଇଁ ସମାନ ଭାବେ ଜଳ କ୍ଷେତ୍ରରେ ଏକ ନିର୍ଭରଯୋଗ୍ୟ ଭବିଷ୍ୟତ ନିଶ୍ଚିତ କରିପାରିବା।

## ଏଇ ଭାରତରେ

୯୦ ବର୍ଷ ବୟସରେ ବୁଲା କୁକୁରମାନଙ୍କ ଯତ୍ନ ନେଉଛନ୍ତି ଉତ୍ତରପ୍ରଦେଶ ଗାଜିଆବାଦର କନକ ସକ୍ସସେନା। ସେ ତାଙ୍କ ନାତୁଣୀ ସନାଙ୍କ ସହଯୋଗରେ ୧୨୦ କୁକୁରଙ୍କ ପାଇଁ ପ୍ରତିଦିନ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। କନକ ଅସ୍ଥିସୁଶୀରତା ରୋଗରେ ପୀଡ଼ିତ ଓ ତାଙ୍କର କିଛି ସର୍ଜରି ହୋଇଥିବା ସତ୍ତ୍ୱେ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ୨୦୨୦ରେ ପ୍ରଥମେ ଗାଜିଆବାଦର ବୈଶାଳୀରେ ଏକ ସଡ଼କ ଉପରେ ୧୦ରୁ ୨୦ କୁକୁରଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ଏବେ ଏହି ସଂଖ୍ୟା ବୃଦ୍ଧି ପାଇ ୧୨୦ରେ ପହଞ୍ଚିଛି। କନକ ପ୍ରତିଦିନ ଚିକେନ ସହ ୧୦ କେଜି ଚାଉଳର ଭାତ ରାନ୍ଧନ୍ତି। ପ୍ରତି କୁକୁର ପିଛା ମାସକୁ ୩୬୫ ଟଙ୍କା ହିସାବରେ ୪୨,୦୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ସେ ଭୋର ୪ଟାରେ ଉଠି ଖାଦ୍ୟ ପ୍ରସ୍ତୁତରେ ଲାଗିଯାଆନ୍ତି। ସନା ଓ ତାଙ୍କ ମା' ଉଠିବା ପରେ କୁକୁରଙ୍କ ଲାଗି ଖାଦ୍ୟ ପ୍ୟାକେଟ କରନ୍ତି। ପରେ କନକ ଓ ତାଙ୍କ ନାତୁଣୀ ଏହାକୁ ଅଟୋରେ ନେଇ କୁକୁରମାନଙ୍କୁ ଖାଇବାକୁ ଦେଇ ସକାଳ ୯ଟା ସୁଦ୍ଧା ଘରକୁ ଫେରୁଛନ୍ତି। ସେମାନେ କେବଳ ଖାଦ୍ୟ ଦେଉନାହାନ୍ତି, କୁକୁରଙ୍କ ଟିକାକରଣ କରିବାରେ ବି ସହଯୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ସେପ୍ଟେମ୍ବର ୧୯୯୭

- ଲାଞ୍ଚ ଦୁର୍ନୀତିରେ ଜଡ଼ିତ ଅଭିଯୋଗରେ ଜାପାନର ପରିଚାଳନା ଓ ସମନ୍ୱୟ ସଂସ୍ଥାର ମନ୍ତ୍ରୀ କୋକୋ ସାତୋ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି।
- ସମସ୍ତ ନୀତିନିୟମ ଭଙ୍ଗ କରି କୋଡାଇ କାନାଲସ୍ଥିତ ଏକ ଘରୋଇ ହୋଟେଲକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଭିଯୋଗରେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିଥାଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ।
- ମାରୁତି ଉଦ୍ୟୋଗ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଆଇଏସ୍ଏସ୍ ଏଲ୍.ଏନ୍. ଭାସ୍କାରୁଡୁଙ୍କୁ ନିଯୁକ୍ତି ପ୍ରଦାନ।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 6 | | 3 | | |
| | | 2 | 3 | | 9 | 7 | | |
| 5 | | 4 | | | 7 | | | |
| 7 | 1 | | | | | 4 | | |
| | 6 | | | | | | | |
| | 2 | | 1 | 9 | | | 8 | |
| | | | 6 | | 3 | 2 | | |
| | | | | | | | | 4 |
| | | 6 | 5 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 7 | 6 | 2 | 5 | 1 | 3 | 8 |
| 1 | 8 | 2 | 4 | 7 | 3 | 5 | 9 | 6 |
| 3 | 5 | 6 | 8 | 9 | 1 | 7 | 2 | 4 |
| 5 | 9 | 8 | 3 | 1 | 7 | 4 | 6 | 2 |
| 6 | 3 | 1 | 2 | 8 | 4 | 9 | 7 | 5 |
| 7 | 2 | 4 | 9 | 5 | 6 | 8 | 1 | 3 |
| 4 | 6 | 5 | 1 | 3 | 9 | 2 | 8 | 7 |
| 8 | 7 | 9 | 5 | 6 | 2 | 3 | 4 | 1 |
| 2 | 1 | 3 | 7 | 4 | 8 | 6 | 5 | 9 |

ଗତକାଲିର ଉତ୍ତର

# ସନ୍ତାନ ମନସ୍ତତ୍ତ୍ୱରେ ମାଆ



ଶୁଭନାରାୟଣ ଶତପଥୀ

ମାଆ ପ୍ରତିଟି ମୁହୂର୍ତ୍ତରେ ସନ୍ତାନର ଉନ୍ନତି ଚାହେଁ। ସନ୍ତାନର ମଧ୍ୟ ମାଆ ପ୍ରତି ଶ୍ରଦ୍ଧା, ସମ୍ମାନ କିଛି କମ୍ ନ ଥାଏ। ମାଆର ଗୁରୁତ୍ୱ ସନ୍ତାନ ଉପଲବ୍ଧି କରେ, ସେଥିରୁ ଜୀବନ ଦକ୍ଷତା ବୃଦ୍ଧି କରେ। ତ୍ୟାଗ ବଳିଦାନର ମହତ୍ତ୍ୱ ବୁଝେ। ଆଗକୁ ଆହୁରି ଶାଣିତ ହୁଏ, ମାଆ ପରି ହେବାକୁ ଚାହେଁ।

ମାଟ୍ରିକ ପରୀକ୍ଷା ସରିବା ପରେ କିଛି ପରୀକ୍ଷାର୍ଥୀଙ୍କ ସାକ୍ଷାତ୍‌କାର ନେବାବେଳେ ଜଣେ ପରୀକ୍ଷାର୍ଥୀଙ୍କ ଉତ୍ତର ଥିଲା ନିଆରା। ତାଙ୍କୁ ଯେତେବେଳେ ପଚରାଗଲା ତୁମେ ଭବିଷ୍ୟତରେ କ'ଣ ହେବାକୁ ଚାହୁଁଛ, ସେ ତତ୍‌କ୍ଷଣାତ ଉତ୍ତର ଦେଲେ , ମୁଁ ମୋ ମାଆ ପରି ହେବାକୁ ଚାହୁଁଛି। ଅନ୍ୟ ପରୀକ୍ଷାର୍ଥୀମାନେ ଇଞ୍ଜିନିୟର, ଡାକ୍ତର, ବୈଜ୍ଞାନିକ ହେବାକୁ କହୁଥିବାବେଳେ ଏହି ପିଲାଟିର ଉତ୍ତରରେ ପ୍ରଶ୍ନକର୍ତ୍ତାଙ୍କ ଉତ୍ସୁକତା ବଢ଼ିଯାଉଥିଲା। ପୁଣି ପଚାରିବାରୁ ପିଲାଟି କହିଲା ମାଆ ହେଉଛି ବହୁମୁଖୀ ପ୍ରତିଭାର ଅଧିକାରିଣୀ। ସେ ରୋଷେଇଠାରୁ ରୋଜଗାର, ପରିବାର, ବନ୍ଧୁବାନ୍ଧବ, ସାହିପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କଠାରୁ ସନ୍ତାନକୁ ଭଲମଣିଷ କରି ଗଢ଼ିତୋଳିବା ପର୍ଯ୍ୟନ୍ତ ସବୁଥିରେ ଦକ୍ଷ। ଆଉ ସବୁଠାରୁ ଗର୍ବର କଥା ହେଉଛି ତା'ର ସନ୍ତାନ ମାଆକୁ ପଚାରୁ ବା ନ ପଚାରୁ ତାକୁ ସବୁ ଦାନ କରିଦେବାର ଦକ୍ଷତା ରଖିଥିବା ତ୍ୟାଗୀ ହୃଦୟ। ଏଣୁ ମାଆଠାରୁ ଅଧିକ ଚ୍ୟାଲେଞ୍ଜ ଅନ୍ୟ କାହାରି ଜୀବନରେ ନାହିଁ କି ତା ଉତ୍ସର୍ଗ, ପରୋପକାରର ସୀମାସରହଦ ନାହିଁ। ଯେତେବେଳେ ଜଣାପଡ଼ିଲା ପିଲାଟି ବାପଛେଉଣ୍ଡ ସେତେବେଳେ ପ୍ରଶ୍ନକର୍ତ୍ତାଙ୍କ ଆଖି ଛଳଛଳ ହୋଇଗଲା। ଏପରିସ୍ଥିତିରେ ମାଆ ହିଁ ତା'ର ସାହା। କାରଣ ସେ ତା' ମାଆ କୋଳରେ ଦୁନିଆ ଦେଖେ। ମାଆ ତା'ର କେବଳ ଜନ୍ମଦାତ୍ରୀ ନୁହଁ ବରଂ ପାଳନକର୍ତ୍ତା, ଗୁରୁମା, ସହଚର ଆଦି ବିଭିନ୍ନ ଭୂମିକାରେ ଉପନୀତ ହୋଇ ପିଲାଟିର ମାର୍ଗଦର୍ଶନ କରାନ୍ତି। ଏଣୁ ସେ ମାଆପରି ହେଲେ ତା' ହାତମୁଠାରେ ଦୁନିଆକୁ ରଖିପାରିବ ବୋଲି ତା'ର ବିଶ୍ୱାସ।

ଏକ ଘଟଣା ହେଉଛି ସଫ୍ଟୱେର କମ୍ପାନୀରେ ଚାକିରି କରୁଥିବା ଏକ ଝିଅ। ହଠାତ୍ ଦିନେ ତା'ର ମାଆ ସହ ଦେଖା ହୋଇ କହିଲା, ମାଆ ! ମୁଁ ଜାଣିଛି ତୁ ଜୀବନସାରା ଏକ ବେସରକାରୀ ସଂସ୍ଥାରେ ଚାକିରି କରି ସ୍ୱଳ୍ପ ଦରମାରେ ମୋତେ ଚଳେଇଲୁ, ପାଠ ପଢ଼ାଇଲୁ। ଆଉ ମୁଁ ମଧ୍ୟ ପାଠପଢ଼ି ଭଲ ଚାକିରିଟିଏ କଲି। କିନ୍ତୁ ମାଆ ମୁଁ ଯେତେବେଳେ ମୋର ଅତୀତକୁ ବିଶ୍ଳେଷଣ କରି ଭବିଷ୍ୟତ ଚିନ୍ତା କରୁଛି, ମୋ ମନରେ ଅନେକ ପ୍ରଶ୍ନ ଆସୁଛି। ମାଆ ପଚାରିଲେ କ'ଣ କହୁନୁ। ଝିଅଟି କହିବାକୁ ଲାଗିଲା, ତୁ ଏତେ କଷ୍ଟ ସହି ରୋଜଗାର କଲୁ, ଏହା ଆବଶ୍ୟକତା ଥିଲା। ମୋତେ କେବେ ପିଇସୀ ଘରେ ତ ଆଉକେବେ ମାଉସୀ ଘରେ ଛାଡ଼ିଲୁ। ଫଳରେ ତୋଠାରୁ ସବୁବେଳେ ଦୂରରେ ରହିଲି। ଦୂରରେ ରହିଲେ ବି ତୁ ମୋର ସବୁ ଆଶା ଅକାଂକ୍ଷା ପୂରଣ କଲୁ। କିନ୍ତୁ ତୁ ନିଜ ସନ୍ତାନକୁ ଦୂରରେ ରଖି କେତେ ତ୍ୟାଗପୂର୍ଣ୍ଣ କଷ୍ଟ ନ ସହିଛୁ ସତେ ! ମାଆ ତୁ ସିନା ମୋର ଓ ଆମ ପରିବାରର ଭରଣପୋଷଣ ପାଇଁ ଚାକିରି କଲୁ, କିନ୍ତୁ ମୁଁ ଆଉ ଏ ଚାକିରି କରିବିନି। ମାଆ ସ୍ତବ୍ଧ ହୋଇଗଲେ। କହିଲେ ଝିଅ, ଆଜିର ସମାଜରେ ନିଜର ସ୍ଥିତି ସୁଦୃଢ଼ କରିବୁ କେମିତି ?



ଝିଅଟି କହିଲା, ମୁଁ ଯେତେବେଳେ ମାଆ ହେବାର ସୌଭାଗ୍ୟ ଅର୍ଜନ କରିବି, ମୋ ସନ୍ତାନକୁ ତା' ମାଆ ସୁଖରୁ ବଞ୍ଚିତ କରିପାରିବି ନାହିଁ। ଯାହା ମୋ ସହିତ ଘଟିଛି ତାହା ମୁଁ ତା' ସହ ଘଟିବାକୁ ଦେବିନି। ମାଆ ପାଖରେ ଥିଲେ ସନ୍ତାନର ଭବିଷ୍ୟତ କେବଳ ଉଜ୍ଜ୍ୱଳ ହେବ ତାହା ନୁହେଁ ବରଂ ତା' ପାଖରେ ଦୁନିଆର ସବୁଠୁ ବଡ଼ ସମ୍ପଦ ଅଛି ବୋଲି ସେ ଅନୁଭବ କରିବ। କେବଳ ମୋର ଭବିଷ୍ୟତ ବା ସନ୍ତାନ ପାଇଁ ଏ ଚାକିରି ମୁଁ ଛାଡୁନାହିଁ ବରଂ ଏଇ ବାକି କିଛିଦିନ ତୁମ ସହ କାଟିବାକୁ ମନସ୍ଥ କରିଛି। ମାଆ ମୋ ବାହାଘର ପାଇଁ ଯେଉଁ ପୁଅଟିଏ ବୁଝିବୁ ସେ ଯେପରି ମୋତେ ବୁଝିପାରୁଥିବ, ମୋତେ ସୁରକ୍ଷିତ ରଖିପାରୁଥିବ। ବାସ୍ ଏତିକି ମୋର ଇଚ୍ଛା। ଝିଅକୁ କୋଳେଇ ନେଲେ ମାଆ। ବାସ୍ତବରେ ଏ ସମ୍ପର୍କର ତୁଳନା ନାହିଁ। ଏ ଅବଦାନର କଳନା ନାହିଁ।

ଆଉ ଏକ ଘଟଣାରେ ଏକ ସହରରେ ଜଣେ ଶିଶୁ ଅଧିକାର କର୍ମୀଙ୍କ ପଡ଼ୋଶୀ ଘରର ଏକ ଶିଶୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼େ। ଦିନେ ସେ ଝରକା ପାଖରୁ ଶୁଣିବାକୁ ପାଇଲେ ଯେ ପିଲାଟି ଖାଲି ଏସ୍ ମ୍ୟାମ୍, ନୋ ମ୍ୟାମ୍ କହୁଛି। ବେଳେବେଳେ କହୁଛି ଯେ ଠିକ୍ ହେ, ଯେ ଅଚ୍ଛା ହେ ଇତ୍ୟାଦି। ସେ ଜାଣିପାରିଲେ ଯେ ଶିଶୁଟି ଅନ୍‌ଲାଇନ କ୍ଲାସ କରୁଛି। ତା'ର ଠିକ୍ ଦୁଇଦିନ ପରେ ସେହି ଶିଶୁଟି ଏକ ଦେଶଭକ୍ତି ହିନ୍ଦୀ କବିତା ଅନ୍‌ଲାଇନ ଶିକ୍ଷା ଦ୍ୱାରା ଅଭ୍ୟାସ କରୁଛି। ସେ ଶବ୍ଦଗୁଡ଼ିକ ଠିକ୍ ଢଙ୍ଗରେ ଉଚ୍ଚାରଣ କରିପାରୁ ନ ଥିବାରୁ ତା'ର ମାଆ ତାକୁ ଏକ ଚଟକଣି ପକାଇଲେ। କାନ୍ଥ କଡ଼ରେ ବସିଥିବାରୁ ତା'ର ମୁଣ୍ଡ ମାଡ଼ ହୋଇ ଫୁଲିଗଲା। ପିଲାଟିକୁ ଦାଣ୍ଡରେ ଦେଖି କର୍ମୀ ଜଣକ ମୁଣ୍ଡଫୁଲିବା ବିଷୟରେ ପଚାରିବାରୁ ପିଲାଟି କହିଲା, କାନ୍ଥରେ ମୁଣ୍ଡ ବାଜି ଏମିତି ହୋଇଛି। ତା'ର ମାଆ ମଧ୍ୟ ଏ କଥା ଶୁଣୁଥାନ୍ତି। କର୍ମୀ ଜଣକ ଓ ଶିଶୁର ମାଆ ଅନୁଭବ କଲେ ଯେ, ପିଲାଟି କଅଁଳ ବୟସରୁ ତା'ର ମାଆର ସମ୍ମାନକୁ ଗୁରୁତ୍ୱ ଦେଲାଣି। ପରଦିନ ସେହି କର୍ମୀ ଜଣକ ହିନ୍ଦୀ କବିତାଟିକୁ ଝରକା ପାଖରେ ଉଚ୍ଚସ୍ୱରରେ ଆବୃତ୍ତି କଲେ। ତାଙ୍କ ସ୍ୱରରେ ସ୍ୱର ମିଶାଇ ପିଲାଟି ଓ ତା'ର ମାଆ ଆରପାଖରୁ ଠିକ୍ ଶବ୍ଦ ଉଚ୍ଚାରଣ କରି ତାଳରେ ଗାଇବାକୁ ଲାଗିଲେ। ମାଆ ତାଳି ମାରିଲେ ଓ ଶିଶୁଟି ଗାଲରେ ଏକ ଚୁମ୍ବନ ଦେଲେ। ମାଆର ଆଖିରୁ ନିଗିଡି ପଡୁଥିବା ଅଶ୍ରୁକୁ ପୋଛିଦେଲା ଛୁଆଟି ତା'ର କଅଁଳ ପାପୁଲିରେ। କର୍ମୀ ଜଣକ ବୁଝିପାରୁଥିଲେ ମାଆ ମନର ବ୍ୟଥାକୁ ଓ ବେଦନାକୁ। ମାଆ ବୁଝିପାରୁଥିଲେ ପ୍ରତିକ୍ରିୟାଶୀଳ ହେବା ପୂର୍ବରୁ ସନ୍ତାନର ମନସ୍ତତ୍ତ୍ୱକୁ ବୁଝିବା ଜରୁରୀ। ଜଞ୍ଜାଳମୟ ଜୀବନରେ ବ୍ୟସ୍ତତା, କାମର ଚାପ, ବେଳେବେଳେ ଅସ୍ଥିର ହୋଇପଡୁଥିବା ମନକୁ ନିୟନ୍ତ୍ରଣ କରିବା ଜରୁରୀ। ଏହି ଘଟଣାର ପୁନରାବୃତ୍ତି ନ ହେବାର ପ୍ରତିଶ୍ରୁତି ଦେବାକୁ ଯାଇ ମାଆ ଜଣକ ସେହି କର୍ମୀଙ୍କ ଘରକୁ ଆସି ପୁନର୍ବାର ଖୁବ୍ ଅନୁତାପ କଲେ।

ସନ୍ତାନ ଦୃଷ୍ଟିରେ ମାଆ ସମ୍ବନ୍ଧରେ ଏମିତି ଅନେକ ଘଟଣା ଅଛି ଯାହା ପ୍ରମାଣ କରେ ସନ୍ତାନ ଓ ମାଆର ସମ୍ପର୍କ ଅତୁଟ। ତାକୁ କୌଣସି ଶକ୍ତି କେବେ ଦୁର୍ବଳ କରିପାରିନାହିଁ। ଏ ନିବିଡ଼ ସମ୍ପର୍କ ହିଁ ପରସ୍ପରଙ୍କୁ ନିକଟତର ଓ ପରିପୂରକ କରାଇପାରିଛି।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

## ସମାଜର ଦୃଶ୍ୟ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ନିକଟରେ ଦୁଇଟି ଦୁଃଖଦାୟକ ଖବର ଆମ ଭଳି ସାଧାରଣ ଲୋକଙ୍କୁ ଖୁବ୍ ବ୍ୟସ୍ତବିବ୍ରତ କଲା। ଦୁଇଟି ଯାକ ଖବର ସ୍ୱାସ୍ଥ୍ୟବିଭାଗକୁ ନେଇ। କିଛିଦିନ ତଳେ କ୍ୟାପିଟାଲ ହସ୍ପିଟାଲରେ ୭ମାସର ଝିଅଟିଏ ଚିକିତ୍ସିତ ହେଉଥିବା ବେଳେ ଆଖିବୁଜିଦେଲା। ମୃତଦେହକୁ ନେବାପାଇଁ ଆମ୍ବୁଲାନ୍ସ ମିଳିଲା ନାହିଁ, ତେଣୁ ବାଧ୍ୟ ହୋଇ ଝିଅର ବାପା ବ୍ୟାଗ୍‌ରେ ଭର୍ତ୍ତିକରି ବାଇକ୍‌ରେ ଟଙ୍ଗେଇ ନେଲେ। ଦୁର୍ଭାଗ୍ୟବଶତଃ ଅଧା ବାଟରେ ବ୍ୟାଗ୍ ଛିଣ୍ଡିଗଲା ଏବଂ ପିଲାର ମୃତଦେହ ତଳେ ପଡ଼ିବା ଦେଖି ଜାଗାଟି ଲୋକାରଣ୍ୟ ହୋଇଗଲା। ଲୋକମାନେ ଜନ୍ମକଲା ବାପାକୁ ପିଲା ଚୋର ଭାବି ବେଶ୍ କିଛି ବିଧା ଗୋଇଠା ଦେଲେ। କିଛି ମାମଲତକାର ବାପାଙ୍କୁ ରାସ୍ତା ଉପରେ କାନ ଧରି ଉଠବସ୍ କରାଇଲେ। ପରିଶେଷରେ ଲୋକର ସ୍ତ୍ରୀ ଖବର ପାଇ ଜମା ହେଉଥିବା ଲୋକଙ୍କୁ ଆଧାର କାର୍ଡ ଦେଖାଇବାରୁ ସ୍ୱାମୀ ମୁକୁଳିଲେ। କିନ୍ତୁ କଥା ନ ଶୁଣି ନିର୍ଦ୍ଦୋଷ ଲୋକକୁ ଉଠ୍‌ବସ୍ କରାଇଥିବା ଅପରାଧରେ ଦୋଷୀ ଲୋକମାନଙ୍କୁ କି ଦଣ୍ଡ ବିଧାନ କରାଗଲା। ସେଦିନ ଏହି କଥା କହି ଜୟକୃଷ୍ଣବାବୁ କହିଲେ, ବର୍ତ୍ତମାନ ଏକ ଭିନ୍ନ ସରକାର ଚାଲିଛି। ଘଟଣା ଘଟିବାର ବେଶ୍ କିଛିଦିନ ଗଡ଼ିଗଲାଣି କିନ୍ତୁ ନିରପରାଧୀ ଲୋକଙ୍କୁ ଅଯଥାରେ ଦଣ୍ଡ ଦେଇ ତାଙ୍କ ସମ୍ମାନକୁ ଭୂଲୁଣ୍ଠିତ କରିଥିବା ବ୍ୟକ୍ତିବିଶେଷଙ୍କୁ କି ଦଣ୍ଡ ମିଳିଲା ଏବଂ ଆବଶ୍ୟକ ବେଳେ ଆମ୍ବୁଲାନ୍ସ ନ ମିଳିବା ଘଟଣାର ଠିକ୍ ତଦନ୍ତ ହୋଇଛି କି? ଏପରି ଅନେକ ପ୍ରଶ୍ନ ଆମ ମନରେ ଉଙ୍କିମାରୁଛି।

ଦ୍ୱିତୀୟ ଘଟଣାଟି ହେଉଛି ମୟୂରଭଞ୍ଜ ଜିଲାର ଘାଘରା ଗାଁର ଶଙ୍କର ନାୟକଙ୍କ କଥା। ଶଙ୍କରବାବୁ ମୟୂରଭଞ୍ଜ ମେଡିକାଲ କଲେଜକୁ ପତ୍ନୀଙ୍କର ପ୍ରସବ ପାଇଁ ଆସିଥିଲେ। ପ୍ରସବ ପରେ ପିଲାର ସ୍ୱାସ୍ଥ୍ୟ ଭଲ ନ ଥିବାରୁ ଡାକ୍ତର କହିଲେ ପିଲାକୁ ଆଇସିୟୁରେ ରଖାଯିବ। ତେଣୁ ବାପା ମା'ଙ୍କର ମେଡିକାଲ କଲେଜରେ ଭିଡ଼ ଜମାଇବାର କୌଣସି ଆବଶ୍ୟକତା ନାହିଁ ବୋଲି କହି ଡାକ୍ତର ସେମାନଙ୍କୁ ଫେରାଇ ଦେଲେ। ଇତିମଧ୍ୟରେ ୩ ଦିନ ବିତିଯାଇଛି। ହଠାତ୍ ମେଡିକାଲ କଲେଜରୁ ଖବର ଆସିଲା ଯେ ତୁମ ଛୁଆ ମରିଗଲାଣି, ତାକୁ ନେଇଯାଅ। ଝିଅର ବାପା ଯାଇ ଦେଖିଲାବେଳକୁ ମୃତଦେହ ଶଢ଼ିବା ଅବସ୍ଥା। ମେଡିକାଲ କଲେଜରେ ଶୁଣିଲେ ଯେ, ପିଲାଟି ଦୁଇଦିନ ଆଗରୁ ଆଖିବୁଜି ସାରିଲାଣି। ତେଣୁ ଗରିବ ବାପା ମୃତଦେହକୁ ଗାଁକୁ ନେଇଯିବା ଲାଗି ଆମ୍ବୁଲାନ୍ସ ମାଗିଲେ। ମହାପ୍ରୟାଣ ଗାଡ଼ିର ଲୋକ କହିଲେ, ବାବୁ! ଆଗ ମାଲ୍ କାଢ଼। ତା'ପରେ ଯିବା କଥା। ଦୀର୍ଘ ସମୟ କାକୁତିମିନତି ହେଲା ପରେ ରାତି ସାଢ଼େ ଦଶଟା ବେଳକୁ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ ଗାଡ଼ି ମୃତଦେହକୁ ନେଇଥିଲା। ଆମ କହିବାର କଥା ହେଲା ସରକାର ଏ ବିଷୟରେ ନିଶ୍ଚୟ ଖବର ରଖିଥିବେ। କିନ୍ତୁ ଏ ବିଷୟରେ ବିଧିବଦ୍ଧ ତଦନ୍ତ ହୋଇ ଉଭୟ ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ମହାପ୍ରୟାଣ ଗାଡ଼ିର ଚାଳକଙ୍କ ପ୍ରତି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ? ବର୍ତ୍ତମାନ ଆମ ଭଳି ଗୋଟିଏ ମୂର୍ଖ ଲୋକ ଜଳକା ହୋଇ ରହିବା ଛଡ଼ା ଆଉ କ'ଣ କରିପାରିବ!

ବିଦେଶରେ ହେଲେ ମଧ୍ୟ ଗୋଟିଏ ଘଟଣା ଆମ ମନକୁ ବେଶ୍ ଛୁଇଁଛି। ପର୍ତ୍ତୁଗାଲରେ ଏକ ସରକାରୀ ଡାକ୍ତରଖାନାରେ ଜଣେ ଭାରତୀୟ ମହିଳାଙ୍କୁ ବେଡ୍ ମିଳି ନ ଥିବାରୁ ପର୍ତ୍ତୁଗାଲର ସ୍ୱାସ୍ଥ୍ୟମନ୍ତ୍ରୀ ମାର୍ତ୍ତା ଟେମିଡୋ ନିଜ ପଦରୁ ଇସ୍ତଫା ଦେଇ ନୈତିକତାର ପରିଚୟ ଦେଇଛନ୍ତି। ଏକ ରେଳ ଦୁର୍ଘଟଣାରେ ତଦନାନ୍ତୀନ ରେଳମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ନିଜକୁ ନୈତିକତା ଦୃଷ୍ଟିରୁ ଦାୟୀ କରି ରେଳମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଅନୁରୂପ ଭାବେ ସେଦିନ ରାଜର୍ଷୀ ନବକୃଷ୍ଣ ଚୌଧୁରୀ ବିଧାନସଭାରେ ଆସ୍ଥା ଭୋଟ୍‌ର ସମ୍ମୁଖୀନ ହେଲେ। ଆସ୍ଥା ଭୋଟରେ ଜିତିଥିଲେ ମଧ୍ୟ ଜଣେ ବିଧାୟକ ଆସ୍ଥା ଭୋଟ ବିରୋଧରେ ଭୋଟ ଦେଇଥିବାରୁ ନବବାବୁ କହିଥିଲେ, ଯଦି ମୁଁ ସବୁ ବିଧାୟକଙ୍କର ଆସ୍ଥା ଭାଜନ ହୋଇପାରିଲି ନାହିଁ ତେବେ ମୁଖ୍ୟମନ୍ତ୍ରୀ ଭାବେ ରହିବା ଉଚିତ ହେବ କି? ଏହା କହି ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ନିଜର କର୍ମସ୍ଥଳୀ ବାଜି ରାଉତ ଛାତ୍ରାବାସକୁ ଚାଲିଗଲେ। ସେହିଦିନ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ବିଧାନ ସଭା ବା ଲୋକ ସଭାରେ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିଲେ। ବର୍ତ୍ତମାନ ସମୟ ତ ଭିନ୍ନ, ଅବସ୍ଥା ଚକ୍ରରେ ନ ପଡ଼ି ସେପରି ହଲାପଟା ନ ହେଲେ କେହି ମନ୍ତ୍ରୀପଦରୁ ଇସ୍ତଫା ଦେବାର ନଜିର ଆମ ପାଖରେ ନାହିଁ। ଆମ ସରକାର ଏସବୁ ଦିଗରେ ତଦନ୍ତ କରି ପଦକ୍ଷେପ ନେଲେ ଆମେ ଭାବିବୁ ଯେ, ପ୍ରଶାସନ ଠିକ୍ ବାଟରେ ଚାଲିଛି। ଅନ୍ୟଥା କପାଳରେ କରମାରିବା ହିଁ ସାର ହେବ।

ଚୈତନ୍ୟ ଧାମ, ଶବରସାହି, ଭୁବନେଶ୍ୱର,
ମୋ: ୯୪୩୮୦୭୨୮୫୦

## ପାଠକ ଶ୍ରେଷ୍ଠ ବିଚାରକ

### ଜମି କିସମ ପରିବର୍ତ୍ତନ ଦେୟ ହ୍ରାସ ହେଉ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକ ତହସିଲ ଅଧୀନ ଅଧିକାଂଶ ମୌଜାରେ ଥିବା ଜମିର କିସମ ପରିବର୍ତ୍ତନ ମୂଲ୍ୟ ଅତ୍ୟଧିକ ଧାର୍ଯ୍ୟ କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବନପୁର, ଶ୍ରୀରାମଚନ୍ଦ୍ରପୁର, କାଦୁଆ, ଜୟପୁର ଓ ସୁଆଣ୍ଡୋ ଅଞ୍ଚଳରେ ଅନେକ ଯୌଥ ପରିବାର ଥିବାବେଳେ ଏବେ ପରିବାରଗୁଡ଼ିକ ଭିନ୍ନ ହୋଇ ଅଲଗା ଅଲଗା ଜାଗାରେ ଘର ତିଆରି କରିବାକୁ ଯୋଜନା କରୁଛନ୍ତି। କିନ୍ତୁ ଏଥିରେ ବାଧକ ସାଜିଛି କିସମ ପରିବର୍ତ୍ତନ। ବିଭିନ୍ନ ମୌଜାର ଚାଷଜମିରେ ଘର କରିବା ପାଇଁ ତହସିଲଦାରଙ୍କଠାରୁ ଅନୁମତି ନିଆଯିବାର ବିଧି ଅଛି। ବନପୁର ମୌଜାରେ ଘର କରିବାକୁ ଏକର ପ୍ରତି ୫୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୧୦ରୁ ଊର୍ଦ୍ଧ୍ୱ ମୌଜାରେ ଫନୀ ମହାବାତ୍ୟାରେ ଗରିବ ଲୋକଟିଏ ନିଜ ମାଲିକାନାରେ ଥିବା ମୂଳ ଚାଷଜମିକୁ ଘରବାରିରେ ପରିଣତ କରିପାରୁ ନାହିଁ। ଏହି ସୁଯୋଗରେ ଅମିନ, ଓକିଲ ଓ ମୋହରିରମାନେ ହିତାଧିକାରୀଙ୍କୁ ଭୁଆଁ ବୁଲାଇ ହାତ ଚିକ୍କଣ କରୁଥିବାର ଗୁରୁତର ଅଭିଯୋଗ ହସ୍ତଗତ ହୋଇଛି। ତେବେ ଅତ୍ୟଧିକ ଦରକୁ ବିଚାରକୁ ନେଇ ସତ୍ୟବାଦୀ (ସାକ୍ଷୀଗୋପାଳ) ତହସିଲ ଅନ୍ତର୍ଗତ ସମସ୍ତ ମୌଜାରେ ଜମିର ପୁନଃ ମୂଲ୍ୟାୟନ କରିବାକୁ ସାଧାରଣରେ ଦାବି ହେଉଛି।

– ଦେବଦତ୍ତ ମିଶ୍ର, ସାକ୍ଷୀଗୋପାଳ,ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଥରଇ ହିୟା ମମ
କୁମୁଦ-ଦଳ ସମ
ପ୍ରଥମ ପୀରତିର ଚେତନା
ଯେସନ ଉଠେ ଥରି
ତରୁଣ ପ୍ରାଣ ଭରି
ବିକାଶି ନବ ନବ ବାସନା।

-(ବର୍ଷାରତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭିସୁଟ୍ ଭଳି ଭିମ୍ସାରକୁ ବିକଶିତ କରାଯାଉ

**ସମ୍ବଲପୁର,୨୨।୯(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ବୁର୍ଲା ଭିସୁଟ୍‌ର ବିକାଶ ପାଇଁ ୨ ହଜାର କୋଟି ଅନୁଦାନ ଦେବା ସହ ୧ ଶହ ଏକର ଜମି ଯୋଗାଇ ଦେବାକୁ ମଞ୍ଜୁର କରିଛନ୍ତି। ଏହି ପଦକ୍ଷେପକୁ ସମ୍ବଲପୁର ତଥା ପଶ୍ଚିମ ଓଡିଶାର ଜନସାଧାରଣ ଓ ବିଭିନ୍ନ ସଂଗଠନ ସାଧୁବାଦ ଜଣାଉଛନ୍ତି। ହେଲେ ବୁର୍ଲାରେ ଭିମ୍‌ସାର ଭଳି ଆଉ ଏକ ବହୁ ପୁରାତନ ମେଡିକାଲ କଲେଜ ରହିଛି। ତାହାକୁ ମଧ୍ୟ ବିକଶିତ କରାଯାଉ ବୋଲି ସମ୍ବଲପୁର ବୁଦ୍ଧିଜୀବୀ ଫୋରମ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଦାବି କରିଛି। ଫୋରମ କର୍ମକର୍ତ୍ତା କହିଥିଲେ, ଭିସୁଟର ବିକାଶରେ ଏହା ସହାୟକ ହେବ। ଏବେ ୫ ହଜାର ଛାତ୍ରୀଛାତ୍ର ଅଧ୍ୟୟନ କରିବା କ୍ଷମତା ରହିଥିବା ବେଳେ ବୃଦ୍ଧି ପାଇଁ ୧୦ ହଜାରରେ ପହଞ୍ଚିଯିବ। ବିଶ୍ୱସ୍ତରୀୟ ଶିକ୍ଷା ଅନୁଷ୍ଠାନ ଭାବେ ପରିଚିତ ହେବ। ୩ବର୍ଷ ପୂର୍ବରୁ ଭିସୁଟ୍‌ର ଏହି ସମସ୍ୟା ଉପରେ ବୁଦ୍ଧିଜୀବୀ ଫୋରମ୍ ପକ୍ଷରୁ ଏହି ଯୋଜନାକୁ ନେଇ ସରକାରଙ୍କ ପାଖରେ ଦାବି କରାଯାଇଥିଲା। ଏବେ ସରକାର ମଞ୍ଜୁର ପ୍ରଦାନ କରିଛନ୍ତି। ସେହିପରି ପଶ୍ଚିମ ଓଡିଶା ତଥା ପଡୋଶୀ ଜିଲାରୁ ରୋଗୀମାନେ ଭିମ୍‌ସାର ଉପରେ ନିର୍ଭର କରୁଛନ୍ତି। ଭିମ୍‌ସାର ବିକାଶକୁ ନେଇ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ସମ୍ବଲପୁର ଜିଲା ପ୍ରତି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ ଦେଇଛନ୍ତି, ଯାହ ସମ୍ବଲପୁରବାସୀଙ୍କ ପାଇଁ ଖୁସି ଆଣିଦେଇଛି। ଜିଲାରେ ଥିବା ଶିକ୍ଷାନୁଷ୍ଠାନ, ମେଡିକାଲ, ସରକାରୀ ଅଫିସରେ ଅନେକ ପଦବୀ ଖାଲି ପଡିଛି। ତାହା ଶୀଘ୍ର ପୂରଣ କରାଯାଉ ବୋଲି ଦାବିକରିଥିଲେ। ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ର. ଶଙ୍କର ପ୍ରସାଦ ପତି, ପ୍ର. କାମଦେବ ସାହୁ, ପ୍ର. ମୀନକେତନ ପାଠୀ, ଡ. ଶ୍ୟାମ ସୁନ୍ଦର ଧର, ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ଅବସରପ୍ରାପ୍ତ ବିଚାରପତି ଗୋପରଞ୍ଜନ ଦୁବେ, ପୂର୍ବତନ ଏମ୍‌ପି ଭବାନିଶଙ୍କର ହୋତା, ଅବସରପ୍ରାପ୍ତ ପ୍ରଶାସକ ରଘୁନାଥ ମିଶ୍ର, ଡା. ରମାବଲ୍ଲଭ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

# କୁଟୁରାଚୁଆଁ କଲେଜରେ ପ୍ରବେଶ ଉତ୍ସବ



ପ୍ରବେଶ ଉତ୍ସବରେ ମଞ୍ଚାସୀନ ଅତିଥି।

**କୁଚିଣ୍ଡା, ୨୨।୯(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତଦୁଇ କନିଷ୍ଠ କଲେଜରେ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଗୁରୁବାର ଏକାଦଶ ଶ୍ରେଣୀରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ପ୍ରାରମ୍ଭିକ ସୂଚନା ଦେବା ସହ ସମୟ ସାରଣୀ ବିଷୟରେ କହିଥିଲେ। ଅଧ୍ୟାପକ ସତ୍ୟନାରାୟଣ ପଟେଲ କଲେଜର ନିୟମାବଳୀ, ଫି ଓ ଫାଇନ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଭାବନା ପାଣ୍ଡେ କଲେଜରେ ହେବାକୁ ଥିବା ପରୀକ୍ଷା ଓ ଶିକ୍ଷା ଡେମୋନ୍‌ଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ଶିକ୍ଷାର ପ୍ରାକ୍ଟିକାଲ ବିଷୟରେ ମତ ରଖିଥିଲେ। ଏହି ଅବସରରେ ପ୍ରତ୍ୟେକ ଅଧ୍ୟାପକ ଓ ଅଧ୍ୟାପିକା ନିଜର ପରିଚୟ ଦେବା ସହ ପାଠ୍ୟକ୍ରମ ସମ୍ପର୍କରେ ପ୍ରକାଶ କରିଥିଲେ। ଉତ୍ସବରେ ନୂତନ ଛାତ୍ରୀଛାତ୍ର ନିଜର ପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ସତ୍ୟନାରାୟଣ ପଟେଲ ଧନ୍ୟବାଦ ଦେଇଥିଲେ।

# ଏନ୍‌ଆଇଟିର ଷ୍ଟାର୍ଟଅପ୍ ଇକୋସିଷ୍ଟମ ମିଟ୍

**ରାଉରକେଲା ଅଫିସ,୨୨।୯:** ରାଉରକେଲା ଏନ୍‌ଆଇଟି ପରିସରରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମିଟ୍ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି । ଫାଉଣ୍ଡେଶନ ଫର ଟେକ୍ନୋଲୋଜି ଆଣ୍ଡ ବିଜନେସ୍ ଇନକ୍ୟୁବେସନ୍ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡକ୍ଟର ବିକାଶ ଅଗ୍ରୱାଲ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡକ୍ଟର ବିକାଶ ଅଗ୍ରୱାଲ ଷ୍ଟାର୍ଟଅପ୍ ଇକୋସିଷ୍ଟମ ନିର୍ମାଣ ପାଇଁ ଆବଶ୍ୟକ ଶିଳ୍ପ ବିଶ୍ଲେଷଣ, ପ୍ରଯୁକ୍ତି ବିଦ୍ୟା ଓ ନୀତି ଯୋଜନାର କାର୍ଯ୍ୟକାରିତା ସହ ଆଇନଗତ ଶିକ୍ଷା ଉପରେ ମତ ଦେଇଥିଲେ। ଶେଷରେ ସିଇଓ ଏଫ୍‌ଟିବିଆଇ ଚିରଞ୍ଜୀବ ସରକାର ଧନ୍ୟବାଦ ଅର୍ପଣ କରିଥିଲେ।


## ପୂର୍ବ ତଟ ରେଳପଥ

**ନଭେମ୍ବର-2022 ପାଇଁ ଡିପୋ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**

**ଇ-ନିଲାମର ଅନୁସୂଚୀ**

| ମାସ | ମୁଖ୍ୟାଳୟ/ମଣ୍ଡଳଗୁଡ଼ିକ | ତାରିଖ |
|---|---|---|
| ନଭେମ୍ବର-2022 | ଡିପୋ ମଞ୍ଚେଶ୍ୱର | 09.11.2022, 16.11.2022, 23.11.2022, 30.11.2022 |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 07.11.2022, 14.11.2022, 21.11.2022, 28.11.2022 |
| | ୱାଲ୍ଟିୟର ମଣ୍ଡଳ | 10.11.2022, 17.11.2022, 24.11.2022, 30.11.2022 |
| | ସମ୍ବଲପୁର ମଣ୍ଡଳ | 04.11.2022, 11.11.2022, 18.11.2022, 25.11.2022 |

''ଯେପରି ଅଛି, ଯେଉଁଠାରେ ଅଛି'' ଭିତ୍ତିରେ ସମ୍ବଲପୁର, ଖୋର୍ଦ୍ଧା ରୋଡ଼ ଏବଂ ୱାଲ୍ଟିୟର ମଣ୍ଡଳରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍‌ସ (ଲୋକୋ, କୋଚ୍, ୱାଗନ), ସ୍କ୍ରାପ୍ ରେଲ, ବିବିଧ **P.Way** ଫିଟିଙ୍ଗ୍‌ସ (ସୁଇଚ୍, କ୍ରସିଙ୍ଗ୍‌ସ, ଫିସ୍ ପ୍ଲେଟ୍‌ସ, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ୍ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ୍, ବଫର ପ୍ଲଞ୍ଜର, ଟର୍ଣ୍ଣିଙ୍ଗ୍ ଏବଂ ବୋରିଙ୍ଗ୍ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍ - ମେଟାଲିକ୍ ସ୍କ୍ରାପ୍, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟ୍‌ସ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣ ଏବଂ ରେଲୱେ ବିଦ୍ୟୁତୀକରଣ ର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରୀ । ରେଳବାଇ ପ୍ରଶାସନର ଅନ୍ୟ ଆଇଟମ୍‌ଗୁଡ଼ିକୁ ମଧ୍ୟ ନିଲାମରେ ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି ଏବଂ ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସଂପୃକ୍ତ ନିଲାମ ପରିଚାଳନା ପ୍ରାଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର **07(ସାତ)** ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ହେବ ।

PR-518/N/22-23 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର


# ର୍‍ୟାକେଟର ୪ ଗିରଫ, ୪ ଗାଡ଼ି ଉଦ୍ଧାର



ଗିରଫ ଅଭିଯୁକ୍ତ ଓ ଉଦ୍ଧାର ହୋଇଥିବା ଗାଡ଼ି।

**ସମ୍ବଲପୁର/ରେଙ୍ଗାଲି,୨୨।୯ (ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲା ଠେଲକୋଲୋଇ ପୋଲିସ ଏକ ଗାଡ଼ି ଚୋରି ର୍‍ୟାକେଟର ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ଟି ବାଇକ୍ ଓ ୨ଟି ୪ ଚକିଆ ଗାଡି ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଟେଣ୍ଡାଗୁଡ଼ା ଗ୍ରାମର ନାଜିର ଅଲି, ସୟଦ ନାଜିମ ଅଖତର, ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ମାଣିକଗୁଡ଼ାର ଏସ୍.କେ. ଉମର, ନୟାଗଡ଼ ଜିଲା ଭାପୁର ଗ୍ରାମର ପ୍ରଶାନ୍ତ କୁମାର ପୃଷ୍ଟି। ସୂଚନାଯୋଗ୍ୟ, ଜେଏସ୍‌ଡବ୍ଲ୍ୟୁ ଭୂଷଣ କାରଖାନାରେ କାର୍ଯ୍ୟରତ ୨ ଜଣ କର୍ମଚାରୀ ମନୋଜ ଜେନା ଓ ରଘୁନନ୍ଦନ ସା ୧୬ତାରିଖ ସନ୍ଧ୍ୟାରେ ବାଇକ୍ ଓଡି୨୩ଏ-୨୬୯୭ ଓ ଓଆର୧୫ସି-୩୮୪୪ ଗେଟ୍ ସମ୍ମୁଖରେ ରଖି ଡ୍ୟୁଟି କରିବାକୁ କମ୍ପାନୀ ଭିତରକୁ ଯାଇଥିଲେ। ୧୭ ତାରିଖ ସକାଳୁ ଆସି ଦେଖିଲା ବେଳକୁ ଦୁଇ ଜଣଙ୍କ ବାଇକ ନ ଥିଲା। ପରେ ସେମାନେ ଠେଲକୋଲୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ୨ ଅଭିଯୁକ୍ତଙ୍କଠାରୁ ୨ ବାଇକ୍ ଜବତ କରିଥିଲା। ସେମାନଙ୍କ ବୟାନ ଆଧାରରେ ଅନ୍ୟ ଗାଡ଼ି ଜବତ ହୋଇଥିଲା।

# ଏକାଠି କାମ କରିବାକୁ କଂଗ୍ରେସର ଆହ୍ୱାନ



ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା ପାଇଁ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀବୃନ୍ଦ।

**ରାଉରକେଲା ଅଫିସ,୨୨।୯**

ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଗୁରୁବାର ଦିନିକିଆ ରାଉରକେଲା ଗସ୍ତରେ ଆସି ପାନପୋଷ ଗାନ୍ଧୀ ଛକଠାରେ ପହଞ୍ଚିଥିଲେ। ଏହି ଅବସରରେ ଜିଲା କଂଗ୍ରେସ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇ ଏକ ମୋଟର ସାଇକେଲ୍ ଶୋଭାଯାତ୍ରାରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଣାଯାଇଥିଲା। ପିସିସି ସଭାପତି କଂଗ୍ରେସ ଭବନରେ ପହଞ୍ଚିବା ପରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ କଂଗ୍ରେସ ଭବନ ସମ୍ମୁଖସ୍ଥ ପଡିଆରେ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପିସିସି ସଭାପତି ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ରାଉରକେଲାରେ କଂଗ୍ରେସ ସଙ୍ଗଠନକୁ ଅଧିକ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୨୪ ପାଇଁ ଏବେଠାରୁ କଂଗ୍ରେସର ସମସ୍ତ କର୍ମୀ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା, ବିରେନ ସେନାପତି, ପ୍ରଶାନ୍ତ ସେଠୀ, ପ୍ରଭାତ ମହାପାତ୍ର, ରାଜେନ୍ଦ୍ର ଛତ୍ରିଆ, ରବି ରାୟ, ସବୀର ହୁସେନ, ଗଣେଶ ପ୍ରଧାନ, ରଶ୍ମିରଞ୍ଜନ ପାଢ଼ୀ, ନିରୁପମା ବଳିୟାରସିଂ, ଜ୍ଞାନେନ୍ଦ୍ର ଦାସ, ସୂର୍ଯ୍ୟକାନ୍ତ ବାରିକଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।


## OFFICE OF THE PRINCIPAL
## EKALAVYA MODEL RESIDENTIAL SCHOOL, NUAPADA

(Supported by Govt. of Odisha ST/SC Dev. Dept.)
(Affiliated to CBSE, Delhi, Affiliation No. 1520009)
At: Sakhatara, P.O.: Maulibhatta, P.S.: Nuapada, Dist.: Nuapada - 766105 (Odisha)
Email Id: emrs.nuapada@gmail.com

Letter No. EMRS/NPD/OFF/541/2022-23 Date: 22.09.2022

**WALK-IN-INTERVIEW**

Interested candidates having requisite qualification as mentioned below may send their bio-data with 01 set of self attested photo copies of certificates & 01 passport size photograph through Speed Post/Registered Post/School mail Id: **emrs.nuapada@gmail.com** on or before 10th October 2022 by 4 P.M. & attend the Walk-in-Interview along with Original Testimonials as the programme bellow for engagement of Guest Faculty/Part Time Teacher in Ekalavya Model Residential School, Nuapada. For further details visit Nuapada district website: **http://www.nuapada.nic.in**. This engagement is purely need based, part time & temporary. The remuneration will be paid of Rs.22,000/- per month as per the guidelines of OMTES, Bhubaneswar. The interview shall be conducted maintaining all the Covid - 19 guidelines.

| Sl. No. | Discipline | Qualification | Interview Date & Time |
|---|---|---|---|
| 1 | TGT English (Guest Faculty/Part Time) | 1. Graduate with 50% marks in concerned subject/combination of subjects and in aggregate with B.Ed.<br>2. Proficiency in Hindi & English<br>3. Computer Knowledge | Date: 12.10.2022 at 10 A.M. Place: EMRS, Nuapada |

1. No TA/DA will be paid for attending the Interview.
2. Authority reserves the right to cancel/modify/postpone the Walk-in-Interview without assigning any reason thereof.

**Sd./- Principal, EMRS, Nuapada**



## GOVT. OF ODISHA

Tel.06766-258301(O)
email:se_nerwkjr@rediffmail.com

## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE: KEONJHAR

**e Procurement Notice for Bridge Work under DMF**

**Identification No. Bridge Online NCB No. 351**

No. 2041 / Date: 20-09-2022

**No.O-1029:** 1.Name of the work : Construction of bridge over Sona on Lahanda-Birikala road under DMF in the District of Keonjhar. 2.No. of work : 01 (One) No. 3. Estimated Cost: Rs.598.62 Lakhs. 4. Class of Contractor (Eligible): 'A' Class Contractor. 5. Period of Completion : 18 (Eighteen) Calendar Months. 6. Other details:

| Procurement Officer | Bid Identification No. | Availability of tender online for bidding | | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge Online NCB No.351 | Dt.28.09.22 at 11.00 A.M. | Dt.18.10.22 upto 5.00 P.M. | Dt.17.10.22 upto 5.00 P.M. | Dt.19.10.22 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in.

OIPR-25177/11/0026/2223 **Sd./- Chief Construction Engineer, R.W.Circle, Keonjhar**



## भारत का राजपत्र
## The Gazette of India

सी.जी.-डी.एल.-अ.-24082022-238320
CG-DL-E-24082022-238320

असाधारण
EXTRAORDINARY

भाग II - खण्ड 3 - उप-खण्ड (ii)
PART II - Section - 3 - Sub-section (ii)

प्राधिकार से प्रकाशित
PUBLISHED BY AUTHORITY

सं. 3797] नई दिल्ली, मंगलवार, अगस्त 23, 2022/भाद्र 1, 1944
No. 3797] NEW DELHI, TUESDAY, AUGUST 23, 2022/BHADRA 1, 1944

## MINISTRY OF ROAD TRANSPORT AND HIGHWAYS

### NOTIFICATION

New Delhi, the 23rd August, 2022

**S. O. 3971(E).**— In exercise of powers conferred by sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government, after being satisfied that for the public purpose, the additional land (Hal plots instead of SABIK plots & left out plots. The SABIK plots which are earlier notified in 3A Notification vide No-S.O. 4662(E) Dtd 11.11.2021), the brief description of which is given in the Schedule below, is required for "Widening & Strengthening to two lane carriageways with paved shoulder from Km. 296.5 to Km. 336.5 (Mundamarai to Ratanpur) of NH-59 in the district of GANJAM in the state of ODISHA, hereby declares its intention to acquire such land.

Any person interested in the said land may, within twenty-one days from the date of publication of this notification in the Official Gazette, object to the use of such land for the aforesaid purpose under sub-section(1) of section 3C of the said Act.

Every such objection shall be made to the Competent Authority, namely, the **Land Acquisition Officer & Competent Authority NH-59-cum-Tahasildar, Asika** in writing and shall set out the grounds thereof and the Competent Authority shall give the objector an opportunity of being heard, either in person or by a legal practitioner, and may, after hearing all such objections and after making such further enquiry, if any, as the Competent Authority thinks necessary, by order, either allow or disallow the objections.

Any order made by the Competent Authority under sub-section (2) of section 3C of the said Act shall be final.The land plans and other details of the land to be acquired under their notification are available and can be inspected by the interested person at the aforesaid office of the Competent Authority.

### SCHEDULE

Brief Description of the land to be acquired with or without structures falling NH59 in the stretch of land from NH59 (Mundamarai to Ratanpur) in the district of GANJAM in the state of ODISHA.

| State: Odisha | | District: GANJAM | | | |
|---|---|---|---|---|---|
| S. No. | Survey/ Plot Number | Type of Land | Nature of Land | Area (in Local Unit) | Area (in Hectare) |
| Taluk: Dharakote | | | | | |
| Village: Bariguda | | | | | |
| 1 | 1017 | Government | AJA | 0.0050000 (Hectare) | 0.0050000 |
| 2 | 1024 | Private | RAYATI | 0.0218000 (Hectare) | 0.0218000 |
| 3 | 1029 | Private | RAYATI | 0.0150000 (Hectare) | 0.0150000 |
| 4 | 1030 | Private | RAYATI | 0.0163000 (Hectare) | 0.0163000 |
| 5 | 1031 | Private | RAYATI | 0.0204000 (Hectare) | 0.0204000 |
| 6 | 1032 | Private | RAYATI | 0.0334000 (Hectare) | 0.0334000 |
| 7 | 1036 | Government | SARBA SADHARANA | 0.0042000 (Hectare) | 0.0042000 |
| 8 | 1037 | Private | RAYATI | 0.0427000 (Hectare) | 0.0427000 |
| 9 | 1038 | Private | RAYATI | 0.0170000 (Hectare) | 0.0170000 |
| 10 | 1039 | Private | RAYATI | 0.0122000 (Hectare) | 0.0122000 |
| 11 | 1040 | Private | RAYATI | 0.0090000 (Hectare) | 0.0090000 |
| 12 | 1042 | Private | RAYATI | 0.0170000 (Hectare) | 0.0170000 |
| 13 | 1121 | Private | RAYATI | 0.0050000 (Hectare) | 0.0050000 |
| Village: Saradhapur | | | | | |
| 1 | 1037 | Government | SARBA SADHARANA | 0.0081000 (Hectare) | 0.0081000 |
| 2 | 3132 | Government | AJA | 0.0136000 (Hectare) | 0.0136000 |
| 3 | 3133 | Private | RAYATI | 0.0320000 (Hectare) | 0.0320000 |
| 4 | 3135 | Private | RAYATI | 0.0081000 (Hectare) | 0.0081000 |
| 5 | 3136 | Private | RAYATI | 0.0128000 (Hectare) | 0.0128000 |
| 6 | 3161 | Government | SARBA SADHARANA | 0.0028000 (Hectare) | 0.0028000 |
| 7 | 3165 | Government | SARBA SADHARANA | 0.0021000 (Hectare) | 0.0021000 |
| 8 | 3166 | Government | SARBA SADHARANA | 0.0010000 (Hectare) | 0.0010000 |
| 9 | 3335 | Private | RAYATI | 0.0161000 (Hectare) | 0.0161000 |
| 10 | 3340 | Private | RAYATI | 0.0025000 (Hectare) | 0.0025000 |
| 11 | 3341 | Private | RAYATI | 0.0077000 (Hectare) | 0.0077000 |
| 12 | 3342 | Government | IRRIGATION | 0.0010000 (Hectare) | 0.0010000 |
| 13 | 3343 | Government | IRRIGATION | 0.0010000 (Hectare) | 0.0010000 |
| 14 | 3344 | Government | IRRIGATION | 0.0021000 (Hectare) | 0.0021000 |
| 15 | 3345 | Government | AJA | 0.0077000 (Hectare) | 0.0077000 |
| 16 | 3346 | Private | RAYATI | 0.0145000 (Hectare) | 0.0145000 |
| 17 | 3347/ 3561 | Private | RAYATI | 0.0143000 (Hectare) | 0.0143000 |
| 18 | 3348 | Private | RAYATI | 0.0068000 (Hectare) | 0.0068000 |
| 19 | 3349 | Private | RAYATI | 0.0268000 (Hectare) | 0.0268000 |
| | | | Total | 0.4000 | 0.4000 |

[F. No. RO/BBSR/11011/59/ORS/2020-21/614/BMPR/2020/3A]
RAJESH GUPTA, Director



## BEFORE THE DEBTS RECOVERY TRIBUNAL, CUTTACK, ODISHA

C-71, Sector-7 CDA, Cuttack-753014, Odisha
Case No-OA 369/2022

AXIS BANK LTD. ...Applicant
VS
M/S PSP INFRASTRUCTURE PRIVATE LIMITED and others ...Defendants

To,
1. **M/S PSP INFRASTRUCTURE PRIVATE LIMITED,** Represented through its Authorised Signetory, Prakash Chandra Jena, Plot No: 2111/3283/5080, Mahadev Nagar, Lane-6, Jharpada, Bhubaneswar, Odisha,751006.
2. **Mr Prakash Chandra Jena,** S/o: Dadhibaman Jena, Plot No: 2111/3283/5080, Mahadev Nagar, Lane-6, Jharpada, Bhubaneswar, Odisha, 751006.
3. **Pradeepta Kishor Jena,** S/o.: Dadhibaman Jena, Plot No: 2111/3283/5080, Mahadev Nagar, Lane-6, Jharpada, Bhubaneswar, Odisha, 751006.
4. **Swadhin Kumar Jena,** S/o: Gajendra Kumar Jena, Plot No: 2111/3283/5080, Mahadev Nagar, Lane-6, Jharpada, Bhubaneswar, Odisha, 751006.
5. **Trupti Rout,** W/o: Prakash Chandra Jena, Plot No: 2111/3283/5080, Mahadev Nagar, Lane-6, Jharpada, Bhubaneswar, Odisha, 751006.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **OA No. 369 of 2022** in the court of the Debts Recovery Tribunal, Cuttack for recovery of **Rs.59,73,610.20/-** only together with current and future interest, costs and other reliefs. The above mentioned defendants are therefore directed to appear before the tribunal in person or through an Advocate or duly authorised agent in support of the defence to show cause within **30 days** from the date of publication or on **28th Oct 2022 at 10.30 a.m.** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this tribunal on this **14th day of Sept. 2022.**

**Sd/- (M.K. Patnaik)**
**REGISTRAR**



## OFFICE OF THE EXECUTIVE ENGINEER
## RWS&S DIVISION, KENDRAPARA

At: Ichhapur, Post: Shree Baladevjew,
Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**
**Bid Identification No. RWS/52/2022-23**
**Letter No.6391/Dated 21.09.2022**

**No.O-1033:1.** The Executive Engineer, RWS&S Division, Kendrapara on behalf of Governor of Odisha invites lump sum bid in **SINGLE** cover system in **ONLINE MODE** from eligible **Electrical** contractors for **External electrification** works of different Rural Piped Water Supply Schemes in Kendrapara, District.

2. Name of the Work : External electrification works for different RWSS points of PWS Schemes in Kendrapara district.
3. No. of Work : 15 Nos. (Fifteen) only
4. Value of the Work : Rs.4.63 Lakhs to Rs.10.66 Lakhs
5. Concerned tender inviting authority : Executive Engineer RWS&S Division, Kendrapara
6. Cost of Bid documents (Rs.): (Online) Rs.2000 and Rs.6000/- as applicable
7. Class of Bidder : "HT" and "LT"
8. Period of Completion : 30 days
9. Availability of bid document in the website : From Date 29.09.2022 at 10.00 AM to Date: 11.10.2022 5.30 PM
10. Last Date & Time of seeking tender clarification: Upto 01.10.2022 upto 5.30 PM
11. Date of Opening of Bid : 12.10.2022 at 11.00 AM

The bidders have to participate in the tender through ONLINE bidding only. Further details can be had from the website i.e. **http://tendersodisha.gov.in.**

Subsequent corrigendum/addendum if required shall only be appeared in the above website.

OIPR-25004/11/0073/2223 **Sd./- Executive Engineer RWS&S Division, Kendrapara**

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୩ ସେପ୍ଟେମ୍ବର, ୨୦୨୨



# ସୁନ୍ଦରଗଡ଼ ଜିଲାରେ ୧୧୪ ଡେଙ୍ଗୁ ରୋଗୀ ଚିହ୍ନଟ

**ସୁନ୍ଦରଗଡ଼, ୨୨।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାରେ ଚିନ୍ତା ବଢାଇଛି ଡେଙ୍ଗୁ। ଜିଲାରେ ଗତ ୨୧ତାରିଖ ମଧ୍ୟରେ ମୋଟ ୧୧୪ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହୋଇଥିବା ଡେଙ୍ଗୁରୋଗୀଙ୍କ ମଧ୍ୟରୁ ସର୍ବାଧିକ ୯୯ଜଣ ହେଉଛନ୍ତି ରାଉରକେଲା ସହରାଞ୍ଚଳର ବୋଲି ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ଜଣାପଡିଛି। ରାଉରକେଲା ଆଇଜିଏଚ୍‌ରେ ୯୩ଜଣ, ଆରଜିଏଚ୍‌ରେ ୧୨ଜଣ ଓ ରାଜ୍ୟର ଜଣେ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ ପୌରାଞ୍ଚଳରେ ୨ଜଣ, ବୀରକେରା, ବିଶ୍ରା, ଗୁରୁଣ୍ଡିଆ, ବଣାଇଁରେ ଜଣେ ଲେଖାଏଁ ଓ ମଝାପଡାରେ ୨ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ପଡୋଶୀ କେଉଁଝର ଜିଲାର ୨ଜଣ ଓ ଝାଡଖଣ୍ଡ ରାଜ୍ୟର ଜଣେ ରୋଗୀ ଚିହ୍ନଟ ହୋଇ ଏଠାରେ ଚିକିତ୍ସିତ ହେଉଛନ୍ତି। ଡେଙ୍ଗୁର ମୁକାବିଲା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଆର୍‌ଏସ୍‌ପି ପକ୍ଷରୁ ମିଳିତ ଭାବେ ତ୍ୱରିତ ପଦକ୍ଷେପ ଆରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ରଙ୍କ ସୂଚନା ଅନୁଯାୟୀ ଗତ କିଛିଦିନ ଲଗାଣ ବର୍ଷା ଯୋଗୁ ରାଉରକେଲା ସହରରେ କିଛି ଅଞ୍ଚଳରେ ବର୍ଷାପାଣି ଜମି ରହି ଡେଙ୍ଗୁ ମଶା ବୃଦ୍ଧି ହୋଇ ବର୍ତ୍ତମାନ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଗତବର୍ଷ ୧୭୪୨ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ସେହି ତୁଳନାରେ କମ୍ ରହିଛି। ସୁନ୍ଦରଗଡ଼ ଜିଲା ଡେଙ୍ଗୁ ପାଇଁ ଏକ ସମ୍ବେଦନଶୀଳ ଜିଲା। ରାଜ୍ୟ ମଧ୍ୟରେ ଓ ରାଜ୍ୟ ବାହାରର ଡେଙ୍ଗୁ ପ୍ରବଣ ଅଞ୍ଚଳରୁ ଆସୁଥିବା ବ୍ୟକ୍ତିମାନଙ୍କ ଏଠାରେ ଥିବା ଶିଳ୍ପାଞ୍ଚଳ, ଜମିରହୁଥିବା ପାଣିରେ ଡେଙ୍ଗୁ ଭୂତାଣୁ ବଢାଉଛି। ୧୧୪ଜଣ ରୋଗୀଙ୍କ ମଧ୍ୟରୁ ୩ଜଣ କେଉଁଝର, ଝାଡଖଣ୍ଡ ରାଜ୍ୟର ହୋଇଥିବା ବେଳେ ଅନ୍ୟ ୩୭ଜଣ ରାଜ୍ୟର ଅନ୍ୟ ଡେଙ୍ଗୁ ପ୍ରଭାବିତ ଅଞ୍ଚଳରୁ ଆସିଥିବା ଜଣାଯାଇଛି। ରାଉରକେଲା ସହର ବାସନ୍ତୀ କଲୋନୀ, ସେକ୍ଟର ୧, ୧୩ ଓ ୧୭ ଅଞ୍ଚଳରେ ମଶାଧୁଆଁ ଦିଆଯିବା ଆରମ୍ଭ ହୋଇଥିବା ବେଳେ ୨୦ଜଣ ଡେଙ୍ଗୁ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରାଯାଇ ସ୍ୱଚ୍ଛତା ଅଭିଯାନ ଜାରିରହିଛି। ଆର୍‌ଜିଏଚ୍‌ରେ ସ୍ୱତନ୍ତ୍ର ଡେଙ୍ଗୁ ୱାର୍ଡ ରହିଥିବା ବେଳେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଗୁରୁବାରଠାରୁ ଡେଙ୍ଗୁରୋଗୀଙ୍କ ପାଇଁ ୬ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି। ହେଲେ ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମିଶ୍ର ପ୍ରକାଶ କରିଛନ୍ତି।

**ରାଉରକେଲା ସହରରେ ସର୍ବାଧିକ ୯୯ଜଣ ରୋଗୀ**

## ସଂକ୍ଷେପରେ

### ଡ୍ରାଗନ ଫଳଚାଷ ୟୁନିଟ୍ ଉଦ୍‌ଘାଟିତ

**ରାଉରକେଲା ଅଫିସ,୨୨।୯:** ଆର୍‌ଏସ୍‌ପି ପରିସରରେ ଇନ୍‌ଷ୍ଟିଚ୍ୟୁଟ ଫର ପେରିଫେରାଲ ଡେଭଲପମେଣ୍ଟ, ସେକ୍ଟର-୨୦ରେ ଡ୍ରାଗନ ଫଳଚାଷ ୟୁନିଟ୍ ଆରଏସ୍‌ପି ଗୁଣବତ୍ତା ବିଭାଗର ସିଜିଏମ୍ ଆତିଶ ସରକାର ଓ ଏନ୍‌ଆଇଟିର ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମନଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଛି। ଏହି ପ୍ରକଳ୍ପ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ରାଉରକେଲା ସହିତ ମିଳିତ ଭାବେ ନିଆଯାଇଥିବା ୱେଟ ଟୁ ୱେଲଥ କାର୍ଯ୍ୟକ୍ରମର ଏକ ଅଂଶ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ୍ ମିତ୍ର, ଡିଜିଏମ୍ ଡି. ପ୍ରଧାନ, ସିନିୟର ମ୍ୟାନେଜର ଏ. ପତି, ରାଉରକେଲା ଏନ୍‌ଆଇଟିର ପ୍ରଫେସର ଡକ୍ଟର ରାମ ପ୍ରଧାନ ଏବଂ ଉଭୟ ଅନୁଷ୍ଠାନର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୧୦୭

**ରାଉରକେଲା ଅଫିସ,୨୨।୯:** ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ଅତିଥି ଭବନ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଗୁଣ୍ଡୁଚି' ପକ୍ଷରୁ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ରକ୍ତଚାପ, ମଧୁମେହ ଓ ଇସିଜି ଆଦି ପରୀକ୍ଷାମାନ କରାଯାଇଥିଲା। ଶିବିରରେ ଭୁବନେଶ୍ୱର ସ୍ଥିତ ଆମ୍ରି ହସ୍ପିଟାଲର ଡାକ୍ତର ବିଭୁଦତ୍ତ ବେହେରା ଓ ୬ ଜଣ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇ ରୋଗୀମାନଙ୍କର ପରୀକ୍ଷା କରି ରିପୋର୍ଟ ପ୍ରଦାନ କରିଥିଲେ। ଏହି ଶିବିରରେ ୧୦୭ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଗୁଣ୍ଡୁଚିର ସଭାପତି ଭଗବାନ ରାଉତ, ସାଧାରଣ ସମ୍ପାଦକ କୁମୁଦ ରଞ୍ଜନ ମହାନ୍ତି ଡା. ବେହେରା ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ୱାଗତ କରିଥିଲେ। ଅମୂଲ୍ୟ ମିଶ୍ର, ପ୍ରଫେସର ଜେ. କେ. ରାଓ, ଗଗନ ରାଉତ, ରାଜୀବ ଲୋଚନ ବେହେରା, ଭରତ ଧଳ, ସତ୍ୟଜିତ ସୂତାର, ଅମୀୟ ଶତପଥୀ, ସୁବାସ ସାମଲ, ଯୁଧିଷ୍ଠିର ପଣ୍ଡା, ସରୋଜ ପାତ୍ର, ଗୋପବନ୍ଧୁ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନିରଞ୍ଜନ ବିଶି

**ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ଦାବି**

**ଖପ୍ରାଖୋଲ,୨୨।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲାର ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଛି। ଏହାକୁ ତୁରନ୍ତ ପୂରଣ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଚିଠି ଲେଖିଥିବା ଜଣାଯାଇଛି। କିଛିଦିନ ତଳେ ବିଶି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିବା ବେଳେ ବିଶେଷଜ୍ଞ ପଦବୀ ଖାଲିଥିବା ସ୍ଥାନୀୟ ଜନସାଧାରଣ, ପ୍ରେସ କ୍ଲବ ସଦସ୍ୟ ଜଣାଇଥିଲେ। ସରକାରୀ ନିୟମ ଅନୁସାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ଶଲ୍ୟ ବିଶେଷଜ୍ଞ ନିଯୁକ୍ତ ହେବା କଥା । ହେଲେ ବିନା ବିଶେଷଜ୍ଞ ପଦବୀରେ ଚାଲିଛି ଏହି ସ୍ୱାସ୍ଥ୍ୟକେନ୍ଦ୍ର। ଫଳରେ ମ୍ୟାଲେରିଆ ପ୍ରବଣ ଖପ୍ରାଖୋଲ ଅଞ୍ଚଳର ଲୋକେ ବାଧ ହୋଇ ପାଟଣାଗଡ, ବଲାଙ୍ଗୀର, ନୂଆପଡ଼ା, ପଦ୍ମପୁର, ବରଗଡ଼ରେ ଥିବା ଡାକ୍ତରଖାନା ଯାଉଛନ୍ତି। ଏନେଇ ପୂର୍ବରୁ ପ୍ରଶାସନକୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନି। ସୂଚନାଯୋଗ୍ୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଭେଷଜ ବିଶେଷଜ୍ଞ ନିଯୁକ୍ତ ହୋଇଥିଲେ ମଧ ତାଙ୍କୁ ଚାରିମାସ ହେଲା ଡେପୁଟେଶନରେ ଟିଟିଲାଗଡ ପଠାଯାଇଥିବା ଜଣାଯାଇଛି।

### ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ

**ଲୋଇସିଂହା,୨୨।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରବାହାଲ ପଞ୍ଚାୟତ ଅନ୍ତର୍ଗତ ରାଘୁପଦର ଗ୍ରାମର ଶିବ ମନ୍ଦିର ପୁନରୁଦ୍ଧାର ପାଇଁ ଆସିଥିବା ଅନୁଦାନ ହେରଫେର ହୋଇଥିବା ନେଇ ଗ୍ରାମବାସୀ ଗୁରୁତର ଅଭିଯୋଗ କରିଛନ୍ତି। ଏହି ଘଟଣାର ପ୍ରଶାସନିକ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ଗୁରୁବାର ବିଡିଓ ବିଜୟ କୁମାର ହୋତାଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଏନେଇ ବିଡିଓଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇ ଗ୍ରାମବାସୀ ନିରାଶ ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାଘୁପଦର ଗ୍ରାମର ଶିବ ମନ୍ଦିର ପୁନରୁଦ୍ଧାର ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ଏସ୍‌ପିଏଫ ପାଣ୍ଠିରୁ ୨ ଲକ୍ଷ ଅନୁଦାନ ମିଳିଥିଲା।

## ଜାତୀୟ କୁଷ୍ଠ ରୋଗ ନିରାକରଣ କାର୍ଯ୍ୟକ୍ରମ

**ଖଡ଼ିଆଲ,୨୨।୯(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅମଲାପାଲିସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ଜାତୀୟ କୁଷ୍ଠ ରୋଗ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ରଠାରେ ଚିହ୍ନଟ ଓ ମାଗଣା ଔଷଧ ବଣ୍ଟନ କାର୍ଯ୍ୟକ୍ରମ ମଧ ହୋଇଛି। ଶିବିରରେ ଡ଼ା. ସଙ୍ଘମିତ୍ରା ବାବୁ ଯୋଗଦେଇଥିବା ବେଳେ ସ୍ୱାସ୍ଥ୍ୟ ସୁପରଭାଇଜର ଜ୍ୟୋତିର୍ମୟୀ ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଜିଲା ସଂଯୋଜକ ରୂପେଶ ଭୋଇ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ନିରଞ୍ଜନ ମାଝି, ସ୍ୱର୍ଣ୍ଣଲତା ବେହେରା, ସୁଲୋଚନା ସ୍ୱାଇଁ, ବି.ରବି ପ୍ରମୁଖ ଯୋଗଦେଇଥିଲେ।

## ଦୁର୍ଗା ପୂଜାକୁ ନେଇ ପୋଲିସ ପକ୍ଷରୁ ଶାନ୍ତିକମିଟି ବୈଠକ



ଶାନ୍ତି କମିଟି ବୈଠକରେ ପୋଲିସ କର୍ମଚାରୀ ଓ ପୂଜା କମିଟି କର୍ମକର୍ତ୍ତା।

**କୁତ୍ରା ୨୨।୯(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ପୋଲିସ ପକ୍ଷରୁ ଦୁର୍ଗା ପୂଜାକୁ ନେଇ ଏକ ଶାନ୍ତି କମିଟି ବୈଠକ ଥାନାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାସ ୧ ତାରିଖରୁ ଦୁର୍ଗା ପୂଜା ଆରମ୍ଭ ହେଉଥିବା ବେଳେ ଏହାକୁ ନେଇ ଥାନା ପକ୍ଷରୁ କୁତ୍ରା ବ୍ଲକ ଅନ୍ତର୍ଗତ ୭ଟି ଦୁର୍ଗା ପୂଜା କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ କରାଯାଇଛି। କୁତ୍ରା ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ନୂତନ ଭାବରେ ଯୋଗଦେଇଥିବା ଏସଡିପିଓ ଅଭିଷେକ ପାଣିଗ୍ରାହୀ ଯୋଗଦେଇ ଦୁର୍ଗା ପୂଜା ଆରମ୍ଭଠାରୁ ଭସାଣି ପର୍ଯ୍ୟନ୍ତ ଯେପରି ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ହୋଇପାରିବ ସେନେଇ କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିବା ସହିତ ପରାମର୍ଶ ଦେଇଥିଲେ। ଏଥିରେ କୁତ୍ରା, ବିରିଂଗାଟୋଲି, ଖଡକୁରବାହାଲ, ବୁଡାକଟା ଗ୍ରାମର ୨ଟି, ପଂଚରା ଏବଂ ସିଆଲଯୋର ପୂଜା କମିଟିର କର୍ମକର୍ତ୍ତାମାନେ ଯୋଗ ଦେଇ ନିଜ ପୂଜା କମିଟିର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

## ଶାଗୁଆନ କାଠ ଜବତ, ବୋଲେରୋ ସହ ୩ ଗିରଫ

**ସିନାପାଲି,୨୨।୯(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ତାଲାକୋଟ ଗ୍ରାମରେ ସାଗୁଆନ କାଠ ଚୋରା ଚାଲାଣ ହେଉଥିବା ବେଳେ ସିନାପାଲି ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଚଢାଉ କରି ଶାଗୁଆନ କାଠ ଜବତ କରିଛି। ଏଥିସହ ଏକ ବୋଲେରୋ ସହ ୩ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେହେ ତାଲାକୋଟ ଗ୍ରାମର ଅଖିଲ ଚିନ୍ଦା (୩୫) ଓ କୁସୁମଯୋର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାଗ (୪୦) ଏବଂ ଗୋପୀନାଥ ରାଉତ (୩୯)। ଗୁରୁବାର ବନ ବିଭାଗ ଏକ ମାମଲା (ନଂ. ୧୫୬/୨୨) ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ବୁଧବାର ରାତି ପ୍ରାୟ ୩ଟାରେ ତାଲାକୋଟ ଗ୍ରାମରେ ଏକ ବୋଲେରୋ (ନଂ.ଓଆର୦୫ଏୟୁ-୯୪୨୨) ଯୋଗେ ଶାଗୁଆନ କାଠ ଚୋରା ଚାଲାଣ ହେଉଥିଲେ। ବିଶେଷ ସୂତ୍ରରୁ ଖବର ସିନାପାଲି ବନ ବିଭାଗ ସେହି ସ୍ଥାନରେ ଚଢାଉ କରିଥିଲା। ଉକ୍ତ ସ୍ଥାନରୁ ଶାଗୁଆନ କାଠ, ବୋଲେରୋ ଓ ୩ଜଣଙ୍କୁ ଗିରଫ କରିଥିଲା।

## ଏକଦିବସୀୟ ଫଟୋଗ୍ରାଫି କର୍ମଶାଳା



ଫଟୋଗ୍ରାଫରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

**ସମ୍ବଲପୁର,୨୨।୯(ବ୍ୟୁରୋ)**

ସମ୍ବଲପୁର ଜିଲା ଫଟୋଗ୍ରାଫର ସଂଘ ପକ୍ଷରୁ ଏକ ଦିବସୀୟ ଫଟୋଗ୍ରାଫି କର୍ମଶାଳା ଗୁରୁବାର ଭତରା ନିକଟ ଆଦିତ୍ୟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କ୍ୟାମେରା ଚଳାଇବା, କେଉଁ ପରିସ୍ଥିତି ଓ ପାଗରେ ଫଟୋଗ୍ରାଫରମାନେ କିପରି ଡିଏସ୍‌ଏଲ୍‌ଆର୍ କ୍ୟାମେରା ଚଳାଇବେ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। କ୍ୟାନନ କମ୍ପାନୀ ଅଧିକାରୀମାନେ ସାମିଲ ହୋଇ ଫଟୋଗ୍ରାଫରଙ୍କୁ ଉତ୍ସାହିତ କରିଥିଲେ। ସଂଘ ସଭାପତି ଡମ୍ବରୁଧର ପ୍ରଧାନଙ୍କ ପରିଚାଳନାରେ କର୍ମଶାଳା ହୋଇଥିଲା। ସମ୍ପାଦକ ସତ୍ୟଜିତ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ ଓ କୋଷାଧ୍ୟକ୍ଷ ମନୋଜ କଚ୍ଛପ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଲ ଗଲେ ଅତିରିକ୍ତ ତହସିଲଦାର

**ସୁନ୍ଦରଗଡ଼,୨୨।୯(ଡି.ଏନ.ଏ)**

**ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଆୟବହିର୍ଭୂତ ସମ୍ପତି ଠୁଳ ମାମଲାରେ ସୁନ୍ଦରଗଡ ଜିଲା ଟାଙ୍ଗରପାଲି ଅତିରିକ୍ତ ତହସିଲଦାର କୂଳମଣି ପଟେଲଙ୍କୁ ଗୁରୁବାର ସନ୍ଧ୍ୟାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ବିରୋଧରେ ରାଉରକେଲା ଭିଜିଲାନ୍ସ ଥାନା କେଶ ନମ୍ବର ୨୦ରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ରୁଜୁ ହୋଇଥି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ବୁଧବାର ସକାଳୁ ଭିଜିଲାନ୍ସ ବିଭାଗର ଆଠଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପଟେଲଙ୍କ ଅଢ଼େଇ କୋଟିରୁ ଉର୍ଦ୍ଧ୍ୱ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଥିଲା।

## ସ୍କୁଲ ଛାତ୍ରଙ୍କୁ ମାଡ଼ ଅଭିଯୋଗ

**ରାଜଗାଙ୍ଗପୁର ୨୨।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳର ଏକ ସ୍କୁଲର ଜଣେ ଛାତ୍ରଙ୍କୁ ମାଡ଼ମରାଯାଇଥିବା ଅଭିଯୋଗ ହୋଇଛି। ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କେସରାମାଲ ଠାରେ ଥିବା ହାଇସ୍କୁଲରେ କୁତ୍ରା ଅଞ୍ଚଳର ମହେସ ମିଞ୍ଜଙ୍କ ୧୨ବର୍ଷର ପୁଅ ହଷ୍ଟେଲରେ ରହି ପାଠପଢନ୍ତି। ସେହି ସ୍କୁଲର ଶିକ୍ଷକ କୌଣସି କାରଣରୁ ଉକ୍ତ ଛାତ୍ରଙ୍କୁ ପ୍ରବଳ ମାଡ ମାରିଛନ୍ତି। ଛାତ୍ର ଜଣଙ୍କ ଡରିଯାଇ ବିଦ୍ୟାଳୟରୁ ବାହାରି ଆସି ନିଜ ବାପା ମହେସଙ୍କୁ ଫୋନ ଯୋଗେ କହିଥିଲେ। ମହେଶ ଏହି ଘଟଣାରେ ଏକ ଲିଖିତ ଅଭିଯୋଗ ରାଜଗାଙ୍ଗପୁର ଥାନାରେ ଦେବା ପରେ ପୋଲିସ ଗୁରୁବାର ଉକ୍ତ ଶିକ୍ଷକଙ୍କୁ ଥାନାରେ ପଚରାଉଚୁରା ଜାରିରଖିଛନ୍ତି। ସ୍କୁଲଗୁଡିକ ଦଣ୍ଡମୁକ୍ତ ଅଞ୍ଚଳ ହୋଇଥିଲା ବେଳେ ପିଲାଙ୍କୁ ଏପରି ମାଡମାରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

## ବେଆଇନ ରେଳବାଇ ଇ-ଟିକେଟ କାରବାରରେ ଯୁବକ ଗିରଫ



ବେଆଇନ ଭାବେ ରେଳବାଇ ଇ-ଟିକେଟ କାରବାର ଅଭିଯୋଗରେ ଗିରଫ ଯୁବକ।

**ରାଜଗାଙ୍ଗପୁର, ୨୨।୯(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସାପ୍ତାହିକ ବଜାର ନିକଟରେ ଏକ ଜନସେବାକେନ୍ଦ୍ରରେ ବେଆଇନ ଭାବେ ରେଳବାଇ ଇ-ଟିକେଟ କାରବାର ଅଭିଯୋଗରେ ଜଣେ ଯୁବକ ରେଳବାଇ ପୋଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ସୂଚନା ଅନୁଯାୟୀ ତନ୍ମୟ ସାମଲ (୩୪) ରାଜଗାଙ୍ଗପୁର ବଗିଚାପଡା ନିବାସୀ ସାପ୍ତାହିକ ବଜାର ନିକଟରେ ଥିବା ଜନସେବାକେନ୍ଦ୍ରରେ ବେଆଇନ ଭାବେ ରେଳବାଇ ଇ ଟିକେଟ କିଣାବିକା କରୁଥିଲେ। ରାଜଗାଙ୍ଗପୁର ରେଳବାଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଜନସେବାକେନ୍ଦ୍ରରେ ଯାଞ୍ଚ କରିଥିଲେ। ୯ଟି ଇ ଟିକେଟ ଜବତ କରିବା ସହ ଏକ ମୋବାଇଲ ମଧ ଜବତ କରିଥିଲେ। ଏହି ଘଟଣାରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଟ୍ରାନ୍ସଫର୍ମର ମରାମତି ଦାବିରେ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲେ ଗ୍ରାମବାସୀ




ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି।

**ଦେବଗଡ଼,୨୨।୯ (ଡି.ଏନ୍.ଏ.)**

ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପୋଡି ଯାଇଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ମରାମତି କରାଯାଉନାହିଁ। ଫଳରେ ଅନୁନ୍ନତ ତିଲେଇବଣି ବ୍ଲକ ଝରାଗୋଗୁଆ ଗ୍ରାମ ପଞ୍ଚାୟତର ଗଇଲୋ ଗ୍ରାମ ଦୀର୍ଘ ୩ ମାସ ହେଲା ଅନ୍ଧାରରେ ରହିବା ସହ ଗ୍ରାମବାସୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଏନେଇ ସେମାନେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ନିର୍ବାହୀ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ସହ ଟ୍ରାନ୍ସଫର୍ମର ମରାମତି ପାଇଁ ଦାବିକରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଏଣୁ ଗୁରୁବାର ସମଗ୍ର ଦେବଗଡ ଜିଲା ବିକାଶ ମଞ୍ଚର ସଭାପତି ସୁଧିର କୁମାର ବ୍ରହ୍ମା ଗଇଲୋ ଗ୍ରାମର ଗ୍ରାମବାସୀଙ୍କୁ ନେଇ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବା ସହ ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡିଛି । ସେହିପରି ଯଦି ଅବିଳମ୍ବେ ପୋଡିଯାଇଥିବା ଟ୍ରାନ୍ସଫର୍ମରକୁ ମରାମତି କରା ନ ଯାଏ ତେବେ ଆଗାମୀ ଦିନରେ ବିଭାଗର କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଉକ୍ତ ସ୍ମାରକପତ୍ର ଜରିଆରେ ଲିଖିତ ଚେତାବନୀ ଦିଆଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଗଇଲୋ ଗ୍ରାମର ଲରେନ୍ସ ଲାକ୍ରା, ଚିନ୍ତାମଣୀ ବାଘ, ଶିବସାହେବ ଧାନୁଆ, ଶୁକ୍ରା ଖାଲକୋ ଓ ଫାଦୁଷ ତିର୍କୀଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଅଣସଂକ୍ରାମକ ରୋଗ ଚିହ୍ନଟ ଶିବିର

**ଝାରସୁଗୁଡ଼ା ଅଫିସ,୨୨।୯**

ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପଞ୍ଚପଡ଼ା ଆନୁକୂଲ୍ୟରେ ସାରସମାଲ ରୋହିଦାସ ପଡାଠାରେ ଗୁରୁବାର ଅଣସଂକ୍ରାମକ ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୨ଶହରୁ ଅଧିକ ମହିଳାପୁରୁଷଙ୍କ ରୋଗ ଚିହ୍ନଟ କରାଯାଇଥିଲା। ବିଶେଷକରି ରକ୍ତଚାପ, ମଧୁମେହ, ମୁଖ କର୍କଟ ଓ ରକ୍ତ ସର୍କରା ଆଦି ପରୀକ୍ଷା କରାଯାଇ ରୋଗୀଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ଯୋଗ ଓ ଫିଜିଓଥେରାପି ଆବଶ୍ୟକତା ବିଷୟରେ ଲୋକଙ୍କୁ ବୁଝାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ଦୀପମାଲା ସୋହେଲା, ରିଚା ଖେତାନ, ପିଏଚ୍‌ଏମ୍ ମଳୟ ପାଣିଗ୍ରାହୀ, ଏଲ୍‌ଟି ସୁଧୀର ପଟେଲ, ଫାର୍ମାସିଷ୍ଟ ଅକ୍ଷୟ ବେରିହା, ମହିଳା ସ୍ୱାସ୍ଥ୍ୟକର୍ମୀ ତୃପ୍ତିମୟୀ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡୋଳାମଣି ପଟେଲ ପ୍ରଶଂସା କରିବା ସହ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ। ଡିପିଏମ୍ ବୁଲୁନାଥ ସାହୁ ଏଭଳି ଶିବିର ଆୟୋଜନ କରିବା ପାଇଁ ପରାମର୍ଶ ଦେଇଥିଲେ।

## ବ୍ଲକସ୍ତରୀୟ ପୋଷଣ ଦିବସ ପାଳିତ

**କୁତ୍ରା, ୨୨।୯(ଡି.ଏନ.ଏ)**



ବ୍ଲକସ୍ତରୀୟ ପୋଷଣ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପରେ ଗୁରୁବାର ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ପୋଷଣ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁତ୍ରା ଜିପିଓ ନଗେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିଜ ବକ୍ତବ୍ୟରେ ଅଙ୍ଗନୱାଡି କର୍ମଚାରୀଙ୍କ ନିଷ୍ଠାପର କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହିତ ଆଗକୁ ମଧ ଏଭଳି କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଥିଲେ। ଏହା ପ୍ରତିବର୍ଷ ସେପ୍ଟେମ୍ବର ୧ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ପୋଷଣ ମାସ ରୂପେ ପ୍ରତି ଅଙ୍ଗନୱାଡି କେନ୍ଦ୍ର, ଗ୍ରାମପଞ୍ଚାୟତ, ବ୍ଲକ ସ୍ତରରେ ପାଳନ କରାଯାଏ। ଏଥିରେ ଅଙ୍ଗନୱାଡି କର୍ମୀମାନେ ଅଂଶଗ୍ରହଣ କରି ବିଭିନ୍ନ ପନିପରିବା, ସୁଷମ ଶୁଖିଲା ତଥା ରନ୍ଧାଖାଦ୍ୟ ପ୍ରଦର୍ଶନ କରିଥିଲେ। ପୋଷଣ ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଙ୍ଗନୱାଡି କର୍ମୀମାନେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରଦର୍ଶନ କରି ମା'ମାନଙ୍କୁ ସୁଷମ ଖାଦ୍ୟର ଉପକାରିତା ବିଷୟରେ ବୁଝାଇବା ସହ ବର୍ଷ ସାରା ଗର୍ଭବତୀ, ପ୍ରସୂତି ତଥା ସମସ୍ତ ଶିଶୁମାନଙ୍କ ପାଇଁ ସୁସ୍ୱାଦୁ ଖାଦ୍ୟ, ଗରମ ରାନ୍ଧଖାଦ୍ୟ, ଛତୁଆ ଅଣ୍ଡା ବଣ୍ଟନ କରିବା। ସେକ୍ଟର ସୁପରଭାଇଜର ଏମ୍ରେନସିଆ ଦିଦି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁପରଭାଇଜର ତୁଳସୀ ଲାକ୍ରା, ସୁପରଭାଇଜର ସାବିତ୍ରୀ ଏକ୍କା ଉପସ୍ଥିତ ଥିବା ବେଳେ ୭୦ ଜଣ ଅଙ୍ଗନୱାଡି କର୍ମୀ ଅଂଶଗ୍ରହଣ କରିଥିଲେ। ବିମଳା ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ, ଦୁଇଭାଇ ଗିରଫ

**ସମ୍ବଲପୁର,୨୨।୯(ବ୍ୟୁରୋ):** ସମ୍ବଲପୁର ଜିଲା ଧନୁପାଲି ଥାନା କ୍ଷେତିପଡ଼ା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ ନେଇ ମହମ୍ମଦ ବିକି ନାମକ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ବିକିଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାରେ ସମ୍ପୃକ୍ତ ଦୁଇଭାଇ ସୁନାପାଲିର ଗୋବିନ୍ଦ ଓରାମ ଓ ପିଣ୍ଟୁ ଓରାମଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ କେଶ ନଂ. ୩୮୨/୨୨ରେ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ ୨୦୨୨ ମେ ମାସରେ ଅଭିଯୁକ୍ତ ପିଣ୍ଟୁ ଓରାମଙ୍କୁ ବିକି ଓ ତାଙ୍କ ସାଙ୍ଗମାନେ ଆକ୍ରମଣ କରିଥିଲେ। ପୋଲିସ ବିକିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିଦିନ ପୂର୍ବରୁ ସେ ଜାମିନରେ ଆସିଥିଲେ। ପିଣ୍ଟୁ ଓ ତାଙ୍କ ଭାଇ ଏହା ଜାଣିବା ପରେ ବିକିଙ୍କୁ ନିଛାଟିଆ ସ୍ଥାନରେ ଆକ୍ରମଣ କରିଥିଲେ। ବିକିଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି।

### ଜୁଆ ଆଡ୍ଡାରେ ଚଢ଼ାଉ: ଟଙ୍କା ଜବତ, ୪ ଗିରଫ

**କୁଚିଣ୍ଡା,୨୨।୯(ଡି.ଏନ.ଏ.):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ସାନଫିରିଙ୍ଗିବାହାଲ ଗ୍ରାମରେ ଚାଲିଥିବା ବେଆଇନ ଜୁଆ ଆଡ୍ଡା ଉପରେ ପୋଲିସ ଗୁରୁବାର ଚଢ଼ାଉ କରି ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫,୪୦୦ଟଙ୍କା, ଗୁଡୁଘୁଡି ପଜ୍ଝି, ଗୁଟି ଓ ଡାଙ୍କୁଣି ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗୋବିନ୍ଦପୁର ଥାନା ନୁନିଆଁମୁଣ୍ଡାର ମହେନ୍ଦ୍ର ଲୁହା(୫୨), ଗଡପୋଷର ତୁଳାରାମ ନାଥ(୨୫), ସାନଫିରିଙ୍ଗିବାହାଲର ତାରାଚାନ୍ଦ କିଷାନ(୪୨) ଓ ପଣ୍ଡରିପଥରର ରାଜା ଯାଦବ (୩୦)। ଏ ନେଇ ପୋଲିସ ଏକ ମାମଲା (ନଂ୧୬୯/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି।

### ବାମରା ବ୍ଲକ ବିଜେଡି ସଭାପତିଙ୍କ ପରଲୋକ
#### ମନ୍ତ୍ରୀ ଓ ପୂର୍ବତନ ମନ୍ତ୍ରୀଙ୍କ ଶୋକ

**ସମ୍ବଲପୁର,୨୨।୯(ବ୍ୟୁରୋ):** ସମ୍ବଲପୁର ଜିଲା ବାମରା ବ୍ଲକ ବିଜେଡି ସଭାପତି ରାଜ କୁମାର ଶୁକ୍ଲା (୬୫)ଙ୍କ ଗୁରୁବାର ପରଲୋକ ହୋଇଛି। ପକ୍ଷାଘାତରେ ପୀଡିତ ହୋଇ ସେ ପ୍ରାୟ ଏକବର୍ଷ ହେବ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ଖବର ପାଇ ବହୁ ନେତା, ସହକର୍ମୀ, ବୁଦ୍ଧିଜୀବୀ ତାଙ୍କ ଗୋଡପୋଷସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏକ ଶୋଭାଯାତ୍ରାରେ ତାଙ୍କ ଗାଁ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବଡ଼ପୁଅ ହିନେସ ମୁଖାଗ୍ନି ଦେଇଥିଲେ। ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାଶ, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ବାମରା ବ୍ଲକ ପୂର୍ବତନ ଅଧକ୍ଷ ପ୍ରଦୀପ ମିଶ୍ର, ଜିଲା ପରିଷଦ ସଭାପତି କୁମୁଦିନୀ ନାଏକ, ମାନେଶ୍ୱର ବ୍ଲକ ବିଜେଡି ସଭାପତି ଗୋପିରଞ୍ଜନ ବେହେରା, ମନୋଜ ମହାପାତ୍ର, ହୀରାଲାଲ ବେହେରାଙ୍କ ସମେତ ବହୁ ଦଳୀୟ ନେତା ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟ ରାଜକୁମାର ୧୯୯୦ରୁ ରାଜନୀତିରେ ଯୋଗଦେଇଥିଲେ। ଗୋଡପୋଷ ଲ୍ୟାମ୍ପ୍ସ ସଭାପତି, ବିଭିନ୍ନ ସ୍କୁଲ, କଲେଜରେ ବିଭିନ୍ନ ପଦପଦବୀରେ ରହି କାର୍ଯ୍ୟ ତୁଲାଇଥିଲେ। ୨୦୧୫ରୁ ବାମରା ବ୍ଲକ ବିଜେଡି ସଭାପତି ଭାବେ କାର୍ଯ୍ୟ କରିଆସୁଥିଲେ।

# ଜିଲା ପ୍ରଶାସନ-ଗ୍ରାମବାସୀ ମୁହାଁମୁହିଁ

## ସରକାରୀ ଜମି ଅଧିଗ୍ରହଣକୁ ବିରୋଧ

**ଝାରସୁଗୁଡ଼ା ଅଫିସ,୨୨।୯**

ଝାରସୁଗୁଡା ସରବାହାଲସ୍ଥିତ ଚୌକିପଡା ରେଲୱେ ଓଭରବ୍ରିଜ୍ ନିର୍ମାଣ ପାଇଁ ମୋଟ ୬୧ପରିବାର ଅନ୍ୟତ୍ର ବିସ୍ଥାପିତ ହେବେ। ଏମାନଙ୍କୁ ଜିଲା ପ୍ରଶାସନ ଝାରସୁଗୁଡ଼ା ପୌରାଞ୍ଚଳ ୯ନଂ. ୱାର୍ଡର କାପୁପଡା ନିକଟରେ ଥିବା ସରକାରୀ ଜମିରେ ଜାଗା ମିଶନ ଯୋଜନାରେ ଥାଇଥାନ କରିବା ପାଇଁ ପ୍ରୟାସ ଚଳାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜମି ଅଧିଗ୍ରହଣ ପାଇଁ ଜିଲା ପ୍ରଶାସନ ତରଫରୁ ତହସିଲଦାର ବସନ୍ତ କୁମାର ହାତୀ, ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି, ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଆଇଆଇସି ସାବିତ୍ରୀ ବଳ ପ୍ରମୁଖ ସଶସ୍ତ୍ର ପୋଲିସ ବାହୀନ ସହ କାପୁମାଲ ଗ୍ରାମରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଖବରପାଇ ଗ୍ରାମର ଶତାଧିକ ମହିଳାପୁରୁଷ ଏହାକୁ କଡା ବିରୋଧ କରିଥିଲେ। ଫଳରେ ଗ୍ରାମବାସୀ ଜିଲା ପ୍ରଶାସନ ମୁହାଁମୁହିଁ ହୋଇ ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା।

ଏଭଳି ସ୍ଥିତିରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ଦୟାମୟ ପାଢୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ଦାବିଥିଲା ଗ୍ରାମ ନିକଟରେ ରହିଥିବା ସରକାରୀ ଜମିରେ ଗୋରୁ, ଛେଳିମେଣ୍ଢା ଆଦି ଗୃହପାଳିତ ପ୍ରାଣୀ ଚାରଣ ଭୂମି ଭାବେ ବ୍ୟବହାର କରୁଛନ୍ତି। ଗ୍ରାମର ଯୁବକମାନେ ମଧ୍ୟ ଏଠାରେ ଖେଳକୁଦ କରୁଛନ୍ତି। ଏହି ଜମି ଚାଲିଗଲେ ଗ୍ରାମବାସୀଙ୍କ ଚଳପ୍ରଚଳରେ ସମସ୍ୟା ସୃଷ୍ଟି ହେବ। ଏ ଦିଗରେ ବିଚାର କରାଯାଇ ଗ୍ରାମବାସୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଖେଳପଡିଆ ପ୍ରସ୍ତୁତ କରାଯିବ ବୋଲି ଉପଜିଲାପାଳ ପାଢୀ କହିଛନ୍ତି। ଏ ସମ୍ପର୍କରେ ଶୁକ୍ରବାର ପୌର ପରିଷଦ କାର୍ଯ୍ୟାଳୟରେ ଗ୍ରାମବାସୀଙ୍କ ସହିତ ଜିଲା ପ୍ରଶାସନର ଏକ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି।


ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ଉପଜିଲାପାଳ।

# ବଜାରକୁ ଆସିଲା ବଜାଜ୍‌ର ପଲ୍‌ସର୍ ଏନ୍-୧୬୦

**ସମ୍ବଲପୁର,୨୨।୯(ବ୍ୟୁରୋ)**

ବଜାଜ କମ୍ପାନୀର ନୂତନ ବାଇକ୍ ପଲସର ଏନ-୧୬୦ ଡୁଆଲ ଚ୍ୟାନେଲ ଏବିଏସ୍ ଗୁରୁବାର ସମ୍ବଲପୁର ବଜାର ପ୍ରବେଶ କରିଛି। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ପରଧିଆପାଲି ଛକସ୍ଥିତ ଉଜ୍ଜ୍ୱଳ ବଜାଜ ଶୋ'ରୁମଠାରେ ସ୍ୱତନ୍ତ୍ର ଉତ୍ସବ ହୋଇଥିଲା। ସ୍ୱୀକାର ସମ୍ପାଦକ ତଥା ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ବାଇକ୍‌ର ଶୁଭାରମ୍ଭ କରିଥିଲେ। ଉଜ୍ଜ୍ୱଳ ବଜାଜ ପାର୍ଟନର ଦୀନେଶ ଶର୍ମା ଓ ଦୀପକ କୁମାର ଶର୍ମା ଗ୍ରାହକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ବାଇକ୍‌ର ଇଞ୍ଜିନ ୧୬୪.୮୨ ସିସି ଅଟେ। ଏଥିରେ ସିଙ୍ଗଲ ସିଲିଣ୍ଡର, ଏସ୍‌ଓଏଚ୍‌ଏସ୍, ଦୁଇଟି ଭଲଭ, ଅଏଲ କୁଲ, ଏଫଆଇ ରହିଛି। ପ୍ରତି ଲିଟରରେ ୬୦କି.ମି. ମାଇଲେଜ ଦେବ। ଡିସ୍ ବ୍ରେକ ସୁବିଧା ସହ ପଛ ଓ ସମ୍ମୁଖ ଚକ ଟ୍ୟୁବଲେସ ରହିଛି। ଗିଅର, ଇଣ୍ଡିକେଟର, କ୍ଲଚ, ଫୁଏଲ ଇକୋନୋମି, ରେଞ୍ଜ ଇଣ୍ଡିକେଟର, ୟୁଏସ୍‌ବି କନେକ୍ଟିଭିଟି ପ୍ରଭୃତି ସୁବିଧା ରହିଛି। ଏହି ନୂତନ ବାଇକ୍‌ର ଏକ୍ସ ଶୋରୁମ ମୂଲ୍ୟ ୧ଲକ୍ଷ ୨୫ହଜାର ୯୮୪ଟଙ୍କା ରହିଛି। ଉଜ୍ଜ୍ୱଳ ବଜାଜ ପାର୍ଟନର ଦୀପକ ଖବରଦାତାଙ୍କୁ କହିଥିଲେ, ଗ୍ରାହକଙ୍କ ରୁଚି ଅନୁସାରେ ଶୋରୁମରେ ଏହି ବାଇକ୍ କଳା, ଲାଲ ଓ ନୀଳ ରଙ୍ଗରେ ଉପଲବ୍ଧ ଅଛି। ବିକ୍ରି ପରେ ସର୍ଭିସିଂ ସକାଶେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ସମ୍ପ୍ରତି ବଜାଜ କମ୍ପାନୀ ବିଶ୍ୱର ୭୯ ଦେଶରେ ୧୮ ମିଲିଅନ ବାଇକ୍ ବିକ୍ରି କରିସାରିଛି। ଆଗକୁ ଏହି ଧାରା ଜାରିରହିବ ବୋଲି ସେ କହିଛନ୍ତି। ଶୋରୁମ ମ୍ୟାନେଜର ମନୋରଞ୍ଜନ ଦୀପ ଅତିଥି ଓ ଗ୍ରାହକମାନଙ୍କୁ ସ୍ୱାଗତ କରିଥିଲେ।



ଶୋରୁମଠାରେ ମୁଖ୍ୟଅତିଥି ନୂତନ ପଲସର ବାଇକର ବଜାର ପ୍ରବେଶ କରୁଛନ୍ତି।

# ସାମାଜିକ ସୁରକ୍ଷା ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା।

**ଝାରସୁଗୁଡ଼ା ଅଫିସ,୨୨।୯**

ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ସମାଲଙ୍କ ଅଧକ୍ଷତାରେ ସାମାଜିକ ସୁରକ୍ଷା ପ୍ରକଳ୍ପରେ ନିୟୋଜିତ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରମ ମାଝି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶର ଅମାତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପାଲକ୍ଷ୍ମୀ ହୋତା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରକଳ୍ପର କାର୍ଯ୍ୟ ଉନ୍ନୟନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଧିକ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରକଳ୍ପର ଗୁଣାତ୍ମକ ମାନ ଯେପରି ବଜାୟ ରହିବ ଓ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପନ୍ନ ହେବ ସେ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୂଚନା ପ୍ରଦାନ କରିଥିବା ବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍ସ ଫୋରମ ତରଫରୁ ସଞ୍ଜୟ ଜେଠୀ, ସମର ବିଳାସ ପରିଡା, ପ୍ରେରଣାର ଶଶାଙ୍କ କୁମାର ଦିକ୍ଷିତ, କ୍ଷମାଶୀଳ ସାହୁ, ଶଶିଭୂଷଣ ମେହେର, ଗୁଣନିଧି ପତି, ଦଶରଥ ପ୍ରଧାନ, ତୁଳାରାମ ପଟେଲ, ଦେବାର୍ଚ୍ଚନ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

### ବେଲପାହାଡ଼ ୟୁପିଏଚ୍‌ସିକୁ କାୟାକଳ୍ପ ସମ୍ମାନ

**ଝାରସୁଗୁଡ଼ା ଅଫିସ,୨୨।୯**

ବେଲପାହାଡ଼ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚ୍‌ସି)କୁ ୨୦୨୧-୨୨ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ଏ ଉପଲକ୍ଷେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୋଜିତ ଉତ୍ସବରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଡୋଲମଣୀ ପଟେଲ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବ୍ରଜକିଶୋର ଭୋଇ, ଡିପିଏମ୍ ବୁଲୁନାଥ ସାହୁ, ଡା. ବୈକୁଣ୍ଠ ନାଥ କଶ୍ୟପ, ଗୁଣବତ୍ତା ଜିଲା ସହପରିଚାଳକ ରଞ୍ଜନ ପରିଛା, କନିଷ୍ଠ ଯନ୍ତ୍ରୀ ନେତ୍ରୋଶିଳା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରମୋଦ ପ୍ରସାଦ ସ୍ୱାଗତ ଭାଷଣ ଦେଇଥିଲେ। ସିଡିଏମ୍‌ଓ ଡା. ପଟେଲ ଉକ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଘୋଷଣା ହେବାର ୬ମାସ ମଧ୍ୟରେ ଏଭଳି ସଫଳତା ହାସଲ କରିବା ବିରଳ ବୋଲି କହିଥିଲେ। ଡିପିଏମ୍ ସାହୁ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା ଓ ଉତ୍ତମ ସ୍ୱାସ୍ଥ୍ୟସେବା ଉପରେ ବକ୍ତବ୍ୟ ରଖିଥିଲେ।

### ହୀରାକୁଦ ବିସ୍ଥାପିତଙ୍କୁ ମିଳିଲା ଘରଡିହ ପଟ୍ଟା

**ଝାରସୁଗୁଡ଼ା ଅଫିସ,୨୨।୯**

ଦୀର୍ଘ ୬୬ବର୍ଷ ପରେ ହୀରାକୁଦ ନଦୀବନ୍ଧ ଦ୍ୱାରା ବିସ୍ଥାପିତ ଲଖନପୁର ତହସିଲର ୧୪୯ ପରିବାରକୁ ରାଜ୍ୟ ସରକାର ୧୦ଡେସିମିଲ ଲେଖାଏ ଘରଡିହ ପଟ୍ଟା ଯୋଗାଇ ଦେଇଛନ୍ତି। ଭିକମପାଲି ପଞ୍ଚାୟତ ରାଜୀବ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବିଡିଓ ଜୟନ୍ତ ସାହୁ, ଜିଲା ପରିଷଦ ସଭ୍ୟ ସନତ ସିଂହ, ଭିକମପାଲି ସରପଞ୍ଚ ପଦ୍ମିନୀ ସାହୁ, ସମିତିସଭ୍ୟା ବବିତା ମହାପାତ୍ର, ଅତାବିରା ସରପଞ୍ଚ ସଙ୍ଗୀତ ପ୍ରଧାନ, ଲଖନପୁର ବ୍ଲକ ଅଧକ୍ଷା ହୁତେଶ୍ୱରୀ ତିହିରିଆ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଆଉ ୪ ପର୍ଯ୍ୟାୟରେ ବିଭିନ୍ନ ସ୍ଥାନରେ ହିତାଧିକାରୀଙ୍କୁ ଏହି ପଟ୍ଟା ବଣ୍ଟନ କରାଯିବ ବୋଲି ତହସିଲଦାର ପାଣ୍ଡେ କହିଛନ୍ତି।



ବିଧାୟିକା ଅଳକା ମହାନ୍ତି ଘରଡିହ ପଟ୍ଟା ବାଣ୍ଟୁଛନ୍ତି।

# ସୂଚନା ଦେଲେ ମିଳିବ ୨୫ ହଜାର ପୁରସ୍କାର

## ■ ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ଜିଲା ପରାମର୍ଶଦାତା କମିଟି ଓ ଟାସ୍କ ଫୋର୍ସ ବୈଠକ

**ସମ୍ବଲପୁର,୨୨।୯(ବ୍ୟୁରୋ)**

ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ୧୯୯୪ ଅନ୍ତର୍ଗତ ଜିଲା ପରାମର୍ଶଦାତା ଓ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅନନ୍ୟା ଦାସ ଅଧକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପଙ୍କଜ କୁମାର ପଟେଲ ସହରରେ ତିନିଗୋଟି ଅଲଟ୍ରାସାଉଣ୍ଡ କେନ୍ଦ୍ରର ନୂତନ ପଞ୍ଜିକରଣ ଓ ତିନୋଟିର ନବୀକରଣ ହୋଇଥିବା ରିପୋର୍ଟ ଉପସ୍ଥାପନ କରିଥିଲେ। ସମସ୍ତ ନୂତନ ଓ ନବୀକରଣ ଆବେଦନକୁ ମଞ୍ଜୁର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଭରତ ଚନ୍ଦ୍ର ଦାସ ବିଭିନ୍ନ ଅଲଟ୍ରା ସାଉଣ୍ଡ କେନ୍ଦ୍ରର ଯାଞ୍ଚ ତଥ୍ୟ ବୈଠକରେ ଉପସ୍ଥାପନ କରିଥିଲେ। ରାଜ୍ୟରେ ବେଆଇନ ଲିଙ୍ଗ ନିରୂପଣ ରୋକିବା ଲାଗି ରାଜ୍ୟ ସରକାର ନେଇଥିବା ପଦକ୍ଷେପ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଲିଙ୍ଗ ନିରୂପଣ ଭଳି ବେଆଇନ କାର୍ଯ୍ୟରେ ଲିପ୍ତ ଥିବା କ୍ଲିନିକ ସମ୍ପର୍କରେ ସୂଚନା ଦେଲେ ସୂଚନାକାରୀଙ୍କୁ ୨୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ବ୍ୟବସ୍ଥା ରହିଛି। ଏହାସହ ସୂଚନାକାରୀଙ୍କ ସମସ୍ତ ତଥ୍ୟ ଗୋପନୀୟ ରଖାଯିବ ଓ ଆଇନଗତ ମାମଲାରେ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ନାହିଁ ବୋଲି ସୂଚନା ଦିଆଯାଇଥିଲା। ଏହି ଯୋଜନାକୁ ବ୍ୟାପକ ମାତ୍ରାରେ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ଜିଲାପାଳ ଦାସ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି, ଡିଏସଡବ୍ଲ୍ୟୁ, ସରକାରୀ ଓକିଲ, ସଂକଳ୍ପ ଏନ୍‌ଜିଓ, ସଖୀର ପ୍ରତିନିଧି, ଶିଶୁ ରୋଗ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୁତୀ ବିଶେଷଜ୍ଞ, ଭେସଜ ବିଶେଷଜ୍ଞ, ଡିପିଏମ୍ ଏନ୍‌ଏଚ୍‌ଏମ୍, ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଇନ ବ୍ୟାପାର ସହପ୍ରବନ୍ଧକ ବୁଦ୍ଧ ରଞ୍ଜନ ଭୋଇ ପରିଚାଳନା କରିଥିଲେ।


ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ ।

### ଜିଲାପାଳଙ୍କ ମାନସିକ ଅନଗ୍ରସର ବିଦ୍ୟାଳୟ ପରିଦର୍ଶନ

**ଝାରସୁଗୁଡ଼ା ଅଫିସ,୨୨।୯**

ଜିଲାପାଳ ସରୋଜ କୁମାର ସାମଲ ଗୁରୁବାର ଝାରସୁଗୁଡା ବୃନ୍ଦାମାଳସ୍ଥିତ ମାନସିକ ଅନଗ୍ରସର, ମୂକ ଓ ବଧିର ସ୍ୱତନ୍ତ୍ର ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଗସ୍ତବେଳେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟରେ ୭ ଜଣ ମାନସିକ ଅନଗ୍ରସର ଏବଂ ୬୪ ଜଣ ମୂକ ଓ ବଧିର ଛାତ୍ରୀଛାତ୍ର ରହିଥିବାବେଳେ ଜିଲାପାଳ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ବିଦ୍ୟାଳୟର ଭିତ୍ତିଭୂମି ସମ୍ପର୍କରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପଚାରି ବୁଝିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଧାଂଶୁବାଳା ମୁଦୁଲି ପାଚେରି ମରାମତି ପାଇଁ ଅନୁରୋଧ କରିବାରୁ ଜିଲାପାଳ ସାମଲ ଝାରସୁଗୁଡା ବିଡିଓଙ୍କୁ କାର୍ଯ୍ୟ ତଦାରଖ କରି ସମ୍ପନ୍ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ପୋଷାକ, ଜୋତା ଇତ୍ୟାଦିର ବଜେଟ ତର୍ଜମା କରି ପଠାଇବା ପାଇଁ ଅତିରିକ୍ତ ଜିଲାପାଳ ଓ ଉପଖଣ୍ଡ ସାମାଜିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷକ ଓ କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହିଥିଲେ।

# ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ନାକଟିଦେଉଳ,୨୨।୯(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ କିସିଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଯୁକ୍ତ ଦୁଇ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଅଧକ୍ଷା ସୁଶ୍ରିତା ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅଧ୍ୟାପକ କୌଶିକ ପ୍ରଧାନ, ସଞ୍ଜୟ ପ୍ରଧାନ, ଅନୀତା ପ୍ରଧାନ,ବିଜୟ ସାହୁ, ଦିଲୀପ ପ୍ରଧାନ, ପର୍ଶୁରାମ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ, ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷର କଳା ଓ ବିଜ୍ଞାନ ଶ୍ରେଣୀରେ ନୂତନ ପାଠ୍ୟକ୍ରମ ଆରମ୍ଭ ହୋଇଛି। ନୂତନ କରି କଲେଜରେ ପାଦ ଥାପିଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଆୟୋଜିତ ସଭାରେ ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ଼.ଦୀପେନ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ନୂତନ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଓ ସାଧୁତା ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପକ ଡ଼. ମନୋରଞ୍ଜନ ପ୍ରଧାନ ଓ ସରୋଜ କୁମାର ଭୁଏ ଅନୁଷ୍ଠାନର ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରଛାତ୍ରୀ।

# ୩୫ ଫୁଟ୍‌ର ରାବଣ ମୁଖ୍ୟ ଆକର୍ଷଣ

**ସମ୍ବଲପୁର,୨୨।୯(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନକଉଡ଼ା ଅଞ୍ଚଳ ଶାରଦୀୟ ଦୁର୍ଗାପୂଜା ସକାଶେ ଚଳଚଞ୍ଚଳ ହୋଇଛି। ସାର୍ବଜନୀନ ଦୁର୍ଗାପୂଜା କମିଟି ଚଳିତବର୍ଷ ରାବଣ ପୋଡ଼ିକୁ ମୁଖ୍ୟ ଆକର୍ଷଣ ଭାବେ ରଖିଛି। ସହରବାସୀଙ୍କୁ ଆକୃଷ୍ଟ କରିବା ଲାଗି ୩୫ଫୁଟ୍ ଉଚ୍ଚର ରାବଣ ପ୍ରତିକୃତି ତିଆରି କରାଯାଉଛି। ପରମ୍ପରା ଅନୁସାରେ ବିଜୟା ଦଶମୀ ତିଥିରେ ଭବ୍ୟ ଶୋଭାଯାତ୍ରା ହେବ। ଶୋଭାଯାତ୍ରାରେ ରାମ, ଲକ୍ଷ୍ମଣ, ବୀର ହନୁମାନ ଓ ବାନରସେନା ସାମିଲ ହେବେ। ରାମ, ଲକ୍ଷ୍ମଣ ରାବଣ ପ୍ରତିକୃତିକୁ ଶରବିଦ୍ଧ କରିବା କାର୍ଯ୍ୟକ୍ରମ ରହିଛି। ରାବଣପୋଡ଼ି ସହ ଭକ୍ତମାନେ ବିଜୟା ଦଶମୀ ଉତ୍ସବ ପାଳନ କରିବେ। କମିଟି ଚଳିତବର୍ଷ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ସ୍ଥିର କରିଛି। କମିଟିର ୧୦୫ ସଦସ୍ୟଙ୍କ ସମେତ ଅଞ୍ଚଳବାସୀ ସାମର୍ଥ୍ୟ ଅନୁଯାୟୀ ଅର୍ଥଦାନ କରନ୍ତି। ଧନକଉଡ଼ା ଅଞ୍ଚଳର ମୂର୍ତ୍ତି କାରିଗର ସାଗର ବେହେରା ଓ ପର୍ଶୁରାମ ପଣ୍ଡା ମୃଣ୍ମୟୀ ମୂର୍ତ୍ତି ତିଆରି କରୁଥିବା କମିଟି ସଭାପତି ଧନୁର୍ଦ୍ଧର ବିଶ୍ୱାଳ ସୂଚିତ କରିଛନ୍ତି। ସେ କହିଛନ୍ତି, ଶାରଦୀୟ ଦଶହରାରେ ଇଷ୍ଟଦେବୀ ସମଲେଇଙ୍କଠାରେ ପୂଜାର୍ଚ୍ଚନା ପରେ ଭକ୍ତମାନେ ନିଜସ୍ୱ ପଡ଼ାରେ ଦୁର୍ଗାପୂଜା କରୁଛନ୍ତି। ଚଳିତବର୍ଷ ରାବଣପୋଡ଼ି ଯେଭଳି ଅଧିକ ଆକର୍ଷଣୀୟ ହୋଇପାରିବ ସେଥିପାଇଁ ଚେଷ୍ଟିତ ଅଛୁ। କମିଟି ଉପସଭାପତି ପ୍ରେମାନନ୍ଦ ଦାଶ, ସମ୍ପାଦକ ଶ୍ରୀକାନ୍ତ ପାଣ୍ଡେ, ସହ ସମ୍ପାଦକ ସୁଶୀଲ କୁମାର ସାହୁ, କୋଷାଧକ୍ଷ ସାନନ୍ଦ କୁମାର ସାହୁ, ଯୁଗ୍ମ କୋଷାଧକ୍ଷ ଆଖଣ୍ଡଳ ପଣ୍ଡା, ଉପଦେଷ୍ଟା ଦିବାକର ଖୁଣ୍ଟିଆ, ଚତୁର୍ଭୁଜ ବିଶି, କିଶୋର କୁମାର ସାହୁ, କାହ୍ନୁଚରଣ ସାନବଡ଼, ଅରୁଣ କୁମାର ରାଏ, ଶିବ ପ୍ରସାଦ ପଟ୍ଟନାୟକ ପ୍ରମୁଖ ନିଜସ୍ୱ ଦାୟିତ୍ୱ ତୁଲାଇବାରେ ବ୍ୟସ୍ତ ରହିଛନ୍ତି। ଦେବୀଙ୍କ ପୂଜାରେ ଅବୋଧ କୁମାର ପ୍ରଧାନଙ୍କୁ କର୍ତ୍ତା ଭାବେ ଚୟନ କରାଯାଇଛି। ଭକ୍ତମାନେ ଦୁର୍ଗାପୂଜା ଓ ରାବଣପୋଡ଼ି ଯେଭଳି ସୁବିଧାରେ ଦେଖିପାରିବେ ସେ ନେଇ କମିଟି ଗୁରୁତ୍ୱ ଦେଇଛି।





ଧନକଉଡ଼ା ଦୁର୍ଗାପୂଜା ଲାଗି ମୂର୍ତ୍ତି ତିଆରି କରିବାରେ କାରିଗର ମଗ୍ନ ।

### ବରପାଲି ଏନ୍‌ଏସିରେ ପଟ୍ଟା ବଣ୍ଟନ

ବରପାଲି,(ଡି.ଏନ.ଏ.): ଜାଗା ମିଶନ ଯୋଜନାରେ ବରପାଲି ଏନ୍‌ଏସି ଅଞ୍ଚଳର ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି। ଏନ୍‌ଏସି ପରିସରରେ ଗୁରୁବାର ୱାର୍ଡ ନମ୍ବର ୩, ୭, ୧୧ ର ମୋଟ ୩୪ ଜଣ ଭୂମିହୀନଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ନଗରପାଳ ଦିନେଶ ଗହୀର, କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ୱାର୍ଡମେମ୍ବର ସୁରେଶ ମେହେର, ଦିନେଶ ପ୍ରଧାନ, ଦେବାନନ୍ଦ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୩ ଦିନ ବନ୍ଦ ରହିବ ରେଳ ଫାଟକ

ବରପାଲି,୨୨।୯(ଡି.ଏନ.ଏ.): ବରଗଡ଼ ଜିଲା ବରପାଲି ରେଳ ଫାଟକ ପୁଣି ୩ ଦିନ ପାଇଁ ବନ୍ଦ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ବର୍ତ୍ତମାନ ସମ୍ବଲପୁର-ଟିଟିଲାଗଡ ରେଳ ରାସ୍ତାର ଦୋହରୀକରଣ କାର୍ଯ୍ୟ ଚାଲିଛି। ଏଥିପାଇଁ ଦୁଇଥାକିଆ ରେଳ ଧାରଣା ପକାଇବାକୁ ବରପାଲି ହାଇସ୍କୁଲ ନିକଟରେ ଥିବା ରେଳ ଫାଟକ (ଜେଟି-୬୦)କୁ ଆସନ୍ତା ୨୬ତାରିଖ ସକାଳ ୭ଟାରୁ ୨୯ ତାରିଖ ସକାଳ ୭ଟା ଯାଏ ବନ୍ଦ ରଖାଯିବ। ଏହାପୂର୍ବରୁ ମଧ ଗୋଟିଏ ଦିନ ପାଇଁ ରେଳ ଫାଟକ ବନ୍ଦ ରଖାଯାଇଥିଲା। ଏହି ସମୟ ମଧରେ ଭାରିଯାନ ବ୍ୟତୀତ ଅନ୍ୟ ଯାନବାହନ ବାଇପାସ ରାସ୍ତାରେ ଯିବାଆସିବା କରିବ ବୋଲି ଜଣାପଡିଛି।

### ବରିଷ୍ଠ ନାଗରିକ ସଂଘ ପରିଚାଳନା କମିଟି ଗଠିତ

ପାଇକମାଳ,୨୨।୯(ଡି.ଏନ.ଏ.): ପାଇକମାଳ ବ୍ଲକ ବରିଷ୍ଠ ନାଗରିକ ସଂଘର ଏକ ବୈଠକ ସଭାପତି ନନ୍ଦଲାଲ ପ୍ରସାଦ ତ୍ରିବେଦୀଙ୍କ ଅଧକ୍ଷତାରେ ନୃସିଂହନାଥ ଧର୍ମଶାଳାଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନ କରାଯାଇଥିଲା ଏବଂ ନୂତନ ପରିଚାଳନା କମିଟି ଗଠିତ ହୋଇଥିଲା। ସର୍ବସମ୍ମତିକ୍ରମେ ନନ୍ଦଲାଲ ପ୍ରସାଦ ତ୍ରିବେଦୀ ସଭାପତି, ହେମ ସାଗର ଭୋଇ ଉପ ସଭାପତି, ଯୁଧିଷ୍ଠିର ସାହୁ ସମ୍ପାଦକ, ହାଡୁ ସାହୁ ସହ ସମ୍ପାଦକ ଏବଂ ବଳରାମ ସାହୁଙ୍କୁ କୋଷାଧକ୍ଷ ଭାବେ ମନୋନିତ କରାଯାଇଥିଲା। ଭାଗ୍ୟଧର ସାହୁ, ଦଶରଥ ଦାସ, ବେଣୁଧର ସାହୁ, ତପନ ବଡେଇ, ଗିରିଧାରୀ ସାହୁ ପ୍ରମୁଖ ୧୨ଜଣଙ୍କୁ ସଭ୍ୟ ମନୋନିତ କରାଯାଇଥିଲା। ସୁବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବାଲି ଚୋରା ଚାଲାଣ: ଜରିମାନା ଆଦାୟ

ବାଉଁଶୁଣୀ, ୨୨।୯(ଡି.ଏନ୍.ଏ.): ବୌଦ୍ଧ ତହସିଲ ଅନ୍ତର୍ଗତ ବାଉଁଶୁଣୀ ମହାନଦୀ ଘାଟରୁ ଗୁରୁବାର ସକାଳୁ ବାଲି ଚୋରା ଚାଲାଣବେଳେ ଧରାପଡ଼ିଛି। ବୌଦ୍ଧ ତହସିଲଦାର ଦେବୀପ୍ରସାଦ ଦାସ ଓ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁ ବାଲି ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ଅଟକାଇଥିଲେ। ବାଲି ଚୋରା ଚାଲାଣ କରୁଥିବାରୁ ଟ୍ରାକ୍ଟରରୁ ୧୦,୦୦୦ ଟଙ୍କା ଜରିମାନା ଆଦାୟ ପରେ ଛାଡ଼ି ଦିଆଯାଇଛି। ବାରମ୍ବାର ଲୋକଙ୍କଠାରୁ ଜରିମାନା ଆଦାୟ ପରେ ମଧ ଲୋକେ ନ ମାନି ବେଆଇନ ବାଲି ଚୋରାଚାଲାଣ କରୁଛନ୍ତି। କିଛି ଦିନ ହେବ ବୌଦ୍ଧରେ ନୂତନ ଜିଲାପାଳଙ୍କ ଯୋଗଦାନ ପରେ ବାଲି ଧରପଗଡ଼ ଜୋରଦାର ହୋଇଛି।

### ୫ମ ଆଇଆରବି ବାଟାଲିୟନରେ ବୃକ୍ଷ ରୋପଣ

ବୌଦ୍ଧ,୨୨।୯(ସ୍ୱ.ପ୍ର.): ପରିବେଶର ସୁରକ୍ଷା ପାଇଁ ବୌଦ୍ଧ ବଲାଶିଙ୍ଗା ସ୍ଥିତ ୫ମ ଆଇଆରବି ବାଟାଲିୟନଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗପତି ଦୁର୍ବାଶା ନାୟକ ଓ ଜୀବନ ବାବା ଭୁବନେଶ୍ୱରଙ୍କ ଉପସ୍ଥିତିରେ ବାଟାଲିୟନ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଡେପୁଟି କମାଣ୍ଡାଣ୍ଟ ଗୋପବନ୍ଧୁ ତ୍ରିପାଠୀ, ଅନିଲ କୁମାର ପ୍ରଧାନ, ସହକାରୀ କମାଣ୍ଡାଣ୍ଟ ଲଳିତ କୁମାର ବାଘ, ବେଲାର ମେହେରଙ୍କ ସମେତ ବାଟାଲିୟନର ଅଧିକାରୀ ଓ ଯବାନମାନେ ଅଂଶଗ୍ରହଣ କରିଥିଲେ। ଆଗକୁ ବାଟାଲିୟନ ପକ୍ଷରୁ ପରିବେଶର ସୁରକ୍ଷା ପାଇଁ ଆହୁରି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଦୁର୍ଗପତି ନାୟକ ପ୍ରକାଶ କରିଥିଲେ।

# ମଦ ବାର୍‌କୁ ବିରୋଧ, ଦୋକାନ ବଜାର ବନ୍ଦ

ବରଗଡ଼ ଅଫିସ,/ଅତାବିରା/ ଜାମଟିକ୍ରା,୨୨।୯



ରେଙ୍ଗାଲିକ୍ୟାମ୍ପରେ ପ୍ରସ୍ତାବିତ ବାର୍ ସମ୍ମୁଖରେ ଲୋକେ ଧାରଣା ଦେଇଛନ୍ତି।

ବରଗଡ଼ ଜିଲା ଅତାବିରା ଥାନା ଅଧୀନ ରେଙ୍ଗାଲିକ୍ୟାମ୍ପ ଛକରେ ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ଏକ ବାର୍ (ଅନ୍ ଅଫ୍ ବିଦେଶୀ ମଦ ଦୋକାନ) ଖୋଲିବାକୁ ଉଦ୍ୟମ ଚାଲିଛି। ଏହାକୁ ନେଇ ରେଙ୍ଗାଲିକ୍ୟାମ୍ପ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଗୁରୁବାର ବନ୍ଦ ପାଳନ କରାଯାଇଥିଲା। ବନ୍ଦକୁ ସ୍ୱତଃସ୍ଫୁର୍ତ୍ତ ସମର୍ଥନ ମିଳିଥିଲା। ସକାଳ ୬ଟାରୁ ଦୋକାନ ବଜାର ବନ୍ଦ ରହିଥିଲା। ସ୍ଥାନୀୟ ଲୋକେ ପ୍ରସ୍ତାବିତ ଦୋକାନ ଆଗରେ ଧାରଣା ଦେବା ସହିତ ବାର୍ ଖୋଲାକୁ ବିରୋଧ କରିଥିଲେ।

ସୂଚନାଯୋଗ୍ୟ, ସ୍ଥାନୀୟ ଲୋକଙ୍କ ଦସ୍ତଖତ ଜାଲିଆତି ସହିତ ମିଥ୍ୟା ରିପୋର୍ଟ ପ୍ରଦାନ କରି ରେଙ୍ଗାଲିକ୍ୟାମ୍ପ ଛକରେ ବାର୍ ଖୋଲାଯିବା ପାଇଁ ଅବକାରୀ ବିଭାଗ ଗତବର୍ଷରୁ ଲାଇସେନ୍ସ ପ୍ରଦାନ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିରେ ସମ୍ପୃକ୍ତ ଅବକାରୀ ଅଧିକାରୀଙ୍କ ଭୂମିକା ସନ୍ଦେହଜନକ ହୋଇପଡିଥିବା ବେଳେ ମୋଟାଅଙ୍କର ଡିଲ୍ ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଜିଲାପାଳ, ଏସ୍‌ପି, ଅବକାରୀ କମିଶନରଙ୍କଠାରୁ ଆରମ୍ଭ କରି ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି)ଙ୍କଠାରେ ପିଟିଶନ ଦାଖଲ କରିଛନ୍ତି। ଉକ୍ତ ମାମଲାର ସମାଧାନ ନ ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ବାର୍ ନ ଖୋଲିବା ପାଇଁ ଓଏଚ୍‌ଆରସିଙ୍କ ନିର୍ଦ୍ଦେଶ ରହିଛି। ଏହି ମାମଲା ବିଚାରାଧୀନ ଥିବାବେଳେ ଗତ ୧୭ତାରିଖରେ ସମ୍ପୃକ୍ତ ବାର୍ ଖୋଲା ଯାଇଥିଲା। ଏହାକୁ ବିରୋଧ କରି ସ୍ଥାନୀୟ ଲୋକେ ବାର୍ ସମ୍ମୁଖରେ ଧାରଣାରେ ବସିଥିଲେ। ଅବକାରୀ ଅଧିକାରୀମାନେ ସେଠାକୁ ପହଞ୍ଚି ବାର୍ ବନ୍ଦ କରିବା ସହିତ ଲିଖିତ ପ୍ରତିଶ୍ରୁତି ଦେବା ପରେ ଲୋକେ ଧାରଣାରୁ ଉଠିଥିଲେ। ଅନ୍ୟପକ୍ଷରେ ବାର୍ ବିରୋଧରେ ଧାରଣାକୁ ଓହ୍ଲାଇଥିବା ୧୧ଜଣଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଥିଲା। ଓଏଚ୍‌ଆରସି ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରିଥିବା ସମ୍ପୃକ୍ତ ବ୍ୟବସାୟୀଙ୍କୁ ପୋଲିସର ଅନୁକମ୍ପା ଏବଂ ବାର୍ ଖୋଲାଯିବା ପ୍ରତିବାଦରେ ଧାରଣାକୁ ଓହ୍ଲାଇଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଏହାକୁ ନେଇ ଆନ୍ଦୋଳନ ତେଜି ଉଠିଛି। ସ୍ଥାନୀୟ ଅଞ୍ଚଳର ପ୍ରକାଶ ପ୍ରଧାନ, ରାକେଶ ପଟେଲ, ସୁଶାନ୍ତ ପ୍ରଧାନ, ହିମାଦ୍ରୀ ମିଶ୍ର, ମନୋଜ ପ୍ରଧାନ, ଶମ୍ଭୁ ପ୍ରଧାନ, ନିରଞ୍ଜନ ସେଠ, ଗଜେନ୍ଦ୍ର ପ୍ରଧାନ, ପରମେଶ୍ୱର ପଟେଲ ପ୍ରମୁଖ ବନ୍ଦ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏଥିରେ ଜହ୍ନାପଡା, ବରାହମୁଣ୍ଡା, ରେଙ୍ଗାଲିକ୍ୟାମ୍ପ, ରେଙ୍ଗାଲିପାଲି, ଦେବାହାଲ, ତାଜଟିକ୍ରା, ହିର୍ଲିପାଲି, ଭୁର୍ଷିପାଲି, ବାଞ୍ଜିପାଲି ଆଦି ଗ୍ରାମର ସଚେତନ ନାଗରିକ ସାମିଲ ହୋଇଥିଲେ। ଆଡଭୋକେଟ ରବିନାରାୟଣ ପଣ୍ଡା, ଭାଜପା ନେତା ମିଳନ ସେଠ, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ଧାରଣାସ୍ଥଳରେ ଉଦ୍‌ବୋଧନ ଦେଇଥିଲେ।

## ଭାଜପାର ସାଙ୍ଗଠନିକ ବୈଠକ

ଜାମଟିକ୍ରା, ୨୨।୯(ଡି.ଏନ.ଏ.)

ବରଗଡ ଜିଲା ଅତାବିରା ଏନ୍‌ଏସି ଅଗ୍ରସେନ ଭବନଠାରେ ମିଳନ ସେଠଙ୍କ ସଭାପତିତ୍ୱ ଏବଂ ଭାଜପା ଜିଲା ସାଧାରଣ ସମ୍ପାଦକ କୁଶ କୁମ୍ଭାରଙ୍କ ଆହ୍ୱାନ କ୍ରମେ ଅତାବିରା ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାୟକ ମୁଖ୍ୟ ଅତିଥି, ଅତାବିରା ବିଧାନସଭା ପ୍ରଭାରୀ ଡା. ଅରୁପାନନ୍ଦ ସାହୁ, ପୂର୍ବତନ ସମ୍ବଲପୁର ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଭାଜପା ନେତା ବିପିନ ଭୋସାଗର, ଉର୍କୁଲୁ ତାଣ୍ଡି, ଯୁବରାଜ ପ୍ରଧାନ, ଅଜୟ ମିଶ୍ର, ଚିତ୍ତରଞ୍ଜନ ଭୋଇ, ମଣ୍ଡଳ ସଭାପତି ଦୀପକ କୁମାର ପଧାନ, ସତ୍ୟନାରାୟଣ ଭୋଇ, କୃଷ୍ଣଚନ୍ଦ୍ର ସାଥୁଆ, ପୁଷ୍ପକ ଗାଇଘରିଆ, ବିରେନ୍ଦ୍ର ନାରାୟଣ ହୋତା, ସୂର୍ଯ୍ୟକାନ୍ତି ସାହୁ, ଶକ୍ତିକେନ୍ଦ୍ର ପ୍ରଭାରୀ ଉପସ୍ଥିତ ରହି ବୁଥସ୍ତରୀୟ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଦେଲେ। ଏନ୍‌ଏସି ସଭାପତି ସୁରେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସହଲା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଖେଳାଳିମାନେ।

ଡୁଙ୍ଗୁରିପାଲି,୨୨।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ସହଲା ରନିଙ୍ଗ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ସହଲା ହାଇସ୍କୁଲ ଖେଳପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବୈଦୁପାଲି ସରପଞ୍ଚଙ୍କ ପ୍ରତିନିଧି ମଣ୍ଟୁ ଦିଶିରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସହଲା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ କବିଚନ୍ଦ୍ର ପଧାନ ଓ ଲକ୍ଷ୍ମଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଫୁଟବଲ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ରବିବାର ଏହି ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ଦିନରେ କଦଳୀପାଲି ଓ ଅମାମୁଣ୍ଡା ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଅମୀମାଂଶିତ ରହିବାରୁ କଦଳୀପାଲି ପେନାଲିଟ ସୁଟ ଆଉଟରେ ୧ ଗୋଲରେ ବିଜୟୀ ହୋଇଥିଲା। ପୁଣି ଦ୍ୱିତୀୟ ପର୍ଯ୍ୟାୟ ଖେଳ ସୁଜିଆ ଓ ଇଚ୍ଛାପୁର ମଧରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଡ୍ର ରହିବାରୁ ସୁଜିଆ ଦଳ ପେନାଲିଟ ସୁଟ ଆଉଟରେ ବିଜୟୀ ହୋଇଥିଲା। ଏହି ଫୁଟବଲ ଟୁର୍ନାମେଣ୍ଟକୁ ସହଲା ରନିଙ୍ଗ ଫୁଟବଲ ସଂଘର ପୀତାମ୍ବର ବାଗ, ରେସବ ପୁଟେଲ, ବିକାଶ ସେଟ, ସୁବ୍ରତ ମହାଲିଙ୍ଗ, ଆଶୁ ଭୋଇ, ପୀତାମ୍ବର କୁଅଁର, ରାମ ମେହେର, ପିଣ୍ଟୁ ସେଠ, ପଦ୍ମନାଭ ମେହେର ସହଯୋଗ କରିଥିବା ବେଳେ ଖେଳ କାର୍ଯ୍ୟକ୍ରମର ଧାରା ବିବରଣୀ ଚୁଡାମଣି ମେହେର ପ୍ରଦାନ କରିଥିଲେ। ଏହି ଫୁଟବଲ ଖେଳକୁ ଆଖପାଖ ଗାଁର ବହୁସଂଖ୍ୟକ ଦର୍ଶକ ଦେଖିବାର ସୁଯୋଗ ପାଇଥିଲେ।

## ଦେଶୀ ମଦ ଜବତ, ୨ ଗିରଫ

ଅମରପାଲି,୨୨।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଠେଙ୍ଗୋ ଡ୍ୟାମ ଫାଣ୍ଡି ଅଞ୍ଚଳରୁ ଗୁରୁବାର ଦେଶୀ ରନ୍ଧା ମଦ ଜବତ ହୋଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ବୀରମହାରାଜପୁର ଅବକାରୀ ବିଭାଗ କର୍ମଚାରୀମାନେ କୌଣସି ସୂତ୍ରରୁ ଖବର ପାଇ ହରିହରଯୋର ଡ୍ୟାମ କଲୋନୀ ନିକଟରେ ଚଢାଉ କରି ବେଆଇନ ଭାବେ ଦେଶୀ ରନ୍ଧାମଦ କାରବାର କରୁଥିବା ରବିନ୍ଦ୍ର ସାହୁଙ୍କୁ ଗିରଫ କରିଥିଲେ। ତାଙ୍କ ଠାରୁ ୧୦ ଲିଟର ରନ୍ଧାମଦ ଜବତ ହୋଇଛି। ସେହିପରି ଡ୍ୟାମ ନିକଟସ୍ଥ ସାଗଜୁରି ଗ୍ରାମରେ ଚଢାଉ କରି ୨୦ ଲିଟର ଦେଶୀମଦ ସହ ଏହି ଘଟଣାରେ ସୁରୁ ମୁଣ୍ଡା(୪୫)ଙ୍କୁ ଗିରଫ କରିଥିଲେ। ଉଭୟ ମଦ ବେପାରୀଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ବୀରମହାରାଜପୁର ଅବକାରୀ ବିଭାଗର ଏସଆଇ ସୁନିତା ହେମ୍ରମ ପ୍ରକାଶ କରିଛନ୍ତି।

## ଡାକ ମେଳା ଓ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ



ଡାକମେଳାରେ ଶଙ୍କରା ପୋଷ୍ଟମାଷ୍ଟର ନିତୁରାନୀଙ୍କୁ ସମ୍ମାନିତ କରାଯାଉଛି।

ବିନିକା,୨୨।୯( ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ମହଦା ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ବୁଧବାର ଡାକ ବିଭାଗ ପକ୍ଷରୁ ଡାକ ମେଳା ଓ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ଭୀମସେନ ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଡିଭିଜନ ଡାକ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ରାଜେନ୍ଦ୍ର କୁମାର ପଟ୍ଟନାୟକ, ସୋନପୁର ଡାକ ବିଭାଗର ଇନ୍ସପେକ୍ଟର ବାଳମୁକୁନ୍ଦ ବାରିକ, ମ୍ୟାନେଜର କୃଷ୍ଣଚନ୍ଦ୍ର ନାଏକ, ଡେଭଲପମେଣ୍ଟ ଅଫିସର ରାହୁଲ କୁମାର ଯୋଗଦେଇ ଭାରତୀୟ ଡାକ ସେବାର ଉପକାରିତା ଏବଂ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ଲୋକଙ୍କୁ ପ୍ରାଞ୍ଜଳ ଭାବେ କହିଥିଲେ। ଏହି ଅବସରରେ ଶଙ୍କରା ପୋଷ୍ଟମାଷ୍ଟର ନିତୁରାନୀ ଦାଶ ଗୋଟିଏ ଦିନରେ ୭୬ଗୋଟି ପଲିସି ଖୋଲି ଦେଢ କୋଟି ଟଙ୍କା ଡାକ ବିଭାଗରେ ଜମା କରିଥିବାରୁ ଅତିଥିମାନେ ତାଙ୍କୁ ସମ୍ମାନିତ କରିଥିଲେ। ଶେଷରେ ମହଦା ପୋଷ୍ଟ ମ୍ୟାନ ଗାୟତ୍ରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପୋଷ୍ଟାଲ ବିଭାଗର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

## ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଲୋକଲୋଚନକୁ ଆଣିବା ଲକ୍ଷ୍ୟ

### ପାଇକମାଳ ହାଇସ୍କୁଲରେ ବିଜେତା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପାଇକମାଳ,୨୨।୯(ଡି.ଏନ.ଏ.)




କାର୍ଯ୍ୟକ୍ରମରେ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଉଦ୍‌ବୋଧନ ଦେଉଛନ୍ତି।

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜେତା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବୟନ ଶିଳ୍ପ ମନ୍ତ୍ରୀ ରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତିନି ଦିନିଆ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ବରଗଡ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ସଭାପତିତ୍ୱ କରିଥିବା ବେଳେ ପାଇକମାଳ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରଗଡ ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିରିକ୍ତ ଜିଲାପାଳ ନବିନ କୁମାର ପଟେଲ ମୁଖ୍ୟ ବକ୍ତା, ବ୍ଲକ ଅଧକ୍ଷା ଭାବନା ସିଂ, ପାଇକମାଳ ବିଡିଓ ମଞ୍ଜୁଲତା ଭୋଇ, ସରପଞ୍ଚ ତୁଳାବତୀ ତାଣ୍ଡି, ପାଇକମାଳ ବ୍ଲକ ଶିକ୍ଷାଧିକାରୀ ଚୂଡାମଣି ବାରିକ, ପଦ୍ମପୁର ବ୍ଲକ ଶିକ୍ଷାଧିକାରୀ କାଳୀଚରଣ ଦୁବେ, ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧର୍ମ କୁମାର ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିରରେ ବରଗଡ ଜିଲାର ୯୦ଟି ୫-ଟି ସ୍କୁଲର ୯୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ଗ୍ରହଣ କରୁଛନ୍ତି। ତାଲିମ ଦାତା ଭାବେ ଦିଲ୍ଲୀରୁ ୪ଜଣ ଓ ଭୁବନେଶ୍ୱରରୁ ୬ଜଣ ପ୍ରଶିକ୍ଷକ ଯୋଗ ଦେଇଛନ୍ତି। ଛାତ୍ରୀଛାତ୍ରମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭା ସାମ୍ନାକୁ ଆଣିବା ଶିବିରର ମୂଳଲକ୍ଷ୍ୟ ବୋଲି କୁହାଯାଇଛି। ତ୍ରିଲୋଚନ ନାୟକ ଶିବିର ପରିଚାଳନା କରିଥିବା ବେଳେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଲପିଲାଙ୍କ ଯାତାୟାତ ସମୟରେ ଭାରିଯାନ ଚଳାଚଳ ବନ୍ଦ ରଖିବାକୁ ନିର୍ଦ୍ଦେଶ

ବାଉଁଶୁଣୀ, ୨୨।୯(ଡି.ଏନ.ଏ.)

ବିଦ୍ୟାଳୟକୁ ଛାତ୍ରୀଛାତ୍ର ପଢି ଯାଉଥିବା ସମୟରେ ଓ ଛୁଟି ସମୟରେ ଘରକୁ ଫେରୁଥିବା ବେଳେ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ରଖିବାକୁ ଆଦେଶ ଦେଇଛନ୍ତି ବୌଦ୍ଧ ତହସିଲଦାର୍। ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ବ୍ଲକ ଗୋଛାପଡା ଗ୍ରାମ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଏକାଧିକ କ୍ରସର୍ ରହିଛି। ସେଠାକୁ ପ୍ରତିଦିନ ମେଟାଲ, ଚିପ୍ସ ଓ ପଥର ଗୁଣ୍ଡ ଆଦି ନେବାକୁ ଅନେକ ଭାରିଯାନ ଯିବା ଆସିବା କରିଥାନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବାଉଁଶୁଣୀ ଥାନା ଓ ବୌଦ୍ଧ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ପରେ ଗୁରୁବାର ଉଭୟ ଅଧିକାରୀ ବିଭିନ୍ନ କ୍ରସରକୁ ଯାଇ ଆଲୋଚନା କରିଥିଲେ। ପୂର୍ବାହ୍ନ ୯ଟା୩୦ ମିନିଟଠାରୁ ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ଓ ଅପରାହ୍ନ ୩ଟା ୩୦ ମିନିଟ ଠାରୁ ୪ଟା ୩୦ ମିନିଟ ପର୍ଯ୍ୟନ୍ତ ଦୈନିକ ୨ ଘଣ୍ଟା ଭାରିଯାନ ଚଳାଚଳ ବନ୍ଦ ରଖିବାକୁ ତହସିଲଦାର୍ ଦେବୀ ପ୍ରସାଦ ଦାଶ ଓ ବାଉଁଶୁଣୀ ଥାନା ଅଧିକାରୀ ସସ୍ମିତା ମଗର ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

## ବାଉଁଶ ଶିଳ୍ପ ଉପରେ କ୍ଲଷ୍ଟରସ୍ତରୀୟ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ପଦାଧିକାରୀ।

ବିନିକା,୨୨।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଆର.ଏମ.ସି. କାର୍ଯ୍ୟାଳୟରେ ଓଡ଼ିଶା ବାଉଁଶ ବିକାଶ ଏଜେନ୍ସି ସହଭାଗିତା ଓ ସୁବର୍ଣ୍ଣପୁର ଜିଲା ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ ଆନୁକୂଲ୍ୟରେ ଗୁରୁବାର ବାଉଁଶ ଶିଳ୍ପ ଉପରେ କ୍ଲଷ୍ଟରସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିନିକା ଏନଏସି ଉପ ନଗରପାଳ ତପସ୍ୱିନୀ ମେହେର,ସମ୍ମାନିତ ଅତିଥି ଭାବେ ବିନିକା ବନ ଅଧିକାରୀ ଡମ୍ବରୁଧର ପ୍ରଧାନ, ଡିପିସି କାର୍ତ୍ତିକ ଚନ୍ଦ୍ର ନାଏକ,ବିନିକା ଏବିଡିଓ ପ୍ରଜ୍ଞା ପାଣିଗ୍ରାହୀ,ଆରଏମସି ସମ୍ପାଦକ ଉଦିତ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସହକାରୀ ନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି ଅଧକ୍ଷତା କରିଥିଲେ। ବିଭିନ୍ନ ଯୋଜନା ଉପରେ ଶିଳ୍ପ ବିକାଶ ଅଧିକାରୀ ସମୀର ମୁଦୁଲି,ଦେବାଶିଷ ମିଶ୍ର ଆଲୋକପାତ କରିଥିଲେ। ଶେଷରେ ଶିଳ୍ପ ବିକାଶ ଅଧିକାରୀ ଅଭିଜିତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଯୋଗ ଦେଇଥିଲେ।

## ସଂସ୍କୃତି ହେଉଛି ଦେଶ, ଜାତିର ଅନ୍ତରାତ୍ମା

ବରଗଡ଼ ଅଫିସ, ୨୨।୯

ସଂସ୍କୃତି ହେଉଛି ଦେଶ ତଥା ଜାତିର ଅନ୍ତରାତ୍ମା। ବରଗଡ଼ ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ 'ସଂସ୍କୃତି ଓ ଛାତ୍ରଛାତ୍ରୀ' ଶୀର୍ଷକ ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତାଗଣ ଏହି ମତପ୍ରକାଶ କରିଛନ୍ତି। ଜିଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂସ୍କୃତି ଗବେଷକ ଡ଼ଃ ରବିନାରାୟଣ ସାହୁ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଭାରତୀୟ ସଂସ୍କୃତି ଓ ସଂସ୍କୃତ ଭାଷାର ସମ୍ବନ୍ଧ ବିଷୟରେ ବିସ୍ତୃତ ଉଲ୍ଲେଖ କରିଥିଲେ। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ, ପ୍ରମୋଦ କୁମାର ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂସ୍କୃତ ସୁରକ୍ଷା ମଞ୍ଚ ଆବାହକ ପଣ୍ଡିତ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷକ ଶୁଧାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

## ବିପଦସଙ୍କୁଳ ଅବସ୍ଥାରେ ବାଘନଦୀ ପୋଲ

### ଆଖି ବୁଜି ଦେଇଛି ଜାତୀୟ ରାଜପଥ ବିଭାଗ

ବାଉଁଶୁଣୀ, ୨୨।୯(ଡି.ଏନ.ଏ)

ଖୋର୍ଦ୍ଧା -ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର କାମ ଦୀର୍ଘ ବର୍ଷ ହେଲା ସରିଲାଣି। ହେଲେ ଉକ୍ତ ରାସ୍ତାର ବୌଦ୍ଧ ଜିଲା ମଧରେ ଥିବା ଅନେକ ଅଣଓସାରିଆ ପୁରୁଣା ପୋଲ ଉପରେ ଅଦ୍ୟାବଧି ଯାନବାହାନ ବିପଦସଙ୍କୁଳ ଅବସ୍ଥାରେ ଚାଲିଛି। ନୂତନ ପୋଲ କାମ ଆଜି ଯାଏଁ ଶେଷ ହୋଇ ପାରୁନାହିଁ। ଫଳରେ ଅଣଓସାରିଆ ପୁରୁଣା ପୋଲ ଉପରେ ଅଦ୍ୟାବଧି ଯାନବାହାନ ବିପଦସଙ୍କୁଳ ଅବସ୍ଥାରେ ଚାଲିଛି। ସେଭଳି ଏକ ଅଣଓସାରିଆ ପୋଲ ହେଉଛି ଜାତୀୟ ରାଜପଥର ବାଉଁଶୁଣୀ ଓ ଜମଟାଙ୍ଗୀ ଗ୍ରାମ ମଧରେ ଥିବା ବାଘନଦୀ ପୋଲ। ପୋଲ ଉପରେ ଅନେକ ଛୋଟ ବଡ ଖାଲଖମା ହୋଇଛି। ପ୍ରତିଦିନ ହଜାର ହଜାର ଯାନବାହାନ ଉକ୍ତ ପୋଲ ଉପରେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ପୁରୁଣା ପୋଲ ଉପରେ କଙ୍କରିଟ ଛାଡ଼ି ଯାଇ ଅନେକ ସ୍ଥାନରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲେ ମଧ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଆଖିକୁ ନ ଦିଶିବା ଦୁର୍ଭାଗ୍ୟଜନକ। ତୁରନ୍ତ ଏହି ପୋଲ ଉପରେ ଥିବା ଖାଲଖମା ମରାମତି କରି ଲୋକଙ୍କ ଧନଜୀବନ ସହିତ ପୋଲର ସୁରକ୍ଷା କରିବା ପାଇଁ ଜନସାଧାରଣରେ ଦାବି ହେଉଛି। ସେହିପରି ନୂତନ ପୋଲ କାମ ସମ୍ପୂର୍ଣ୍ଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ମଧ ଦାବି ହେଉଛି।



ବାଘନଦୀ ପୋଲ ଉପରେ ଖାଲଖମା ହୋଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୩ ଜିଲାର ମିଶନ୍ ଶକ୍ତି ମହିଳା



ନବୀନ ନିବାସଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତି ସଦସ୍ୟାଙ୍କ ସହ ଆଲୋଚନା କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

ଭୁବନେଶ୍ୱର,୨୨।୯(ବ୍ୟୁରୋ)

କଟକ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ମିଶନ୍ ଶକ୍ତି ଗୋଷ୍ଠୀର ମହିଳାମାନେ ଗୁରୁବାର ସନ୍ଧ୍ୟାରେ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଉପଲକ୍ଷେ ସମ୍ପୃକ୍ତ ଗୋଷ୍ଠୀ ଜାତୀୟ ପତାକା ତିଆରି ଦାୟିତ୍ୱ ନେଇଥିଲେ। ଏହି କାର୍ଯ୍ୟକୁ ଦକ୍ଷତାର ସହ ତୁଲାଇଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନ ମିଶନ୍ ଶକ୍ତି ମହିଳାଙ୍କ କାର୍ଯ୍ୟର ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ଏସ୍‌ଏଚ୍‌ଜି ମହିଳାଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଭରସା ରହିଛି। ଆପଣମାନେ ଗାଁ ଗାଁରେ ବିକାଶର ନେତୃତ୍ୱ ନେଇ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିପାରିଛନ୍ତି ବୋଲି ସେ କହିଥିଲେ। ସେହିପରି ଜାତୀୟ ପତାକା ତିଆରି ଭଳି ଏକ ମର୍ଯ୍ୟାଦାପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରିଥିବାରୁ ମିଶନ୍ ଶକ୍ତିର ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ମିଶନ୍ ଶକ୍ତିରେ ସାମିଲ ହୋଇ ଆମେ ଗର୍ବିତ। ଏଥିରେ ପ୍ରତିଭାର ବିକାଶ ହୋଇପାରିଛି ବୋଲି ସେମାନେ କହିଥିଲେ। ସୂଚନାଯୋଗ୍ୟ ଯେ, ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାର ମିଶନ୍ ଶକ୍ତି ମହିଳାଙ୍କୁ ୩୦ ଲକ୍ଷ ଜାତୀୟ ପତାକା ପ୍ରସ୍ତୁତି ଓ ବଣ୍ଟନ ଦାୟିତ୍ୱ ଦେଇଥିଲେ।

### ଜାତୀୟ ପତାକା ତିଆରି ପାଇଁ ଧନ୍ୟବାଦ ଦେଲେ ନବୀନ

## ସଂକ୍ଷେପରେ

### ମୃତ ବ୍ୟକ୍ତିଙ୍କ ନାଁରେ କୋଭିଡ୍ ଟିକା ମେସେଜ

ଦେବଗଡ଼,୨୨।୯(ଡି.ଏନ୍.ଏ.): ଜଣେ ମୃତ ବ୍ୟକ୍ତି କୋଭିଡ୍ ଟିକା ନେଇଥିବା ନେଇ ମୋବାଇଲକୁ ଆସିଛି ମେସେଜ। ଏଭଳି ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି ଦେବଗଡ଼ ଜିଲା ବାରକୋଟ ବ୍ଲକ ଡ଼ଁରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଳିତା ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ ବଳିତା ଗ୍ରାମର ଦେବେନ୍ଦ୍ର କୁମାର ବିନ୍ଧାଣୀଙ୍କର ଗତ ମାର୍ଚ୍ଚ ମାସ ୧୨ ତାରିଖରେ ଦେହାନ୍ତ ଘଟିଥିଲା। ମାତ୍ର ବୁଧବାର ରାତି ପ୍ରାୟ ୧୦ଟା ୪୧ ମିନିଟ ଏବଂ ରାତି ୧୦ଟା ୪୬ ମିନିଟ ସମୟରେ ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କ ପୁଅ ପ୍ରଶାନ୍ତ ବିନ୍ଧାଣୀଙ୍କ ମୋବାଇଲକୁ ୨ଟି ମେସେଜ ଆସିଥିଲା। ଭିଭି-ଏନ୍‌ଏଚ୍‌ପିଏସ୍‌ଏମ୍‌ଏସ୍‌ରୁ ଆସିଥିବା ଏହି ମେସେଜ୍‌ରେ ରଜନୀରାଣୀ ବିନ୍ଧାଣୀ ଓ ତାଙ୍କ ସ୍ୱାମୀ ଦେବେନ୍ଦ୍ର ବିନ୍ଧାଣୀ ରାତି ୧୦ଟା ୨୪ରେ କୋଭିସିଲ୍ଡ ପ୍ରିକ୍‌ସନ ଡୋଜ ନେଇଥିବା ଉଲ୍ଲେଖ ଥିବାବେଳେ ଏହାକୁ ଦେଖି ତାଙ୍କ ପରିବାର ଲୋକେ ଆଶ୍ଚର୍ଯ୍ୟ ଚକିତ ହୋଇପଡିଥିଲେ। ବିନ୍ଧାଣୀଙ୍କର ଦୀର୍ଘ ୬ ମାସ ପୂର୍ବେ ବିୟୋଗ ଘଟିଥିବା ଏବଂ ରଜନୀରାଣୀ ବୁଧବାର କୋଭିଡ୍ ଟିକା ନେଇ ନ ଥିବାବେଳେ ଏହା କିଭଳି ସମ୍ଭବ ହେଲା ସେନେଇ ତାଙ୍କ ମନରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଫଳରେ ପୁଅ ପ୍ରଶାନ୍ତ ବିନ୍ଧାଣୀ ଗୁରୁବାର ପୂର୍ବାହ୍ନରେ ବାରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ପଚାରିଥିଲେ। ମାତ୍ର କର୍ତ୍ତୃପକ୍ଷ ତାଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ସେ କ୍ଷୋଭର ସହ ଫେରି ଯାଇଥିଲେ। ତେବେ ସେ ଯାହା ହେଉନା କାହିଁକି ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।

### ଅଜଣା ରୋଗ: ହଳଦୀକୁଣ୍ଡ ଗ୍ରାମରେ ଆଉ ଜଣଙ୍କ ମୃତ୍ୟୁ

ମାଲକାନଗିରି/ମାଥିଲି,୨୨।୯ (ଡି.ଏନ୍.ଏ.): ମାଲକାନଗିରି ଜିଲା ମାଥିଲି ବ୍ଲକ ସାଲିମି ପଞ୍ଚାୟତ ଅନ୍ତର୍ଗତ ହଳଦୀକୁଣ୍ଡ ଗ୍ରାମରେ ଅଜଣା ରୋଗଥମିବା ନାଁ ନେଉନି। ବୁଧବାର ରାତିରେ ଆଉ ଜଣେ ଯୁବକଙ୍କ ଅଜଣା ରୋଗରେ ମୃତ୍ୟୁ ଘଟିଛି। ତାଙ୍କ ନାମ ଲକ୍ଷ୍ମା ମାଡକାମି (୨୨)। ଲକ୍ଷ୍ମା ଗତ ୧୩ ତାରିଖରେ ମାଲକାନଗିରି ସଦର ମହକୁମା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଥିଲେ। ୫ ଦିନ ଚିକିତ୍ସା ପରେ ସେ ସୁସ୍ଥହୋଇ ଡାକ୍ତରଖାନାରୁ ଯାଇଥିଲେ। ତାଙ୍କ ସହ ହଳଦୀକୁଣ୍ଡ ଗ୍ରାମର ୧୩ ଜଣ ରୋଗୀ ମଧ ଉକ୍ତ ଦିନ ସୁସ୍ଥ ହୋଇଥିଲେ। ସମସ୍ତଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ସେମାନଙ୍କ ଗ୍ରାମରେ ନେଇ ଛଡା ଯାଇଥିଲା। ତେବେ ଲକ୍ଷ୍ମା ବୁଧବାର ରାତିରେ ପୁନର୍ବାର ଭିଷଣ ପେଟ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ତାଙ୍କର ମଅତ୍ୟୁ ହୋଇଯାଇଥିଲା। ମାଥିଲି ବ୍ଲକ ସାଲିମି ପଞ୍ଚାୟତର ଏହି ହଳଦୀକୁଣ୍ଡ ଗ୍ରାମରେ ପୂର୍ବରୁ ଅଜଣା ରୋଗରେ ୯ ଜଣଙ୍କ ମୃତ୍ୟୁ ଘଟିଥିଲା। ତେବେ ଏଥିରେ ଗ୍ରାମବାସୀ ୧୩ ଜଣ ମୃତ୍ୟୁବରଣ କରିଥିବା କହୁଛନ୍ତି। ମାଲକାନଗିରି ସଦର ମହକୁମା ଓ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରମାନେ ଉକ୍ତ ଗ୍ରାମକୁ ଯାଇ ରୋଗୀଙ୍କ ଚିକିତ୍ସା କରିବା ସହ ରକ୍ତ ନମୁନା ଏବଂ ପାନୀୟ ଜଳ ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଥିଲେ। ବର୍ତ୍ତମାନ ସୁଦ୍ଧା ଏହି ରୋଗର ପ୍ରକୃତ କାରଣ ଜଣା ପଡି ନ ପଡିବା ଏବଂ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ରୋଗୀ ଘରେ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ଏହାକୁ ନେଇ ଶୁକ୍ରବାର ଆମ୍ ଆଦମି ପାର୍ଟି ପକ୍ଷରୁ ମାଥିଲି ବ୍ଲକ ଘେରାଉ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ପାର୍ଟିର ସଭାପତି କେ. ଦେଶିରାଜୁ ଆଚାରୀ କହିଛନ୍ତି।

# ୩ ହଜାର ହବିଷିଆଳିଙ୍କ ପାଇଁ ପ୍ରସ୍ତୁତି

■ ଛତିଶା ନିଯୋଗ ବୈଠକରେ କାର୍ତ୍ତିକ ମାସ ନୀତିକାନ୍ତି ଚୂଡ଼ାନ୍ତ

■ ଶୃଙ୍ଖଳିତ ନୀତିକାନ୍ତି, ଦର୍ଶନ ଓ ମହାପ୍ରସାଦ ବ୍ୟବସ୍ଥାକୁ ଗୁରୁତ୍ୱ

ପୁରୀ ଅଫିସ,୨୨।୯

ଆସନ୍ତା କାର୍ତ୍ତିକ ମାସ ପାଇଁ ଶ୍ରୀମନ୍ଦିର ନୀତିନିର୍ଘଣ୍ଟ ଗୁରୁବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଚୂଡ଼ାନ୍ତ ହୋଇଛି। ବୈଠକରେ ଶୃଙ୍ଖଳିତ ନୀତିକାନ୍ତି, ଦର୍ଶନ ବ୍ୟବସ୍ଥା ଓ ହବିଷିଆଳିଙ୍କ ଲାଗି ମହାପ୍ରସାଦ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଅକ୍ଟୋବର ୬ରୁ ଶ୍ରୀମନ୍ଦିରରେ କାର୍ତ୍ତିକ ନୀତି ଓ ବାଲଧୂପ ଆରମ୍ଭ ହୋଇ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଅକ୍ଟୋବର ୧୦ରୁ ହବିଷିଆଳିଙ୍କ କାର୍ତ୍ତିକ ବ୍ରତ ଆରମ୍ଭ ହେବ। ଚଳିତ ବର୍ଷ ୩ହଜାର ହବିଷିଆଳିଙ୍କ ରହଣି, ଗମନାଗମନ ଓ ମହାପ୍ରସାଦ ସେବନର ବ୍ୟବସ୍ଥା ପ୍ରଶାସନ କରୁଛି। ଅକ୍ଟୋବର ୨୫ରେ ସୂର୍ଯ୍ୟପରାଗ ଓ ନଭେମ୍ବର ୮ରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଏହି ଦିନ ଶ୍ରୀମନ୍ଦିରରେ ନୀତିକାନ୍ତି ହେବ। ଏହି ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ବୈଠକ ପରେ ଜିଲାପାଳ ବର୍ମା ସୂଚନା ଦେଇ କହିଛନ୍ତି, କାର୍ତ୍ତିକ ମାସ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଓ ନୀତିକାନ୍ତି ସମ୍ପର୍କରେ ଛତିଶା ନିଯୋଗ ବୈଠକ ହୋଇଛି। ସବୁ ନିଯୋଗର ଅଧ୍ୟକ୍ଷ, ସମ୍ପାଦକ ଓ ପରିଚାଳନା କମିଟି ସଦସ୍ୟଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। କୋଭିଡ୍ ଯୋଗୁ ୨ବର୍ଷ ଧରି ହବିଷିଆଳିଙ୍କୁ ପୁରୀକୁ ବାରଣ କରାଯାଇଥିଲା। ଚଳିତବର୍ଷ କଟକଣା ନ ଥିବାରୁ ବହୁସଂଖ୍ୟକ ହବିଷିଆଳି ପୁରୀ ଆସିବା ଅନୁମାନ କରାଯାଉଛି। ପ୍ରଶାସନ ପକ୍ଷରୁ ଏମାନଙ୍କ ରହଣି ଓ ଦର୍ଶନ ବ୍ୟବସ୍ଥା କରାଯାଇଛି। ହବିଷିଆଳିଙ୍କ ପ୍ରସାଦ ସେବନ ଦାୟିତ୍ୱ ସୁଆର ମହାସୁଆର ନିଯୋଗକୁ ହସ୍ତାନ୍ତର କରାଯାଇଛି। ଜିଲାସ୍ତରରେ ବୈଠକ ସରିଛି। ହବିଷିଆଳିମାନେ ବୃନ୍ଦାବତୀ ନିବାସରେ ରହିବେ। ବର୍ତ୍ତମାନ ସୁଦ୍ଧା ୮ଶହ ହବିଷିଆଳି ରାଜ୍ୟ ସରକାରଙ୍କ ଯୋଜନାର ସୁବିଧା ପାଇବା ପାଇଁ ଆବେଦନ କରିଛନ୍ତି। ପଞ୍ଜୀକରଣ ଚାଲୁ ରହିଛି। ଅଢ଼େଇ ହଜାରରୁ ୩ ହଜାର ପର୍ଯ୍ୟନ୍ତ ହବିଷିଆଳିଙ୍କ ରହଣି, ଗମନାଗମନ ଓ ମହାପ୍ରସାଦ ସେବନର ବ୍ୟବସ୍ଥା ପ୍ରଶାସନ କରୁଛି। ସେହିଭଳି ଖାଦ୍ୟ ସାମଗ୍ରୀ ଯୋଗାଣ, ସ୍ନାନ ଓ ଡାକ୍ତରୀ ସୁବିଧା ମଧ୍ୟ ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ସେବାୟତ ରଜତ ପ୍ରତିହାରୀ କହିଛନ୍ତି, କାର୍ତ୍ତିକ ମାସରେ ଶ୍ରୀମନ୍ଦିରରେ ଅନେକ ସ୍ୱତନ୍ତ୍ର ନୀତିକାନ୍ତି ରହିଛି। ଭକ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ନୀତିକାନ୍ତି ଉପରେ ଧ୍ୟାନ ଦିଆଯାଇଛି। ଅକ୍ଟୋବର ୨୫ ଅର୍ଥାତ୍ ସୋମବାର ଅମାବାସ୍ୟାରେ ସୂର୍ଯ୍ୟପରାଗ ପଡୁଛି। ଏଣୁ ରାତ୍ର ୪ଟା ୫୭ରୁ କାକ ତ୍ୟାଗ ଓ ଦେବ ନୀତି ନିଷେଧ ରହିବ। ମଙ୍ଗଳବାର ରାତ୍ର ୧୨ଟା ପରେ ଦ୍ୱାର ଫିଟାଯାଇ ସ୍ୱତନ୍ତ୍ର ନୀତିକାନ୍ତି ହେବ। ସେହିପରି ନଭେମ୍ବର ୮ରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ସ୍ୱତନ୍ତ୍ର ନୀତିକାନ୍ତି ହେବ। କାର୍ତ୍ତିକ ମାସରେ ଭିନ୍ନ ଭିନ୍ନ ନିଯୋଗର ଦାୟିତ୍ୱ ଓ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେଲା। ସବୁ ନିଯୋଗ ନୀତିକାନ୍ତିରେ ସହଯୋଗ କରିବେ ବୋଲି ବୈଠକରେ ଜଣାଇଛନ୍ତି।

# ଏନ୍‌ଏଚ୍‌ଆରସିରେ ମାମଲା ରୁଜୁ

### ଏମ୍‌କେସିଜିରେ ବାରମ୍ବାର ସିଲିଂ ଖସିବା ଘଟଣା

ବ୍ରହ୍ମପୁର ଅଫିସ,୨୨।୯

ବ୍ରହ୍ମପୁରରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ପରିସରରେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ସୁପରସ୍ପେଶାଲିଟି ବ୍ଲକରୁ ବାରମ୍ବାର ସିଲିଂ ଖସିବା ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ଗୁରୁବାର ମାମଲା ରୁଜୁ ହୋଇଛି। ବ୍ରହ୍ମପୁର ସହରର ସାମାଜିକ କର୍ମୀ ରବୀନ୍ଦ୍ର କୁମାର ମିଶ୍ର ଏନ୍‌ଏଚ୍‌ଆରସିରେ ମାମଲା ରୁଜୁ କରିବା ସହିତ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଛନ୍ତି। ଏନ୍‌ଏଚ୍‌ଆରସି ଏହି ମାମଲାକୁ ଗ୍ରହଣ କରିଛନ୍ତି।

ପ୍ରକାଶ ଯେ, ଏମ୍‌କେସିଜି ପରିସରରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା(ପିଏମ୍‌ଏସ୍‌ଏସ୍‌ୱାଇ)ରେ ୧୫୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସୁପରସ୍ପେଶାଲିଟି ବ୍ଲକ୍ ତିଆରି କରାଯାଇଛି। ଗତ ମାସ ୨୬ ତାରିଖରେ ଉକ୍ତ କୋଠାର ୫ମ ମହଲାରେ ଥିବା ଅସ୍ତ୍ରୋପଚାର (ଓଟି) କମ୍ପ୍ଲେକ୍ସ ୟୁରୋଲୋଜି ବିଭାଗ ଓଟିରେ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ବିଦ୍ୟୁତ୍ ତାରଗୁଡ଼ିକ ପୋଡ଼ି ଯାଇଥିବା ବେଳେ ଓଟିର ବିଭିନ୍ନ ପ୍ରକାର ଯନ୍ତ୍ରାଂଶରେ ନିଆଁ ଲାଗି ନଷ୍ଟ ହୋଇଯାଇଥିଲା। ଏହି ଘଟଣାରେ ରୋଗୀ ଅଳ୍ପକେ ରକ୍ଷାପାଇ ଯାଇଥିଲେ। ସେହିଦିନଠାରୁ ଓଟି କମ୍ପ୍ଲେକ୍ସ ବନ୍ଦ ରହିଛି। ଗତ ୮ତାରିଖ ଭୋରରେ ସେହି ବିଭାଗର ଛାତରୁ ପୁଣିଥରେ ସିଲିଂ ଖସିଥିଲା। ରୋଗୀଙ୍କ ସମ୍ପର୍କୀୟ ବସିବା ପାଇଁ ରହିଥିବା ହଲ୍‌ରେ ସିଲିଂ ଖସିଥିଲା। ଏହି ଘଟଣା ପରେ ଗତ ୯ ତାରିଖରେ ପୁଣିଥରେ ଏଣ୍ଡୋକ୍ରାଇନୋଲୋଜି ବିଭାଗ ଇନ୍‌ଡୋର୍ ଛାତରୁ ସିଲିଂ ଖସିଥିଲା। ଏହି ଘଟଣାକୁ ନେଇ ଗତ ୧୦ତାରିଖରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ହୋଇଥିବା ନିଷ୍ପତ୍ତି ଅନୁସାରେ କୋଠା ନିର୍ମାଣକାରୀ ସଂସ୍ଥାକୁ ନୋଟିସ୍ କରାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଏଚ୍‌ଏଲ୍‌ଏଲ୍ ଓ ହାଇଗ୍ରିଭା ନାମକ ସଂସ୍ଥା ବ୍ଲକ୍ ତିଆରି କରିଛନ୍ତି। କୋଠା ନିର୍ମାଣ କରିଥିବା ସଂସ୍ଥାର ଏକ ଟିମ୍ ଗୁରୁବାର ବ୍ରହ୍ମପୁରରେ ପହଞ୍ଚି ସୁପରସ୍ପେଶାଲିଟି ବ୍ଲକର ସ୍ଥିତି ଅନୁଧ୍ୟାନ କରିଥିବା ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଅବନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି।

# ଆଇଏମ୍‌ଏମ୍‌ଟିରେ ଗ୍ଲୋବାଲ ବ୍ୟାଟେରୀ ପରୀକ୍ଷଣ

### ଜ୍ଞାନ ଆହରଣ କଲେ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୨।୯(ବ୍ୟୁରୋ)

ସମ୍ପ୍ରତି ଜଳବାୟୁ ଓ ପ୍ରଦୂଷଣଜନିତ ସଙ୍କଟ ବଢ଼ିବାରେ ଲାଗିଛି। ଏହାକୁ ମୁକାବିଲା କରିବାକୁ କିଭଳି ଜୀବାଶ୍ମ ଇନ୍ଧନରୁ ଦୂରେଇ ବିଦ୍ୟୁତିକରଣକୁ ଗ୍ରହଣ କରିବାକୁ ହେବ ସେ ନେଇ ଗ୍ଲୋବାଲ ବ୍ୟାଟେରୀ ପରୀକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଭୁବନେଶ୍ୱରସ୍ଥିତ ଆଇଏମ୍‌ଏମ୍‌ଟି ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୟାଲ ସାଇନ୍ସ ଅଫ୍ କେମିଷ୍ଟ୍ରି(ଆର୍‌ଏସ୍‌ସି) ୟୁକେ ଓ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୀଳାଦ୍ରିବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୬୦ଜଣ ଛାତ୍ରୀଛାତ୍ର ଓ ୪ଜଣ ଶିକ୍ଷକ ଯୋଗଦେଇଥିଲେ। ବ୍ୟାଟେରୀ କିଭଳି ଭବିଷ୍ୟତର ଉଜ୍ଜ୍ୱଳ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରିବ ଏବଂ ମୁଦ୍ରା, କାର୍ଡବୋର୍ଡ ଡିସ୍କ, ଆଲୁମିନିୟମ୍ ଫଏଲ୍ ଡିସ୍କ, ଭିନେଗାରକୁ ନେଇ ବ୍ୟାଟେରୀ କିଭଳି ପ୍ରସ୍ତୁତ କରାଯାଇପାରିବ ତାହା ଛାତ୍ରୀଛାତ୍ରମାନେ ଦେଖିବା ସହ ଜ୍ଞାନ ଆହରଣ କରିଥିଲେ।



ଏହି ଅବସରରେ ସିଏସ୍‌ଆଇଆର୍‌ର ମହା ନିର୍ଦ୍ଦେଶକ ଡ. ଏନ୍. କଲାଇସେଲ୍‌ଭି ଭର୍ଚୁଆଲରେ ଯୋଗଦେଇ ଭବିଷ୍ୟତର ବ୍ୟାଟେରୀ ଟେକ୍ନୋଲୋଜି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ପ୍ରଫେସର ସୁଦ୍ଧାସତ୍ତ୍ୱ ବାସୁ ଯୋଗଦେଇ କହିଲେ, ଅନେକ ସମୟରେ ଆମେ ବିଦ୍ୟୁତ ସଂରକ୍ଷଣ କରିବାରେ ଅବହେଳା କରିଥାଉ। ଫ୍ୟାନ, ଲାଇଟ୍ ସୁଇଚ୍ ବନ୍ଦ ନ କରି ଅଯଥାରେ ବିଦ୍ୟୁତ୍ ଅପଚୟ କରିଥାଉ। ଏହା ବ୍ୟାଟେରୀ କିଭଳି ଅଧିକ ଉତ୍ପାଦନ ହୋଇ ପାରିବ ଏବଂ ବିଶେଷତଃ ଏହା ମାଧ୍ୟମରେ କିଭଳି ବିଦ୍ୟୁତ ସୃଷ୍ଟି କରାଯାଇ ପାରିବ ଓ ଏଥିସହ ଏଲ୍‌ଇଡି ପ୍ରସ୍ତୁତ ତଥା ବ୍ୟବହାର ଉପରେ ମତ ପ୍ରକାଶ କରିଥିଲେ। ଜିଜ୍ଞାସା ନୋଡାଲ ସାଇଣ୍ଟିଷ୍ଟ ଡ. ଦେବୀ ପ୍ରସାଦ ଦାସ ସାମାଜିକ ବୈଜ୍ଞାନିକ ଦାୟିତ୍ୱକୁ ନେଇ ନାମିତ ଜିଜ୍ଞାସା କାର୍ଯ୍ୟକ୍ରମକୁ ଆଇଏମ୍‌ଏମ୍‌ଟି କିଭଳି ପରିଚାଳନା କରୁଛି ସେ ନେଇ ଆଲୋକପାତ କରିଥିଲେ। ଡ. ବିକାଶ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିସ୍ଫୋରକ ସହ ମାଓବାଦୀ ସାମଗ୍ରୀ ଜବତ

କୋରାପୁଟ/ମାଲକାନଗିରି, ୨୨।୯(ସ୍ୱ.ପ୍ର./ଡି.ଏନ.ଏ.)-

କୋମ୍ବିଂ ଅପରେଶନ ବେଳେ ମାଛକୁଣ୍ଡ ଅଞ୍ଚଳରୁ ଗୁରୁବାର ବିପୁଳ ପରିମାଣର ମାଓବାଦୀ ବିସ୍ଫୋରକ ସାମଗ୍ରୀ ସହ ନଗଦ ଟଙ୍କା ଜବତ ହୋଇଛି। ଏସଓଜି ଓ ଡିଭିଏଫ୍ ପକ୍ଷରୁ କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ସିନ୍ଧିପୁଟ ଜଙ୍ଗଲରେ ମିଳିତ ଆଣ୍ଟି ନକ୍ସଲ ଅପରେସନ ବେଳେ ଏହା ଜବତ ହୋଇଥିବା ଜଣାପଡିଛି। ନଗଦ ୭୦ ହାଜର ଟଙ୍କା, ୧୭ ମିଟର କର୍ଡେକ୍ସ ତାର, ୩୧ଟି ଜେଲେଟିନ ଷ୍ଟିକ୍, ୧ଟି ଇଲେକ୍ଟ୍ରିକ ଡିଟୋନେଟର, ତାର, ୨ଟି ଟିଫିନ ବୋମା, ଗୋଟାଏ ପ୍ରେସର କୁକର ବୋମା ଓ ଗୋଟାଏ ଟେଷ୍ଟିଂ ପିନ ଜବତ ହୋଇଥିବା ଏସପି ବରୁଣ ଗୁଣ୍ଟୁପାଲି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାଓବାଦୀଙ୍କ ଗତିବିଧି ଉପରେ ନଜର ରହିଛି। ଏସ୍‌ଓଜି ଓ ଡିଭିଏଫ ପକ୍ଷରୁ ମଧ ଆଣ୍ଟି ନକ୍ସଲ ଅପରେସନ ଜାରି ରହିଛି। କିଛି ଦିନ ତଳେ ଶତାଧିକ ମାଓ ସମର୍ଥକ ପୋଲିସ ଓ ବିସଏଫ୍‌ଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଏହାକୁ ଟାର୍ଗେଟ କରି ମାଓବାଦୀମାନେ ଏକ ବଡ଼ ଧରଣାର ଦୁର୍ଘଟଣା ଘଟାଇବା ପାଇଁ ଯୋଜନା କରୁଥିଲେ ବୋଲି ଅନୁମାନ କରାଯାଉଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ବିଏସ୍‌ଏଫ୍ କମାଣ୍ଡାଣ୍ଟ ଜଗଦିଶ ଉପସ୍ଥିତ ଥିଲେ।

ସେହିପରି ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ପାଇ ପାଇ କୋରାପୁଟ ଏସ୍‌ଓଜି ଓ ଡିଭିଏଫର ଏକ ଟିମ ମାଲକାନଗିରି ଜିଲାର ମୁଦୁଲିପଡା ଥାନା ଓ ଆନ୍ଧ୍ରପ୍ରଦେଶ ସୀମାବର୍ତ୍ତୀ ଅଞ୍ଚଳର ହନୁମାଲ, ସିନ୍ଧିପୁଟ, ଓଣ୍ଡାଇପାଦର, ଆଣ୍ଡ୍ରାହାଲ, ମୁଦୁଲିପଡା ଆଦି ଗ୍ରାମ ନିକଟସ୍ଥ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରିଥିଲେ । ଏହି ସମୟରେ ଯବାନମାନେ ମାଲକାନଗିରି ଜିଲା ଆଣ୍ଡ୍ରାହାଲ ପଞ୍ଚାୟତର ସିନ୍ଧିପୁଟ ଗ୍ରାମ ଜଙ୍ଗଲରୁ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ଏକ ଡମ୍ପକୁ ଜବତ କରି ସେଥିରୁ ବିଭିନ୍ନ ମାଓବାଦୀ ସାମଗ୍ରୀ ଜବତ କରିଥିଲେ। ଖବର ଲେଖା ହେବାଯାଏ ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି।



ଜବତ ମାଓବାଦୀ ସାମଗ୍ରୀ।

# ବିପଦସଙ୍କୁଳ ନଦୀ ପାର ହେଉଛନ୍ତି ଛାତ୍ରୀଛାତ୍ର



ଅଭିଭାବକମାନେ ଶିଶୁଙ୍କୁ ନଦୀ ପାର କରାଉଛନ୍ତି।

ଆର.ଉଦୟଗିରି,୨୨।୯(ଡି.ଏନ.ଏ.)

ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେ ବି ଅନେକ ଗାଁ ଅବହେଳିତ ଅବସ୍ଥାରେ ରହିଛି। ପୋଲ ନ ଥିବାରୁ ବିପଦସଙ୍କୁଳ ଅବସ୍ଥାରେ ଏକ ଦଉଡି ସହାୟତାରେ ନଦୀ ପାର ହୋଇ ସ୍କୁଲ ଓ କଲେଜକୁ ଯାଉଛନ୍ତି ୫ ଖଣ୍ଡ ଗାଁର ଛାତ୍ରୀଛାତ୍ର। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ଲିଲିଗଡ ପଞ୍ଚାୟତରେ। ଲଗାଣ ବର୍ଷାରେ ଏହି ପଞ୍ଚାୟତର ଆଶାଢ଼ିଆମ୍ବ ନଦୀରେ ଜଳ ସ୍ତର ବୃଦ୍ଧିପାଇଛି। ହେଲେ ଉକ୍ତ ନଦୀ ଉପରେ ପୋଲ ନ ଥିବାରୁ ଜୀବନକୁ ବାଜି ଲଗାଇ ବହୁ ଛାତ୍ରୀଛାତ୍ର ଦଉଡି ସହାୟତାରେ ଆରପଟକୁ ପାର ହୋଇ ସ୍କୁଲ ଓ କଲେଜକୁ ପାଠ ପଢ଼ିବା ପାଇଁ ଯାଉଛନ୍ତି। ଛୋଟ ଛୋଟ ଶିଶୁଙ୍କୁ କାନ୍ଧରେ ଓ କାଖ କରି ଅଭିଭାବକମାନେ ନଦୀପାର କରାନ୍ତି। ବରିଷ୍ଠ ନାଗରିକମାନେ ଜରୁରୀ କାମରେ ମୋହନା ଓ ଅନ୍ୟ ଗ୍ରାମକୁ ଯିବାକୁ ହେଲେ ବିପଦସଙ୍କୁଳ ଅବସ୍ଥାରେ ଭରା ନଦୀ ପାର ହେଉଛନ୍ତି। ନଦୀ ସେପାଖ ଡେଙ୍ଗାଆମ୍ବ, ଟିଟିମେରି, କୁଇହୁରୁ, କୁତୁଣୀକୁଆ ଓ ରାଇପଦା ଗାଁ ସମେତ ୫ରୁ ଅଧିକ ଗ୍ରାମର ଗ୍ରାମବାସୀ ନିର୍ଭରଶୀଳ। ନଦୀର ଜଳ ସ୍ତର ବୃଦ୍ଧି ପାଇଲେ ସ୍କୁଲ କଲେଜ ବନ୍ଦ ହେବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଓ ହାଟ ବଜାର ସବୁ କିଛି ଠପ ହୋଇଯାଏ। ଜରୁରୀ କାମ ପଡ଼ିଲେ ଲୋକେ ମୋହନା ଆସିପାରନ୍ତି ନାହିଁ। ଏହି ସମସ୍ୟା ନେଇ ଗ୍ରାମବାସୀ ବାରମ୍ବାର ପୋଲ ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ମଧ୍ୟ ପୋଲ ନିର୍ମାଣ ହୋଇପାରୁନାହିଁ। ତେବେ ବର୍ଷାଦିନେ ଏଭଳି ସମସ୍ୟା ଉତ୍କଟ ରୂପ ଧାରଣ କରେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ହ୍ରାସ ପାଉଛି ଶେୟାର ବଜାର କାରବାର

**ନୂଆଦିଲ୍ଲୀ:** କ୍ରମାଗତ ୨ଦିନ ଲାଗି ଶେୟାର ବଜାରର କାରବାର ହ୍ରାସ ପାଉଛି। ଫଳରେ ଦଲାଲ ଷ୍ଟ୍ରିଟ୍ର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ମଧ୍ୟ ହରାଇଛନ୍ତି। ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର ଉଭୟ ସେନ୍ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧%ର ବଜାର ଶେୟାର ହ୍ରାସ ଘଟିଛି। ଗୁରୁବାର ସେନ୍ସେକ୍ସ ୩୩୭ (୩୩୭.୦୬) ପଏଣ୍ଟ ଖସି ୫୯,୧୨୯.୭୨ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ୍ୟ ୮୯ (୮୮.୫୫) ପଏଣ୍ଟ ହ୍ରାସ ଘଟି ୧୭,୬୨୯.୮୦ ଅଙ୍କରେ ବଜାର ବନ୍ଦ ହୋଇଛି।

# ଉତ୍ପାଦନ-ଆର୍ଥିକ ମାନଦଣ୍ଡରେ ନାଲ୍କୋର ଦୃଢ଼ ପ୍ରଦର୍ଶନ

- ୨୦୨୧-୨୨ ଆର୍ଥିକ ବର୍ଷରେ ନାଲ୍କୋର ସର୍ବକାଳୀନ ରେକର୍ଡ
- ୧୪,୧୮୧ କୋଟି ଟଙ୍କାର ସର୍ବାଧିକ ଆୟ ଏବଂ ୨,୯୫୨ କୋଟି ଟଙ୍କାର ଟିକସ ପରବର୍ତ୍ତୀ ସର୍ବୋଚ୍ଚ ଲାଭ ହାସଲ
- ସର୍ବୋଚ୍ଚ ୭୫.୧୧ଲକ୍ଷ ଟନ୍ ବକ୍ସାଇଟ୍ ସହ ସର୍ବାଧିକ ୪.୬୦ଲକ୍ଷ ଟନ୍ ପରିମାଣର ଆଲୁମିନିୟମ୍ ଉତ୍ପାଦନ ହାସଲ



ନାଲ୍କୋର ୪୧ତମ ବାର୍ଷିକ ସାଧାରଣ ବୈଠକ ଅବସରରେ ଉପସ୍ଥିତ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ।

ଭୁବନେଶ୍ୱର,୨୨।୯

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍କୋ)ର ୪୧ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଗୁରୁବାର ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଅଂଶୀଦାରମାନେ ୧୪,୧୮୧ କୋଟି ଟଙ୍କାର ସର୍ବାଧିକ ଆୟ ସାଙ୍ଗକୁ ବିକ୍ରୟ କାରବାର ଏବଂ ଟିକସ ପରବର୍ତ୍ତୀ ସର୍ବୋଚ୍ଚ ୨,୯୫୨ କୋଟି ଟଙ୍କାର ଲାଭ ଉଲ୍ଲିଖିତ ବାର୍ଷିକ ହିସାବ ଖାତାକୁ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଫଳରେ ଏହାର ଇକ୍ୱିଟି ଶେୟାର ପିଛା ୧.୫୦ଟଙ୍କା ହିସାବରେ ଚୂଡ଼ାନ୍ତ ଲାଭାଂଶ ୩୦% ମଧ୍ୟ ପରିଷଦ ଅନୁମୋଦନ କରିଥିଲା। ଏଠାରେ ଘୋଷିତ ଓ ପୈଠ ହୋଇଥିବା ଅନ୍ତରୀଣ ଲାଭାଂଶ ଏବଂ ଏଜିଏମରେ ଅନୁମୋଦିତ ଚୂଡ଼ାନ୍ତ ଲାଭାଂଶ ସହ ମୋଟ୍ ଇକ୍ୱିଟି ଶେୟାର କ୍ୟାପିଟାଲର ୧୩୦% ଯାହା ଅଦ୍ୟାବଧି ସର୍ବାଧିକ ରହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ନାଲ୍କୋ ପ୍ରଥମ ଥର ପାଇଁ ନିଜର ସ୍ମେଲ୍ଟର ପ୍ଲାଣ୍ଟରେ ୯୬୦ଟି ପଟ୍କୁ କାର୍ଯ୍ୟକ୍ଷମ କରି ୧୦୦% କ୍ଷମତାର ଉପଯୋଗରେ ସର୍ବୋଚ୍ଚ ୪,୬୦,୦୦୦ ଟନ୍ ଆଲୁମିନିୟମ ଉତ୍ପାଦନ କରିଛି। ସେହିପରି କମ୍ପାନୀର ଦାମନଯୋଡ଼ିସ୍ଥିତ ଖଣି ଏବଂ ବିଶୋଧନ ପ୍ରକଳ୍ପରୁ ସର୍ବାଧିକ ୭୫,୧୧,୦୭୫ ଏମ୍ଟି ବକ୍ସାଇଟ୍ ଉତ୍ପାଦନ କରିଛି, ଯାହା କମ୍ପାନୀ ସ୍ଥାପନା ପରଠାରୁ ଏକ ସର୍ବକାଳୀନ ରେକର୍ଡ ବୋଲି କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ଅଂଶଧନଧାରୀମାନଙ୍କୁ ଭର୍ଚୁଆଲ୍ ମାଧ୍ୟମରେ ଉଦବୋଧନ ଦେଇ ନାଲ୍କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର କହିଛନ୍ତି,୨୦୨୧-୨୨ ଆର୍ଥିକ ବର୍ଷରେ କମ୍ପାନୀର ବ୍ୟବସାୟିକ ଯାତ୍ରା ଉତ୍କର୍ଷର ଏକ ଐତିହାସିକ ବର୍ଷ ଥିଲା। ସେହିଭଳି ଉତ୍ପାଦନ ଏବଂ ଆର୍ଥିକ ପ୍ରଦର୍ଶନରେ ମଧ୍ୟ ଉଚ୍ଚ ସ୍ତରୀୟ ମାନଦଣ୍ଡ ସ୍ଥାପନ ସହ କମ୍ପାନୀ ଅପ୍ରତ୍ୟାଶିତ ସଫଳତା ହାସଲ କରି ଅନେକ ପୁରୁଣା ରେକର୍ଡକୁ ମଧ୍ୟ ଅତିକ୍ରମ କରିଛି। ଏହି ଉଲ୍ଲେଖନୀୟ ପରିଣାମ ହେଉଛି ମହାମାରୀର ପ୍ରତିକୂଳ ପ୍ରଭାବ ବିରୋଧରେ ନାଲ୍କୋ ଦ୍ୱାରା ପ୍ରଦର୍ଶିତ ଅସାଧାରଣ ମନୋଭାବର ନିଦର୍ଶନ। ସେହିପରି ମୁଦ୍ରାସ୍ଫୀତିଜନିତ ବିଭିନ୍ନ ନିବେଶ ମୂଲ୍ୟ ବୃଦ୍ଧି, କୋଇଲାର ଅଭାବ ଏବଂ ଲଣ୍ଡନ୍ ମେଟାଲ୍ ଏକ୍ସଚେଞ୍ଜ ମୂଲ୍ୟରେ ଅସ୍ଥିରତା ସତ୍ତ୍ୱେ ମଧ୍ୟ କମ୍ପାନୀ ସର୍ବନିମ୍ନ ମୂଲ୍ୟରେ ବକ୍ସାଇଟ୍ ଏବଂ ଆଲୁମିନିୟମ ଉତ୍ପାଦନରେ ବିଶ୍ୱରେ ନିଜର ସ୍ଥିତିକୁ ବଜାୟ ରଖିବାରେ ସକ୍ଷମ ହୋଇଛି ବୋଲି ପାତ୍ର ମତବ୍ୟକ୍ତ କରିଛନ୍ତି।

## ସୋଲାର୍ ପିଭି ମଡ୍ୟୁଲ ପିଏଲ୍ଆଇ ସ୍କିମ୍କୁ ମଞ୍ଜୁର

**ନୂଆଦିଲ୍ଲୀ,୨୨।୯:** ଦେଶର ଅର୍ଥନୀତିକୁ ଆଗକୁ ନେବା ସହ ସ୍ୱଦେଶୀ ଜ୍ଞାନକୌଶଳର ବିକାଶ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ବିଶେଷକରି ଉଚ୍ଚ ଦକ୍ଷତା ସମ୍ପନ୍ନ ସୋଲାର ପିଭି ମଡ୍ୟୁଲ୍ ପାଇଁ ସରକାର ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ (ପିଏଲ୍ଆଇ) ସ୍କିମକୁ ମଞ୍ଜୁର ପ୍ରଦାନ କରିଛନ୍ତି। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟିରେ ଉକ୍ତ ସ୍କିମ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ମଞ୍ଜୁରୀ ମଧ୍ୟ ପ୍ରଦାନ କରାଯାଇଛି। ଏପରିକି ଏହା ପାଇଁ ପ୍ରାୟ ୧୯,୫୦୦ କୋଟି ଟଙ୍କାର ବ୍ୟୟବରାଦ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିଭଳି ଦେଶ ଭିତରେ ଉଚ୍ଚମାନର ସୋଲାର ପିଭି ମଡ୍ୟୁଲ ଉତ୍ପାଦନ କରିବା ଲାଗି ଏଭଳି ଏକ ଜାତୀୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଫଳରେ ଆମଦାନୀ ନିର୍ଭରଶୀଳତା ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି। ଏହି ସ୍କିମ୍ ଜରିଆରେ ଦେଶରେ ବାର୍ଷିକ ୬୫,୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ସୋଲାର ପିଭି ମଡ୍ୟୁଲ ଉତ୍ପାଦନ କାରଖାନା ସ୍ଥାପନ ସହ ୯୪,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଫଳରେ ୧,୯୫,୦୦୦ ପ୍ରତ୍ୟକ୍ଷ ଏବଂ ୭,୦୦,୦୦୦ ପରୋକ୍ଷ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ ବୋଲି ଆକଳନ କରାଯାଇଛି।

# ୟୁବିଓଆଇ ପକ୍ଷରୁ କେସିସି ଡିଜିଟାଲାଇଜେଶନର ଶୁଭାରମ୍ଭ



ନୂଆଦିଲ୍ଲୀ,୨୨।୯

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଓଆଇ)ର ଫ୍ଲାଗଶିପ୍ ଡିଜିଟାଲ୍ ଟ୍ରାନ୍ସଫରମେଶନ ପ୍ରୋଜେକ୍ଟ 'ସମ୍ଭବ'ର ଏକ ଅଂଶ ଭାବେ କିଷାନ୍ କ୍ରେଡିଟ୍ କାର୍ଡ (କେସିସି) ଉତ୍ପାଦର ଏଣ୍ଡ-ଟୁ-ଏଣ୍ଡ ଡିଜିଟାଲାଇଜେଶନ ସମ୍ପର୍କରେ ଘୋଷଣା କରାଯାଇଛି। ଫଳରେ ଉକ୍ତ ଉତ୍ପାଦ ବା କେସିସି ଋଣ ପ୍ରଦାନ ପ୍ରକ୍ରିୟାକୁ ଡିଜିଟାଲାଇଜ୍ କରିବା ସହ ଅଧିକ ଦକ୍ଷ କରିବା ଏବଂ ଚାଷୀମାନଙ୍କ ପାଇଁ ଉପଯୋଗୀ କରାଇବା ନିମନ୍ତେ ଏଭଳି ଏକ ଲକ୍ଷ୍ୟ ପ୍ରଦାନ କରାଯାଇଛି। ବିଶେଷ କରି ବ୍ୟାଙ୍କର ଏକ ଫିନଟେକ୍ ପଦକ୍ଷେପ ହେଉଛି କେସିସି, ଯାହାକି ରିଜର୍ଭ ବ୍ୟାଙ୍କ ଇନୋଭେଶନ ହବ୍ (ଆରବିଆଇଏଚ୍)ର ସହଯୋଗରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ)ର ତତ୍ତ୍ୱାବଧାନରେ କରାଯାଉଛି। ଏହି ପରିପ୍ରେକ୍ଷୀରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏମଡି ଓ ସିଇଓ ଏ. ମନିମେଖଲାଇ ଏହାର ଶୁଭାରମ୍ଭ କରିଥିଲେ। ଅପରପକ୍ଷରେ ମଧ୍ୟପ୍ରଦେଶର ହରଦା ଜିଲାରେ ଏହାକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ଶୁଭାରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶର ହରଦା ଜିଲାର ଜିଲାପାଳ ଋଷି ଗର୍ଗ, ରିଜର୍ଭ ବ୍ୟାଙ୍କ ଇନୋଭେଶନ ହବ୍ର ଚିଫ୍ ପ୍ରଡକ୍ଟ ମ୍ୟାନେଜର ରାଜେଶ ରଞ୍ଜନଙ୍କ ସମେତ ୟୁନିୟନ୍ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ସିନିୟର ମ୍ୟାନେଜମେଣ୍ଟଙ୍କ ସହ ହରଦା ଜିଲାର ୪୦୦ଚାଷୀ ଯୋଗ ଦେଇଥିଲେ।

## ଜାତୀୟ ଲଜିଷ୍ଟିକ୍ସ ନୀତିକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୨।୯

ଦେଶର ପରିବହନ (ଆମଦାନୀ ଓ ରପ୍ତାନି) କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଚଳିତ ବର୍ଷ ସେପ୍ଟେମ୍ବର ୧୭ ତାରିଖରେ ଜାତୀୟ ଲଜିଷ୍ଟିକ୍ସ ନୀତି ସମ୍ପର୍କରେ ଘୋଷଣା କରିଥିଲେ। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉନ୍ମୋଚନ କରିଥିବା ଜାତୀୟ ଲଜିଷ୍ଟିକ୍ସ ନୀତିକୁ ନିକଟରେ କେନ୍ଦ୍ର କ୍ୟାବିନେଟ୍ କମିଟି ମଞ୍ଜୁରୀ ପ୍ରଦାନ କରିଛି। ବର୍ତ୍ତମାନ ସୁଦ୍ଧା ଦେଶର ୧୪ଟି ରାଜ୍ୟ ନିଜସ୍ୱ ଲଜିଷ୍ଟିକ୍ସ ନୀତି ପ୍ରସ୍ତୁତ କରିସାରିଥିଲାବେଳେ ଅନ୍ୟ ୧୩ଟି ରାଜ୍ୟର ନୀତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି ବୋଲି ସୂଚନା ମିଳିଛି।



ଭୁବନେଶ୍ୱରର ପାହାଲଠାରେ ଗୁରୁବାର ଅଲ୍ ଓଡ଼ିଶା ପୋଲଟ୍ରି ଇଣ୍ଟିଗ୍ରେଟର୍ସ ଫୋରମ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶାର କୁକୁଡ଼ା ଚାଷୀଙ୍କ ପ୍ରତି ହେଉଥିବା ଅବିଚାର ବିରୋଧରେ ଫୋରମ ପକ୍ଷରୁ ବିସ୍ତୃତ ସୂଚନା ସହ ସମ୍ପୃକ୍ତ ଘଟଣାର ଆଭିମୁଖ୍ୟ ସମ୍ପର୍କରେ ମତ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ଫୋରମର ବରିଷ୍ଠ ସଦସ୍ୟଙ୍କ ସମେତ କମ୍ପାନୀ କର୍ତ୍ତୃପକ୍ଷ ଏବଂ ଚାଷୀମାନେ ଉପସ୍ଥିତ ଅଛନ୍ତି।

## ଗେଟ୍ ଏକାଡେମି ସହ ଅନ୍ଏକାଡେମିର ସହଭାଗିତା

ନୂଆଦିଲ୍ଲୀ,୨୨।୯

ଉଚ୍ଚତର ଶିକ୍ଷା ପାଇଁ (ଗେଟ୍ ଆଶାୟୀ) ଦେଶର ପ୍ରମୁଖ ପରୀକ୍ଷା ପ୍ରସ୍ତୁତି ପ୍ଲାଟଫର୍ମ ଗେଟ୍ ଏକାଡେମି ସହ ଘରୋଇ ଶିକ୍ଷାନୁଷ୍ଠାନ ଅନ୍ଏକାଡେମି ମଧ୍ୟରେ ଏକ ସହଭାଗିତା ଘୋଷଣା ହୋଇଛି। ଫଳରେ ଗୋଟିଏ ଛାତ ତଳେ ଭାରତର ସର୍ବୋଚ୍ଚ ଶିକ୍ଷାବିତ୍ଙ୍କ ଦ୍ୱାରା ସର୍ବୋତମ ଶିକ୍ଷା ପଦ୍ଧତି ଜରିଆରେ ଗେଟ୍ ପାଇଁ ପ୍ରସ୍ତୁତ ହେଉଥିବା ଶିକ୍ଷାର୍ଥୀମାନଙ୍କୁ ଉପଯୁକ୍ତ ଦିଗ୍ଦର୍ଶନ ପ୍ରଦାନ କରାଯିବ। ଏପରିକି ଶିକ୍ଷାର ବିମୁଦ୍ରୀକରଣ କରିବା ଓ ଉଚ୍ଚମାନର ବିଷୟବସ୍ତୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ଲାଗି ଗେଟ ଏକାଡେମି ସହ ଅନ୍ଏକାଡେମିର ସହଭାଗିତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବହନ କରେ ଏବଂ ଉଭୟ ଗେଟ୍ ଏକାଡେମି ଓ ଅନଏକାଡେମି ଶିକ୍ଷାର୍ଥୀମାନେ ସର୍ବୋତମ ଗୁଣବତ୍ତା ବିଷୟବସ୍ତୁ ଆହରଣ କରିବାକୁ ସକ୍ଷମ ହୋଇପାରିବେ। ଏହି ସହଭାଗିତା କାର୍ଯ୍ୟକ୍ରମର ଏକ ଅଂଶ ଭାବେ ବରିଷ୍ଠ ଗେଟ୍ ଶିକ୍ଷାବିତ୍ ଉମେଶ ଧାଣ୍ଡେ ଅନଏକାଡେମିର ଭାଇସ ପ୍ରେସିଡେଣ୍ଟ (ଇଏସଇ ଆଣ୍ଡ ଗେଟ୍ ଏକାଡେମି) ଭାବେ ଯୋଗ ଦେଇଛନ୍ତି। ଅନଏକାଡେମି ପ୍ଲାଟଫର୍ମରେ ଗେଟ୍ ଏକାଡେମି ଦଳ ଦ୍ୱାରା କ୍ୟୁରେଟ ହୋଇଛି, ଯାହା ୨୫ ସେପ୍ଟେମ୍ବର ୨୦୨୨ର ୧୧ ଘଟିକା ସମୟରେ ଅନୁଷ୍ଠିତ ହେବ। ସେହିଭଳି ଗେଟରେ ଭାଗ ନେଉଥିବା ଆଶାୟୀମାନେ ପ୍ରାୟ ୩୦କୋଟି ଟଙ୍କା ପର୍ଯ୍ୟନ୍ତ ଛାତ୍ରବୃତ୍ତି ଓ ପୁରସ୍କାର ପାଇବାକୁ ମଧ୍ୟ ଯୋଗ୍ୟ ହେବେ।

## ଫୁର୍ସତ

# 'ସବରକର'ର ନିର୍ଦ୍ଦେଶନା ଦେବେ ରଣଦୀପ


ରଣଦୀପ ହୁଡ୍ଡା

**ମୁମ୍ବାଇ:** ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସବରକରଙ୍କ ଉପରେ ନିର୍ମାଣ ହେବାକୁ ଥିବା ଫିଲ୍ମ 'ସ୍ୱତନ୍ତ୍ର ବୀର ସବରକର'ର ନିର୍ଦ୍ଦେଶନା ଦାୟିତ୍ୱ ଜଣାଶୁଣା ଡାଇରେକ୍ଟର ମହେଶ ମଞ୍ଜରେକରଙ୍କୁ ମିଳିଥିଲା। ତେବେ ଏଥିରୁ ସେ ଓହରିଯାଇଛନ୍ତି। ସବରକରଙ୍କ ଭୂମିକାରେ ଥିବା ବଲିଉଡ୍ ଅଭିନେତା ରଣଦୀପ ହୁଡ୍ଡା ଏବେ ଏହି ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦାୟିତ୍ୱ ନେଇଥିବା ରିପୋର୍ଟ ପ୍ରକାଶ ପାଇଛି। ଆସନ୍ତା ସପ୍ତାହରେ ମହାରାଷ୍ଟ୍ରରେ ଏହାର ଶୁଟିଂ ଆରମ୍ଭ ହେବ। ମହାରାଷ୍ଟ୍ରର ନାଶିକ୍ରେ ୧୮୮୩ରେ ଜନ୍ମିତ ସ୍ୱାଧୀନତା ସଂଗ୍ରାମୀ ବୀର ସବରକର ହିନ୍ଦୁ ମହାସଭାର ଜଣେ ପ୍ରମୁଖ ସଦସ୍ୟ ଥିଲେ। ସେ ଜଣେ ରାଜନେତା ସହ ଲେଖକ ଏବଂ ସାମାଜିକ କର୍ମୀ ଭାବେ ମଧ୍ୟ ପରିଚିତ। ୧୯୬୬ରେ ବମ୍ବେରେ ତାଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ମହେଶ ମଞ୍ଜରେକର ଏହି ଫିଲ୍ମରେ ରଣଦୀପଙ୍କ ଫାଷ୍ଟ ଲୁକ୍ ଶେୟାର କରିଥିଲେ। ଏଥିରେ ରଣଦୀପ ଅବିକଳ ସବରକରଙ୍କ ଭଳି ଦେଖାଯାଉଛନ୍ତି। ଶେଷଥର ପାଇଁ ରଣଦୀପଙ୍କୁ ଫିଲ୍ମ 'ରାଧେ: ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ'ରେ ସଲମାନ୍ ଖାନ୍ଙ୍କ ସହ ଦେଖିବାକୁ ମିଳିଥିଲା। ଆଗକୁ 'ଅନ୍ଫେୟାର ଆଣ୍ଡ୍ ଅନ୍ଲଭ୍ଲି'ରେ ରଣଦୀପଙ୍କୁ ଇଲିଆନା ଡିକ୍ରୁଜ୍ଙ୍କ ସହ ନଜର ଆସିବେ।

# ୪ ମହିଳାଙ୍କୁ ଗୋଲକିପର୍ସ ଗ୍ଲୋବାଲ୍ ଗୋଲ୍ସ ଆୱାର୍ଡ

**ନ୍ୟୁୟର୍କ:** ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍ଡିଜି) ହାସଲରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତର ରାଧିକା ବାତ୍ରା, ଆଫଗାନିସ୍ତାନର ଜହରା ଜୋୟା, ଉଗାଣ୍ଡାର ଭନେସା ନାକାଟେ ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭୋନ୍ ଡେୟାର୍ ଲେୟେନ୍ଙ୍କୁ ଗେଟ୍ସ ଫାଉଣ୍ଡେଶନ୍ ପକ୍ଷରୁ ଚଳିତ ବର୍ଷର ଗୋଲକିପର୍ସ ଗ୍ଲୋବାଲ୍ ଗୋଲ୍ସ ପୁରସ୍କାର ଦିଆଯାଇଛି। ଏଥିସହ ସାମାଜିକ ଅସମାନତା, ଦାରିଦ୍ର୍ୟ ଦୂର, ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଗେଟ୍ସ ଫାଉଣ୍ଡେଶନ ୧.୨୭ ବିଲିୟନ ଡଲାର (ପ୍ରାୟ ୧,୦୨,୮୨,୬୨,୪୮,୫୦୦ ଟଙ୍କା) ସହାୟତା ପ୍ରଦାନ ନିମନ୍ତେ ଘୋଷଣା କରିଛି। ୨୦୩୦ ସୁଦ୍ଧା ଏସ୍ଡିଜି ଲକ୍ଷ୍ୟ ହାସଲ ପାଇଁ ସହଜ ନୁହେଁ ବୋଲି ଫାଉଣ୍ଡେଶନର ବାର୍ଷିକ ଗୋଲ୍କିପର ରିପୋର୍ଟ ସୂଚାଇବା ପରେ ସଂସ୍ଥା ପକ୍ଷରୁ ଏହି ଘୋଷଣା କରାଯାଇଛି।

### ରାଧିକା ବାତ୍ରା

ଏକ ଅଣଲାଭକାରୀ ସଂଗଠନର ସହସଂସ୍ଥାପିକା ହେଉଛନ୍ତି ଡା. ରାଧିକା ବାତ୍ରା। ୨୦୧୭ରେ ଏହି ସଂଗଠନ ଗଢ଼ାଯାଇଥିଲା। ଭାରତରେ ସାମାଜିକ ଓ ଆର୍ଥିକ ସ୍ତରରେ ପଛୁଆ ଶିଶୁମାନଙ୍କୁ ରାଧିକା 'ଲାଷ୍ଟ ମାଇଲ୍ ହେଲ୍ଥ ସଲ୍ୟୁଶନ୍' ଜରିଆରେ



ମାଗଣା ଚିକିତ୍ସା ସୁବିଧା ଯୋଗାଇଥାନ୍ତି। ପାଖାପାଖି ୭୪,୧୭୩ ଶିଶୁ ଏହାଦ୍ୱାରା ଉପକୃତ ହୋଇଛନ୍ତି। ଜନମଙ୍ଗଳକାରୀ କାର୍ଯ୍ୟ ପାଇଁ ରାଧିକାଙ୍କୁ ଚଳିତ ବର୍ଷ ଲିଲି ସିଂଙ୍କ ଦ୍ୱାରା ପ୍ରୋଗ୍ରେସ୍ ଆୱାର୍ଡ ପ୍ରଦାନ କରାଯାଇଛି।

### ଜହରା ଜୋୟା

ରୁଖଶାନା ମିଡିଆ ନାମରେ ଜହରା ଜୋୟାଙ୍କର ଏକ ଅନ୍ଲାଇନ୍ ନ୍ୟୁଜ୍ ଚ୍ୟାନେଲ୍ ରହିଛି। ତାଲିବାନୀ ଶାସନାଧୀନ ଆଫଗାନିସ୍ତାନରେ ମହିଳାଙ୍କ ଦୁର୍ଦ୍ଦଶା କାହାଣୀ ଜୋୟା ତାଙ୍କ



ଚ୍ୟାନେଲ୍ରେ ପ୍ରସାରଣ କରିଥାନ୍ତି। ହଲିଉଡ୍ ଅଭିନେତ୍ରୀ ତଥା ଜାତିସଂଘର ସ୍ୱତନ୍ତ୍ର ପ୍ରତିନିଧି ଥିବା ଆଞ୍ଜେଲିନା ଜୋଲି ଜୋୟାଙ୍କୁ ଚେଞ୍ଜମେକର୍ ପୁରସ୍କାରରେ ପୁରସ୍କୃତ କରିଛନ୍ତି।

### ଭନେସା ନାକାଟେ

ସାମାଜିକ କର୍ମୀ ମଲାଲା ୟୁସୁଫଜାଇଙ୍କ ଦ୍ୱାରା ଭନେସାଙ୍କୁ ଚଳିତ ବର୍ଷ କ୍ୟାମ୍ପେନ୍ ଆୱାର୍ଡ



ପ୍ରଦାନ କରାଯାଇଛି। ସମାଜକୁ କୁପ୍ରଥାରୁ ଦୂରେଇବା ପାଇଁ ଭନେସା ନାକାଟେ ଏକ କ୍ୟାମ୍ପେନ୍ ଆରମ୍ଭ କରିଛନ୍ତି। ଆଫ୍ରିକୀୟ ମହିଳା ଓ ଯୁବତୀଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଅଭିଯାନ ଚଳାଇଛନ୍ତି। କ୍ୟାମ୍ପେନ୍ ଜରିଆରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିଷୟରେ ଲୋକଙ୍କୁ ଅବଗତ କରାଉଛନ୍ତି।

### ଉର୍ସୁଲା ଭୋନ୍ ଡେୟାର୍ ଲେୟେନ୍

କୋଭିଡ୍ ବେଳେ ଉପୁଜିଥିବା ଅସୁବିଧାକୁ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଖୁବ୍ ସୁନ୍ଦର ଭାବେ ପରିଚାଳନା କରିଥିଲେ। ଏସିଟି-ଏର



କ୍ରିଏଟର ହେଉଛନ୍ତି ଉର୍ସୁଲା। ଏହା ଏକ ବୈଶ୍ୱିକ ସଂଗଠନ, ଯାହା କରୋନା ଟେଷ୍ଟ, ଚିକିତ୍ସା ସାଙ୍ଗକୁ ଟିକାକରଣ ଦିଗରେ କାର୍ଯ୍ୟ କରିଥାଏ। କରୋନା କାଳରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ରାଷ୍ଟ୍ରଗୁଡ଼ିକୁ ଆବଶ୍ୟକ ସହଯୋଗ ଓ ସୁବିଧା ଯୋଗାଇବା ଦିଗରେ ସେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ମାନବହିତକାରୀ କାର୍ଯ୍ୟ ପାଇଁ ତାଙ୍କୁ ବିଲ୍ ଗେଟ୍ସ ଓ ମେଲିଣ୍ଡା ଫ୍ରେଞ୍ଚ ଗେଟ୍ସ ଗ୍ଲୋବାଲ୍ ଗୋଲ୍ କିପର୍ ଆୱାର୍ଡ ପ୍ରଦାନ କରାଯାଇଛି।

# ୬୭ ପବ୍ରେ ମଦ ପିଇ ୱାର୍ଲ୍ଡ ରେକର୍ଡ

**ଲଣ୍ଡନ:** ୱାର୍ଲ୍ଡ ରେକର୍ଡ କରିବା ନିଶାରେ ଅନେକ ବ୍ୟକ୍ତି ଅଜବ କାମ କରିବାକୁ ପଛାଇ ନ ଥାନ୍ତି। ଏପରି ଏକ ଘଟଣା ସାମ୍ନାକୁ ଆସିଛି। ବ୍ରିଟେନ୍ରେ ରହୁଥିବା ୨୨ ବର୍ଷୀୟ ନାଥନ କ୍ରିମ୍ପ ୱାର୍ଲ୍ଡ ରେକର୍ଡ କରିବା ପାଇଁ ଦୌଡି ଦୌଡି ଯାଇ ୬୭ ପବ୍ରେ ନିଶା ସେବନ କରିଛନ୍ତି। ଏଥିପାଇଁ ସେ ୧୭ ଘଣ୍ଟା ସମୟ ନେଇଥିଲେ। ପରେ ଏଭଳି ଅଜବ ୱାର୍ଲ୍ଡ ରେକର୍ଡ ତାଙ୍କ ନାଁରେ କରିଥିଲେ। ସେ ପ୍ରଥମେ ୨୫ ପବ୍ରେ କମ୍ ଆଲ୍କୋହଲ ଥିବା ନିଶା ଏବଂ ପରେ ୧୫ ପବ୍ରେ ଅଧିକ ନିଶାଯୁକ୍ତ ମଦ୍ୟପାନ କରିଥିଲେ। ଗୋଟେ ପବ୍ରୁ ନିଶା ସେବନ ପରେ ତାଙ୍କୁ ଅନ୍ୟ ଏକ ପବ୍କୁ ଦୌଡିବାକୁ ପଡୁଥିଲା। ତାଙ୍କୁ ପ୍ରତ୍ୟେକ ସ୍ଥାନରୁ କିଛି ନା କିଛି ସେବନ କରିବାର



ଥିଲା। ଏଥିପାଇଁ ଜଣେ ସାକ୍ଷ୍ୟ ତାଙ୍କ ସହ ପବ୍କୁ ଯାଇଥିଲେ। ସେଠାରୁ ସେ ରସିଦ୍ ମଧ୍ୟ ସଂଗ୍ରହ କରିଥିଲେ। ନାଥନଙ୍କ ପୂର୍ବରୁ ଗାରେଥ ମର୍ଫି ଏହି ରେକର୍ଡର ଅଧିକାରୀ ଥିଲେ। ସେ ୧୭ ଘଣ୍ଟା ମଧ୍ୟରେ ୫୬ ପବ୍ରୁ ମଦ ସେବନ କରିଥିଲେ।

# ଖାଲଖମା ରାସ୍ତାରେ ବିବାହ ଫଟୋଶୁଟ୍

**ଥିରୁଭାନନ୍ତପୁରମ୍:** ଖାଲଖମା ଭର୍ତ୍ତି କେରଳର ଏକ ରାସ୍ତାରେ ଜଣେ ଯୁବତୀ ବାହାଘର ଫଟୋଶୁଟ୍ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଗତ ୧୧ ତାରିଖରେ ଇନ୍ଷ୍ଟାଗ୍ରାମ୍ରେ ଅପ୍ଲୋଡ ହୋଇଥିବା ଏହି ଭିଡିଓକୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଦେଖିବା ସହ ହଜାର ହଜାର ୟୁଜର୍ସ ବିଭିନ୍ନ କମେଣ୍ଟ ଦେଇଛନ୍ତି। ଯୁବତୀ ଜଣକ ଏକ ସୁନ୍ଦର ଲାଲ୍ ରଙ୍ଗର ଶାଢ଼ି ପିନ୍ଧି ରାସ୍ତା ମଝିରେ ଖାଲଖମା ଭିତରେ ଫଟୋ ଉଠାଉଥିବା ଦେଖିବାକୁ ମିଳିଛି। ଆରୋୱେଡିଂକମ୍ପାନୀ ଏହାର ଇନ୍ଷ୍ଟା ଆକାଉଣ୍ଟରେ ଏହି ଭିଡିଓ ଶେୟାର କରିଛି। ରାସ୍ତାର ଦୟନୀୟ ଅବସ୍ଥା ଓ ଏହାର ମରାମତି ଦିଗରେ ଧ୍ୟାନ ଦିଆଯାଉ ନ ଥିବା ନେଇ ଭିଡିଓ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।



# ଇନ୍ଦ୍ରଜିତଙ୍କ ଶତକରେ ଦକ୍ଷିଣାଞ୍ଚଳ ଆଗୁଆ

**ଦୁଲୀପ୍ ଟ୍ରଫି**


ବାବା ଇନ୍ଦ୍ରଜିତ

**କୋଏମ୍ବାଟୁର,୨୨।୯(ପି.ଟି.)**

ବାବା ଇନ୍ଦ୍ରଜିତଙ୍କ ଶତକ ଓ କ୍ରିଷ୍ଣାପ୍ପା ଗୋଥାମଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ବଳରେ ପଶ୍ଚିମାଞ୍ଚଳ ବିପକ୍ଷ ଫାଇନାଲରେ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ ଆଗୁଆ ରହିଛି। ପଶ୍ଚିମାଞ୍ଚଳ ହିତ୍ ପଟେଲଙ୍କ ୯୮ ରନ୍ ବଳରେ ୨୭୦ ରନରେ ଅଲଆଉଟ ହୋଇଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଦକ୍ଷିଣାଞ୍ଚଳ ୭ ଉଇକେଟ ହରାଇ ୩୧୮ ରନ୍ କରିବା ସହିତ ୪୮ ରନରେ ଆଗୁଆ ରହିଛି। ତାମିଲନାଡୁର ବାବା ଇନ୍ଦ୍ରଜିତ ୧୨୫ ବଲରୁ ୧୪ ଚୌକା ସହିତ ୧୧୮ ରନର ଇନିଂସ ଖେଳିଛନ୍ତି। ଏହି ଶତକ ସହିତ ଇନ୍ଦ୍ରଜିତ ନିଜର ୧୩ତମ ପ୍ରଥମ ଶ୍ରେଣୀ ଶତକ ହାସଲ କରିଛନ୍ତି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୨୫୦/୮ରୁ ଖେଳ ଆରମ୍ଭ କରି ପଶ୍ଚିମାଞ୍ଚଳ ଆଉ ୨୦ ରନ୍ ଯୋଡି ଅବଶିଷ୍ଟ ଉଇକେଟ ହରାଇଥିଲା। ହିତ୍ ପଟେଲ ୯୮ ରନ କରି ଆଉଟ ହୋଇଥିବା ବେଳେ ଜୟଦେବ ଉନାଡକଟ ୪୭ ରନରେ ଅପରାଜିତ ରହିଥିଲେ। ଆର ସାଇ କିଶୋର ୫ ଉଇକେଟ ଅକ୍ତିଆର କରି ସଫଳତମ ବୋଲର ରହିଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟରେ ଏହା ତାଙ୍କର ୫ ଉଇକେଟ ସଫଳତା। ବସିଲ ଥମ୍ପି ଓ ଚେରାପଲ୍ଲୀ ଷ୍ଟିଫେନ୍ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅପେକ୍ଷାକୃତ ଶକ୍ତିଶାଳୀ ପଶ୍ଚିମାଞ୍ଚଳ ବୋଲିଂ ଲାଇନଅପ୍ ବିପକ୍ଷରେ ମାତ୍ର ୪୦ ରନରେ ଦୁଇ ଓପନରଙ୍କୁ ହରାଇଥିଲା ଦକ୍ଷିଣାଞ୍ଚଳ। ଅଧିନାୟକ ହନୁମା ବିହାରୀ(୨୫) ଓ ବାବା ଇନ୍ଦ୍ରଜିତ୍(୧୧୮) ତୃତୀୟ ଉଇକେଟରେ ୬୧ ରନ ଯୋଡିଥିଲେ। ବିହାରୀ ଆଉଟ ହେବା ପରେ ମନୀଷ ପାଣ୍ଡେ ଓ ଇନ୍ଦ୍ରଜିତଙ୍କ ମଧ୍ୟରେ ୧୦୫ ରନର ଭାଗୀଦାରି ହୋଇଥିଲା। ପାଣ୍ଡେ ୬୯ ବଲ ଖେଳି ୪ ଚୌକା ଓ ୨ ଛକା ସହିତ ୪୮ ରନ୍ କରିଥିଲେ। ଦଳୀୟ ସ୍କୋର ୨୪୩ ଥିବା ବେଳେ ଷଷ୍ଠ ବ୍ୟାଟର ଭାବରେ ଇନ୍ଦ୍ରଜିତ ପ୍ୟାଭିଲିୟନ ଫେରିଥିଲେ। ଇନ୍ଦ୍ରଜିତ ଆଉଟ ହେବା ପରେ ପଶ୍ଚିମାଞ୍ଚଳ ଅଗ୍ରଣୀ ନେବାର ସାମାନ୍ୟ ରାସ୍ତା ଦେଖା ଦେଇଥିଲା। ତେବେ ନିମ୍ନ ମଧ୍ୟକ୍ରମ ବ୍ୟାଟରଙ୍କୁ ସାଥି କରି କ୍ରିଷ୍ଣାପ୍ପା ଗୋଥାମ ଧୈର୍ଯ୍ୟପୂର୍ଣ୍ଣ ୪୩ ରନ କରିବାରୁ ୪୮ ରନର ଅଗ୍ରଣୀ ହାସଲ କରିଥିଲା ଦକ୍ଷିଣାଞ୍ଚଳ। ରବି ତେଜା(୨୬)ଙ୍କ ସହିତ ୬୨ ରନ ଯୋଡି ଅତୀତ ସେଠଙ୍କ ବଲରେ ଆଉଟ ହୋଇଥିଲେ ଗୋଥାମ। ଜୟଦେବ ଉନାଡକଟ ଓ ଅତୀତ ସେଠ୍ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ଦକ୍ଷିଣାଞ୍ଚଳର ଦୁଇ ସ୍ପିନର ଆର. ସାଇ କିଶୋର ଓ କ୍ରିଷ୍ଣାପ୍ପା ଗୋଥାମ ପଶ୍ଚିମାଞ୍ଚଳର ରନରେଟ ଉପରେ ଅଙ୍କୁଶ ଲଗାଇଥିବା ବେଳେ ଦୁଇ ମୁମ୍ବାଇ ସ୍ପିନର ସାମ୍ସ ମୁଲାନି ଓ ତନୁଶ କୋଟିଆନ୍ ମିଳିତ ଭାବରେ ୧୮୩ ରନ ବ୍ୟୟ କରି ଗୋଟିଏ ଉଇକେଟ ନେବାରେ ସମର୍ଥ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୨୭୦/୧୦(ହିତ୍ ପଟେଲ୍-୯୮, ଜୟଦେବ ଉନାଡକଟ-୪୭*, ଆର ସାଇ କିଶୋର-୫/୯୮, ବାସିଲ ଥମ୍ପି-୨/୪୨)।ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ: ୩୧୮/୭( ବାବା ଇନ୍ଦ୍ରଜିତ-୧୧୮, ମନୀଷ ପାଣ୍ଡେ-୪୮, ଅତୀତ ସେଠ୍-୩/୫୧, ଜୟଦେବ ଉନାଡକଟ-୩/୫୨)।

# ପୂର୍ବତନ ବିଚାରପତି ନାଗେଶ୍ୱରଙ୍କୁ ନିଯୁକ୍ତି

**ଆଇଓଏର ସମ୍ବିଧାନ ସଂଶୋଧନ**


ଏଲ୍. ନାଗେଶ୍ୱର ରାଓ

**ନୂଆଦିଲ୍ଲୀ, ୨୨।୯ (ପି.ଟି.)**

ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ସମ୍ବିଧାନ ସଂଶୋଧନ ଓ ଇଲେକ୍ଟୋରାଲ କଲେଜ ପ୍ରସ୍ତୁତ କରିବା ଲାଗି ସୁପ୍ରିମକୋର୍ଟ ଗୁରୁବାର ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଏଲ୍. ନାଗେଶ୍ୱର ରାଓଙ୍କୁ ନିଯୁକ୍ତି ଦେଇଛନ୍ତି। ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଜଷ୍ଟିସ୍ ରାଓଙ୍କୁ ସମ୍ବିଧାନ ସଂଶୋଧନ ପାଇଁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ସହ ଡିସେମ୍ବର ୫ ସୁଦ୍ଧା ନିର୍ବାଚନ କରାଇବା ଲାଗି କହିଛନ୍ତି। ଅନ୍ୟପକ୍ଷରେ ସେପ୍ଟେମ୍ବର ୨୭ରେ ହେବାକୁଥିବା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ବୈଠକରେ ଯୋଗଦେବା ପାଇଁ ବର୍ତ୍ତମାନ ଆଇଓସିର ସେକ୍ରେଟାରି ଜେନେରାଲ ରାଜୀବ ମେହେଟ୍ଟା ଓ ଆଇଓଏର ଉପସଭାପତିଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ବିଚାରପତି ରାଓଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଆବଶ୍ୟକ ସହାୟତା ପ୍ରଦାନ କରିବେ। ସେପ୍ଟେମ୍ବର ୮ରେ ଆଇଓଏକୁ ଶେଷ ଥର ପାଇଁ ଚରମବାଣୀ ଶୁଣାଇଥିଲା ଅନ୍ତର୍ଜାତୀୟ ଅଲିମ୍ପିକ କମିଟି। ପରିଚାଳନଗତ ସମସ୍ୟାର ସାମାଧାନ ଏବଂ ଡିସେମ୍ବର ସୁଦ୍ଧା ନିର୍ବାଚନ ନ କରାଇଲେ ବିଶ୍ୱ କ୍ରୀଡ଼ା ପରିଷଦ ଭାରତକୁ ବାସନ୍ଦ କରିବ ବୋଲି କହିଥିଲା। ନିକଟରେ ସୁଇଜରଲାଣ୍ଡର ଲାଉସାନେଠାରେ ଆଇଓସି କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ବସିଥିଲା। ନରିନ୍ଦର ବାତ୍ରାଙ୍କ ବିଦା ପରେ କୌଣସି କାମଚଳା ଅବା କାର୍ଯ୍ୟକାରୀ ସଭାପତି ନିଯୁକ୍ତି ଦିଆ ଗଲେ ତାହା ଗ୍ରହଣଯୋଗ୍ୟ ହେବ ନାହିଁ ବୋଲି ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ଆଇଓଏ ବ୍ୟାପାରରେ ବର୍ତ୍ତମାନ ପାଇଁ ସେକ୍ରେଟାରି ଜେନେରାଲଙ୍କ ସହ ଯୋଗଯୋଗ କରିବ ଆଇଓସି।

# ସୁନ୍ଦରଗଡ଼-ଦେବଗଡ଼ ଫାଇନାଲ

**ରାଜ୍ୟ ଜୁନିୟର ହକି**


ସେମିଫାଇନାଲ ପୂର୍ବରୁ ଅଫିସିଆଲଙ୍କ ସହ ଦେବଗଡ଼ ଓ କିଟ୍ ଦଳର ଖେଳାଳି।

**ଭୁବନେଶ୍ୱର, ୨୨।୯ (କ୍ରୀଡ଼ା ପ୍ରତିନିଧି)**

ହକି ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ରାଜ୍ୟ ଜୁନିୟର ହକି ଚାମ୍ପିୟନଶିପର ୨ଟି ସେମିଫାଇନାଲ ଗୁରୁବାର କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲରେ ସୁନ୍ଦରଗଡ଼ ୨-୧ ଗୋଲରେ ସମ୍ବଲପୁରକୁ ପରାସ୍ତ କରିଥିଲା। ବିଜୟୀ ଦଳର ନିଲେଶ ବାର୍ଲା ୨ୟ ଓ ରୋସନ କୁଜୁର ୫୭ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ସମ୍ବଲପୁରର ପ୍ରେମଚାନ୍ଦ ହୋରୋ ୧୩ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ସେହିପରି ଦ୍ୱିତୀୟ ସେମିରେ ଦେବଗଡ଼ ୩-୧ ଗୋଲରେ କିଟ୍‌କୁ ହରାଇ ଦେଇଥିଲା। ଦେବଗଡ଼ର ସନ୍ଦିପ ଲାକ୍ରା ୫ମ, ସମୀର ଏକ୍କା ୨୩ ଓ ସନ୍ଦୀପ ଲାକ୍ରା ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। କିଟ୍ ପକ୍ଷରୁ ରାଜ କୁମାର ଏକ୍କା ୭ମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫଳରେ ଶୁକ୍ରବାର ସୁନ୍ଦରଗଡ଼ ଓ ଦେବଗଡ଼ ମଧ୍ୟରେ ଫାଇନାଲ ଖେଳାଯିବା ସ୍ପଷ୍ଟ ହୋଇଯାଇଛି।

## ଆଜିଠୁ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

**ଭୁବନେଶ୍ୱର, ୨୨।୯ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ଆନୁକୂଲ୍ୟରେ ରାଜ୍ୟ ଶକ୍ତି ଉତ୍ତୋଳନ (ମହିଳା ଓ ପୁରୁଷ) ପ୍ରତିଯୋଗିତା ଶୁକ୍ରବାରଠାରୁ ଉତ୍କଳ କରାଟେ ସ୍କୁଲରେ ଆରମ୍ଭ ହେବ। ଏଥିରେ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର ବିଭାଗରେ ପ୍ରତିଯୋଗିତା ହେବ। ସମଗ୍ର ରାଜ୍ୟରୁ ପାଖାପାଖି ୪୦୦ ବଛାବଛା ଶକ୍ତି ଉତ୍ତୋଳକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାର ସୁପରିଚାଳନା ପାଇଁ ୧୩ ଅଫିସିଆଲ ଏବଂ ୧୫ ସ୍ୱେଚ୍ଛାସେବୀଙ୍କୁ ନିଯୁକ୍ତ କରାଯାଇଥିବା ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକଙ୍କ ସୂତ୍ରରୁ ପ୍ରକାଶ।


ଲଣ୍ଡନରେ ଖେଳାଯିବାକୁଥିବା ଲାଭର କପ୍ ଟେନିସ ଟୁର୍ନାମେଣ୍ଟ ପୂର୍ବରୁ ଏକ ଟ୍ରେନିଂ ସେସନ ଅବସରରେ (ବାମରୁ) ବ୍ରିଟେନର ଆଣ୍ଡି ମୁରେ, ସର୍ବିୟାର ନୋଭାକ୍ ଜୋକୋଭିଚ୍, ସୁଇଜରଲାଣ୍ଡର ରୋଜର ଫେଡରର ଓ ସ୍ପେନର ରାଫାଲ ନାଡାଲ।

# ଲାଭର କପ୍‌ରେ ପାର୍ଟନର ହେବେ ଫେଡରର, ନାଡାଲ

**ଲଣ୍ଡନ, ୨୨।୯(ଏପି)**

ଶୁକ୍ରବାର ଲାଭର କପ୍‌ରେ ପୁରୁଷ ଡବଲ୍ସରେ ରୋଜର ଫେଡରର ଓ ରାଫାଲ ନାଡାଲ ପାର୍ଟନର ହୋଇ ଖେଳିବେ। ଫେଡରରଙ୍କ କ୍ୟାରିୟରର ଏହା ଶେଷ ଟୁର୍ନାମେଣ୍ଟ ହେବ ବୋଲି ସେ ପୂର୍ବରୁ ଘୋଷଣା କରିସାରିଛନ୍ତି। ଫେଡରର ହେଉଛନ୍ତି ୨୦ ଗ୍ରାଣ୍ଡସ୍ଲାମ ବିଜେତା। ତାଙ୍କ ଦୀର୍ଘ ଦିନର ପ୍ରତିଦ୍ୱନ୍ଦ୍ୱୀ ରାଫାଲ ନାଡାଲ ୨୨ଗ୍ରାଣ୍ଡସ୍ଲାମ ସହ ପୁରୁଷ ବିଭାଗରେ ରେକର୍ଡ ପ୍ରତିଷ୍ଠା କରିଛନ୍ତି । ଏହି ଯୋଡ଼ି ୟୁରୋପ ଟିମ୍ ତରଫରୁ ୱାର୍ଲ୍ଡ ଟିମ୍ ଯୋଡ଼ି ୟୁଏସ୍ ଓପନ ସେମିଫାଇନାଲିଷ୍ଟ ଫ୍ରାନ୍‌ସେସ୍ ଟିଆଫୋ ଓ ଜ୍ୟାକ୍ ସକ୍‌ଙ୍କ ବିପକ୍ଷରେ ଖେଳିବେ। ପ୍ରତିଯୋଗିତାର ପ୍ରଥମ ଦିବସରେ ଏହି ମ୍ୟାଚ ଖେଳାଯିବ ବୋଲି ଫେଡରରଙ୍କ ମ୍ୟାନେଜମେଣ୍ଟ କମ୍ପାନୀ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଫେଡରର-ନାଡାଲ ମ୍ୟାଚ ପୂର୍ବରୁ ସିଙ୍ଗଲ୍ସ ମ୍ୟାଚଗୁଡ଼ିକ ଖେଳାଯିବ। ଦିନରେ ଦୁଇଥର ଗ୍ରାଣ୍ଡସ୍ଲାମ ରନରଅପ୍ କାସ୍ପର ରୁଡ୍ ସକ୍‌ଙ୍କ ବିପକ୍ଷରେ ଖେଳିବାକୁ ଥିବା ବେଳେ ୨୦୨୧ ଫ୍ରେଞ୍ଚ ଓପନ ଫାଇନାଲିଷ୍ଟ ଷ୍ଟାଫାନସ ସିଟ୍‌ସିପାସ୍ ଓ ଡିଏଗୋ ସ୍କ୍ୱାର୍ଜମ୍ୟାନଙ୍କ ମଧ୍ୟରେ ମ୍ୟାଚ ଖେଳାଯିବ। ରାତିରେ ୩ଥର ଗ୍ରାଣ୍ଡସ୍ଲାମ ବିଜେତା ଆଣ୍ଡି ମୁରେ ବନାମ ଆଲେକ୍ସ ଡି' ମିନାଉର୍ ମ୍ୟାଚ ଖେଳାଯିବ।

## ଲିଜେଣ୍ଡ୍ସ ଟେନିସ ଲିଗ୍‌ରେ ୬ ଦଳ

**ଭୁବନେଶ୍ୱର, ୨୨।୯ (କ୍ରୀଡ଼ା ପ୍ରତିନିଧି):** ନୂଆଦିଲ୍ଲୀର ଆରକେ ଖାନ୍ନା ଟେନିସ ଷ୍ଟାଡିୟମରେ ଶୁକ୍ରବାରଠାରୁ ଲିଜେଣ୍ଡ୍ସ ଟେନିସ ଲିଗ୍ ଆରମ୍ଭ ହେବ। ଦିଲ୍ଲୀ ଲନ୍ ଟେନିସ ଆସୋସିଏଶନ ସହଯୋଗରେ ଏହି ଟୁର୍ନାମେଣ୍ଟ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଇଟିଏଫ୍ ମାଷ୍ଟର୍ସ ଟୁର୍ (ଆଇଟିଏଫ୍ ସିନିୟର୍ସ ଟୁର୍‌ଭାବେ ପରିଚିତ) ଖେଳିଥିବା ଭାରତୀୟ ସିନିୟର ଖେଳାଳିଙ୍କ ପାଇଁ ପ୍ରଥମଥରପାଇଁ ଏହି ଲିଗ୍ ଆୟୋଜନ କରାଯାଉଛି। "ଭାରତ ସିଙ୍ଗାପୁର ଓ ଆମେରିକାର ଶ୍ରେଷ୍ଠ ଟେନିସ ଖେଳାଳିଙ୍କୁ ନୂଆଦିଲ୍ଲୀକୁ ସ୍ୱାଗତକରି ଆମେ ଗର୍ବିତ ହେବୁ। ଲିଗ୍‌ରେ ଖେଳିବା ପାଇଁ ଖେଳାଳିଙ୍କ ମଧ୍ୟରେ ବ୍ୟଗ୍ରତା ପ୍ରକାଶ ପାଇଛି। ତେଣୁ ଏହା ସଂଘର୍ଷପୂର୍ଣ୍ଣ ହେବ" ବୋଲି ଏଲଟିଏଲ୍‌ର ଆୟୋଜକ ଦିଲୀପ ମହାନ୍ତି ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଗତ ରବିବାର ଅନୁଷ୍ଠିତ ହୋଇଯାଇଛି। ସିନିୟର ଖେଳାଳିଙ୍କୁ ନେଇ ହେଉଥିବା ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ୬ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡ଼ିକ ହେଲା ଆକ୍ରୋସ ଏସର୍ସ, ଅଭିରାଜ ୱାରିୟର୍ସ, ବାଙ୍ଗାଲୋର ଚ୍ୟାଲେଞ୍ଜର୍ସ, ପଞ୍ଜାବ ଏସେସ୍, ରିବାଉଣ୍ଡ ଏସ୍ ଷ୍ଟାର୍ ବାବୋଲାଟେ ଯୋଦ୍ଧାସ ଓ ଟେନିସ ଟାଇଟନ୍ସ। ଲିଗ୍ ପର୍ଯ୍ୟାୟରେ ସବୁ ଦଳ ପରସ୍ପର ସହିତ ଖେଳିବାପରେ ଶ୍ରେଷ୍ଠ ୪ ଦଳ ପ୍ଲେ-ଅଫ୍‌କୁ ଉନ୍ନୀତ ହେବେ।

# ପ୍ରଥମ ଦିନିକିଆ ଜିତିଲା ଭାରତ 'ଏ'

**ଶାର୍ଦ୍ଦୂଳ, କୁଳଦୀପଙ୍କ ଘାତକ ବୋଲିଂ**


ଉଇକେଟ ନେବା ପରେ ଉଲ୍ଲସିତ ଭାରତ ଏ' ବୋଲର କୁଳଦୀପ ସେନ୍।

**ଚେନ୍ନାଇ,୨୨।୯**

ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ପ୍ରଥମ ଅନ୍ ଅଫିସିଆଲ ଦିନିକିଆକୁ ୭ ଉଇକେଟରେ ଜିତି ନେଇଛି ଭାରତ 'ଏ'। ଚେନ୍ନାଇର ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଦୁଇ ଦ୍ରୁତ ବୋଲର ଶାର୍ଦ୍ଦୂଳ ଠାକୁର ଓ କୁଳଦୀପ ସେନ ମିଳିତ ଭାବରେ ୭ ଉଇକେଟ ଅକ୍ତିଆର କରିବାରୁ ନ୍ୟୁଜିଲାଣ୍ଡ 'ଏ' ମାତ୍ର ୧୬୭ ରନରେ ଅଲଆଉଟ ହୋଇଥିଲା। ଜବାବରେ ଭାରତ ୩୧.୫ ଓଭରରେ ୩ ଉଇକେଟରେ ୧୭୦ ରନ କରି ମ୍ୟାଚ ଜିତିନେଇଥିଲା।

ଟସ୍ ଜିତି ଭାରତୀୟ ଅଧିନାୟକ ସଞ୍ଜୁ ସାମସନ୍ ବୋଲିଂ ନିଷ୍ପତ୍ତି ନେଇଥିଲେ। ଶାର୍ଦ୍ଦୂଳ ଠାକୁର ଓ ଆଇପିଏଲ୍ ଷ୍ଟାର କୁଳଦୀପ ସେନ୍ ଘାତକ ବୋଲିଂ କରିବା ସହିତ ନ୍ୟୁଜିଲାଣ୍ଡର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଶାର୍ଦ୍ଦୂଳ ୩୨ ରନ ଦେଇ ୪ ଓ କୁଳଦୀପ ୩୦ ରନରେ ୩ ଉଇକେଟ ନେଇଥିବା ବେଳେ ଭ୍ରମଣକାରୀ ଦଳ ୭୪ ରନରେ ୮ ଉଇକେଟ ହରାଇଥିଲା। ୧୦୦ ରନ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ୯ମ ଉଇକେଟରେ ଦୁଇ ବୋଲର ମାଇକେଲ ରିପ୍ପନ(୬୧) ଓ ଜୋଏ ୱାକର(୩୬) ଯୋଡିଥିଲେ ୮୯ ରନ୍। ରିପ୍ପନ ୧୦୪ ବଲ୍ ଖେଳି ୪ ଚୌକା ମାରିଥିଲେ। ଅନ୍ୟପକ୍ଷରେ ରିପ୍ପନଙ୍କୁ ସାଥ ଦେଇଥିବା ୱାକର ୪୯ ବଲ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ଶାର୍ଦ୍ଦୂଳ ଓ ସେନଙ୍କ ବ୍ୟତିତ କୁଳଦୀପ ଯାଦବ ଗୋଟିଏ ଉଇକେଟ ନେଇଥିବା ବେଳେ ଦୁଇ ଜଣ ବ୍ୟାଟ୍ସମ୍ୟାନ ରନଆଉଟ ହୋଇଥିଲେ। ୧୬୮ ରନର ପିଛା କରୁଥିବା ଭାରତ ପକ୍ଷରୁ ଓପନର ପୃଥ୍ୱୀ ଶ(୧୭) ଓ ଋତୁରାଜ ଗାଏକ୍ୱାଡ(୪୧) ପ୍ରଥମ ଉଇକେଟରେ ୩୫ ରନ ଯୋଡିଥିଲେ। ଏହାପରେ ଗାଏକ୍ୱାଡଙ୍କ ସହିତ ଦ୍ୱିତୀୟ ଉଇକେଟରେ ୫୬ ରନ ଯୋଡିଥିଲେ ରାହୁଲ ତ୍ରିପାଠୀ। ଗାଏକ୍ୱାଡ ୫୪ ବଲ ଖେଳି ୩ ଚୌକା ଓ ୨ ଛକା ମାରିଥିଲେ। ସେହିପରି ତ୍ରିପାଠୀ ୪୦ ବଲ ଖେଳି ୪ ଚୌକା ସହିତ ୩୧ ରନ୍ କରିଥିଲେ। ମାତ୍ର ୬ ବଲ ବ୍ୟବଧାନରେ ଉଭୟ ଖେଳାଳି ଆଉଟ ହୋଇଥିଲେ ହେଁ ଅଧିନାୟକ ସଞ୍ଜୁ ସାମସନ(୨୯*) ଓ ରଜତ ପଟିଦାର(୪୫*) ଅବିଭାଜିତ ଚତୁର୍ଥ ଉଇକେଟରେ ୬୯ ରନ ଯୋଡି ଦଳକୁ ବିଜୟୀ କରିଥିଲେ। ସାମସନ ୩୨ ବଲରୁ ୧ ଚୌକା ଓ ୩ ଛକା ମାରିଥିଲେ।

# ଓଡ଼ିଶାର ୨୧ ଜଣଙ୍କୁ ଜାତୀୟ ଯୋଗ୍ୟତା

**ପୂର୍ବାଞ୍ଚଳ ବନ୍ଧୁକଚାଳନା ପ୍ରତିଯୋଗିତା**


ସ୍ୱର୍ଣ୍ଣ ପଦକ ସହ ତ୍ରିଶ ପାଣିଗ୍ରାହୀ।

**ଭୁବନେଶ୍ୱର, ୨୨।୯, (ସ୍ପୋର୍ଟ୍ସ ବ୍ୟୁରୋ)**

ପଶ୍ଚିମବଙ୍ଗର ଆସାନସୋଲରେ ଚାଲିଥିବା ଷଷ୍ଠ ପୂର୍ବାଞ୍ଚଳ ବନ୍ଧୁକଚାଳନା ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୫୩ ଜଣ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଭାଗ ନେଇଥିଲେ। ଏହା ମଧ୍ୟରୁ ୧୨ ଜଣ ପୁରୁଷ ଓ ୯ ଜଣ ମହିଳା ଜାତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତିଯୋଗୀ ମାନଙ୍କ ମଧ୍ୟରୁ ତ୍ରିଶ ପାଣିଗ୍ରାହୀ ଏୟାର ରାଇଫଲ ଜୁନିୟର ଓ ସବ୍ ଜୁନିୟର ବର୍ଗରେ ଦୁଇଟି ସ୍ୱର୍ଣ୍ଣ ହାସଲ କରିଥିଲେ। ଏୟାର ପିସ୍ତଲ ବର୍ଗରେ ଦିଲୀପ କୁମାର ପାଢୀ,ରଶ୍ମୀ ଭଞ୍ଜ, ୫୦ ମିଟର ରାଇଫଲ ପ୍ରୋନ ବର୍ଗରେ ଭଗବାନ ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ ଡାଃ ସତ୍ୟଜିତ ସାହୁ ରୌପ୍ୟ ପଦକ ବିଜୟୀ ହୋଇଥିବା ବେଳେ ତନିଷ୍କା ସାମନ୍ତ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଓଡ଼ିଶା ସମୁଦାୟ ୫ ସ୍ୱର୍ଣ୍ଣ, ୨ ରୌପ୍ୟ, ଓ ୧ ବ୍ରୋଞ୍ଜ ବିଜୟୀ ହୋଇଛି। ଏହି ସଫଳତା ନିମନ୍ତେ ଓଡ଼ିଶା ରାଇଫଲ ସଂଘର ସଭାପତି ଅନଙ୍ଗ ଉଦୟ ସିଂହଦେଓ, ପୃଷ୍ଠପୋଷକ କଳିକେଶ ନାରାୟଣ ସିଂହଦେଓ, ସମ୍ପାଦକ ଡାଃ ହରି ପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଗୌରୀ ମହାନ୍ତି, ଯୁଗ୍ମ ସମ୍ପାଦକ ବଳଭଦ୍ର ଦାସ, କୋଚ ଆଶିଷ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

CLASSIFIED DISPLAY
MORE SPACE • SAME PRICE

ଧନ କୁବେର ଫାଇନାନ୍ସ
30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ । ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
9457203304

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"

ସ୍ୱ ମଦନ ମୋହନ ସାହୁ
ସହଯୋଗନଗର, ବୁଢ଼ାରଜା, ସମ୍ବଲପୁର
ତିରୋଧାନ : ୨୩.୦୯.୨୦୧୬
ଆପଣଙ୍କ କର୍ତ୍ତବ୍ୟପରାୟଣତା, ସଚ୍ଚୋଟତା ଓ ଉତ୍ସର୍ଗୀକୃତ ସେବା ସଦା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥ ଓ ମା ସମଲେଇଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ବନ୍ଧୁ ଓ ପରିବାରବର୍ଗ
ଧ-୧୫୯୯

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ

ସ୍ୱ ବସନ୍ତ କୁମାର ବେଉରା
ଆବିର୍ଭାବ: ୨୩।୦୧।୧୯୫୭
ତିରୋଧାନ: ୧୫।୧୦।୨୦୨୦
ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସରଳତା, ନିଷ୍କପଟତା, ତ୍ୟାଗ ଓ ଆଶୀର୍ବାଦ ସର୍ବଦା ଚିର ସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ: ବିନି, ଝିଅ: ଶିଳା, ଲିଜା, ଜ୍ୱାଇଁ: ଅମିୟ ।
ଧ-୧୫୯୩

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ

ସ୍ୱ ଶତ୍ରୁଘ୍ନ ସେଠୀ
ସ୍ଥାନ: ପଲଙ୍କ, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୨୫।୧୧।୧୯୫୧
ତିରୋଧାନ: ୧୬।୧୦।୨୦୨୦
ବାପା, ଆପଣଙ୍କର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ହଠାତ୍ ଆପଣଙ୍କର ତିରୋଧାନ ଆମକୁ ଶୋକସାଗରରେ ଭସାଇ ଦେଇଛି ଓ ଏହା ଆମ ପାଇଁ ଏକ ଅପୂରଣୀୟ କ୍ଷତି। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମମାନଙ୍କ ପାଇଁ ସର୍ବଦା ପଥ ପ୍ରଦର୍ଶକ ଅଟେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ: ନାରଖାରୀ, ପୁତ୍ର: ପ୍ରଶାନ୍ତ, ସୁକାନ୍ତ, ବସନ୍ତ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ।
ଧ-୧୫୯୫

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱ ରଶ୍ମିରଞ୍ଜନ ସାହୁ
ଡାଇରେକ୍ଟର - ଓମ୍ ହେଲ୍ଥକେୟାର ଏଣ୍ଟରପ୍ରାଇଜେସ୍ ଲିମିଟେଡ୍, ଭୁବନେଶ୍ୱର
ଆବିର୍ଭାବ : ୦୪/୧୦/୧୯୭୨ | ତିରୋଧାନ : ୧୩/୦୯/୨୦୨୨
ନୈନଂ ଛନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତ ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତ ମାରୁତଃ
ତୁମର ଅସମୟରେ ବିୟୋଗ ପାଇଁ ଆମେ ସମସ୍ତେ ମର୍ମାହତ । ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
( ଶୋକସନ୍ତପ୍ତ )
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୭୩୮୭୪



ରୋଜର ଫେଡରର

# କଠିନ ନିଷ୍ପତ୍ତି

**ନିଜର ପ୍ରିୟ ଖେଳ ଟେନିସକୁ ଅଲ୍‌ବିଦା ଜଣାଇଛନ୍ତି ସୁଇସ୍ ତାରକା ରୋଜର ଫେଡରର। ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଲାଭର କପ୍ ତାଙ୍କ କ୍ୟାରିୟରର ଶେଷ ଟୁର୍ଣ୍ଣାମେଣ୍ଟ। ତେବେ ଟେନିସ କୋର୍ଟରୁ ଦୂରେଇ ରହିବା ନିଷ୍ପତ୍ତି ସହଜ ନ ଥିଲା ବୋଲି ସ୍ୱୀକାର କରିଛନ୍ତି ଏହି ମହାନ୍ ଖେଳାଳି...**

ବିଶ୍ୱ ଟେନିସ୍‌ର ଅନ୍ୟତମ ଶ୍ରେଷ୍ଠ ଖେଳାଳି ରୋଜର ଫେଡରର କ୍ୟାରିୟରର ସବୁଠାରୁ କଠିନ ନିଷ୍ପତ୍ତି ନେଇଛନ୍ତି। ନିଜର ପ୍ରିୟ ଟେନିସକୁ ଅଲ୍‌ବିଦା ଜଣାଇଛନ୍ତି ଏହି ସୁଇଜରଲାଣ୍ଡ ତାରକା। କ୍ୟାରିୟରରେ ୧୨୫୧ ସିଙ୍ଗଲ୍ସ ମ୍ୟାଚ ଓ ୧୦୩ ଟାଇଟଲ ବିଜେତା ଏହି ପୂର୍ବତନ ନମ୍ବରୱାନ ଖେଳାଳି ଆହତ ସମସ୍ୟା ସହ ସଂଘର୍ଷ ପରେ ଏହି ନିଷ୍ପତ୍ତି ନେଇଛନ୍ତି। ଗତ ସପ୍ତାହରେ ନିଜ ଅବସର ସମ୍ପର୍କରେ ସୂଚନା ଦେଇଥିଲେ ରୋଜର। ଲାଭର କପ୍ ତାଙ୍କ ଜୀବନର ଶେଷ ଟୁର୍ନାମେଣ୍ଟ ହେବ ବୋଲି ସେ ସ୍ପଷ୍ଟ କରିଥିଲେ। ୟୁରୋପ ଏବଂ ଅବଶିଷ୍ଟ ବିଶ୍ୱ ମଧ୍ୟରେ ଲାଭର କପ୍‌ର ୫ମ ସଂସ୍କରଣ ଶୁକ୍ରବାର ଆରମ୍ଭ ହେବ। ପୂର୍ବ ୪ଟି ସଂସ୍କରଣରେ ୟୁରୋପ ଦଳ ଚାମ୍ପିୟନ ହୋଇଥିବାରୁ ୫ମଥର ପାଇଁ ଟାଇଟଲ ବିଜୟ ଆଶାରେ ରହିଛି। ଏଥର ୟୁରୋପ ଦଳରେ ରହିଛନ୍ତି କାସ୍ପର ରୁଡ୍, ରାଫାଲ ନାଡାଲ, ଷ୍ଟିଫାନୋସ ସିତ୍‌ସିପାସ, ନୋଭାକ ଜୋକୋଭିଚ୍, ରୋଜର ଫେଡରର, ଆଣ୍ଡି ମୁରେ, ମାଟେଓ ବେରେଟିନି ଓ କାମେରନ ନୋରି। ସେହିପରି ଅବଶିଷ୍ଟ ବିଶ୍ୱ ଦଳରେ ଟେଲର ଫ୍ରିଜ, ଫେଲିକ୍ସ-ଅଗର ଆଲାସିମେ, ଡିଏଗୋ ସ୍କାର୍ଜମ୍ୟାନ, ଫ୍ରାନ୍ସେସ ଟିଆଫୋ, ଆଲେକ୍ସ ଡି'ମିନାଉର, ଜ୍ୟାକ ସକ୍ ଓ ଟମି ପଲ୍ ସ୍ଥାନ ପାଇଛନ୍ତି। ବିର୍ଜନ ବର୍ଗ ଟିମ୍ ୟୁରୋପ ଏବଂ ଜନ୍ ମ୍ୟାକେନରୋ ଟିମ୍ ୱାର୍ଲ୍ଡ ଦଳର ନନ୍‌ପ୍ଲେଇଂ କ୍ୟାପଟେନ ଅଛନ୍ତି। ଫେଡରର ସିଙ୍ଗଲ୍ସ ନ ଖେଳି ଡବଲ୍ସ ଖେଳି ଅବସର ନେବାକୁ ଇଚ୍ଛା ରଖିଛନ୍ତି। ରାଫାଲ ନାଡାଲଙ୍କୁ ସାଥିକରି ଖେଳିବାକୁ ଇଚ୍ଛାପ୍ରକାଶ କରିଥିଲେ ଏହି ସୁପ୍ରସିଦ୍ଧ ଟେନିସ ତାରକା। ତାଙ୍କ ମତକୁ ସମ୍ମାନ ଜଣାଇଥିଲେ କ୍ୟାପ୍‌ଟେନ ବିର୍ଜନ ବର୍ଗ। ଫଳରେ ଫେଡରର ଏବଂ ତାଙ୍କର ଦୀର୍ଘ ଦିନର ପ୍ରତିଦ୍ୱନ୍ଦ୍ୱୀ ନାଡାଲ ଏବେ ସାଥିହୋଇ ଖେଳିବା ସ୍ପଷ୍ଟ ହୋଇଯାଇଛି। ତେବେ ଆଣ୍ଠୁରେ ତୃତୀୟ ଥରପାଇଁ ଅସ୍ତ୍ରୋପଚାର କାରଣରୁ ୪୧ ବର୍ଷରେ ଅବସର ନେବାକୁ ବାଧ୍ୟ ହୋଇଛନ୍ତି ଏହି ୨୦ ଗ୍ରାଣ୍ଡସ୍ଲାମ ବିଜେତା। କ୍ୟାରିୟରରେ ସେ ୬ ଥର ଅଷ୍ଟ୍ରେଲିଆନ ଓପନ, ଥରେ ଫ୍ରେଞ୍ଚ୍ ଓପନ, ୮ ଥର ୱିମ୍ବଲଡନ ଓ ୫ ଥର ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଏହା ବ୍ୟତୀତ ସେ ୨୦୦୩, ୨୦୦୪, ୨୦୦୬, ୨୦୦୭ ଏବଂ ୨୦୦୮ରେ ଏଟିପି ଟୁର୍ ଫାଇନାଲ୍ସରେ ମଧ୍ୟ ବିଜେତା ହୋଇଛନ୍ତି। ୨୦୦୮ ବେଜିଂ ଅଲିମ୍ପିକ୍ସର ଡବଲ୍ସରେ ସ୍ୱର୍ଣ୍ଣ ଏବଂ ୨୦୧୨ ଲଣ୍ଡନ ଅଲିମ୍ପିକ୍ସର ସିଙ୍ଗଲ୍ସରେ ରୌପ୍ୟ ପଦକ ବିଜେତା ଫେଡରର ୨୦୧୪ରେ ଡେଭିସ୍ କପ୍ ଚାମ୍ପିୟନ ହେବାର ସୌଭାଗ୍ୟ ପାଇଥିଲେ। ଡବଲ୍ସରେ ତାଙ୍କ କ୍ୟାରିୟର ରେକର୍ଡ ହେଉଛି ୧୩୧-୯୨। ବିଭିନ୍ନ ଖେଳାଳିଙ୍କୁ ସାଥିକରି ସେ ୮ଟି ଡବଲ୍ସ ଟାଇଟଲ ଜିତିଛନ୍ତି। ହୋପମାନ କପ୍ ଟିମ୍ ଚାମ୍ପିୟନଶିପ୍‌ରେ ସେ ୩ ଥର ୨୦୦୧, ୨୦୧୮ ଓ ୨୦୧୯ରେ ସଫଳତାର ସ୍ୱାଦ ଚାଖିଛନ୍ତି। ଏବେ ତାଙ୍କର ଶେଷ ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିଛି।



ରମେଶ ସାହୁ

# ଡ୍ରଗ୍ସ ବନାମ ଡୋପ୍

**ହର୍ମୋନ୍ ସମ୍ବଳିତ ଡ୍ରଗ୍ସ ମଣିଷର ଶାରୀରିକ କ୍ଷମତା ଓ ଶକ୍ତି ବୃଦ୍ଧି କରେ। ଡ୍ରଗ୍ସ ଦ୍ୱାରା ବୃଦ୍ଧିପ୍ରାପ୍ତ ଶକ୍ତି କିଛି ଦିନ ଅଥବା କିଛି ଘଣ୍ଟା ପାଇଁ ଜାରି ରହିପାରେ। ଏହି ସମୟରେ ଶାରୀରିକ କ୍ଷମତା ଅସ୍ୱାଭାବିକ ଭାବେ ବୃଦ୍ଧି ଘଟେ। କିନ୍ତୁ ଗ୍ରହଣ ପ୍ରକ୍ରିୟା ଅନୁଚିତ ସ୍ତରକୁ ଚାଲିଗଲେ ତାହା ସେବନକାରୀର ଭୀଷଣ କ୍ଷତି ଘଟାଏ...**

ଆମେରିକାରେ ଅନୁଷ୍ଠିତ ୨୦୨୨ ବିଶ୍ୱ ଦୌଡ଼କୁଦ ଚାମ୍ପିୟନଶିପ୍ ବେଳେ ଭାରତର ଦୁଇଜଣ ଆଥଲେଟ୍ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ଏହି ଘଟଣାରେ ଭାରତୀୟ ଆଥଲେଟିକ୍ ମହାସଂଘକୁ ଅପଦସ୍ଥ ହେବାକୁ ପଡ଼ିଥିଲା। ଦୁଇ ଅଭିଯୁକ୍ତ ଖେଳାଳି ଷ୍ଟିରଏଡ୍ ଡ୍ରଗ୍ ସେବନ କରିଥିବା ଜଣାପଡ଼ିଥିଲା। ତେବେ ଏହି ଡ୍ରଗ୍ସ କ'ଣ ସେ ସମ୍ପର୍କରେ କିଛି ଜାଣିବା। ହର୍ମୋନ୍ ସମ୍ବଳିତ ଡ୍ରଗ୍ସ ମଣିଷର ଶାରୀରିକ କ୍ଷମତା ଓ ଶକ୍ତି ବୃଦ୍ଧି କରେ। ଦୈହିକ କ୍ଷମତା ବଢ଼ାଇବା ଲକ୍ଷ୍ୟ ରଖି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ନାନାପ୍ରକାର ଷ୍ଟିରଏଡ୍ ଡ୍ରଗ୍ସ ବିକଶିତ କରିଛନ୍ତି। ଡ୍ରଗ୍ସ ଦ୍ୱାରା ବୃଦ୍ଧିପ୍ରାପ୍ତ ଶକ୍ତି କିଛିଦିନ ଅଥବା କିଛି ଘଣ୍ଟା ପାଇଁ ଜାରି ରହିପାରେ। ଏହି ସମୟରେ ଶାରୀରିକ କ୍ଷମତା ଅସ୍ୱାଭାବିକ ଭାବେ ବୃଦ୍ଧି ଘଟେ। ଡ୍ରଗ୍ସ ବ୍ୟବହାର ଜାରିରହିଲେ ଶକ୍ତି କାଏମ ରହେ। କିନ୍ତୁ ଗ୍ରହଣ ପ୍ରକ୍ରିୟା ଅନୁଚିତ ସ୍ତରକୁ ଚାଲିଗଲେ ତାହା ସେବନକାରୀର ଭୀଷଣ କ୍ଷତି ଘଟାଏ। ହର୍ମୋନ୍ ଡ୍ରଗ୍ସକୁ ଆନାବୋଲିକ୍ ଷ୍ଟିରଏଡ୍ କୁହାଯାଏ। ଟେଷ୍ଟୋଷ୍ଟେରୋନ୍ ଏବଂ ଏଥିରେ ଜଡ଼ିତ ଉପାଦାନଗୁଡ଼ିକୁ ମିଶ୍ରଣ କରି ଆନାବୋଲିକ୍ ଷ୍ଟିରଏଡ୍ ପ୍ରସ୍ତୁତ ହୁଏ। ଏହି ଡ୍ରଗ୍ସ ମଣିଷର ଅସ୍ଥି କଙ୍କାଳ ଏବଂ ମାଂସପେଶୀ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରେ। ଷ୍ଟିରଏଡ୍ ବ୍ୟବହାର ଡାକ୍ତରୀ ନିୟମ ଅନୁସାରେ ହେଲେ ତାହା ମଣିଷର ସ୍ୱାସ୍ଥ୍ୟ ଉପରେ ଅନୁକୂଳ ପ୍ରଭାବ ପକାଏ। ଅନୁଚିତ ମାତ୍ରାକୁ ଚାଲିଗଲେ ସ୍ୱାସ୍ଥ୍ୟ ସଙ୍କଟ ସୁନିଶ୍ଚିତ। ଏହି କ୍ଷତି ବେଳେ ବେଳେ ସାଂଘାତିକ ଆଡ଼କୁ ଗତି କରେ। ଶରୀରରେ ହର୍ମୋନ୍ ଟେଷ୍ଟୋଷ୍ଟେରୋନ୍ କ୍ଷରଣ ମାତ୍ରା ବୃଦ୍ଧି ସକାଶେ ଷ୍ଟିରଏଡ୍ ଡ୍ରଗ୍ସ ଉଦ୍ଦିଷ୍ଟ। ଏହି ଉପାଦାନ ମାଂସପେଶୀରେ ତନ୍ତୁ ବୃଦ୍ଧି ଘଟାଏ। ଫଳରେ ମାଂସପେଶୀ ବଢ଼ିଚାଲେ ଏବଂ ଲୋକଟି ଅତିରିକ୍ତ ଶକ୍ତି ହାସଲ କରିଚାଲେ। ଏହାକୁ ଟାବଲେଟ୍ ଅବା ଇଞ୍ଜେକ୍ସନ୍ ଦ୍ୱାରା ବ୍ୟବହାର କରି ଉଭୟ ରୋଗୀ ଓ କ୍ରୀଡ଼ାବିତ୍ ଉପକୃତ ହୋଇପାରୁଛନ୍ତି।



କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ବଡିବିଲ୍ଡର ନିଜ ମାଂସପେଶୀ ବଢ଼ାଇବାକୁ, ସାଇକ୍ଲିଷ୍ଟ ସାଇକେଲ ଚାଳନାରେ କ୍ଷିପ୍ରତା ଆଣିବାକୁ, ଦୌଡ଼ରେ ଗତି ହାସଲ, କୁସ୍ତି, ଭାରୋତ୍ତୋଳନ, ଶକ୍ତି ଉତ୍ତୋଳନ ଆଦି ଶାରୀରିକ କ୍ରୀଡ଼ାରେ ଅତିରିକ୍ତ ଶକ୍ତି ହାସଲ ପାଇଁ ଡ୍ରଗ୍ସପ୍ରବଣତା ଅଧିକ। ଫିଟନେସ୍ ବ୍ୟାୟାମ କରୁଥିବା ଯୁବକମାନେ ମଧ୍ୟ ଏହି ଡ୍ରଗ୍ସ ବ୍ୟବହାର କରୁଛନ୍ତି। ଡ୍ରଗ୍ସ ସେମାନଙ୍କର ଶାରୀରିକ ପ୍ରଦର୍ଶନକୁ ଉଚ୍ଚ ସ୍ତରକୁ ନେଉଥିବା ସେମାନେ ଦାବି କରନ୍ତି। ଏହା ସତ୍ୟ ଯେ ଷ୍ଟିରଏଡ୍ ବ୍ୟବହାର ଦ୍ୱାରା ଜଣେ କ୍ରୀଡ଼ାବିତ୍ ଆଶାତୀତ ସଫଳତା ହାସଲ କରିପାରେ। ତେବେ ଏହା ଖେଳାଳିର ଦକ୍ଷତା ବଢ଼ାଇବାରେ ସହାୟକ ହୁଏନାହିଁ। ଦୌଡ଼କୁଦ ଦକ୍ଷତା ବୃଦ୍ଧି ପଛରେ ବଂଶସୂତ୍ର, ଶରୀର ଆକାର, ବୟସ, ଲିଙ୍ଗ, ଖାଦ୍ୟପେୟ ଓ ସମ୍ପୃକ୍ତ ଖେଳାଳିର ମନୋନିବେଶ ଆଦି ନିର୍ଭରଶୀଳ। ସାଇକ୍ଲିଂ ରେସ୍ ପ୍ରତିଯୋଗୀଙ୍କଠାରେ ଷ୍ଟିରଏଡ୍ ବ୍ୟବହାର ଅଧିକ ଦେଖାଯାଏ। ବକ୍ସିଂ, ବେସ୍‌ବଲ ଓ ଟ୍ରାଇଥଲନ ପ୍ରତିଯୋଗୀମାନେ ମଧ୍ୟ ଡୋପ୍ ଟେଷ୍ଟରେ ଧରାପଡ଼ନ୍ତି। ଡ୍ରଗ୍ସ ବ୍ୟବହାର ନିରଙ୍କୁଶ ହେଲେ ପରବର୍ତ୍ତୀ ସମୟରେ ତାହା ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଏ। ଅନୁଚିତ ମାତ୍ରାରେ ବ୍ୟବହାର ମଣିଷର ହର୍ମୋନ୍ କ୍ଷରଣକୁ ଅସନ୍ତୁଳନ କରେ ଏବଂ ଉକ୍ତ କାରଣରୁ ତା'ର ଶରୀର ଦୁର୍ବଳ ହୋଇପଡ଼େ। ଶୁକ୍ରାଣୁ କମିଯିବା, ସଂଗମରେ ଜଡ଼ତା ଦେଖାଯିବା, କେଶ ଝଡ଼ି ଚନ୍ଦା ହୋଇଯିବା ଓ ପୁରୁଷ ଶରୀରରେ ବକ୍ଷଜ ଜାତ ହେବା ଭଳି ସମସ୍ୟା ଆସିଯାଏ। ଏହାଛଡ଼ା ହୃଦ୍‌ରୋଗ, ହୃଦ୍‌ଘାତ ହେବାସହ ଲିଭର ଅବା କିଡ୍‌ନୀ ଅଚଳ ହୋଇଯାଏ।

ମଣିଷ ଏଭଳି ବିପଦ ସମ୍ପର୍କରେ ଜାଣି ସୁଦ୍ଧା ଡ୍ରଗ୍ସ ବ୍ୟବହାର ଛାଡ଼ି ପାରୁନାହିଁ। ଅଳ୍ପ ପରିଶ୍ରମ କରି ଅଧିକ ଲାଭ ଆଶା ରଖିବା ଅନେକଙ୍କର ସହଜାତ ପ୍ରବୃତ୍ତି। କ୍ରୀଡ଼ା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବା ପରେ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଡ୍ରଗ୍ସ ବ୍ୟବହାର ଆରମ୍ଭ ହୋଇଥିଲା। ଏଥିରେ ପ୍ରତିଭାବାନ୍ ଖେଳାଳିମାନେ ଆଶାନୁରୂପ ସଫଳତା ହାସଲରେ ବିଫଳ ହେଲେ। ଷ୍ଟିରଏଡ୍ ନେଇ ବିଜୟ ସମ୍ଭାବନା ନ ଥିବା ଖେଳାଳିମାନେ ବାଜିମାତ୍ କଲେ। ଏହି ସମସ୍ୟା ସମ୍ପର୍କରେ ମହାଦେଶୀୟ ଓ ବିଶ୍ୱସ୍ତରୀୟ କ୍ରୀଡ଼ା ସଂଗଠନଗୁଡ଼ିକ ଜାଣିଲେ। ଖେଳାଳିଙ୍କ ସପକ୍ଷରେ ଜନମତ ସୃଷ୍ଟି ହେବାରୁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି(ଆଇଓସି) ଷ୍ଟିରଏଡ୍ ବ୍ୟବହାରକୁ ନିଷେଧ କରିଥିଲା। କିନ୍ତୁ ୧୯୩୫ରେ ଜର୍ମାନୀ ବୈଜ୍ଞାନିକମାନେ ପ୍ରଥମ ଥର ଟେଷ୍ଟୋଷ୍ଟେରୋନ୍‌ର ବିଶ୍ଳେଷଣ କରିଥିଲେ। ବିଶାଦ ମନର ଉପଚାର ପାଇଁ ଏହା ବ୍ୟବହାର ହୋଇପାରେ ବୋଲି ସେମାନେ ମତ ରଖିଥିଲେ। ୧୯୬୬ ମସିହା ୟୁରୋପୀୟ ଚାମ୍ପିୟନଶିପ୍ ବେଳେ ଆଥଲେଟ୍‌ମାନଙ୍କର ରକ୍ତ, ମୂତ୍ର ପରୀକ୍ଷା କରାଯାଇଥିଲା। ଏହା ଥିଲା ବିଶ୍ୱର ସର୍ବପ୍ରଥମ ଡୋପିଙ୍ଗ୍ ଟେଷ୍ଟ। ୧୯୬୮ ଅଲିମ୍ପିକ୍ ଗେମ୍ସରେ ମଧ୍ୟ ଆଇଓସି ପକ୍ଷରୁ ଡ୍ରଗ୍ସ ପରୀକ୍ଷା ହୋଇଥିଲା। ୧୯୫୪ ଅଲିମ୍ପିକ୍ ଗେମ୍ସ ଅବସରରେ ରୁଷୀୟ ୱେଟ୍‌ଲିଫ୍ଟରମାନେ ପ୍ରଥମେ ଆନାବୋଲିକ୍ ଷ୍ଟିରଏଡ୍ ବ୍ୟବହାର କରିଥିବାର ନଜିର ରହିଛି।

୧୯୬୮ ସମର୍ ଓ ୱିଣ୍ଟର୍ ଅଲିମ୍ପିକ୍ ଗେମ୍ସରେ ଆଇଓସି ବିଧିବଦ୍ଧ ଭାବେ ଡୋପ୍ ଟେଷ୍ଟ ଆରମ୍ଭ କରିଥିଲା। ୧୯୮୩ରେ ୟୁରୋପୀୟ ପେସାଦାର କ୍ଲବ୍‌ସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଡ୍ରଗ୍ସ ବ୍ୟବହାରକୁ ବାରଣ କରାଯାଇଥିଲା। ତେବେ ଦୋଷୀ ଖେଳାଳିମାନଙ୍କୁ ନିଲମ୍ବନ ପ୍ରକ୍ରିୟା ୧୯୮୯ରୁ ଆରମ୍ଭ ହୋଇଥିଲା। ୧୯୯୯ରେ ବିଶ୍ୱ ଆଣ୍ଟି ଡୋପିଙ୍ଗ ଏଜେନ୍ସି(ୱାଡା) ପ୍ରତିଷ୍ଠା ହୋଇଥିଲା। ୱାଡାର ମୁଖ୍ୟାଳୟ କାନାଡ଼ାର ମଣ୍ଟ୍ରିଲ ନଗରୀରେ ଅଛି। ୟୁରୋପର ପ୍ରମୁଖ ଫୁଟବଲ ଓ ରଗ୍‌ବୀ ଫୁଟବଲ ସଂଗଠନଗୁଡ଼ିକ ଆଇଓସି ନିୟମ ମାନି ଆସୁଛନ୍ତି। ୧୯୯୦ରେ ଭାରତରେ ପ୍ରଥମ ଡୋପ୍ ଟେଷ୍ଟ ପରୀକ୍ଷାଗାର ନୂଆଦିଲ୍ଲୀରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ଅଧୀନରେ କାର୍ଯ୍ୟକ୍ଷମ ହୋଇଥିଲା। ଆଇଓ କମିଶନ୍ ଓ ୱାଡାର ସର୍ତ୍ତାବଳୀ ଅନୁସାରେ ଏହି ପରୀକ୍ଷାଗାରକୁ ୨୦୦୨ରେ ଆଧୁନିକୀକରଣ କରାଯାଇଥିଲା। କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଏହା ଏକ ସ୍ୱୟଂଶାସିତ ସଂସ୍ଥା। ୨୦୦୫ରେ ଭାରତୀୟ ଡିସ୍‌କସ୍ ଥ୍ରୋୟର୍ ଅନିଲ କୁମାର ଓ ନିଲମ ସିଂ ଡୋପିଙ୍ଗ୍ ଟେଷ୍ଟରେ ଧରାପଡ଼ିବା ପରେ ଦୁଇବର୍ଷ କ୍ରୀଡ଼ାରୁ ବହିଷ୍କୃତ ହୋଇଥିଲେ। ସେମାନେ ନୋରାଣ୍ଡ୍ରୋଷ୍ଟେରୋନ୍ ଡ୍ରଗ୍ ସେବନ କରିଥିଲେ। ଏହା ପରଠାରୁ ଭାରତର ଅନେକ ଆଥଲେଟ୍, ବକ୍ସର, ରେସଲର୍, ସାଇକ୍ଲିଷ୍ଟ, ୱେଟ୍‌ଲିଫ୍ଟର ଡୋପ୍ ଟେଷ୍ଟରେ ଧରାପଡ଼ି କଟକଣାର ଶିକାର ହୋଇଛନ୍ତି।



ଅତୀତ ସ୍ମୃତିରୁ

## ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍

# ହର୍ଡଲ୍ସ କିଙ୍ଗ୍ ପଞ୍ଚାନନ ଗନ୍ତାୟତ



ଅଶୋକ ମହାନ୍ତି

**ଆଥଲେଟିକ୍ସ, ଫୁଟବଲ ଓ ଭଲିବଲ ଭଳି ତିନୋଟି ଲୋକପ୍ରିୟ କ୍ରୀଡ଼ାରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ପାରଦର୍ଶିତା ଲାଭ କରି ବହୁମୁଖୀ କ୍ରୀଡ଼ା ପ୍ରତିଭା, ଦକ୍ଷତା ଓ ସାମର୍ଥ୍ୟର ଅଧିକାରୀ ଥିଲେ ପଞ୍ଚାନନ ଗନ୍ତାୟତ। ଏକାଧିକ ଥର ଜାତୀୟ ପ୍ରତିଯୋଗିତାରେ ପଦକ ଜିତିଥିବା ପଞ୍ଚାନନ ୧୯୭୮ରେ କେରଳରେ ଅନୁଷ୍ଠିତ ସିନିୟର ଆନ୍ତଃ ରାଜ୍ୟ ଆଥ୍ଲେଟିକ୍ସ ମିଟ୍‌ର ୧୦୦ମି. ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଥିଲେ...**

ଆଥଲେଟିକ୍ସ, ଫୁଟବଲ ଓ ଭଲିବଲ ଭଳି ତିନୋଟି ସର୍ବାଧିକ ଲୋକପ୍ରିୟ କ୍ରୀଡ଼ାରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ପାରଦର୍ଶିତା ଲାଭ କରିବା ନିଶ୍ଚିତ ଭାବେ ଜଣେ କ୍ରୀଡ଼ାବିତ୍‌ର ବହୁମୁଖୀ କ୍ରୀଡ଼ା ପ୍ରତିଭା, ଦକ୍ଷତା ଓ ସାମର୍ଥ୍ୟର ପରିଚୟ ଦେଇଥାଏ। ଏହିପରି ବିରଳ ପ୍ରତିଭାର ଅଧିକାରୀ ଥିଲେ ପଞ୍ଚାନନ ଗନ୍ତାୟତ। ତତ୍କାଳୀନ ସୁଦୂର କୋରାପୁଟ ଜିଲାର ନବରଙ୍ଗପୁର (ବର୍ତ୍ତମାନ ସ୍ୱତନ୍ତ୍ର ଜିଲା)ରେ ଜନ୍ମଗ୍ରହଣ କରିଥିବା ପଞ୍ଚାନନ ବ୍ରହ୍ମପୁର ସହରରେ ଅଧ୍ୟୟନ ସମୟରେ ତାଙ୍କର ଯଶସ୍ୱୀ କ୍ରୀଡ଼ା ଜୀବନ ଆରମ୍ଭ ହୋଇଥିଲା। ଭଗବାନଦତ୍ତ ଏକ ନିଖୁଣ ଶରୀରର ଅଧିକାରୀ ପଞ୍ଚାନନ ସ୍ୱତଃସ୍ଫୂର୍ତ୍ତ ଭାବେ ବିଭିନ୍ନ କ୍ରୀଡ଼ା ପ୍ରତି ଆକୃଷ୍ଟ ହୋଇ ସମୟକ୍ରମେ ଆଗକୁ ଅଗ୍ରସର ହୋଇଥିଲେ। ୧୯୭୦ ବେଳକୁ ସେ ରାଜ୍ୟର କନିଷ୍ଠ ବର୍ଗରେ ଜଣେ ଉଚ୍ଚକୋଟୀର ଆଥଲେଟ୍ ଭାବେ ଉଭା ହୋଇସାରିଥିଲେ। ରାଜ୍ୟ ସ୍ତରରେ ୧୦୦ମି. ଦୌଡ଼, ଲଙ୍ଗଜମ୍ପ ଏବଂ ହାଇଜମ୍ପରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ପଞ୍ଚାନନଙ୍କୁ ଜାତୀୟ ସ୍ତରରେ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ମିଳିଲା ୧୯୭୧ରେ କଟକ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ। ଏହି ପ୍ରତିଯୋଗିତା ବିଷୟ ଉଲ୍ଲେଖ କରି ଏକ କାର୍ଯ୍ୟକ୍ରମରେ ପଞ୍ଚାନନ କହିଥିଲେ, "ମୁଁ କେବେ ହର୍ଡଲ୍‌ସ ଇଭେଣ୍ଟରେ ଭାଗ ନେଇ ନ ଥିଲି। ପ୍ରତିଯୋଗିତାର ୪ ମାସ ପୂର୍ବରୁ ଆମେ ପ୍ରଶିକ୍ଷଣ ଶିବିରରେ ତାଲିମ ନେଉଥିବା ସମୟରେ ତତ୍କାଳୀନ ପ୍ରସିଦ୍ଧ କ୍ରୀଡ଼ାବିତ୍ ଏବଂ ପ୍ରଶିକ୍ଷକ ନନ୍ଦକୃଷ୍ଣ ଦାସ ମୋତେ ଡାକି କହିଥିଲେ, ତୋର ଶରୀର ଗଠନ, ସ୍ପ୍ରିଣ୍ଟ ଏବଂ ଜମ୍ପରେ ଥିବା ଦକ୍ଷତା ହର୍ଡଲ୍ସ ଇଭେଣ୍ଟ ପାଇଁ ଉପଯୁକ୍ତ ଏବଂ ତା' ପରେ ଏହି ଇଭେଣ୍ଟ ପାଇଁ ମୋତେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରିଥିଲେ ଏବଂ ଫଳ ସ୍ୱରୂପ ଜାତୀୟ କ୍ରୀଡ଼ାରେ (୧୯ବର୍ଷରୁ କମ୍ ବାଳକ) ୧୦୦ମି. ଦୌଡ଼, ଲଙ୍ଗଜମ୍ପ ଏବଂ ୧୧୦ମି. ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ପ୍ରତିଯୋଗିତାର ଶ୍ରେଷ୍ଠ ଆଥଲେଟ୍ ବିବେଚିତ ହୋଇଥିଲି।" ପଞ୍ଚାନନଙ୍କ ଏହି ପ୍ରଦର୍ଶନ ଥିଲା ରାଜ୍ୟ କ୍ରୀଡ଼ା ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଏହାପରେ ସେ ଆଉ ପଛକୁ ଫେରି ନ ଥିଲେ। ଏକାଧିକ ଥର ଜାତୀୟ ପ୍ରତିଯୋଗିତାରେ ପଦକ ଜିତିଥିବା ପଞ୍ଚାନନ ୧୯୭୮ରେ କେରଳର କୁଇଲନ୍‌ଠାରେ ଅନୁଷ୍ଠିତ ବରିଷ୍ଠ ଆନ୍ତଃରାଜ୍ୟ ଆଥ୍ଲେଟିକ୍ସ ମିଟ୍‌ର ୧୦୦ମି. ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଜିତି ଦୀର୍ଘ ୨୮ ବର୍ଷ ପରେ ଦ୍ୱିତୀୟ ପୁରୁଷ ଆଥଲେଟ୍ ଭାବେ ରାଜ୍ୟ ପାଇଁ ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଥିଲେ (ତାଙ୍କ ଗୁରୁ ନନ୍ଦକୃଷ୍ଣ ଦାସ ୧୯୫୦ରେ ରାଜ୍ୟ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ)।



ଜଣେ ଶ୍ରେଷ୍ଠ ଅଲ୍‌ରାଉଣ୍ଡ କ୍ରୀଡ଼ାବିତ୍ ଭାବେ ରାଜ୍ୟ ପାଇଁ ଅନେକ କୃତିତ୍ୱ ହାସଲ କରିଥିବା ପଞ୍ଚାନନଙ୍କ କ୍ରୀଡ଼ା ପ୍ରତିଭା କେବଳ ଦୌଡ଼କୁଦରେ ସୀମିତ ନ ଥିଲା। ତିନୋଟି ପ୍ରମୁଖ ଖେଳ ଯଥା ଦୌଡ଼କୁଦ, ଫୁଟବଲ ଏବଂ ଭଲିବଲରେ ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବାରେ ରାଜ୍ୟର ଏକମାତ୍ର କ୍ରୀଡ଼ାବିତ୍ ଭାବେ ସେ ଏକ ବିରଳ ରେକର୍ଡର ଅଧିକାରୀ ଥିଲେ।

ଷ୍ଟିଲ୍‌ପ୍ଲାଣ୍ଟ ସ୍ପୋର୍ଟ୍ସ ବୋର୍ଡ ଦଳକୁ ପ୍ରତିନିଧିତ୍ୱ କରି ୧୯୭୩ରେ ବମ୍ବେଠାରେ ଅନୁଷ୍ଠିତ ଜାତୀୟ ଭଲିବଲ ପ୍ରତିଯୋଗିତା (ବରିଷ୍ଠ)ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିବାରେ ଆଜି ପର୍ଯ୍ୟନ୍ତ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ଏତଦ୍ ବ୍ୟତୀତ ୧୯୬୯ରେ କଟକଠାରେ ଅନୁଷ୍ଠିତ ଜାତୀୟ ଜୁନିୟର (୧୯ ବର୍ଷରୁ କମ୍) ଫୁଟବଲ ପ୍ରତିଯୋଗିତା ଡ. ବିସି ରଏ ଟ୍ରଫିରେ ଓଡ଼ିଶା ଦଳର ସଦସ୍ୟ ଭାବେ ଚାମ୍ପିୟନଶିପ୍ ଟ୍ରଫି (ସ୍ୱର୍ଣ୍ଣ ପଦକ) ହାସଲ କରିବାରେ ସଫଳ ହୋଇଥିଲେ।

କ୍ରୀଡ଼ା କ୍ଷେତ୍ରରେ ସଫଳତାର ଶୀର୍ଷରେ ପହଞ୍ଚିବା ପରେ ଜଣେ ତାଲିମପ୍ରାପ୍ତ ପ୍ରଶିକ୍ଷକ ଭାବେ ରାଜ୍ୟ ପାଇଁ ତାଙ୍କର ବିଶେଷ ଅବଦାନ ରହିଛି। ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟରେ କ୍ରୀଡ଼ା ବିଭାଗର ଅଧିକାରୀ ଭାବେ ସେ ବହୁ ଯୁବ ପ୍ରତିଭାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ଏକାଧିକ ଜାତୀୟ, ଅନ୍ତର୍ଜାତୀୟ ଏବଂ ଅଲିମ୍ପିଆନ୍ସ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ଦ୍ୱାରା ପ୍ରଶିକ୍ଷିତ ପ୍ରସିଦ୍ଧ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅଛନ୍ତି ଅଲିମ୍ପିଆନ ରଚିତା ପଣ୍ଡା (ମିସ୍ତ୍ରୀ), ଅନୁରାଧା ବିଶ୍ୱାଳ ଏବଂ ଆହୁରି ଅନେକ। ୧୯୯୬ 'ସାଫ' କ୍ରୀଡ଼ା ପାଇଁ ଭାରତୀୟ ଆଥ୍ଲେଟିକ୍ସ ଦଳର (ହର୍ଡଲ୍ସ ଓ ରିଲେ) ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିବା ପଞ୍ଚାନନ ୮୦ ଏବଂ ୯୦ ଦଶକରେ ପ୍ରାୟ ୧୦ ଥର ଭାରତୀୟ ପ୍ରଶିକ୍ଷଣ ଶିବିରରେ ମଧ୍ୟ ତାଲିମ ପ୍ରଦାନ କରିଥିଲେ।

**ପୁରସ୍କାର ଓ ସମ୍ମାନ:** ୨୦୦୪ରେ ଶ୍ରେଷ୍ଠ ପ୍ରଶିକ୍ଷକଭାବେ ରାଜ୍ୟ ସରକାରଙ୍କ ଦ୍ୱାରା (କ୍ରୀଡ଼ା ବିଭାଗ) ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିବା ପଞ୍ଚାନନ ୨୦୧୭ରେ "କ୍ରୀଡ଼ା ପ୍ରତି ଜୀବନ ବ୍ୟାପୀ ଅବଦାନ" ପାଇଁ ସେହି ପୁରସ୍କାରରେ ଆଉଥରେ ସମ୍ମାନିତ ହୋଇଥିଲେ। ୨୦୧୯ରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ ଦ୍ୱାରା "ଜୀବନ ବ୍ୟାପୀ କ୍ରୀଡ଼ା ପାଇଁ ସେବା" ପୁରସ୍କାର ହାସଲ କରିଥିଲେ।

୨୦୦୯ରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର କ୍ରୀଡ଼ା ବିଭାଗର ମ୍ୟାନେଜର ପଦବୀରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ପଞ୍ଚାନନଙ୍କ ଏହି ପରିଣତ ବୟସରେ କ୍ରୀଡ଼ା ପ୍ରତି ଥିବା ଆନ୍ତରିକତା, ଆବେଗ ଏବଂ ଭଲପାଇବା ଅତୁଟ ରହିଛି ଏବଂ ଏବେ ମଧ୍ୟ କ୍ରୀଡ଼ା ପ୍ରତିଭାମାନଙ୍କୁ ଦିଗ୍‌ଦର୍ଶନ ଦେବା ସହିତ ପ୍ରଶିକ୍ଷଣ ପ୍ରଦାନ ଜାରି ରଖିଛନ୍ତି।

## ଅବସର

ଚବିଶ ବର୍ଷରେ ପନ୍ଦରଶହ ମ୍ୟାଚ
ସୁଇଜରଲାଣ୍ଡର ହିରୋ
ଦେଶର ସେ ଆଜି ଗର୍ବ ଓ ଗୌରବ
କିମ୍ବଦନ୍ତୀ ଫେଡରର
ଟେନିସରୁ ଅବସର
ନେଇ କହେ କ୍ରୀଡ଼ା ମୈଦାନରେ
ଫ୍ୟାନ
ଶକ୍ତି ଓ ସାହସ ମୋର।

ହକି ଇଣ୍ଡିଆର ଫାବ୍-ଥ୍ରୀ ଓଡ଼ିଆ
ତାରକା ମେଣ୍ଟକୁ ଧକ୍କା
ଲିଲିମା, ଟପ୍ପୋଙ୍କ ଅବସର ପରେ
ଏକା ଦୀପ୍‌ଗ୍ରେସ୍ ଏକ୍କା
ନମିତାଙ୍କ କଥା ପକା
ଭାରତୀୟ ଜର୍ସି ପିନ୍ଧି ଖେଳିବାଟା
କହେ ଶେଷ ସ୍ମୃତି ଲେଖା।

ଟିମ୍ ଇଣ୍ଡିଆର ରବିନ ଉଥପ୍ପା
କୋଡ଼ିଏ ବରଷ ଖେଳି
କ୍ରିକେଟକୁ ଅଲ୍‌ବିଦା କରିଅଛି
ଦେଶପ୍ରେମୀ ପାଇଁ ତାଳି
ଅବସର କାର୍ଯ୍ୟ କଳି
ଦେଶର ସମ୍ପତ୍ତି ହଡପକାରୀଙ୍କୁ
ଫାଶୀ ହେଉ ଅବା ଗୁଳି।

-ସୁବାସଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ସେପ୍ଟେମ୍ବର ୨୩/୨୦୨୨ Sambalpur, Friday, September 23/ 2022

# ଦ୍ୱିତୀୟ ଟି୨୦ ଖେଳିପାରନ୍ତି ବୁମରା

**ନାଗପୁର, ୨୨।୯ (ପି.ଟି.)**

ଟି୨୦ ବିଶ୍ୱକପ୍‌କୁ ଏକ ମାସରୁ କମ୍ ସମୟ ରହିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ୍ ଖେଳୁଛି ଭାରତ। ଭାରତୀୟ ବୋଲିଂ ଲାଇନ ଅପ୍ ତଥା ବିଶେଷ ଭାବରେ ଭାରତୀୟ ଡେଥ୍ ବୋଲିଂ ଚିନ୍ତାର କାରଣ ପାଲଟିଛି। ମୋହାଲିରେ ଖେଳା ଯାଇଥିବା ପ୍ରଥମ ଟି୨୦ରେ ଭାରତୀୟ ବ୍ୟାଟରମାନେ ୨୦୮ ରନ କରିଥିବା ବେଳେ ବୋଲରଙ୍କ ପ୍ରଦର୍ଶନ ଅତ୍ୟନ୍ତ ଦୟନୀୟ ରହିଥିଲା। ନାଗପୁରର ଭିସିଏ ଷ୍ଟାଡିୟମରେ ଦ୍ୱିତୀୟ ମ୍ୟାଚ ଖେଳାଯିବାକୁ ଥିବା ବେଳେ ଏହି ମ୍ୟାଚକୁ ଜିତି ସିରିଜକୁ ଜୀବନ୍ତ ରଖିବାକୁ ପ୍ରୟାସ କରିବ ଭାରତୀୟ ଦଳ। ତେବେ ସିରିଜ ଜୀବନ୍ତ ରଖିବା ଅପେକ୍ଷା ବିଶ୍ୱକପ୍ ପାଇଁ ଉପଯୁକ୍ତ ଏକାଦଶ ଚୟନ କରିବା ଭାରତ ପାଇଁ ଚିନ୍ତାର ବିଷୟ ପାଲଟିଛି। ବୁମରାଙ୍କ ଅନୁପସ୍ଥିତିରେ ଭାରତୀୟ ବୋଲିଂ ଆକ୍ରମଣ ଦନ୍ତହୀନ ବାଘପରି ମନେହେଉଛି। ଇଂଲଣ୍ଡ ଗସ୍ତ ପରଠାରୁ ଖେଳି ନ ଥିବା ବୁମରାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ପ୍ରଥମ ଟି୨୦ ପାଇଁ ଦଳରେ ସାମିଲ କରି ନ ଥିଲା। ଭାରତୀୟ ଦଳର ଏହି ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରି ଦେଇଥିଲା। ବୁମରା ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି କି ନାହିଁ ତାହା ଉପରେ ଏବେ ବି ପ୍ରଶ୍ନବାଚୀ ରହିଛି। ମୋହାଲିର ହାଇ ସ୍କୋରିଂ ମ୍ୟାଚରେ ଭାରତୀୟ ପେସ ବୋଲର ୧୬ ଓଭରରେ ୧୫୦ ରନ୍ ବ୍ୟୟ କରିଥିଲେ। ଅନୁଭବୀ ପେସର ଭୁବନେଶ୍ୱର କୁମାରଙ୍କ ଫର୍ମ ଭାରତ ମୁଣ୍ଡବିନ୍ଧାର ଆଉ ଏକ କାରଣ ପାଲଟିଛି। ଗତ ୩ଟି ମ୍ୟାଚରେ ଭୁବନେଶ୍ୱର ୧୯ ତମ ଓଭରରେ ମହଙ୍ଗା ସାବ୍ୟସ୍ତ ହେବାରେ ଲାଗିଛନ୍ତି। ଡେଥ୍ ଓଭରରେ ଭୁବନେଶ୍ୱରଙ୍କ ଖରାପ ବୋଲିଂ ସହିତ ପ୍ରତ୍ୟାବର୍ତ୍ତନ କରିଥିବା ଡେଥ୍ ଓଭର ସ୍ପେଶାଲିଷ୍ଟ ହର୍ଷଲ ପଟେଲ ମହଙ୍ଗା ସାବ୍ୟସ୍ତ ହେବା ଭାରତକୁ ଘାଟାରେ ପକାଇଥିଲା। ବ୍ୟାଟିଂ ଅନୁକୂଳ ପରିସ୍ଥିତିରେ ଭାରତୀୟ ବୋଲର ବିଫଳ ହେବା ଦଳକୁ ଅଡୁଆରେ ପକାଇଛି। ସେହିପରି ଭାରତର ପ୍ରଥମ ପସନ୍ଦର ସ୍ପିନର ରହିଥିବା ୟୁଜବେନ୍ଦ୍ର ଚହଲ ମଧ୍ୟ ଧାରହୀନ ମନେ ହେଉଛନ୍ତି। ଚହଲ ବ୍ୟାଟ୍ସମ୍ୟାନଙ୍କୁ ରୋକିବାରେ ଅସମର୍ଥ ହେଉଥିବା ବେଳେ ବିଗତ କିଛି ମ୍ୟାଚରେ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ରବୀନ୍ଦ୍ର ଜାଡେଜାଙ୍କ ସ୍ଥାନରେ ଦଳରେ ସାମିଲ ହୋଇଥିବା ଅକ୍ଷର ପଟେଲ କିନ୍ତୁ ଚମତ୍କାର ବୋଲିଂ କରିଥିଲେ। ସେହିପରି ପ୍ରଥମ ଟି୨୦ରେ ଭାରତ ଏକାଧିକ କ୍ୟାଚ ହାତଛଡା କରିଥିଲା। କେ. ଏଲ୍. ରାହୁଲ, ଅକ୍ଷର ପଟେଲ ଏବଂ ହର୍ଷଲ ପଟେଲ କ୍ୟାଚ୍ ହାତଛଡା କରିଥିବା ବେଳେ ପୂର୍ବତନ ମୁଖ୍ୟ କୋଚ ରବି ଶାସ୍ତ୍ରୀ ଏହାକୁ ସମାଲୋଚନା ମଧ୍ୟ କରିଥିଲେ। ଟପ୍ ଅର୍ଡର ବ୍ୟାଟିଂରେ ରୋହିତ ଶର୍ମା ଓ ବିରାଟ କୋହଲି ବିଫଳ ହୋଇଥିଲେ ମଧ୍ୟ ରାହୁଲ, ପାଣ୍ଡ୍ୟା ଓ ସୂର୍ଯ୍ୟକୁମାର ଯାଦବ ଆକ୍ରମଣାତ୍ମକ ବ୍ୟାଟିଂ ସହିତ ସ୍କୋର ୨୦୦ ରନ ପାର କରିଥିଲେ। ପ୍ରଥମ ମ୍ୟାଚରେ ଦୀନେଶ କାର୍ତ୍ତିକ ବିଫଳ ହୋଇଥିଲେ ହେଁ ବିଶ୍ୱକପ ପୂର୍ବରୁ ମ୍ୟାନେଜମେଣ୍ଟ ତାଙ୍କୁ ଆଉ ଏକ ସୁଯୋଗ ପ୍ରଦାନ କରିବ। ଅପର ପକ୍ଷରେ ଅଷ୍ଟ୍ରେଲିଆର ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଯୁବ ଖେଳାଳିମାନେ ଭଲ ପ୍ରଦର୍ଶନ କରିଛନ୍ତି। ୱାର୍ନରଙ୍କ ସ୍ଥାନରେ ଖେଳିଥିବା କାମେରନ୍ ଗ୍ରୀନ୍ ପ୍ରଭାବୀ ପ୍ରଦର୍ଶନ କରିଥିବା ବେଳେ ଟିମ୍ ଡେଭିଡ୍ ଓ ମାଥ୍ୟୁ ୱେଡଙ୍କ ପ୍ରଦର୍ଶନ ବେଶ୍ ବଢ଼ିଆ ଥିଲା। ନାଗପୁରର ପିଚ୍ ସାମାନ୍ୟ ଧିମା ରହିଥିବା ବେଳେ ସ୍ଲୋ ବୋଲରଙ୍କୁ ସହାୟତା ମିଳିବ। ସେହିପରି କାକର ପଡିବାର ସମ୍ଭାବନା ଥିବାରୁ ଟସ୍‌ର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିବ।


ଯଶପ୍ରୀତ୍ ବୁମ୍‌ରା

# ବାରବାଟୀରେ ଟିକେଟ ବିକ୍ରି ଆଜିଠୁ

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

**ଭୁବନେଶ୍ୱର,୨୨।୯(ସ୍ପୋର୍ଟ୍ସ ବ୍ୟୁରୋ)**

କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଲିଜେଣ୍ଡ୍ସ ଲିଗ୍ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ୩ଟି ମ୍ୟାଚ ଖେଳାଯିବ। ଏହି ଟୁର୍ନାମେଣ୍ଟ ପାଇଁ ଟିକେଟ ଅନ୍‌ଲାଇନରେ ମିଳୁଥିବା ବେଳେ ଆସନ୍ତା ୨୩ ତାରିଖରୁ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହେବ। ସାଧାରଣ ଦର୍ଶକଙ୍କ ପାଇଁ ୮୪୨୧ଟି ଟିକେଟ ବିକ୍ରି ଲାଗି ରଖାଯାଇଛି। ୨ ନମ୍ବର ଗ୍ୟାଲେରିରେ ୩୭୩୯ ଓ ୪ ନମ୍ବର ଗ୍ୟାଲେରିରେ ୪୨୩୨ ଟିକେଟ ବିକ୍ରି ପାଇଁ ଉପଲବ୍ଧ ରହିଛି। ଏହି ଟିକେଟର ମୂଲ୍ୟ ୩୫୦ ଟଙ୍କା ରଖାଯାଇଛି। ପ୍ରଥମ ମହଲାର କ୍ଲବ ହାଉସ୍ ପାଇଁ ୩୫୦ ଟିକେଟ ରହିଥିବା ବେଳେ ଏହାର ମୂଲ୍ୟ ୧୨୦୦ ଟଙ୍କା ରଖାଯାଇଛି। କର୍ପୋରେଟ ବକ୍ସ ୯ ଓ ୧୦ରେ ୬୦ଟି ଆସନ ଖାଲିଥିବା ବେଳେ ଏହାର ଟିକେଟ ମୂଲ୍ୟ ୪୮୦୦ ଟଙ୍କା ରହିଛି। ଷ୍ଟାଡିୟମର ୧୨ ନମ୍ବର ଗେଟ୍‌ରେ ଏହି ଟିକେଟ ବିକ୍ରି କରାଯିବ। ସକାଳ ୧୦ଟାରୁ ଅପରାହ୍ନ ୫ଟା ଯାଏ କାଉଣ୍ଟରରେ ଟିକେଟ ଉପଲବ୍ଧ ହେବ।

# ଜାଏଣ୍ଟ୍ସ-ଟାଇଗର୍ସ ମୁକାବିଲା ବାତିଲ

**ଭୁବନେଶ୍ୱର, ୨୨।୯, (ସ୍ପୋର୍ଟ୍ସ ବ୍ୟୁରୋ:** ଲିଜେଣ୍ଡ୍ସ ଲିଗ୍ ଟି ୨୦ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ମ୍ୟାଚ ବର୍ଷା କାରଣରୁ ବାତିଲ ହୋଇ ଯାଇଛି। ଗୁଜରାଟ ଜାଏଣ୍ଟ୍ସ ଓ ମଣିପାଲ ଟାଇଗର୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ ବାତିଲ ହୋଇଯାଇଛି। ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚରେ ବର୍ଷା କାରଣରୁ ଟସ୍ ପଡି ପାରିନଥିଲା। ବୀରେନ୍ଦ୍ର ସେହ୍ୱାଗଙ୍କ ନେତୃତ୍ୱାଧୀନ ଗୁଜରାଟ ଜାଏଣ୍ଟ୍ସ ୩ ମ୍ୟାଚରୁ ୨ ବିଜୟ ସହିତ ପଏଣ୍ଟ ଟେବଲ ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ସମାନ ସଂଖ୍ୟକ ମ୍ୟାଚ ଖେଳିଥିବା ହରଭଜନ ସିଂଙ୍କ ମଣିପାଲ ଟାଇଗର୍ସ ଏଯାଏଁ ଗୋଟିଏ ବି ବିଜୟ ହାସଲ କରିପାରିନାହିଁ।

### ଇଣ୍ଡିଆ କ୍ୟାପିଟାଲ୍ସର ପ୍ରଥମ ବିଜୟ

ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟି୨୦ ଟୁର୍ନାମେଣ୍ଟରେ ବୁଧବାର ପ୍ରଥମ ବିଜୟ ହାସଲ କରିଛି ଗୌତମ ଗମ୍ଭୀରଙ୍କ ଇଣ୍ଡିଆ କ୍ୟାପିଟାଲ୍ସ। ଇରଫାନ ପଠାନଙ୍କ ନେତୃତ୍ୱାଧୀନ ଭିଲୱାରା କିଙ୍ଗ୍ସକୁ ୭୮ ରନରେ ପରାସ୍ତ କରି ଦଳ ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।


ଜାତୀୟ ଜୁନିୟର ଥ୍ରୋ ବଲ୍‌ରେ ଭାଗ ନେଇଥିବା ଓଡ଼ିଶା ବାଳିକା ଓ ବାଳକ ଦଳ।

# ବାଳିକା, ବାଳକ ଦଳର ବିଜୟ ଅଭିଯାନ

**ଭୁବନେଶ୍ୱର, ୨୨।୯ (ସ୍ପୋର୍ଟ୍ସ ବ୍ୟୁରୋ):** ତାମିଲନାଡୁର ଡିଣ୍ଡିଗୁଲ୍‌ଠାରେ ଚାଲିଥିବା ୩୨ତମ ଜାତୀୟ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଓ ବାଳକ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ବାଳକ ଦଳ ପୁଲ୍ ସି’ରେ ଉତ୍ତର ପ୍ରଦେଶକୁ ୨-୧ରେ ହରାଇ ଦେଇଛି। ଏହି ପୁଲ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ତାମିଲନାଡୁ, ପଶ୍ଚିମବଙ୍ଗ ଓ ପଣ୍ଡିଚେରୀ। ବାଳିକା ବିଭାଗରେ ଓଡ଼ିଶା ଗ୍ରୁପ୍ ଡି’ରେ ସ୍ଥାନ ପାଇଛି। ଏଥିରେ ଦଳ ଏହାର ଉଦ୍‌ଘାଟନୀ ମ୍ୟାଚରେ ଉତ୍ତର ପ୍ରଦେଶକୁ ହରାଇ ଦେଇଛି। ଗ୍ରୁପ୍ ଡି’ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ଆନ୍ଧ୍ର ପ୍ରଦେଶ, ହରିୟାଣା ଓ ତାମିଲନାଡୁ। ଗୁରୁବାରଠାରେ ଆରମ୍ଭ ହୋଇଥିବା ଏହି ଚାମ୍ପିୟନଶିପ୍ ଆସନ୍ତା ୨୫ ତାରିଖରେ ଉଦ୍‌ଯାପିତ ହେବ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ବାଇକ୍ ଦୁର୍ଘଟଣା, ୩ ଗୁରୁତର**

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥର ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡାଠାରେ ଗୁରୁବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ହୋଇଛନ୍ତି । ଗୁରୁତରମାନେ ହେଲେ ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ଥାନା ଅନ୍ତର୍ଗତ ସରଗୁଲ ଗ୍ରାମର ଜଗଦିଶ ସୁନା(୩୩), ଲୋଇସିଂହା ଥାନା ଖୁଣ୍ଟଲିମୁଣ୍ଡା ଗ୍ରାମର ଅକ୍ଷୟ କୁମାର ଶାହା(୩୩) ଓ ଜିତ ମରାହି(୪୧) । ଖବର ପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନିରଞ୍ଜନ ବିଶି

**ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ଦାବି**

**ଖପ୍ରାଖୋଲ,୨୨।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲାର ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଛି । ଏହାକୁ ତୁରନ୍ତ ପୂରଣ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଚିଠି ଲେଖିଥିବା ଜଣାଯାଇଛି । କିଛିଦିନ ତଳେ ବିଶି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିବା ବେଳେ ବିଶେଷଜ୍ଞ ପଦବୀ ଖାଲିଥିବା ସ୍ଥାନୀୟ ଜନସାଧାରଣ, ପ୍ରେସ କ୍ଲବ ସଦସ୍ୟ ଜଣାଇଥିଲେ । ସରକାରୀ ନିୟମ ଅନୁସାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଷଜ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ଶଲ୍ୟ ବିଶେଷଜ୍ଞ ନିଯୁକ୍ତ ହେବା କଥା । ହେଲେ ବିନା ବିଶେଷଜ୍ଞ ପଦବୀରେ ଚାଲିଛି ଏହି ସ୍ୱାସ୍ଥ୍ୟକେନ୍ଦ୍ର । ଫଳରେ ମ୍ୟାଲେରିଆ ପ୍ରବଣ ଖପ୍ରାଖୋଲ ଅଞ୍ଚଳର ଲୋକେ ବାଧ୍ୟ ହୋଇ ପାଟଣାଗଡ, ବଲାଙ୍ଗୀର, ନୂଆପଡ଼ା, ପଦ୍ମପୁର, ବରଗଡ଼ରେ ଥିବା ଡାକ୍ତରଖାନା ଯାଉଛନ୍ତି । ଏନେଇ ପୂର୍ବରୁ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନି । ସୂଚନାଯୋଗ୍ୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଭେଷଜ ବିଶେଷଜ୍ଞ ନିଯୁକ୍ତ ହୋଇଥିଲେ ମଧ୍ୟ ତାଙ୍କୁ ଚାରିମାସ ହେଲା ଡେପୁଟେଶନରେ ଟିଟିଲାଗଡ ପଠାଯାଇଥିବା ଜଣାଯାଇଛି ।

### ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ

**ଅନୁଦାନ ହେରଫେର ଅଭିଯୋଗ**

**ଲୋଇସିଂହା,୨୨।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରବାହାଲ ପଞ୍ଚାୟତ ଅନ୍ତର୍ଗତ ରାଘୁପଦର ଗ୍ରାମର ଶିବ ମନ୍ଦିର ପୁନରୁଦ୍ଧାର ପାଇଁ ଆସିଥିବା ଅନୁଦାନ ହେରଫେର ହୋଇଥିବା ନେଇ ଗ୍ରାମବାସୀ ଗୁରୁତର ଅଭିଯୋଗ କରିଛନ୍ତି । ଏହି ଘଟଣାର ପ୍ରଶାସନିକ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ଗୁରୁବାର ବିଡିଓ ବିଜୟ କୁମାର ହୋତାଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ ଏନେଇ ବିଡିଓଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇ ଗ୍ରାମବାସୀ ନିରାଶ ହୋଇଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାଘୁପଦର ଗ୍ରାମର ଶିବ ମନ୍ଦିର ପୁନରୁଦ୍ଧାର ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ଏସପିଏଫ ପାଣ୍ଠିରୁ ୨ ଲକ୍ଷ ଅନୁଦାନ ମିଳିଥିଲା । ତେବେ ଏହି ଅନୁଦାନ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ଗ୍ରାମର ବୈଠକ ବସିଲା ପରେ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ପାଇଁ ନିଷ୍ପତ୍ତି ହୋଇଥିଲା । ଏହି କ୍ରମରେ ଯୁବନେତା ଅନନ୍ତ ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଭାରପ୍ରାପ୍ତ ବିଡିଓ ହୋତା କହିଛନ୍ତି, ଦୁଇଜଣ ୨ଟି ଭିନ୍ନ କାମ କରିଥିଲେ । ଜଣେ ତାଙ୍କର ବିଲ୍ ନେଇଛନ୍ତି । ଅନ୍ୟ ଜଣେ ମଧ୍ୟ ପାଇବେ । କୌଣସି ଅନୁଦାନ ହେରଫେର ହୋଇନାହିଁ ।

# ସ୍ମାର୍ଟ କ୍ଲାସରେ ସାଉଣ୍ଡ ଶୁଣିପାରୁନାହାନ୍ତି ଛାତ୍ରୀଛାତ୍ର

**ଲାଠୋର,୨୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର,ମାଲପଡ଼ା ଏବଂ ବେନ୍ଦେର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ସ୍ମାର୍ଟ କ୍ଲାସ ରୁମରେ ସାଉଣ୍ଡ ସିଷ୍ଟମର ସୁବିଧା ଏଯାବତ୍ କରାଯାଇନାହିଁ । ଫଳରେ ଶିକ୍ଷା ଗ୍ରହଣ କଲା ବେଳେ ନା ନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି । ଲାଠୋର ଦୁର୍ଗେଶ୍ୱରୀ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ୧୨୫ ଏବଂ ଦଶମ ଶ୍ରେଣୀରେ ୧୨୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସେହିପରି ମାଲପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବମ ଶ୍ରେଣୀରେ ୧୨୬ ଏବଂ ଦଶମ ଶ୍ରେଣୀରେ ୧୪୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ବେନ୍ଦେର ସରକାରୀ ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ୩୯ ଏବଂ ଦଶମ ଶ୍ରେଣୀରେ



ମାଲପଡା ବିଦ୍ୟାଳୟରେ ଜଣେ ଶିକ୍ଷକ ଡିଜିଟାଲ ମାଧ୍ୟମରେ ପିଲାଙ୍କୁ ଶିକ୍ଷାଦାନ ଦେଉଛନ୍ତି ।

୨୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଏହି ତିନି ଗୋଟି ବିଦ୍ୟାଳୟରେ ସର୍ବମୋଟ ୫୮୭ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ତିନୋଟି ବିଦ୍ୟାଳୟର ପ୍ରତି ଶ୍ରେଣୀରେ ପିଲା ସଂଖ୍ୟା ଅଧିକ ରହିଥିବା ବେଳେ ସେକସନର ବ୍ୟବସ୍ଥା ନ ଥିବା ହେତୁ ଗୋଟିଏ କୋଠରୀରେ ସଂଖ୍ୟାଧିକ ପିଲା ବସି ପାଠ ପଢୁଛନ୍ତି । ସଂପୃକ୍ତ ବିଦ୍ୟାଳୟ ଗୁଡ଼ିକ ସରକାରଙ୍କ ୫-ଟି ଯୋଜନାରେ ସାମିଲ ହୋଇଥିବା ଯୋଗୁ ପିଲା ମାନେ ଡ଼ିଜିଟାଲ ମାଧ୍ୟମରେ ଶିକ୍ଷା ଗ୍ରହଣ କରୁଛନ୍ତି । ହେଲେ ସାଉଣ୍ଡ ସିଷ୍ଟମ ସଂପୃକ୍ତ ବିଦ୍ୟାଳୟ ଗୁଡିକରେ ନ ଥିବା ଯୋଗୁ ଶିକ୍ଷକମାନେ ପାଠ ପଢାଇବା ସମୟରେ ଯାହା କହୁଛନ୍ତି ତାହା ପଛରେ ବସୁଥିବା ଛାତ୍ରୀଛାତ୍ର ଶୁଣି ପାରୁନାହାନ୍ତି । ୫-ଟି ଯୋଜନା ମାଧ୍ୟମରେ ସାଉଣ୍ଡ ସିଷ୍ଟମ ଉପଲବ୍ଧ କରିବାର ବ୍ୟବସ୍ଥା ରହିଥିଲେ ହେଁ ଅଦ୍ୟାବଧି ସାଉଣ୍ଡ ସିଷ୍ଟମ କରାଯାଇ ନ ଥିବା ବିଦ୍ୟାଳୟ କର୍ତ୍ତୃପକ୍ଷମାନେ ପ୍ରକାଶ କରିଛନ୍ତି । ଏନେଇ ଖପ୍ରାଖୋଲ ବିଡ଼ିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରେ ଯେଉଁଠାରେ ଏପରି ସମସ୍ୟା ରହିଛି, ସେମାନେ ଆମକୁ ପ୍ରସ୍ତାବ ଦେଲେ ଆମେ ଉପରିସ୍ଥ ଅଧିକାରୀଙ୍କୁ ପଠାଇ ସମସ୍ୟାର ସମାଧାନ କରିବୁ ବୋଲି କହିଥିଲେ ।

# ୫-ଟିରେ ସାମିଲ ହେଲା ୮ ସ୍କୁଲ



ଭର୍ଚୁଆଲ ମୋଡ଼ରେ ଆଲୋଚନା କରୁଛନ୍ତି ୫-ଟି ସଚିବ ।

**ସଇଁତଲା,୨୨।୯(ଡି.ଏନ.ଏ.)**

**ସଇଁତଲା ବ୍ଲକ**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଗୋଟି ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇ ତାର ରୂପାନ୍ତରଣ କାମ ହୋଇଥିବା ବେଳେ ଗୁରୁବାର ବ୍ଲକର ୮ଟି ସ୍କୁଲକୁ ୫-ଟିରେ ସାମିଲ କରାଯାଇଛି । ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡ଼ିଓ ଚନ୍ଦ୍ରମଣି ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭର୍ଚୁଆଲ ସଭାରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଯୋଗଦେଇ ଛାତ୍ରୀଛାତ୍ର ଓ ୮ଟି ସ୍କୁଲର ପ୍ରଧାନଶିକ୍ଷକମାନଙ୍କ ସହ ଆଲୋଚନା କରିଥିଲେ । ଏହି ୮ଟି ସ୍କୁଲ ମଧ୍ୟରେ ଆମ୍ବପାଲି, ଶିଶକେଲା, ରେଙ୍ଗାଲି, କୁଇକେଡ଼ା, ଭଦ୍ରା, କୁଆଁରଗାଁ, ବଡ଼ମାଳ ଓ ଜଲିଆଦର୍ହ ଥିବା ପାଣ୍ଡିଆନ ସୂଚନା ଦେଇଥିଲେ ।

# ଗୋଳାବାରୁଦ କାରଖାନାର ବିସ୍ଥାପିତଙ୍କ ନୂଆଁଖାଇ ଭେଟ୍‌ଘାଟ୍



ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଛି ।

**ସଇଁତଲା,୨୨।୯(ଡି.ଏନ.ଏ.)**

ସଇଁତଲା ବ୍ଲକ ଅନ୍ତର୍ଗତ ବଡ଼ମାଳ ଗୋଳାବାରୁଦ କାରଖାନାସ୍ଥିତ ନାରୀକଟା ଆଇଆରବି ଗୃହରେ ବିସ୍ଥାପିତ କମିଟି ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ସାମୁଏଲ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଭେଟଘାଟ କାର୍ଯ୍ୟକ୍ରମରେ ଗଣ୍ଡପତ୍ରାପାଲି ସରପଞ୍ଚ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । କାରଖାନାର ଅବସରପ୍ରାପ୍ତ କର୍ମଚାରୀ ହରେକୃଷ୍ଣ ବଗର୍ତ୍ତି, ଚନ୍ଦୁଲାଲ ଭୋଇ, ନିରୋଦ ନନ୍ଦ, ତୁଳସୀଦାସ ମହାନନ୍ଦ, ଭାଗବତିଆ ପଟେଲ, ଗୋଦାବରୀ ଭୋଇ, ପଞ୍ଚା ମୁନା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାରଖାନା ତିଆରି ସମୟରେ ଅଞ୍ଚଳରେ ବସବାସ କରୁଥିବା ବାସିନ୍ଦାମାନଙ୍କୁ କାରଖାନାରେ ନିଯୁକ୍ତି ପ୍ରଦାନ କରାଯିବାର ପ୍ରତିଶ୍ରୁତି କେନ୍ଦ୍ର ଓ ରାଜ୍ୟ ସରକାର ଦେଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ବହୁ ବିସ୍ଥାପିତ କାରଖାନାରେ ନିଯୁକ୍ତି ପାଇନାହାନ୍ତି । ସେମାନେ କିଭଳି ଭାବରେ କାରଖାନାରେ ନିଯୁକ୍ତି ପାଇପାରିବେ ସେ ନେଇ ଅତିଥିମାନେ କହିଥିଲେ । ଏହି ଅବସରରେ କାରଖାନାର ୫୦ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ କମିଟି ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅବିନାଶ ନନ୍ଦ ପରିଚାଳନା କରିଥିଲେ । ସମ୍ପାଦକ ରଞ୍ଜନ ବଗର୍ତ୍ତି, ଜିତେନ୍ଦ୍ର ମହାନନ୍ଦ, ଇଶ୍ୱର ହରପାଲ, ସୁରେନ୍ଦ୍ର ମହାନନ୍ଦ, ରାଜୀବ ଭୋଇ, ସନ୍ତୋଷ ଭୋଇ, ତରଣୀସେନ ବାଗ, ଜୟକୃଷ୍ଣ ସାଏ, ଆସ୍ଥା ଗହୀର, ବଳଦେବ ବାରିକଙ୍କ ସମେତ ଶତାଧିକ ବିସ୍ଥାପିତ ଉପସ୍ଥିତ ଥିଲେ ।

## ଶାଗୁଆନ କାଠ ଜବତ, ବୋଲେରୋ ସହ ୩ ଗିରଫ

**ସିନାପାଲି,୨୨।୯(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ତାଲାକୋଟ ଗ୍ରାମରେ ସାଗୁଆନ କାଠ ଚୋରା ଚାଲାଣ ହେଉଥିବା ବେଳେ ସିନାପାଲି ବନ ବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଚଢାଉ କରି ଶାଗୁଆନ କାଠ ଜବତ କରିଛି । ଏଥିସହ ଏକ ବୋଲେରୋ ସହ ୩ଜଣଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ତାଲାକୋଟ ଗ୍ରାମର ଅଖିଳ ଚିନ୍ଦା (୩୫) ଓ କୁସୁମଯୋର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାଗ (୪୦) ଏବଂ ଗୋପୀନାଥ ରାଉତ (୩୯) । ଗୁରୁବାର ବନ ବିଭାଗ ଏକ ମାମଲା (ନଂ. ୧୫୬/୨୨) ରୁଜୁ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ ବୁଧବାର ରାତି ପ୍ରାୟ ୩ଟାରେ ତାଲାକୋଟ ଗ୍ରାମରେ ଏକ ବୋଲେରୋ (ନଂ.ଓଆର୦୫ଏୟୁ-୯୪୨୨) ଯୋଗେ ଶାଗୁଆନ କାଠ ଚୋରା ଚାଲାଣ ହେଉଥିଲେ । ବିଶେଷ ସୂତ୍ରରୁ ଖବର ସିନାପାଲି ବନ ବିଭାଗ ସେହି ସ୍ଥାନରେ ଚଢାଉ କରିଥିଲା । ଉକ୍ତ ସ୍ଥାନରୁ ଶାଗୁଆନ କାଠ, ବୋଲେରୋ ଓ ୩ଜଣଙ୍କୁ ଗିରଫ କରିଥିଲା । ଚଢାଉରେ ଖଡିଆଳ ଏସିଏଫ ଶିବ ପ୍ରସାଦ ରଥ, ସିନାପାଲି ବନାଞ୍ଚଳ ଅଧିକାରୀ ମୁରାରୀ ପ୍ରସାଦ ପଣ୍ଡା, ଫରେଷ୍ଟର ଖଗେଶ୍ୱର ମାଝି, ତ୍ରିବିକ୍ରମ ନାଏକଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ ।

# ବିଭିନ୍ନ ସମସ୍ୟା ନେଇ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଫେରାଦ

**ଲୋଇସିଂହା,୨୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ନା ନା ଅବ୍ୟବସ୍ଥା ମଧ୍ୟ ଦେଇ ଗତି କରୁଛି । ବିଦ୍ୟାଳୟରେ ଛାତ୍ରୀଛାତ୍ର ତୁଳନାରେ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇ ପଡିଛି । ଏତଦବ୍ୟତୀତ ସ୍କୁଲରେ ବିବିଧ ସମସ୍ୟା ଲାଗି ରହିଥିବାରୁ ଅଭିଭାବକ ଓ ପରିଚାଳନା କମିଟି ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଆବଶ୍ୟକ ଶିକ୍ଷକ ନିଯୁକ୍ତି ଓ ଅବ୍ୟବସ୍ଥା ଦୂର ପାଇଁ ଏକ ପ୍ରତିନିଧି ଦଳ ଗୁରୁବାର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା ବେହେରାଙ୍କୁ ସମସ୍ୟା ଜଣାଇବାକୁ ଆସିଥିଲେ । ହେଲେ ବିଇଓଙ୍କ ଅନୁପସ୍ଥିତିରେ ଏବିଓ ବ୍ୟାସଦେବ ରାଏଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଯଥାଶୀଘ୍ର ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି । ସୂଚନାଯୋଗ୍ୟ, ଯୋଗୀସର୍ଡା ପଞ୍ଚାୟତ ସଦର ଗାଁରେ ୧୮୮୯ ଡିସେମ୍ବରରେ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୮୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଶିକ୍ଷାଦାନ ପାଇଁ ପ୍ରଧାନଶିକ୍ଷକ ସମେତ ୨ ଜଣ ଶିକ୍ଷକ ନିୟୋଜିତ ଅଛନ୍ତି । ଅବସ୍ଥାପିତ ସହକାରୀ ଶିକ୍ଷକ ଜଣକ ମଧ୍ୟ ଅନ୍ୟ ସ୍କୁଲରୁ ଡେପୁଟେଶନରେ ଆସିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । କହିବାକୁ ଗଲେ ଜଣେ ମାତ୍ର ପ୍ରଧାନଶିକ୍ଷକ ବିଦ୍ୟାଳୟରେ ଅବସ୍ଥାପିତ ଅଛନ୍ତି । ପ୍ରଧାନ ଶିକ୍ଷକ ସ୍କୁଲ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଜଣେ ସହକାରୀ ଶିକ୍ଷକ ୫ଟି ଶ୍ରେଣୀର ପିଲାଙ୍କୁ ପାଠ ପଢାଇବା ସମ୍ଭବ ହେଉନାହିଁ । ବିଭାଗୀୟ କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ଅବଗତ ଥାଇ ସୁଦ୍ଧା ବିହିତ ପଦକ୍ଷେପ ଗ୍ରହଣ କରୁନାହାନ୍ତି । ପିଲାମାନେ ସ୍କୁଲକୁ ଯାଇ ଖେଳ କୁଦରେ ମାତିବା ଏବଂ ମଧ୍ୟାହ୍ନ ଭୋଜନ ଖାଇବା ସାର ହେଉଛି । ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାଛଡା ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ ସାଙ୍ଗକୁ ପାଚେରି ନ ଥିବାରୁ ବୁଲା ଗାଇଗୋରୁ ଏବଂ କୁକୁରଙ୍କ ଅବାଧ ପ୍ରବେଶ ଲାଗି ରହିଛି । ରକ୍ଷଣାବେକ୍ଷଣ ଅଭାବରୁ କେତେକ ଶ୍ରେଣୀଗୃହ ଶୋଚନୀୟ ହୋଇ ପଡ଼ିଛି । ସ୍କୁଲ ପଛପଟେ ଅନାବନା ଘାସ ମାଡି ଯାଇଛି । ସାପ ଭୟ ଲାଗି ରହିଛି । ଅନେକ ସମୟରେ ଶିକ୍ଷା ବିଭାଗ, ଜିଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରି ସୁଫଳ ମିଳି ପାରିନାହିଁ । ସର୍ବପୁରାତନ ଉକ୍ତ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ଦିଗରେ ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ଆନ୍ତରିକତା ପ୍ରକାଶ ନ କରିବା ବିଡମ୍ବନା ବୋଲି ବୀରବର ପଧାନ,ସାନନ୍ଦ ସାହୁ,ଜଗନ୍ନାଥ ନାଏକ, ବୈକୁଣ୍ଠ ମହାକୁର, ନରସିଂ ମେଶ୍ରା, ଚତୁର ମୁଖ ବଗର୍ତ୍ତି, ୱାର୍ଡସଭ୍ୟ ସୁଶୀଲ ଦୀପ, ମହାଦେବ ପଧାନ ପ୍ରମୁଖ ଅଭିଭାବକ ଓ ଗ୍ରାମବାସୀ କହିଛନ୍ତି ।



ସ୍କୁଲ ଗେଟ ଏବଂ ବିଇଓଙ୍କ ନିକଟରେ ଫେରାଦ ପାଇଁ ଆସିଥିବା ଅଭିଭାବକ ।

# ଆତ୍ମା ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା

**ସଇଁତଲା,୨୨।୯(ଡି.ଏନ.ଏ.)**

ସଇଁତଲା ବ୍ଲକ କୃଷି କାର୍ଯ୍ୟାଳୟଠାରେ ଆତ୍ମାର ଅଧ୍ୟକ୍ଷ ହେମନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟଅତିଥି ଭାବରେ ବିଡ଼ିଓ ଚନ୍ଦ୍ରମଣୀ ନାଗ ଯୋଗ ଦେଇଥିଲେ । ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସବିତା ଦାଶ, ଉଦ୍ୟାନ ସଂପ୍ରସାରଣ ଅଧିକାରୀ ଦେବବ୍ରତ ନାଏକ, ବିଏଲସି ସୁଧାଂଶୁ ବଛା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଅତିଥିମାନେ



ବିଡିଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି ।

ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବ୍ଲକର ରାଧାକୃଷ୍ଣ ସ୍ୱୟଂ ସହାୟକ ଗୋଷ୍ଠୀ, ରାମଜୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୦ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଥିଲା ।

## ଜାତୀୟ କୁଷ୍ଠ ରୋଗ ନିରାକରଣ କାର୍ଯ୍ୟକ୍ରମ

**ଖଡ଼ିଆଳ,୨୨।୯(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅମଲାପାଲିସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ଜାତୀୟ କୁଷ୍ଠ ରୋଗ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କେନ୍ଦ୍ରଠାରେ ଚିହ୍ନଟ ଓ ମାଗଣା ଔଷଧ ବଣ୍ଟନ କାର୍ଯ୍ୟକ୍ରମ ମଧ୍ୟ ହୋଇଛି । ଶିବିରରେ ଡ଼ା. ସଙ୍ଘମିତ୍ରା ବାବୁ ଯୋଗଦେଇଥିବା ବେଳେ ସ୍ୱାସ୍ଥ୍ୟ ସୁପରଭାଇଜର ଜ୍ୟୋତିର୍ମୟୀ ସେନାପତିଙ୍କ ତ୍ତ୍ୱବଧାନରେ ଅନୁଷ୍ଠିତ ହୋଇଛି । ଜିଲା ସଂଯୋଜକ ରୂପେଶ ଭୋଇ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ନିରଞ୍ଜନ ମାଝି, ସ୍ୱର୍ଣ୍ଣଲତା ବେହେରା, ସୁଲୋଚନା ସ୍ୱାଇଁ, ବି.ରବି ପ୍ରମୁଖ ଯୋଗଦେଇଥିଲେ ।

# ରତନପୁରରେ ସ୍ୱଚ୍ଛତା ହିଁ ସେବା ଅଭିଯାନ

**ଦେଓଗାଁ,୨୧।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଗାଇବାହାଲ ପଞ୍ଚାୟତ ରତନପୁରରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆରଡବ୍ଲୁଏସଏସ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ରାମଦତ୍ତ ଭୋଇ ଯୋଗଦେଇ ସ୍ୱଚ୍ଛତା ହିଁ ସେବାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଗଛ ଲଗାଇବା ନିତାନ୍ତ ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ । ଗାଁରେ ସ୍ୱଚ୍ଛତା ଉପରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ବୃକ୍ଷରୋପଣ ମଧ୍ୟ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଆରଏସ ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଏମବିକେ, ସିଆରପି ତଥା ଗାଁର ଯୁବଗୋଷ୍ଠୀ ଉପସ୍ଥିତ ଥିଲେ ।



ରତନପୁରରେ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ ।

**୪୨ ବର୍ଷରେ ଗାନ୍ଧୀନଗରପଡା ଦୁର୍ଗାପୂଜା**

# ନବରାତ୍ର ପୂଜା ଉପରେ ଗୁରୁତ୍ୱାରୋପ

**ବଲାଙ୍ଗୀର ଅଫିସ, ୨୨।୯**

ବଲାଙ୍ଗୀର ଗାନ୍ଧୀନଗରପଡା ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୪୨ ବର୍ଷରେ ପଦାର୍ପଣ କରିଛି । ଏବର୍ଷ ଦୁର୍ଗାପୂଜା କମିଟି ପକ୍ଷରୁ ନବରାତ୍ର ଦୁର୍ଗାପୂଜା କରାଯିବ । ଏନେଇ ସମସ୍ତ ପ୍ରସ୍ତୁତି ସରିଛି । ଆସନ୍ତା ୨୬ ତାରିଖରେ କମିଟି ପକ୍ଷରୁ କଳସ ଶୋଭାଯାତ୍ରା ଓ ମୃଣ୍ମୟୀ ଦେବୀଙ୍କ କଳସାଧିବାସ ଆୟୋଜନ କରାଯିବ । ସେହିଦିନରୁ ଦେବୀଙ୍କ ଶୈଳପୁତ୍ରୀ ପୂଜା ଓ ଚଣ୍ଡୀପାଠ କରାଯିବ । ଏହି ଦିନ କମିଟି ପକ୍ଷରୁ ପ୍ରଦୀପ ବେହେରା ଓ ପ୍ରଭାତୀ ବେହେରା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇବେ । ୨୭ ତାରିଖରେ ବ୍ରହ୍ମଚାରିଣୀ ପୂଜା କରାଯିବ । ସୁଶାନ୍ତ ପୁରୋହିତ ଏବଂ ଅନିତା ଶତପଥୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇବେ । ୨୮ରେ ଚନ୍ଦ୍ରଘଣ୍ଟା ପୂଜାରେ ଲକ୍ଷ୍ମୀଧର ନାୟକ ଏବଂ ସ୍ନେହମଞ୍ଜରୀ ନାୟକ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିବେ । ସେହିପରି ୨୯ରେ କୁଷ୍ମାଣ୍ଡା ଦେବୀ ପୂଜାରେ କିଶୋର ଦଣ୍ଡସେନା ଏବଂ ରୂପକାନ୍ତି ମଲ୍ଲିକ, ୩୦ରେ ସ୍କନ୍ଦମାତା ଦେବୀ ପୂଜା ଥବୀର ସେଲମା ଏବଂ ଟିକେଶ୍ୱର ସେଲମା, ଅକ୍ଟୋବର ୧ ତାରିଖରେ କାତ୍ୟାୟନୀ ଦେବୀ ପୂଜା ଜ୍ଞାନମଞ୍ଜରୀ ଦର୍ଜୀ ଏବଂ ଅଞ୍ଜନିତାପସୀ ମଞ୍ଜରୀ ଦର୍ଜୀ, ୨ ତାରିଖ ମହାସପ୍ତମୀ ତିଥିରେ କାଳରାତ୍ରୀ ପୂଜାରେ ଘନଶ୍ୟାମ ସାହୁ ଓ ସୁଜାତା ସାହୁ, ୩ରେ ମହାଗୌରୀ ଦେବୀ ପୂଜାରେ ଦୁର୍ଜନ ବନ୍‌ଗୋଲା ଏବଂ ସଶୋବନ୍ତୀ ବନ୍‌ଗୋଲା ଏବଂ ୪ ତାରିଖ ସିଦ୍ଧିଦାତ୍ରୀ ଦେବୀ ପୂଜାରେ ପ୍ରଦୀପ ମହାପାତ୍ର ଏବଂ ରୁବିତା ମହାପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇବେ । ୫ ତାରିଖ ମହାଦଶମୀ ପୂଜା ଅନୁଷ୍ଠିତ ହେବ । ଚଳିତବର୍ଷ ନବରାତ୍ର ପୂଜା ଉପରେ ଗୁରୁତ୍ୱ ଦିଆଯାଉଛି । ସମ୍ବଲପୁରର ଆଚାର୍ଯ୍ୟ ବଂଶୀଧର ମିଶ୍ର ମୁଖ୍ୟ ପୂଜକ ଭାବେ ଯୋଗଦେବେ । ସହଯୋଗୀ ପଣ୍ଡିତ ଭାବେ ବରଗଡ ଜିଲା ଅତାବିରାର ଜିତେନ୍ଦ୍ର ମିଶ୍ର ଓ ସାଥୀ ଯୋଗଦାନ କରିବେ । କୋଭିଡ ମହାମାରୀ ପରେ ସାର୍ବଜନୀନ ଦୁର୍ଗାପୂଜା ଆୟୋଜନ କରାଯାଉଥିବାରୁ ଚଳିତବର୍ଷ ପୂଜା ଉପରେ ଗୁରୁତ୍ୱ ଦିଆଯାଇଛି । ଏବର୍ଷ ଦୁର୍ଗାପୂଜା ପାଇଁ ୭ ଲକ୍ଷ ଟଙ୍କା ବଜେଟ କରାଯାଇଛି । ଆକର୍ଷଣୀୟ ମେଢ଼ ଓ ସାଜସଜ୍ଜା ପାଇଁ ବଲାଙ୍ଗୀରର ମା’ ଟେଣ୍ଟ, ଭୋଲା ଲାଇଟ୍ ପକ୍ଷରୁ ଆଲୋକ ସାଜସଜ୍ଜା କରାଯାଉଛି । ପଦ୍ମପୁର ନିକଟ ଲୁହାସିଂହାର ରବି ରଣା ଏବଂ ନରସିଂହ ରଣା ମୃଣ୍ମୟୀ ମୂର୍ତ୍ତି ଗଢୁଛନ୍ତି । ଦହିତା ଗ୍ରାମର ଦେବାନନ୍ଦ ବେହେରା ଏବଂ ପବିତ୍ର ମେହେର ପରଭା ପ୍ରସ୍ତୁତିରେ ଲାଗିଛନ୍ତି । ନବରାତ୍ର ପୂଜା ପାଇଁ ସମସ୍ତ କାର୍ଯ୍ୟକ୍ରମ ଜୋରସୋରରେ ଚାଲିଛି । ଦୁର୍ଗା ପୂଜା କମିଟି ସଭାପତି କିଶୋର ଦଣ୍ଡସେନା, ଉପସଭାପତି ପ୍ରଶାନ୍ତ ସେଠ, ସେକ୍ରେଟେରୀ ପ୍ରଦୀପ ମହାପାତ୍ର, ସାଙ୍ଗଠନିକ ସମ୍ପାଦକ ଥବୀର ସେଲମା, କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ମେହେର ଦାୟିତ୍ୱ ତୁଲାଉଛନ୍ତି । କାର୍ଯ୍ୟକାରୀ କମିଟିରେ ଗିରିଧାରୀ ସାହୁ, ପ୍ରକାଶ କାଶ୍ୟପ, ଶୁଭେନ୍ଦୁ ସାହୁ, ପ୍ରମୋଦ ମହାପାତ୍ର, ଆନନ୍ଦ ବଗର୍ତ୍ତୀ, ଲକି ବେହେରା, ଦାରାସିଂହ ଘିବେଲା ସଦସ୍ୟ ଭାବେ ମନୋନୀତ ହୋଇ ଦାୟିତ୍ୱ ତୁଲାଉଛନ୍ତି । ଦରଦାମ ବୃଦ୍ଧି ଏବଂ କୋଭିଡ ମହାମାରୀ କାରଣରୁ ଚଳିତବର୍ଷ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଧିକ ଟଙ୍କା ଖର୍ଚ୍ଚ ନ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।



ଗାନ୍ଧୀନଗରପଡା ଦୁର୍ଗାପୂଜା କମିଟି ସଦସ୍ୟ ।

## ସିନାପାଲି ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଶାନ୍ତି ଦିବସ

ସିନାପାଲି,(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବିଶ୍ୱ ଶାନ୍ତି ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ପ୍ରତିକସ୍ଥିତିରେ ଶାନ୍ତି ଦିବସ ପାଳନ ଉଦ୍ଦେଶ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଏହା ପରେ ସ୍କାଉଟ ଶିକ୍ଷକ କମଳଜିତ ବୈକାରଙ୍କ ନେତୃତ୍ୱରେ ସ୍କାଉଟ, ଏନ୍‌ସିସି ଓ ରେଡକ୍ରସ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ ନଗର ପରିକ୍ରମା କରିଥିଲେ। ଏଥିରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### କେନାଲ କଲଭର୍ଟରେ ପିଟି ହୋଇ ସାଇକେଲ ଆରୋହୀ ମୃତ

କେସିଙ୍ଗା,୨୨।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଠେମରା ଗ୍ରାମ ଏକ କେନାଲ କଲଭର୍ଟରେ ପିଟିହୋଇ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଡୁଙ୍ଗୁରିପଦର ଗ୍ରାମର ଡମ୍ବରୁଧର ପରାଭୋଇ (୫୫)। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ବୁଧବାର ସକାଳେ ଡମ୍ବରୁଧର ଶଶୁର ଘର ପାଣ୍ଟିକୁଡ଼ି ପଞ୍ଚାୟତ ଠେମରା ଗ୍ରାମକୁ ଯାଇଥିଲେ। କାମ ସାରି ସନ୍ଧ୍ୟାରେ ଡୁଙ୍ଗରିପଦର ଗ୍ରାମକୁ ସାଇକେଲରେ ଫେରୁଥିଲେ। ଠେମରାଠାରୁ ପାଣ୍ଟିକୁଡ଼ି ମଧ୍ୟରେ ଥିବା ଏକ କେନାଲ କଲଭର୍ଟରେ ପିଟି ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ଠେମରା ଗ୍ରାମବାସୀଙ୍କ ଖବର ପାଇ ଆମ୍ବୁଲାନ୍ସ ପହଞ୍ଚି ପାଣ୍ଟିକୁଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସଦର ଥାନା ଆଇଆଇସି ରଶ୍ମିତା ପ୍ରଧାନ ସୂଚନା ଦେଇଛନ୍ତି।

### ୧୦ ଦିନ ହେଲା କେନ୍ଦୁମୁଣ୍ଡାରେ ଝାଡ଼ାବାନ୍ତି

**ଗାଁରେ ଡାକ୍ତରୀ ଟିମ, ବ୍ଲକ ପ୍ରଶାସନର ସଚେତନତା**

ସିନାପାଲି,୨୨।୯(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା ଗ୍ରାମରେ ଗତ ୧୦ ଦିନ ହେଲା ଆତଙ୍କ ଦେଖାଦେଇଛି। ଏକ ଡାକ୍ତରୀ ଟିମ ସେଠାରେ କ୍ୟାମ୍ପ କରି ରହିଛି। ଦିନକୁ ଦିନ ଗ୍ରାମରେ ଝାଡ଼ାବାନ୍ତି ବଢ଼ିବାରେ ଲାଗି ଥିବାବେଳେ ଗୁରୁବାର ସିନାପାଲି ବ୍ଲକ ପ୍ରଶାସନ ପକ୍ଷରୁ ଝାଡ଼ାବାନ୍ତି ସଚେତନତା କରାଯାଇଛି। ସୂଚନାଯୋଗ୍ୟ ଯେ, କେନ୍ଦୁମୁଣ୍ଡା ଗ୍ରାମରେ ଆଜକୁ ପ୍ରାୟ ୧୦ ଦିନ ହେବ ଗ୍ରାମର ବିଭିନ୍ନ ପଡାର ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କୁ ସିନାପାଲି, ଖଡିଆଲ, ନୂଆପଡା ଓ ବୁର୍ଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ଏ ନେଇ କେନ୍ଦୁମୁଣ୍ଡା ଗ୍ରାମ ପରିକ୍ରମା କରି ଝାଡ଼ାବାନ୍ତି ସଚେତନତା କରାଯାଇଛି। ସଚେତନତାରେ ସିନାପାଲି ବିଡିଓ ସର୍ବେଶ୍ୱର ଜାଲ, ତହସିଲଦାର ଲୋକନାଥ ଶବର, ଆୟୁଷ ଡାକ୍ତର ଭୈରବ ପାଣିଗ୍ରାହୀ, କେନ୍ଦୁମୁଣ୍ଡା ପଞ୍ଚାୟତ ସରପଞ୍ଚ ମଦନ ଦଣ୍ଡସେନା, ଧବଳେ ମେହେର, ୱାର୍ଡ ମେମ୍ୱର, ଏଏନଏମ, ଆଶା କର୍ମୀଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ। ଏହି ୧୦ ଦିନ ମଧ୍ୟରେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ଜଣଙ୍କ ଚିକିତ୍ସା ଚାଲିଥିବା ବେଳେ ୨ଜଣ ଖଡିଆଲ, ଜଣେ ନୂଆପଡା ଓ ଜଣେ ବୁର୍ଲା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି।



# ବେଆଇନ ଗିରଫଦାରିକୁ ବିରୋଧ

- ଜିଲାପାଳଙ୍କୁ ଫେରାଦ ହେଲା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ
- ମୁଖ୍ୟମନ୍ତ୍ରୀ, ଡିଜିପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଭବାନୀପାଟଣା,୨୨।୯(ସ୍ୱ.ପ୍ର.)

ନୂଆପଡ଼ା ଜିଲା ସିନାପାଲି ପୋଲିସ ପକ୍ଷରୁ ସିନାପାଲି ବ୍ଲକ ସରପଞ୍ଚ ସଂଘ ସଭାପତି ଖୁଟୁରାମ ସୁନାନୀଙ୍କ ସମେତ ଅନ୍ୟ ୯ଜଣଙ୍କୁ ବେଆଇନ ଭାବେ ଗିରଫ କରିବା ସହିତ ବିଭିନ୍ନ ସଙ୍ଗୀନ ଦଫା ଲଗାଇ ଜେଲକୁ ପଠାଇଛି। ଏହି ଘଟଣା ନେଇ ଉତ୍ତପ୍ତତା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ବୈଚାରିକ ସଙ୍ଗଠନ ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନର ଏକ ପ୍ରତିନିଧି ଦଳ ଗୁରୁବାର କଳାହାଣ୍ଡି ଜିଲାପାଳଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଏହାସହିତ ଘଟଣାର ଉପଯୁକ୍ତ ତଦନ୍ତ କରାଯିବା ଓ ଏଥିରେ ଆଦୌ ସମ୍ପୃକ୍ତି ନ ଥିବା ସରପଞ୍ଚ ସୁନାନୀ ଓ ଅନ୍ୟ ୯ଜଣଙ୍କୁ ତୁରନ୍ତ ଖଲାସ କରିବା ପାଇଁ ସଙ୍ଗଠନ ଦାବି ଉପସ୍ଥାପନ କରିଛି। ସେହିପରି ସେମାନଙ୍କ ଉପରେ ବେଆଇନ ଭାବେ ଲଗାଯାଇଥିବା ଦଫା ଓ ମାମଲା ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଦାବିପତ୍ର ଗ୍ରହଣ କରିବା ସହିତ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଇବେ ବୋଲି ଆଶ୍ୱାସନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟର ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନର ସଭାପତି ଧନଞ୍ଜୟ ଦୀପ, ସାଧାରଣ ସମ୍ପାଦକ ଯତିନ୍ଦ୍ର କର, ସମ୍ପାଦକ ଶ୍ରୀବତ୍ସ ତାଣ୍ଡି, ଜୟପ୍ରକାଶ ଜାଲ, ସକ୍ରିୟ ସଦସ୍ୟ ତ୍ରିନାଥ ନାଏକ, ସୁଶୀଲ କୁମାର ବାଗ, ଅଭିଜିତ କର, ଦୁଃଖୀ କୁମାରଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟ ସାମିଲ ଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ସଦସ୍ୟମାନେ।

ବଲାଙ୍ଗୀର ଅଫିସ, ୨୨।୯

କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ସଦସ୍ୟମାନେ ଗୁରୁବାର ଜିଲାପାଳ କାର୍ଯ୍ୟାଳୟକୁ ଯାଇ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଭେଟିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି । ସଭାପତି ବିକାଶ ସାଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ବିଭିନ୍ନ ଦାବି ସମ୍ପର୍କରେ ଜଣାଇଥିଲେ। ବଲାଙ୍ଗୀର ଜିଲା ମରୁଡ଼ି ଓ ଦାଦନ ପ୍ରବଣ ଅଞ୍ଚଳ ଭାବେ ପରିଚିତ ଥିଲେ ମଧ୍ୟ ଏଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ରୋଜଗାର ସୃଷ୍ଟି କରାଯାଉ ନ ଥିବା କହିଥିଲେ। ଶିଳ୍ପ ନ ଥିବାରୁ ଏହି ଅଞ୍ଚଳର ଯୁବକମାନେ ରାଜ୍ୟ ବାହାରକୁ ରୋଜଗାର ପାଇଁ ଯାଉଛନ୍ତି। ଆର୍ଥିକ ଅନଗ୍ରସରତା ଏହି ଅଞ୍ଚଳକୁ ଘାରିଛି। ଚଳିତବର୍ଷ ଦଶହରା ଓ ଲକ୍ଷ୍ମୀପୂଜା ଅବସରରେ ଏହି ଅଞ୍ଚଳକୁ ଅପେରା ପାର୍ଟିକୁ ଅନୁମତି ନ ଦେବାକୁ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ଦାବି କରିଛି। ଅନିଲ ପ୍ରଧାନ, ଲିକୁନ ପାତ୍ର, ଛୋଟୁ ସାଏ, ଅଜିତ କୁମାର ସାହୁ, ଲକି ଚୋପଦାର, ଶଶି ସାହୁ, ଇନ୍ଦ୍ରମଣି ସାହୁ, ରାଜେଶ୍ୱର ସାହୁ, ଜିତେନ୍ଦ୍ର ନାଗ, ତପନ ମେହେର, ଶମ୍ଭୁ ପ୍ରସାଦ ଶତପଥୀ, ଶ୍ରୀପଦା ଷଡଙ୍ଗୀ ଉପସ୍ଥିତ ଥିଲେ।

# ନିର୍ବାଚନ ପୂର୍ବରୁ ଦଳକୁ ମଜଭୁତ କରିବାକୁ ଆହ୍ୱାନ




ବୈଠକରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

ଗୋଲାମୁଣ୍ଡା,୨୨।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଡୁମୁରା ଧାନ ମଣ୍ଡିଠାରେ ଗୁରୁବାର ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ କର୍ମୀଙ୍କୁ ଆଗାମୀ ନିର୍ବାଚନ ପୂର୍ବରୁ ଦଳକୁ କିପରି ଆହୁରି ମଜଭୁତ କରିହେବ ସେ ନେଇ ଆହ୍ୱାନ ଦେଇଥିଲେ। ବିଜୁ ଜନତା ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ନବୀନ ସରକାରଙ୍କ ବିକାଶମୁଖୀ

**ଡୁମୁରାରେ ବିଜେଡିର ସାଙ୍ଗଠନିକ ବୈଠକ**

ଯୋଜନାକୁ ଗାଁ ଗାଁକୁ ଘର ଘରକୁ ପ୍ରତ୍ୟେକ ଲୋକଙ୍କ ପାଖକୁ ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେଡି ଜିଲା ସମ୍ପାଦକ ତଥା ବୃନ୍ଦାବହାଲ ସରପଞ୍ଚ ଇ. ଦିନେଶ କୁମାର ରାଉତ, ବ୍ଲକ ସଭାପତି ଦୟାସାଗର ଚଲାନ, କେଗାଁ ଜୋନ ଜିଲା ପରିଷଦ ସଦସ୍ୟ ଜୟସେନ ସାହୁ, ଗୋଲାମୁଣ୍ଡା ଜୋନ ଜିଲା ପରିଷଦ ସଦସ୍ୟା ହେମଂଗିନୀ ରାଉତ, ଦଶପୁର ଜୋନ ଜିଲା ପରିଷଦ ସଦସ୍ୟା ସରିତା ମାଝି, ବ୍ଲକ ମହିଳା ସଭାନେତ୍ରୀ ଚେତନା ମାଝି, ବ୍ଲକ ଉପାଧକ୍ଷା ପଞ୍ଚମୀ ଦୀପ, ବିଜେଡି ନେତା ଦୁର୍ଗେଶ୍ୱର ସାହୁ, ଦଇତାରି ରାଉତ, କିରଣ ସିଂହ, ଶ୍ୟାମ ସୁନ୍ଦର ଛତ୍ରିଆ, ବ୍ଲକ ଯୁବ ସଭାପତି ହେମନ୍ତ କୁମାର ସାହୁ, ଛାତ୍ର ସଭାପତି ଗୁଟୁ ମଙ୍ଗରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ବ୍ଲକ ବିଜେଡି ସକ୍ରିୟ କର୍ମୀଙ୍କ ପଞ୍ଚାୟତସ୍ତରୀୟ ତାଲିକାକୁ ପୁଣି ଥରେ ଅନୁଧ୍ୟାନ କରି ନୂଆ ସକ୍ରିୟ କର୍ମୀ ଯୋଡିବାକୁ ପଞ୍ଚାୟତ ସଭାପତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ୨୮ଟି ଗ୍ରାମପଞ୍ଚାୟତ ସଭାପତିଙ୍କ ସହିତ ଶତାଧିକ ସଂଖ୍ୟାରେ ସକ୍ରିୟ କର୍ମୀ ଉପସ୍ଥିତ ଥିଲେ।

# ଫାଇନାନ୍ସ ନାଁରେ ଲକ୍ଷାଧିକ ଟଙ୍କା ଠକେଇ, ଯୁବକ ଅଟକ

କୋକସରା,୨୨।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକର ବିଭିନ୍ନ ଅଞ୍ଚଳରେ ଫାଇନାନ୍ସ କରାଇ ଦେବା ନାଁରେ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ ଅଟକ ରଖି ପୋଲିସରେ ଜିମାଦେଇଛନ୍ତି। ସମ୍ପୃକ୍ତ ଯୁବକ ଜଣଙ୍କ ହେଲେ ଖୋର୍ଦ୍ଧା ଜିଲାର ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ସମ୍ପୃକ୍ତ ଯୁବକ ନିଜକୁ ୟସ ବ୍ୟାଙ୍କର ଆସିଷ୍ଟାଣ୍ଟ ମ୍ୟାନେଜର ବୋଲି ପରିଚୟ ଦେଇ କୋକସରା ବ୍ଲକ ଅଞ୍ଚଳର କିଛି ଯୁବକ ଓ ଜଣେ ମହିଳାଙ୍କୁ ଏଜେଣ୍ଟ ଭାବେ ନିଯୁକ୍ତ କରିଥିଲେ। ପରେ ଜିଲାର କୋକସରା, ଜୟପାଟଣା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ନିଜକୁ ୟଶ ବ୍ୟାଙ୍କର ଅଧିକାରୀ ଦର୍ଶାଇ ଜଣ ପିଛା ୨ ଲକ୍ଷ ଋଣ କରାଇଦେବା କହି ପ୍ରତି ଜମାକାରୀଙ୍କଠାରୁ ୧୦୦୦/୧୫୦୦ ଟଙ୍କା, ବ୍ୟାଙ୍କ ଆକାଉଣ୍ଟ, କାଗଜପତ୍ର ଓ ଇନ୍ସୁରାନ୍ସ ବାବଦରେ ପ୍ରାୟ ଲକ୍ଷାଧିକ ଟଙ୍କା ଏଜେଣ୍ଟଙ୍କ ଜରିଆରେ ଆଦାୟ କରିଥିଲେ। ଦୀର୍ଘ ମାସ ପରେ ଆଉ ଧରାଛୁଆଁ ଦେଲେନାହିଁ। ଫୋନ କଲେ ଆଜି ହେବ କାଲି ହେବ କହି ଦିନ ଗଡାଇ ଚାଲିଲେ। ଜମାକାରୀମାନେ ଠକାମୀର ଶିକାର ହୋଇଥିବା ଜାଣି ସମସ୍ତେ ଏଜେଣ୍ଟଙ୍କୁ ମାଡି ବସିଥିଲେ। ଗୁରୁବାର ଏଜେଣ୍ଟ ଓ ଜମାକାରୀମାନେ ଯୋଜନା କରି ପୁଣି ୨ ଲକ୍ଷ ଟଙ୍କା ଜମାକାରୀଙ୍କଠାରୁ ନେବାକୁ ଫୋନ କରି ଡାକିଥିଲେ। ସମ୍ପୃକ୍ତ ଯୁବକ ଜଣକ ଜୁନାଗଡ଼ରୁ ଏକ କାର୍ ଯୋଗେ କାଉଡୋଲା ଛକକୁ ଆସିଥିଲେ। କୌଣସି ସୂତ୍ରରୁ ଖବର ପାଇ ସମ୍ପୃକ୍ତ ଯୁବକ କାଉଡୋଲାରୁ ଜୁନାଗଡ଼ ପଟେ ଫେରାର ହେଉଥିଲେ। ଏ ନେଇ କୋକସରା ଥାନାକୁ ଜଣାଇବା ପରେ ପୋଲିସ କୋକସରାଠାରେ କାର ସହ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଛି। ପରେ ଜମାକାରୀମାନେ କୋକସରା ଥାନାରେ ଯୁବକଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ମାମଲା (ନଂ. ୨୩୨/୨୨) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ପ୍ରସନ୍ନ ବେହେରା ସୂଚନା ଦେଇଛନ୍ତି।

# ମେଗା ସ୍ୱାସ୍ଥ୍ୟ ଶିବିର, ୪୦୭ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଲାଞ୍ଜିଗଡ,୨୨।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ପୋଖରିବନ୍ଧ ପଞ୍ଚାୟତ ପୋଖରିବନ୍ଧଠାରେ ଲାଞ୍ଜିଗଡ଼ ବେଦାନ୍ତ ଓ ବେଦାନ୍ତ ଡାକ୍ତରଖାନାର ମିଳିତ ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେସ୍ଥାନୀୟ ସରପଞ୍ଚ ସସ୍ମିତା ମାଝି, ନାଏବ ସରପଞ୍ଚ ପବିତ୍ର ବିଭାର, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ହରିଶଙ୍କର ପାତ୍ର, ପାହାଡପଦର ସମିତିସଭ୍ୟ ଜଗଦୀଶ ବେନିଆଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୀଷ୍ମ ମେହେର, ଜିଲା ମୁଖ୍ୟ ଚିକିତ୍ସାଳୟ ଶିଶୁରୋଗ ବିଶେଷଜ୍ଞ ଡା. ବିକାଶ ପ୍ରହରାଜ, ବେଦାନ୍ତ ଲିମିଟେଡ ସିଏସଆର୍ ବିଭାଗ ସହକାରୀ ପରିଚାଳକ ଦିଲୀପ ପ୍ରଜାପତି, ବେଦାନ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ସାହୁ, ହସ୍ପିଟାଲର ମୁଖ୍ୟ ପରିଚାଳକ ଅମର କୁମାର ମହାନ୍ତି, ଡା.ପ୍ରଶାନ୍ତ କୁମାର ପରମାଣିକ, ଡା. ଇନ୍ଦ୍ରଜିତ ପାଢୀ, ଡା. ଜୟଶ୍ରୀକେତନ ମହାପାତ୍ର, ବେଦାନ୍ତ ଲିମିଟେଡ ବାହ୍ୟ ସମ୍ପର୍କ ବିଭାଗ ଦାମୋଦର ନାୟକ ପ୍ରମୁଖ ଶିବିରରେ ଯୋଗଦେଇଥିଲେ। ଶିବିରରେ ବିଭିନ୍ନ ଗ୍ରାମର ୪୦୭ଜଣ ମହିଳା, ପୁରୁଷ ଓ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ଦିଆଯାଇଥିଲା। ଶିବିରରେ ଲାଞ୍ଜିଗଡ ବେଦାନ୍ତ ଡାକ୍ତରଖାନାର କମ୍ୟୁନିଟି ମ୍ୟାନେଜର ଅଶୋକ ଖୋରା, ମହେନ୍ଦ୍ର ହିଆଁଲ, ପୀତାମ୍ବର ଧିଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ଶିବିରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ବାର୍ଷିକ ବୈଠକ

ନୂଆପଡ଼ା ଅଫିସ,୨୨।୯

ସ୍ଥାନୀୟ ପୋଲିସ ପଡିଆସ୍ଥିତ ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ନୂଆପଡା ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ବାର୍ଷିକ ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ସଭାପତି ପି.ସତ୍ୟ ନାରାୟଣ ବାବୁ, ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ସମ୍ପାଦକ ପ୍ରଶାନ୍ତ ମାହାପାତ୍ର, କେନ୍ଦ୍ରାପଡା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ସଭାପତି

**ନୂତନ କର୍ମକର୍ତ୍ତା ଚୟନ**

ଦିଲୀପ ମିଶ୍ର, ସାଉଥ ଜୋନ କଳାହାଣ୍ଡି କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ସମ୍ପାଦକ ଅଶୋକ ରାଉତ, ବାଲେଶ୍ୱର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ସଭାପତି ସିଦ୍ଧାର୍ଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବଲପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ସୋନପୁର ଜିଲା ସମେତ ଜିଲାର ୫ଟି ବ୍ଲକ କୋମନା, ଖଡିଆଳ, ବୋଡେନ, ସିନାପାଲି, ନୂଆପଡା ଓ ୩ଟି ବିଜ୍ଞାପିତ ଅଂଚଳ ପରିଷଦରେ ଥିବା ଔଷଧ ଦୋକାନୀ ଏବଂ ଡିଲର ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଷିକ ବୈଠକରେ ସଂଘର ପୂର୍ବ ବର୍ଷର ବିବରଣି ପାଠ କରାଯିବା ସହ ସଂଘର ନିୟମ ମୁତାବକ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ଇନ୍ଦ୍ରଚନ୍ଦ୍ର ଜୈନଙ୍କୁ ସଭାପତି ରୂପେ ଚୟନ କରାଯାଇଥିବା ବେଳେ ପଓନ ଅଗ୍ରୱାଲଙ୍କୁ ସମ୍ପାଦକ ଓ କୋଷାଧ୍ୟକ୍ଷ ଭାବରେ ସଞ୍ଜୀବ କୁମାର ଜୈନଙ୍କୁ ମନୋନୀତ କରାଯାଇଛି। ମନୋନୀତ ସଭାପତି ଓ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ସିନାପାଲି,୨୨।୯(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମପଞ୍ଚାୟତ ପତିଆଲପଡା ଖେଳପଡିଆଠାରେ ବିଜୁ ଜନତା ଦଳ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ବୈଷ୍ଣମ୍ପାୟନ ମେହେର ସଭାପତିତ୍ୱ କରିଥିଲେ। ପ୍ରିୟ ରଞ୍ଜନ ମେହେର କରିଥିବା ବେଳେ ମୁଖ୍ୟଅତିଥି ଭାବେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଯୋଗଦଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଜିଲା ସାଧାରଣ ସମ୍ପାଦକ ତଥା ବିଧାୟକ ପ୍ରାର୍ଥି ଲମଓ୍ୱୋଦର ନିଆଲ, ଜିଲା ବିଜେଡି ସଭାପତି ମନୋଜ ମିଶ୍ର, ଜିଲା ପରିଷଦ ସଭ୍ୟ ଅବନିରଞ୍ଜନ ଜୋଶୀ, ଦିନେଶ ତିୱାରୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ମହିଳା ସଂକୀର୍ତ୍ତନ ଓ ଆଦିବାସୀ ନୃତ୍ୟରେ ସ୍ୱାଗତ କରି ମଞ୍ଚକୁ ନେଇଥିବା ବେଳେ ସମ୍ବଲପୁରୀ ଆର୍କିଷ୍ଟ୍ରାର କାର୍ଯ୍ୟକ୍ରମ ରହିଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ଗୁଆଲ, ଯାଜ୍ଞସେନୀ କଟା, ବିଜୁ ଜନତା ଦଳ ଯୁବ ସଭାପତି ପ୍ରଦୀପ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି, ସନ୍ତୋଷିନି ସଲ୍ଲା, କୈଳାଶ ବାଗ, ମିଥୁନ ବାଗ, ଗଣେଶ ପୋଡ, ବନ୍ଦାକିନି ବଘେଲ, ପାଞ୍ଚାଳୀ ମେହେର, ଭାରତି ମେହେର, ସଞ୍ଜୟ ଦଣ୍ଡସେନା, ସୁବାସ ଅଗ୍ରୱାଲ, ନାରାୟଣ ବେହେରା, ସାହିଦ ମହାନନ୍ଦ, ସନ୍ତୋଷ ବିଶି, ମନ ମାଝି, ଡୋଲାମଣି ମେହେର, ଜିତେନ୍ଦ୍ର ମେହେର, ଚନ୍ଦନ ସାହୁ, ରିଙ୍କୁ ବାଗ, ପରମାନନ୍ଦ ମେହେରଙ୍କ ସମେତ ସିନାପାଲି ଅଞ୍ଚଳର ଶତାଧିକ ବିଜେଡି କର୍ମୀ ଏବଂ ଜନସାଧାରଣ ଉପସ୍ଥିତ ରହିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

- ଛାତ୍ରୀଛାତ୍ରମାନେ ଡିଷ୍ଟିଙ୍ଗସନ ପାଇବାରୁ ବଞ୍ଚିତ
- ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ନୂଆପଡ଼ା ଅଫିସ,୨୨।୯

ନୂଆପଡା ସଦର ଦର୍ଲିମୁଣ୍ଡା ସୁନସୁନିଆଠାରେସ୍ଥିତ ମହାମାୟା ଶିକ୍ଷା ସଂସ୍ଥାନର ଯୁକ୍ତ ୩ ବିଜ୍ଞାନର ଚତୁର୍ଥ ସେମିଷ୍ଟାର ପରୀକ୍ଷାରେ ଛାତ୍ରୀଛାତ୍ରମାନେ ଡିଂଟିଙ୍କ୍ସନ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଗୁରୁବାର ଛାତ୍ରୀଛାତ୍ରମାନେ ନୂଆପଡା ମହାମାୟା ଶିକ୍ଷା ସଂସ୍ଥାନ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ ଧରି ମହାମାୟା ବନ୍ଦ କର, ଆମର ଭବିଷ୍ୟତ ପାଇଁ ଦାୟୀ କିଏ, ଆମକୁ ଆମର ହକ ଦରକାର, ଆମକୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ବିଭିନ୍ନ ସ୍ଲୋଗାନ ଦେଇ ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରି ଧାରଣାରେ ବସିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ମହାମାୟା କର୍ତ୍ତୃପକ୍ଷ ଖେଳ ଖେଳୁଛନ୍ତି ବୋଲି ଜିଲା ଓକିଲ ସଂଘ ଛାତ୍ରୀଛାତ୍ରମାନଙ୍କୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ। ଏ ନେଇ ଜିଲାପାଳ ହେମାକାନ୍ତ ସାଏଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ




ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଛାତ୍ରୀଛାତ୍ର ଓ ଓକିଲ ସଂଘ ସଦସ୍ୟ।

ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାପ୍ତ ସୂଚନାନୁସାରେ ନୂଆପଡା ମହାମାୟା ଶିକ୍ଷା ସଂସ୍ଥାନ ଦ୍ୱାରା ପରିଚାଳିତ ଯୁକ୍ତ ୩ ବିଜ୍ଞାନ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୯୮ଜଣ ଛାତ୍ରୀଛାତ୍ରଙ୍କ ଚତୁର୍ଥ ସେମିଷ୍ଟାର ପରୀକ୍ଷା ଫଳ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥଗିତ ରଖିଥିଲେ। ଏ ନେଇ ଛାତ୍ରୀଛାତ୍ରମାନେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଦୃଷ୍ଟି ଆର୍କଷଣ କରିବାରେ ଏହା ମହାମାୟା ଯୁକ୍ତ ୩ ବିଜ୍ଞାନ ମହାବିଦ୍ୟାଳୟର ଅପାରଗତା ବୋଲି ଦର୍ଶାଇଥିଲେ। ଛାତ୍ରୀଛାତ୍ରମାନଙ୍କ ଅନୁରୋଧ କ୍ରମେ ପରୀକ୍ଷା ଫଳ ପ୍ରକାଶିତ ହେଲା। କିନ୍ତୁ ଏହା ବେକ ପେପର ରୂପେ ପରିଗଣିତ ହେଲା। ଫଳରେ ଉକ୍ତ ବର୍ଷର ମେଧାବୀ ଛାତ୍ରୀଛାତ୍ରମାନେ ଡିଂଟିଙ୍କ୍ସନ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଉକ୍ତ ବର୍ଷର ନାର୍ଯ୍ୟ ଅଧିକାର ଡିଟିଙ୍କ୍ସନ ପାଇବା ଦାବିରେ ଛାତ୍ରୀଛାତ୍ରମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ବିକ୍ରମ ପ୍ରଧାନ, ସସ୍ମିତ କୁମାର ପାତ୍ର, ମହେଶ କୁମାର ସାହୁ, ଏମଡି ତାଉସିଫ୍ରାଜା, ତୁହିର ଖାନ, ଭଲ ଖର୍ସେଲ, ଦୁର୍ଗା ପଟେଲ, ଭାସ୍କର ସାହୁ ପ୍ରମୁଖ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ଜିଲା ଓକିଲ ସଂଘ ଉପସଭାପତି ପ୍ରକାଶ ସ୍ୱାଇଁ, ସହସମ୍ପାଦକ ଅନୁପ ଶର୍ମା, କ୍ଷିତିଶ ବୋଧନକର, ଲୋକନାଥ ବାଗ, ଅଜୟ ନିଶାଦ, ବିଶ୍ୱନାଥ ରଣା, ସୁଧିର ସୁପକାର, ଯୋଗେସ ସାହୁ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।